ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୭/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, February 7/ 2019 | ★★★★★★

୪୫ଶ ଭାଗ ୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଗଜପତି ଜିଲ୍ଲା ଗସ୍ତ ଅବସରରେ
ମୋହନା, ନୂଆଗଡ, ଆର୍. ଉଦୟଗିରି ଏବଂ ରାୟଗଡ଼ ବ୍ଲକ୍‌ରେ
୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ
ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
୭ ଫେବୃଆରୀ ୨୦୧୯ • ଗୁରୁବାର
ଜିରାଙ୍ଗ • ପୂର୍ବାହ୍ନ ୧୧.୩୦



୬୬ କୋଟି ୬୨ ଲକ୍ଷ ଟଙ୍କା ମୂଲ୍ୟର
୧୨୯ଟି ଜନହିତକାରୀ ପ୍ରକଳ୍ପ ଉଦ୍‌ଘାଟନ

- ଆର. ଉଦୟଗିରି ବ୍ଲକ୍‌ର ୮ଟି କ୍ଷୁଦ୍ର ସେତୁ
- ଆର. ଉଦୟଗିରି ବ୍ଲକ୍‌ର ମଙ୍ଗରାଜପୁର, ରାଇସିଂ ଏବଂ ବୁରିପଦର ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ରାମଗିରି ୩୩/୧୧ କେ.ଭି ସବ୍‌ଷ୍ଟେସନ
- ମୋହନା ବ୍ଲକ୍‌ର ଅଡବା - ପାଣିଗଣ୍ଡା ଉନ୍ନତିକୃତ ରାସ୍ତା
- ମୋହନା ବ୍ଲକ୍‌ର ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ
- ଆର୍. ଉଦୟଗିରି ବ୍ଲକ୍ ଆର୍. ଉଦୟଗିରି - ସମ୍ବଲପୁର ଉନ୍ନତିକୃତ ରାସ୍ତା
- ମୋହନା ବ୍ଲକ୍‌ର ଉନ୍ନତିକୃତ ଅନ୍ତରବା - ଲାଣ୍ଡରୁଜୁ, ଗ୍ରାମ୍ୟଉନ୍ନୟନ ରାସ୍ତା ଠାରୁ ଲୁବୁରୁ ଏବଂ ଗ୍ରାମ୍ୟଉନ୍ନୟନ ରାସ୍ତା ଠାରୁ ବାମ୍ ରାସ୍ତା
- ମୋହନା ବ୍ଲକ୍‌ର ଲେଖାପଦର - ଅନ୍ତରବା ରାସ୍ତାର ଖରିଗୁଡା ନାଳ ଏବଂ ମୋହନା - କିରିମା ରାସ୍ତାର ଅଠରନଳା ଉପରେ ୨ଟି ହାଇଲେଭ୍‌ଲ ସେତୁ
- ଆର୍. ଉଦୟଗିରି ବ୍ଲକ୍‌ର ଭାଲିଆସାହି ରାସ୍ତାରେ ହରଭଙ୍ଗି ହାଇଲେଭ୍‌ଲ ସେତୁ
- ଆର୍. ଉଦୟଗିରି ବ୍ଲକ୍‌ର କୁଆଁପଡା ହାଇଲେଭ୍‌ଲ ସେତୁ ଏବଂ ଅନ୍ୟାନ୍ୟ ଜନ ହିତକାରୀ ପ୍ରକଳ୍ପ

୧୪ କୋଟି ଟଙ୍କା ମୂଲ୍ୟର ୯୮ଟି
ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ନୂଆଗଡ଼ ବ୍ଲକ୍‌ର ୫ଟି ମିଶନଶକ୍ତି ଭବନ
- ନୂଆଗଡ଼ ବ୍ଲକ୍‌ର ତବରଡା ଏବଂ କେରଡାଙ୍ଗ ଅବସର ବିନୋଦନ କେନ୍ଦ୍ର
- ମୋହନା ବ୍ଲକ୍‌ର ଲାବରସିଙ୍ଗି - ଜିରାଙ୍ଗ ରାସ୍ତା ଏବଂ ନୂଆଗଡ଼ ବ୍ଲକ୍‌ର ଗ୍ରାମ୍ୟଉନ୍ନୟନ ରାସ୍ତା ଠାରୁ ନିଗିଡି ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ
- ମୋହନା ବ୍ଲକ୍‌ର ପୂର୍ତ୍ତରାସ୍ତା - ଟାଙ୍ଗିଲି ପଦର ରାସ୍ତା ଉନ୍ନତିକରଣ
- ମୋହନା ବ୍ଲକ୍‌ର ୪ଟି ଗୋଷ୍ଠୀ ଉନ୍ନୟନ କେନ୍ଦ୍ର

ଗୁରୁ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ଅନାବରଣ ଏବଂ ଉଦ୍‌ବୋଧନ

DADLS-270

15001/13/0576/1819

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

ସୂଚନା ଓ ଲୋକସମ୍ପର୍କ ବିଭାଗ

ଦେଶରେ ଭୟର ରାଜୁତି ଚାଲିଛି। ହିନ୍ଦୁତ୍ୱ ଦ୍ୱାରା ଅନୁପ୍ରେରିତ ଏକ ଦସ୍ତାବିଜ ଯୋଗୁ ସମ୍ବିଧାନକୁ ବଦଳାଇ ଦିଆଯିବାର ଆଶଙ୍କା ରହିଛି।
-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

ସଂକ୍ଷେପରେ

ଭିଏତ୍‌ନାମରେ ହେବ ଟ୍ରମ୍ପ-କିମ୍ ବୈଠକ

ୱାଶିଂଟନ,୬।୨(ପି.ଟି.): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ-ଉନ୍‌ଙ୍କ ମଧ୍ୟରେ ଆସନ୍ତା ୨୭ ଓ ୨୮ରେ ଭିଏତ୍‌ନାମଠାରେ ଦ୍ୱିତୀୟ ଶିଖର ବୈଠକ ଅନୁଷ୍ଠିତ ହେବ। ଆମେରିକା କଂଗ୍ରେସରେ ଟ୍ରମ୍ପ୍ ଏହା ଘୋଷଣା କରିଛନ୍ତି। ଉତ୍ତର କୋରିଆକୁ ଆଣବିକ ଅସ୍ତ୍ର କାର୍ଯ୍ୟକ୍ରମରୁ ବିରତ ରଖିବା ଲାଗି ବୈଠକରେ କୂଟନୈତିକ ଉଦ୍ୟମ କରାଯିବ। ଗତବର୍ଷ ଉଭୟ ନେତା ସିଙ୍ଗାପୁରରେ ପରସ୍ପରକୁ ଭେଟିଥିଲେ, ଯାହା ଦୁଇଦେଶ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ବୈଠକ ଥିଲା।

ନିଷିଦ୍ଧ ହେଲା ତେହରିକ-ଉଲ୍-ମୁଜାହିଦ୍ଦିନ

ନୂଆଦିଲ୍ଲୀ,୬।୨(ପି.ଟି.): କାଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ସଙ୍ଗଠନ ତେହରିକ-ଉଲ୍-ମୁଜାହିଦ୍ଦିନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଏହି ସଂଗଠନ ଆତଙ୍କବାଦରେ ସମ୍ପୃକ୍ତ ବୋଲି ସରକାର ବିଶ୍ୱାସ କରୁଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଭାରତରେ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟରେ ତେହରିକ-ଉଲ୍-ମୁଜାହିଦ୍ଦିନ ଜଡିତ ଏବଂ ବିଦେଶରେ ଥିବା ଏହାର ପରିଚାଳକଙ୍କଠାରୁ ସେମାନେ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ପାଉଛନ୍ତି। କାଶ୍ମୀରକୁ ସ୍ୱାଧୀନ କରିବା ଲକ୍ଷ୍ୟ ନେଇ ୧୯୯୦ରେ ଏହି ସଂଗଠନ ଗଢ଼ାଯାଇଥିଲା।

■ ଇଡି ଅଫିସରେ ରବର୍ଟ, ଗେଟ୍ ଯାଏ ଛାଡ଼ିବାକୁ ଗଲେ ପ୍ରିୟଙ୍କା।

ଦମନ ପାଇଁ ତଦନ୍ତ ଅସ୍ତ୍ର

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ହଠାତ୍ ତତ୍ପର ହୋଇଛନ୍ତି ଦୁଇ କେନ୍ଦ୍ରୀୟ ସଂସ୍ଥା । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେବେ କେଉଁଠି ଚଢ଼ାଉ କଲେଣି ତ ପୁଣି କେତେବେଳେ କାହାକୁ ଡକାଇ ଘନଘନ ଜେରା । ବିଶେଷକରି ବିରୋଧୀ ଦଳଗୁଡ଼ିକର ନେତା ଓ ସେମାନଙ୍କ ସମ୍ପର୍କୀୟମାନେ ଟାର୍ଗେଟରେ ରହିବା କେବଳ ସଂଯୋଗ ନୁହେଁ, ବରଂ ନିର୍ବାଚନ ପୂର୍ବରୁ କେନ୍ଦ୍ରର ଅସ୍ତ୍ର ଭାବେ ଦୁଇ ସଂସ୍ଥାକୁ ବ୍ୟବହାର କରାଯାଉଛି। ଯେଉଁମାନେ ବି ଆଇନର କାଠଗଡ଼ାକୁ ଟାଣି ହୋଇଛନ୍ତି ବା ହେଉଛନ୍ତି ସେମାନେ ସମସ୍ତେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ବିରୋଧୀ । ତେଣୁ ନିର୍ବାଚନୀ ତାତି ବଢୁଥିବାବେଳେ ବିପକ୍ଷର ବିରୋଧୀ ସ୍ୱରକୁ ଚପାଇଦେବା ଓ ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ନିର୍ଦ୍ଦିଷ୍ଟ ଭାବେ କେତେଜଣଙ୍କୁ ଜାଲରେ ଛନ୍ଦି ଖାଲରେ ପକାଯାଉଛି ବୋଲି ସମାଲୋଚକମାନେ କହୁଛନ୍ତି ।

ନୂଆଦିଲ୍ଲୀ,୬।୨

ନିଜ ରାଜନୈତିକ ସ୍ୱାର୍ଥସାଧନ ପାଇଁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ସରକାର ବ୍ୟବହାର କରିବା ନୂଆକଥା ନୁହେଁ। ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ଉପା କ୍ଷମତାରେ ଥିବାବେଳେ ସିବିଆଇ, ଇଡି ଏବଂ ଆୟକର ବିଭାଗର ଦୁରୁପଯୋଗ କରୁଥିବା ଅଭିଯୋଗ ହେଉଥିଲା। ଏବେ ମୋଦି ସରକାର ବିରୋଧୀଙ୍କୁ ଦମନ କରିବା ପାଇଁ ସମାନ ବାଟରେ ଯାଇ ଏଗୁଡ଼ିକୁ କାମରେ ଲଗାଇଦେଇଥିବା ଅଭିଯୋଗ ହେଉଛି। ବିଶେଷକରି କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ଦାୟିତ୍ୱ ଗ୍ରହଣ କରିଥିବାବେଳେ ତାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ ଇଡି ଜେରା କରିବା ଏଭଳି ଅଭିଯୋଗ ଅମୂଳକ ନୁହେଁ ବୋଲି ସଙ୍କେତ ଦେଉଛି।

ବ୍ୟବସାୟୀ ରବର୍ଟ ଭଦ୍ରାଙ୍କ ବିରୋଧରେ ଲଣ୍ଡନର ୮ଟି ସ୍ଥାନରେ ବେଆଇନ ଭାବେ ସମ୍ପତ୍ତି ଠୁଳ କରିବା ଅଭିଯୋଗ ରହିଛି। ଏହି ମାମଲାରେ ବୁଧବାର ଇଡି ଅଧିକାରୀମାନେ ତାଙ୍କୁ ଜେରା କରିଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ତଥା ପୂର୍ବ ଉତ୍ତରପ୍ରଦେଶ ପ୍ରଭାରୀ ଭାବେ ପ୍ରିୟଙ୍କା ଦାୟିତ୍ୱ ଗ୍ରହଣ କରିବାର କିଛି ସମୟ ପରେ ସ୍ୱାମୀ ରବର୍ଟଙ୍କୁ ଇଡି କାର୍ଯ୍ୟାଳୟ ଗେଟ୍ ପର୍ଯ୍ୟନ୍ତ ଏକ ଧଳାରଙ୍ଗର ଟୟୋଟା ଲ୍ୟାଣ୍ଡ କ୍ରୁଇଜର୍‌ରେ ଛାଡ଼ିବାକୁ ଯାଇଥିଲେ। ଅପରାହ୍ନ ୩ଟା ୪୭ରେ କେନ୍ଦ୍ରୀୟ ଦିଲ୍ଲୀର ଜାମନଗର ହାଉସସ୍ଥିତ ଇଡି ଅଫିସରେ ରବର୍ଟ କେତେକ ଦସ୍ତାବିଜରେ ସ୍ୱାକ୍ଷର କରିବା ପରେ ଅଧିକାରୀମାନେ ତାଙ୍କୁ ସାଢ଼େ ୫ଘଣ୍ଟା ଧରି ୪୦ଟି ପ୍ରଶ୍ନ ପଚାରିଥିଲେ। ମନିଲଣ୍ଡରିଂ ମାମଲାରେ ସେମାନେ ରବର୍ଟଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ରବର୍ଟ ଖଣ୍ଡନ କରିବା ସହ ଏହାକୁ

ଆଜି ପୁଣି ଜେରା



ଇଡି ଅଫିସରେ ରବର୍ଟ ଭଦ୍ରା

ଭାଜପାର ଏକ ରାଜନୈତିକ ଚକ୍ରାନ୍ତ ବୋଲି ଅଭିହିତ କରିଛନ୍ତି। ଏହା ପୂର୍ବରୁ ଲଣ୍ଡନରୁ ଫେରିବା ପରେ ଇଡିରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ରବର୍ଟଙ୍କୁ ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଫେବୃୟାରୀ ୧୬ ପର୍ଯ୍ୟନ୍ତ ରବର୍ଟଙ୍କୁ କୋର୍ଟ ଅନ୍ତରୀଣ ଜାମିନ ଦେଇଥିଲେ। ତେବେ ରବର୍ଟଙ୍କ ଉତ୍ତରରେ ଅସନ୍ତୁଷ୍ଟ ଥିବା ଇଡି ଅଧିକାରୀମାନେ ତାଙ୍କୁ ଗୁରୁବାର ପୁଣି ଜେରା କରିବେ ବୋଲି ଜଣାପଡ଼ିଛି। କଂଗ୍ରେସ ମୁଖ୍ୟାଳୟ ବାହାରେ ପ୍ରିୟଙ୍କା କହିଛନ୍ତି, ଏହି ପ୍ରସଙ୍ଗରେ ସେ ରବର୍ଟଙ୍କ ସହ ଅଛନ୍ତି।

ସେପଟେ ରବର୍ଟ ଭଦ୍ରା 'ରୋଡ୍‌ପତିରୁ କରୋଡ୍‌ପତି' କିପରି ହେଲେ ବୋଲି ଭାଜପା ପ୍ରଶ୍ନ କରିଛି। ଦଳର ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ଗାନ୍ଧୀ ପରିବାର ଜାମିନରେ ଅଛି। ଉପା ଅମଳରେ ପେଟ୍ରୋଲିୟମ୍ ଏବଂ ପ୍ରତିରକ୍ଷା ଚୁକ୍ତି ବେଳେ ରବର୍ଟ ଲାଞ୍ଚ ନେଇଥିଲେ। ୨୦୦୮-୦୯ରେ ଗ୍ରହଣ କରିଥିବା ଏହି ଅର୍ଥରେ ସେ ଲଣ୍ଡନର ୧୨ ବ୍ରାଏନ୍‌ଷ୍ଟନ ସମେତ ୮ରୁ ୯ଟି ସ୍ଥାନରେ ସମ୍ପତ୍ତି କିଣିଥିଲେ। ସେ କୋଟିପତି ହେବାର ସୂତ୍ର କ'ଣ ବୋଲି ସମ୍ବିତ୍ ପ୍ରଶ୍ନ କରିଛନ୍ତି। ଏହାସହ ୨୦୧୯ ଲୋକ ସଭା ନିର୍ବାଚନ ଭ୍ରଷ୍ଟାଚାରୀ ବନାମ ସ୍ୱଚ୍ଛ ନରେନ୍ଦ୍ର ମୋଦି ସରକାର ମଧ୍ୟରେ ହେବ ବୋଲି କହି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଏହାର ଜବାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି। ରବର୍ଟଙ୍କ ବିରୋଧରେ କୌଣସି ଅଭିଯୋଗ ପ୍ରମାଣିତ ହୋଇନାହିଁ। ଭାଜପା ତାଙ୍କୁ

- ■ ରୋଡ୍‌ପତିରୁ କରୋଡ୍‌ପତି କିପରି ହେଲେ: ଭାଜପା
- ■ ଆଗକୁ ମୋଦିଙ୍କ ପାଳି: କଂଗ୍ରେସ
- ■ ମୁଁ ପରିବାର ସହ ଅଛି: ପ୍ରିୟଙ୍କା

କଂଗ୍ରେସ ଅଫିସରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ଅଯଥାରେ ବିବାଦ ମଧ୍ୟକୁ ଟାଣୁଛି। ଆଜି ଇଡି ସାମ୍ନାରେ ରବର୍ଟ ଅଛନ୍ତି, ଆସନ୍ତାକାଲି ମୋଦିଙ୍କ ପାଳି ପଡ଼ିବ ବୋଲି ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ସିଂ କହିଛନ୍ତି।

ଶିବରାଜଙ୍କ ହେଲିକପ୍ଟର ଓହ୍ଲାଇବାକୁ ଅନୁମତି ଦେଲେନି ମମତା

କୋଲକାତା,୬।୨(ପି.ଟି.)

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନଙ୍କର ବୁଧବାର ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ସଭା ଥିଲା। ତେବେ ମମତା ବାନାର୍ଜୀ ସରକାର ତାଙ୍କ ହେଲିକପ୍ଟର ଅବତରଣ ଲାଗି ଅନୁମତି ନ ଦେବାରୁ ଉକ୍ତ ସଭାକୁ ବାତିଲ କରିଦିଆଯାଇଛି। ଶିବରାଜ ମୁର୍ଶିଦାବାଦ ଜିଲାର ବହରମପୁର ଏବଂ ପଶ୍ଚିମ ମିଦ୍‌ନାପୁର ଜିଲାର ଖଡ଼ଗପୁର ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ପ୍ରଥମ ସଭା ବାତିଲ ହୋଇଥିବାବେଳେ ଶିବରାଜ କୋଲକାତା ବିମାନବନ୍ଦରରୁ ସଡକ ପଥରେ ଖଡ଼ଗପୁର ସଭାକୁ ଯାଇଥିଲେ।

ପାକିସ୍ତାନରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

ଇସ୍‌ଲାମାବାଦ,୬।୨(ପି.ଟି.)

ପାକିସ୍ତାନର ସିନ୍ଧ୍ ପ୍ରଦେଶସ୍ଥିତ ଏକ ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା ହୋଇଛି। ଦୁର୍ବୃତ୍ତମାନେ ପବିତ୍ର ଗ୍ରନ୍ଥ ଏବଂ ମୂର୍ତ୍ତିରେ ନିଆଁ ଲଗାଇଦେଇଛନ୍ତି। ଖୈରପୁର ଜିଲାର କୁମ୍ଭ ସହରରେ ଥିବା ଉକ୍ତ ମନ୍ଦିରରେ ଗତ ସପ୍ତାହରେ କେତେକ ଅଜଣା ବ୍ୟକ୍ତି ଭଙ୍ଗାରୁଜା କରିଥିଲେ। ଏନେଇ ସ୍ଥାନୀୟ ହିନ୍ଦୁ ଧର୍ମାବଲମ୍ବୀମାନେ ଥାନାରେ ଏତଲା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

> ଏକ ଜଣାଶୁଣା ପରିବାରର ଭଦ୍ରବ୍ୟକ୍ତି ରବର୍ଟ ଭଦ୍ରାଙ୍କୁ ଇଡିର ଜେରା ଭାରତୀୟ ଗଣତନ୍ତ୍ର ଓ ମୋଦି ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର ସଫଳତା।
>
> **-ରବିଶଙ୍କର ପ୍ରସାଦ, କେନ୍ଦ୍ରମନ୍ତ୍ରୀ**

> ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁଙ୍କୁ କେନ୍ଦ୍ର ସରକାର ବାରମ୍ବାର ନୋଟିସ ପଠାଉଛନ୍ତି। ଭାଜପାର ଏଭଳି କୌଶଳକୁ ନେଇ ବିରୋଧୀ ଚିନ୍ତିତ ନୁହନ୍ତି।
>
> **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

୧) ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିରୋଧୀ ଦଳଗୁଡ଼ିକୁ ଏକଜୁଟ କରିବା ପରେ ଫେବୃୟାରୀ ୩ରେ ସିବିଆଇ ଟିମ୍ ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତିର ଜେରା କରିବାକୁ କୋଲକାତା ପୋଲିସ କମିଶନରଙ୍କ ବାସଭବନକୁ ଯାଇଥିଲା। ମମତା ଧାରଣାରୁ ଉଠିବା ପରେ ବି ଏହାକୁ ନେଇ ଉଠିଥିବା ବିବାଦ ଲାଗିରହିଛି।

୨) ହରିୟାଣାର ଜିନ୍ଦ୍ ଉପନିର୍ବାଚନ ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡାଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଥିଲା। ଗୁରୁଗ୍ରାମରେ ଚାଷୀଙ୍କ ଜମି ଅଧିଗ୍ରହଣରେ ଦୁର୍ନୀତି ଅଭିଯୋଗରେ ତାଙ୍କ ବିରୋଧରେ ଏହା ହେଉଛି ସିବିଆଇର ତୃତୀୟ ଏଫ୍‌ଆଇଆର୍।

୩) ଏସ୍‌ପି-ବିଏସ୍‌ପି ମେଣ୍ଟ ବୃତ୍ତାନ୍ତ ହେବାର ସପ୍ତାହେ ପୂର୍ବରୁ ସିବିଆଇ ହମିରପୁର ବେଆଇନ ବାଲି ଖନନ ମାମଲାରେ ଅଖିଳେଶ ଯାଦବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସେହିପରି ସ୍ମାରକୀ ନିର୍ମାଣ ମାମଲାରେ ଜାନୁୟାରୀରେ ମାୟାବତୀଙ୍କ ବିରୋଧରେ ଲକ୍ଷ୍ନୌର ୭ଟି ସ୍ଥାନରେ ଖୋଳତାଡ଼ କରିଛି। ଉଭୟ ଅଖିଳେଶ ଓ ମାୟାବତୀ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିଛନ୍ତି।

୪) ଷ୍ଟର୍ଲିଂ ବାୟୋଟେକ୍ ରଣ ଖିଲାପି ଏବଂ ମନିଲଣ୍ଡରିଂ ମାମଲାରେ କଂଗ୍ରେସର ରାଜ୍ୟ ସଭା ସଦସ୍ୟ ଅହମ୍ମଦ ପଟେଲଙ୍କ ବିରୋଧରେ ୨୦୧୮ ଅଗଷ୍ଟରେ ଇଡି ହଠାତ୍ ତତ୍ପର ହୋଇଉଠିଥିଲା।

୫) ୨୦୧୭ରେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନର କିଛିଦିନ ପୂର୍ବରୁ ଜଣେ ବିଜେଡି ବିଧାୟକ, ଏମ୍‌ପି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଫିସର ଜଣେ ଷ୍ଟାଫ୍‌ଙ୍କ ଘରେ ସିବିଆଇ ଚଢ଼ାଉ କରିଥିଲା। ଏତେ ଦିନର ନୀରବତା ଓ ଶିଥିଳତା ପରେ ଏବେ ସିବିଆଇ ପୁଣି ତତ୍ପର ହୋଇ ଜଣେ ପୂର୍ବତନ ମନ୍ତ୍ରୀଙ୍କୁ ହାଜର ପାଇଁ ନୋଟିସ ପଠାଇଛି।

କାର୍ଯ୍ୟାନୁଷ୍ଠାନର ୮ ଦୃଷ୍ଟାନ୍ତ

ମାୟାବତୀ ଅଖିଳେଶ

୬) ୨୦୧୬ରେ ଉତ୍ତରାଖଣ୍ଡରେ କଂଗ୍ରେସର ୯ ବିଧାୟକ ବିଦ୍ରୋହ କରିବା ପରେ ହରିଶ ରାୱତ୍‌ଙ୍କ ନେତୃତ୍ୱାଧୀନ ସରକାର ପ୍ରତି ସଙ୍କଟ ସୃଷ୍ଟି ହୋଇଥିଲା। ରାୱତ୍ ନିଜ ଗାଦିରକ୍ଷା ଲାଗି ଆସ୍ଥାଭୋଟ ପୂର୍ବରୁ ବିଧାୟକମାନଙ୍କୁ ଲାଞ୍ଚ ଯାଚିଥିବା ଅଭିଯୋଗ ଆସିବା ପରେ ସିବିଆଇ ତନାଘନା ଚଳାଇଥିଲା।

୭) ୨୦୧୪ ଅକ୍ଟୋବରରେ ହରିୟାଣା ବିଧାନସଭା ନିର୍ବାଚନର ୧୦ ଦିନ ପୂର୍ବରୁ ସିବିଆଇ ଆଇଏନ୍‌ଏଲ୍‌ଡି ମୁଖ୍ୟ ଓମ୍‌ପ୍ରକାଶ ଚୌତାଲାଙ୍କ ଜାମିନ ଆବେଦନ ଖାରଜ କରିବା ପାଇଁ ଦିଲ୍ଲୀ ହାଇକୋର୍ଟକୁ ଯାଇଥିଲା।

୮) ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଓ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କ ପରିବାର ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଛି। ଏହି ଦୁଇ ମାମଲାରେ କେନ୍ଦ୍ର ସିବିଆଇ ତଥା ଇଡିକୁ ବ୍ୟବହାର କରୁଥିବା ଅଭିଯୋଗ ହେଉଛି।

VANIK-IAS
Exclusive Coaching for UPSC/OPSC
OFS EXAM 2019
ODISHA FOREST SERVICE
COURSE FEE: ₹.15000/-
Classroom Guidance for Compulsory
ENGLISH & GS
New Batch Starts from 11th February 2019
Time: 10am - 1pm & 6pm - 9pm
Test Series starts from 18th February 2019
Fee: ₹. 2500/-
FEATURES:
- 150 hrs of Class
- Answer Writing Practice
- Test and VST
- Current Affairs Study Material
- Free Interview Guidance
INTERACTIVE SESSION ON HOW TO CRACK OFS EXAM
By Senior Indian Forest Service Officer & OFS Topper & Rankers-2015 from VANIK-IAS
ON 9TH FEBRUARY, 2019
AT: CRP, TIME: 11AM - 1PM
Vanik's Achievement in OFS 2015 - 10 Including Rank-1
Admissions Open
IAS/OAS 2019
Best Faculty of India | Best Study Material | Attend Demo Class
JOIN NOW
OAS MAIN 2018 CRASH COURSE
GS-Paper-I & Paper-II
[Essay, Odia & English]
Optional - ₹ 7,500/- | Both Optionals - ₹ 10,000/-
GS & Optional Combo - ₹ 17,500/-
FREE TEST & VST
OAS MAIN TEST SERIES 2018
GS, Essay, Odia & English Compulsory | 30 Tests - ₹3000/-
One Optional | 10 Test each - ₹ 2000/-
Both Optionals - ₹ 3000/-
GS & Optional Combo Test Package | 50 Tests - ₹ 5000/-
For IAS Prelims 2019 Online Test Series Visit: vanikonline.com
Web: www.vanikias.com, E-mail: vaniksias@gmail.com
PH: 8093083555, 8984111101

■ କର୍ନାଟକ ମେଣ୍ଟରେ ସଙ୍କଟ

ବିଧାନସଭାକୁ ଆସିଲେନି ୯ କଂଗ୍ରେସ ବିଧାୟକ

ବେଙ୍ଗାଲୁରୁ,୬।୨: ହୁଇପ୍ ଜାରି ସତ୍ତ୍ୱେ କର୍ନାଟକର ୯ କଂଗ୍ରେସ ବିଧାୟକ ବୁଧବାର ବିଧାନସଭା ଅଧିବେଶନରେ ଯୋଗଦେଇ ନାହାନ୍ତି। ବଜେଟ ଅଧିବେଶନର ସମସ୍ତ କାର୍ଯ୍ୟଦିବସରେ ଉପସ୍ଥିତ ରହିବା ଲାଗି ଶାସକ ମେଣ୍ଟର ସବୁ ବିଧାୟକଙ୍କୁ ହୁଇପ୍ ଜାରି ହୋଇଥିଲା। ଗତ ଜାନୁୟାରୀ ୧୮ରେ କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେଇ ନ ଥିବା ୪ ବିଧାୟକଙ୍କ ସମେତ ୯ ଜଣ ବିଧାୟକ ହୁଇପ୍ ଅବମାନନା କରିଥିବାରୁ ମେଣ୍ଟ ସରକାର ପ୍ରତି ସଙ୍କଟ ଦେଖାଦେଇଛି। ଏଚ.ଡି. କୁମାରସ୍ୱାମୀ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଭାଜପା ପୁଣି ଥରେ ଉଦ୍ୟମ କରୁଥିବା ଶାସକ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାରର ବୈଧତା ଉପରେ ବିରୋଧୀ ଦଳ ଭାଜପା ପ୍ରଶ୍ନ ଉଠାଇବା ଫଳରେ ମିଳିତ ଅଧିବେଶନ ଆରମ୍ଭରୁ ତୁମ୍ବିତୋଫାନ ସୃଷ୍ଟି ହୋଇଥିଲା। ବିରୋଧୀ ଦଳର ହଙ୍ଗାମା ଯୋଗୁ ରାଜ୍ୟପାଳ ବଜୁଭାଇ ଭାଲା ତାଙ୍କ ଅଭିଭାଷଣକୁ କାଟଛାଣ୍ଟ କରିଥିଲେ।

ଆଦିବାସୀ ଅଞ୍ଚଳରେ ଡିଟିଏଚ୍ ସେଟ୍

ନୂଆଦିଲ୍ଲୀ,୬।୨

କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

ପ୍ରସାର ଭାରତୀର ପ୍ରସାରଣ ଭିତ୍ତିଭୂମି ଏବଂ ନେଟ୍‌ୱର୍କ ବିକାଶ ପ୍ରସ୍ତାବକୁ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ଏହି ଯୋଜନାରେ ଆଦିବାସୀ ଓ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ୧,୫୦,୦୦୦ଟି ଡିଟିଏଚ୍ ସେଟ ବଣ୍ଟନ କରାଯିବା ସହ ଭାରତ-ନେପାଳ ଏବଂ ଜମ୍ମୁ-କଶ୍ମୀର ସୀମାରେ ଏଫଏମ୍ ଟ୍ରାନ୍ସମିଟର ସ୍ଥାପନ କରାଯିବ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏହି ପ୍ରସ୍ତାବ କାର୍ଯ୍ୟକାରୀ ଲାଗି ତିନି ବର୍ଷରେ ୧୦୫୪.୫୨ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର କ୍ୟାବିନେଟ ବୈଠକ ବସି ଗୋସମ୍ପଦର ସଂରକ୍ଷଣ, ସୁରକ୍ଷା ଓ ବିକାଶ ଲାଗି ରାଷ୍ଟ୍ରୀୟ କାମଧେନୁ ଆୟୋଗ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଗୋସମ୍ପଦର ବିକାଶ ଫଳରେ ମହିଳା, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଲାଭବାନ ହୋଇପାରିବେ। ରାଷ୍ଟ୍ରୀୟ କାମଧେନୁ ଆୟୋଗ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରାଣୀଧନ ବିଭାଗ, ପ୍ରାଣୀବିଜ୍ଞାନ କିମ୍ବା କୃଷି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ବିଭାଗ ସହ ମିଶି କାର୍ଯ୍ୟ କରିବ। ଏହା ବ୍ୟତୀତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ୧୨ ହଜାର ମେଗାୱାଟ ସୌରଶକ୍ତି ପ୍ରକଳ୍ପ ସ୍ଥାପନ, ଭାରତରେ ଥିବା ସମସ୍ତ ଅନ୍ତର୍ଜାତୀୟ ଆର୍ଥିକ ସେବାକେନ୍ଦ୍ର (ଆଇଏଫ୍‌ଏସ୍‌ସି)ର ନିୟନ୍ତ୍ରଣ ଲାଗି ଏକୀକୃତ ପ୍

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୭/୨୦୧୯ | Bhubaneswar, Thursday, February 7/ 2019 | ପୃଷ୍ଠା-୧

ଆଶାରେ ବେମ୍‌ବେମ୍

ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ଭାରତ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଆଶା ପ୍ରକାଶ କରିଛନ୍ତି କିୟଦନ୍ତା ମହିଳା ଫୁଟବଲର ଓଇନାମ ବେମ୍‌ବେମ୍ ଦେବୀ।

୧୬ ୦୭

କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଲେ ସୁଜାତା

ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ବୁଧବାର ୨୦୧୭ ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି।

ମୋଦିଙ୍କୁ ରାଫାଲ୍, ନବୀନଙ୍କୁ ଚିଟ୍‌ଫଣ୍ଡରେ ଟାର୍ଗେଟ

ଭବାନୀପାଟଣା (ଡି.ଏନ୍.ଏ/ସ୍ୱ.ପ୍ର.)/ ରାଉରକେଲା ଅଫିସ,୬।୨

ଗତମାସ ୨୫ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଥିଲେ। ଏହାର ୧୨ ଦିନ ପରେ ଅର୍ଥାତ୍ ବୁଧବାର ରାହୁଲ ପୁଣି ଥରେ ଓଡ଼ିଶା ଆସି ମୋଦି ଓ ନବୀନଙ୍କୁ ଟାର୍ଗେଟ କରିଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣା ଓ ସୁନ୍ଦରଗଡ଼ ଜିଲା ରାଉରକେଲାରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେଇ ସେ କେନ୍ଦ୍ରର ରାଫାଲ୍ ଓ ରାଜ୍ୟ ସରକାରଙ୍କ ଚିଟ୍‌ଫଣ୍ଡ ଦୁର୍ନୀତି କଥା ଉଠାଇ ଜୋରଦାର ସମାଲୋଚନା କରିଛନ୍ତି। ଚୌକିଦାରଙ୍କ ହାତରେ ନବୀନଙ୍କ ରିମୋଟ ବୋଲି ସେ ପୁଣି ଥରେ କହିଛନ୍ତି। ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ୨ ଘଣ୍ଟା ମଧ୍ୟରେ କୃଷିଋଣ ଛାଡ ହେବ ବୋଲି ସେ ଦୋହରାଇଛନ୍ତି।

ଭବାନୀପାଟଣା ସମାବେଶରେ ରାଜ୍ୟ ନେତୃବୃନ୍ଦଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

ଭବାନୀପାଟଣା ଶ୍ରୀକୃଷ୍ଣନଗର ଠାରେ ଆୟୋଜିତ ସମାବେଶରେ ରାହୁଲ ପ୍ରଥମେ ଜୟ ମା' ମାଣିକେଶ୍ୱରୀ ଓ ଜୁହାର କହି ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ମୁଁ ରାଜନେତା ଭାବେ ଏଠାକୁ ଆସିନାହିଁ, ଆପଣମାନଙ୍କ ପରିବାରର ସଦସ୍ୟ ଭାବେ ଏଠାକୁ ଆସିଛି। ଆପଣମାନଙ୍କ ଭଲ ପାଇବା ମୋତେ ଏଠାକୁ ଆସିବାକୁ ବାଧ୍ୟ କରିଛି ବୋଲି କହିଥିଲେ। ଏହାପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅବହେଳା ଉପରେ ଖୁବ୍ ଗର୍ଜି ଥିଲେ ରାହୁଲ। ଚାଷୀ ପରିବାର ପାଇଁ ଦୈନିକ ୧୭ ଟଙ୍କା ଦେବାକୁ ମୋଦି ସରକାର ଏଥରର ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। କିନ୍ତୁ ୧୫ ଜଣ ଶିଳ୍ପପତିଙ୍କୁ ୪ ବର୍ଷରେ ସାଢେ ୩ ଲକ୍ଷ କୋଟି ଟଙ୍କା ଋଣ ଛାଡ କରିଛନ୍ତି ବୋଲି କହି ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ମୋଦି ସରକାର ରାଫାଲ ଡିଲ ଭଳି ବଡ ବଡ ପୁଞ୍ଜିପତିମାନଙ୍କ ସହିତ ଦୁର୍ନୀତିରେ ସଂଶ୍ଳିଷ୍ଟ ଥିବାବେଳେ ନବୀନ ପଟ୍ଟନାୟକ ଭ୍ରଷ୍ଟାଚାର ଓ ଚିଟ୍‌ଫଣ୍ଡ ଦୁର୍ନୀତିରେ ଲିପ୍ତ ଅଛନ୍ତି। କଂଗ୍ରେସ ରାଜ୍ୟ ନେତୃବୃନ୍ଦ ଏକାଠି ହେଲେଣି। ଆଗକୁ ସମସ୍ତେ ଏକ ହୋଇ କାମ କରିବେ ବୋଲି ସେ କହିଛନ୍ତି।

ଜଳ, ଜମି, ଜଙ୍ଗଲ ଆଦିବାସୀଙ୍କର। କଂଗ୍ରେସ କ୍ଷମତାକୁ ଆସିଲେ ଆଦିବାସୀ ଓ ଚାଷୀଙ୍କୁ ବଜାର ଦରଠାରୁ ଚାରିଗୁଣା ଅଧିକ ଅର୍ଥ ଦେଇ ଶିଳ୍ପାନୁଷ୍ଠାନ ପାଇଁ ଜମି ଅଧିଗ୍ରହଣ କରାଯିବ। ସେମାନଙ୍କ ବିନା ସମ୍ମତିରେ ଜମି ନିଆଯିବ ନାହିଁ। ୫ ବର୍ଷ ମଧ୍ୟରେ ଉକ୍ତ ଜମିରେ ଶିଳ୍ପାନୁଷ୍ଠାନ ନ ହେଲେ ସିଧାସଳଖ ସେହି ଜମିକୁ ଆଦିବାସୀ ଓ ଚାଷୀଙ୍କୁ ଫେରାଇ ଦିଆଯିବ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀଙ୍କ ଜମି ଛଡାଇ ନେବାକୁ ଉଦ୍ୟମ କରୁଛନ୍ତି।

ଜଳ, ଜମି ଓ ଜଙ୍ଗଲ ☞ପୃଷ୍ଠା–୨

ବର୍ଷିଲେ ରାହୁଲ

- ଚୌକିଦାରଙ୍କ ହାତରେ ନବୀନଙ୍କ ରିମୋଟ କଥା ପୁଣି ଦୋହରାଇଲେ
- ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ
- ଆଦିବାସୀ,ଚାଷୀଙ୍କ ଜମିକୁ ୪ ଗୁଣ ଅଧିକ ଅର୍ଥ ଦିଆଯାଇ ଅଧିଗ୍ରହଣ କରାଯିବ
- ଧାନ ଦର କୁଇଣ୍ଟାଲ ପିଛା ୨୬ ଶହ ଟଙ୍କା ହେବ

ଆଜି ବଜେଟ

ଭୁବନେଶ୍ୱର,୬।୨(ବ୍ୟୁରୋ)

୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ଗୁରୁବାର ରାଜ୍ୟ ସରକାର କାମଚଳା ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଅପରାହ୍ନରେ ବିଧାନସଭାରେ ଏହାକୁ ଉପସ୍ଥାପନ କରିବେ। ଫେବୃୟାରୀ ୨ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଉକ୍ତ ବଜେଟକୁ ଅନୁମୋଦନ କରାଯାଇଥିଲା। ଆସନ୍ତା ଏପ୍ରିଲରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ଏହି ଅନ୍ତରୀଣ ବଜେଟ ବିଧାନସଭାରେ ଉପସ୍ଥାପନ କରାଯିବ । ଯଦିଓ ସରକାରୀ ଭାବେ ବଜେଟ ପରିମାଣ ଘୋଷଣା କରାଯାଇ ନାହିଁ, ତେବେ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ୧.୩୨ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ତେବେ ୪ ମାସିଆ ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ୪୨ ହଜାର କୋଟି ଟଙ୍କାର ଏକ ଅନ୍ତରୀଣ ବଜେଟକୁ ଭୋଟ ଅନ ଆକାଉଣ୍ଟ ଜରିଆରେ ପାରିତ କରିବାକୁ ଯୋଜନା କରିଛନ୍ତି। ନିର୍ବାଚନ ବର୍ଷ ଥିବାରୁ ଉକ୍ତ ବଜେଟରେ ରାଜ୍ୟ ସରକାର କେତେକ ନୂତନ ଯୋଜନା ଘୋଷଣା କରିବା ସମ୍ଭାବନା ମଧ୍ୟ ରହିଛି।

ପାରାଦୀପଠାରେ ବୁଧବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟକ ଦାମୋଦର ରାଉତ ଓ ଅଧିକାରୀମାନେ ।

ଓଡ଼ିଶାରେ ହେବ ୫ ହଜାର କୋଟି ଟଙ୍କାର ଜଳମାର୍ଗ

- ୩ ରାଜପଥ ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ କେନ୍ଦ୍ରମନ୍ତ୍ରୀ
- ପାଞ୍ଚାରଗ୍ରୀଡ୍ ଭଳି ଏଣିକି ଚାଷୀଙ୍କ ନିମନ୍ତେ ୱାଟରଗ୍ରୀଡ୍

ଢେଙ୍କାନାଳ ଅଫିସ/ କାମାକ୍ଷାନଗର (ଡି.ଏନ.ଏ.) ୬।୨

ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ଜଳମାର୍ଗ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜ ଚଳାଚଳ ଓ ଜଳସମ୍ପଦ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ସାରଙ୍ଗଧର ଷ୍ଟାଡିୟମଠାରେ ୩ଟି ପୁରାତନ ରାଜପଥର ପୁନରୁଦ୍ଧାର ଏବଂ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏହା କହିଛନ୍ତି। ଏହି ରାଜପଥଗୁଡ଼ିକ ହେଲା ତାଳଚେର–କାମାକ୍ଷାନଗର ନଂ. ୨୦୦/୨୩, କାମାକ୍ଷାନଗର–ଡୁବୁରୀ ୨୦୦ ନଂ. ଓ ଡୁବୁରୀ–ଚଣ୍ଡିଖୋଲ ୨୦୦ନଂ.। ଏଥିସହିତ ଏହି ନୂତନ ଚାରିଲେନ୍ ବିଶିଷ୍ଟ ରାଜପଥ ୫୩ନଂ.ରେ ପରିବର୍ତ୍ତନ ହେଲା ବୋଲି କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଗଡକରୀ କହିଥିଲେ ଯେ, ଓଡ଼ିଶା ଖଣିଜ ସମ୍ପଦରେ ଭରପୁର ଏକ ସମୃଦ୍ଧ ରାଜ୍ୟ। ଏହାର ପ୍ରଗତି ପାଇଁ ରାଷ୍ଟ୍ରୀୟ ରାଜମାର୍ଗ

☞ପୃଷ୍ଠା–୨

ପାରାଦୀପ ହେବ ରାଜ୍ୟର ବିକାଶ ଇଞ୍ଜିନ: ଗଡ଼କରୀ

- ରାଜ୍ୟ ସରକାର ବିକାଶରେ ବାଧକ : ଧର୍ମେନ୍ଦ୍ର

ପାରାଦୀପ,୬।୨(ସ୍ୱ.ପ୍ର.)

୩ ବର୍ଷ ତଳେ ପାରାଦୀପ ଗସ୍ତରେ ଆସି ମୁଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ପୂରଣ କରିବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ପାରାଦୀପ ବନ୍ଦର ଆଗାମୀ ବର୍ଷକ ମଧ୍ୟରେ ଦେଶର ୧ନଂ. ବୃହତ୍ ବନ୍ଦର ହେବ। ସାଗରମାଳା ପ୍ରକଳ୍ପ କାମ ଆରମ୍ଭ ହୋଇସାରିଛି। ୨୦୧୩–୧୪ ଆର୍ଥିକ ବର୍ଷରେ ବନ୍ଦର ବାର୍ଷିକ ୩୪୦ କୋଟି ଟଙ୍କା ଲାଭ କରିଥିବାବେଳେ ୨୦୧୭–୧୮ରେ ତାହା ୭୫୦ କୋଟିରେ ପହଞ୍ଚିଛି। ଆଗକୁ ଏହି ବିକାଶର ଧାରା ଜାରି ରହିବ ଓ ପାରାଦୀପ ଓଡ଼ିଶାର ବିକାଶ ଇଞ୍ଜିନ ହେବ ବୋଲି କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ। ବୁଧବାର ପାରାଦୀପରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିବା ସହ ଓଡ଼ିଶାବାସୀଙ୍କୁ ଅନେକ ନୂତନ ସ୍ୱପ୍ନ ଦେଖାଇଛନ୍ତି। ସେ କହିଛନ୍ତି ଯେ ଭିତ୍ତିଭୂମିର ବିକାଶ, ଯାନ୍ତ୍ରିକରଣ ବ୍ୟବସ୍ଥା, ବିମାନ ବନ୍ଦର, ଫ୍ଲାଏଓଭର,

☞ପୃଷ୍ଠା–୨

ସୁପ୍ରିମକୋର୍ଟ ସ୍ପଷ୍ଟ କଲେ

ରିଟର୍ନ ଦାଖଲ ଲାଗି ପାନ୍–ଆଧାର ସଂଯୋଗ ଅନିବାର୍ଯ୍ୟ

ନୂଆଦିଲ୍ଲୀ,୬।୨

ଆୟକର ରିଟର୍ନ ଦାଖଲ କରିବା ସମୟରେ ପାନ୍ ସହ ଆଧାରକୁ ସଂଯୋଗ କରିବା ଅନିବାର୍ଯ୍ୟ ବୋଲି ସୁପ୍ରିମକୋର୍ଟ ବୁଧବାର ସ୍ୱଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ଏକ ଅପିଲ ଉପରେ ଶୀର୍ଷ ଅଦାଲତ ଏହା ସ୍ୱଷ୍ଟ କରିଛନ୍ତି। ବିଚାରପତି ଏ.କେ.ସିକ୍ରି ଓ ବିଚାରପତି ଏସ.ଅବଦୁଲ୍ ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି ଯେ, ଅଦାଲତ ଏ ସଂକ୍ରାନ୍ତ ମାମଲାରେ ନିଜର ରାୟ ପୂର୍ବରୁ ଶୁଣାଇ ସାରିଛନ୍ତି ଏବଂ ଆୟକର ଆଇନର ଧାରା ୧୩୯ଏଏକୁ ବଜାୟ ରଖିଛନ୍ତି। ଏଥିପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଶ୍ରେୟା ସେନ୍ ଓ ଜୟଶ୍ରୀ ସାତପୁତେଙ୍କୁ ପାନ୍ ସହ ଆଧାରକୁ

☞ପୃଷ୍ଠା–୨

ଚାଷୀ ପ୍ରସଙ୍ଗରେ ବିରୋଧୀଙ୍କ ଆକ୍ରମଣ



ବିଧାନସଭା ହୁଲସ୍ଥୁଲ, ବାରମ୍ବାର ଗୃହ ମୁଲତବୀ

ଭୁବନେଶ୍ୱର,୬।୨(ବ୍ୟୁରୋ)

ଚାଷୀ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ବୁଧବାର ବିଧାନସଭାକୁ ଉଠାପକା କରିଛନ୍ତି। ଚାଷୀମାନଙ୍କୁ ଧାନର ଉଚିତ ମୂଲ୍ୟ ମିଳୁ ନ ଥିବାବେଳେ ମଣ୍ଡିରେ ହେଉଥିବା ଅବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବନ୍ଦ କରି ପ୍ରଥମେ ଚାଷୀ ପ୍ରସଙ୍ଗ ଆଲୋଚନା କରାଯିବା ଦାବିରେ ଉଭୟ ଭାଜପା ଓ କଂଗ୍ରେସ ଗୋଟିଏ ସ୍ୱରରେ କହିଥିଲେ। ଶାସକ ବିଜେଡି ମଧ୍ୟ ରାଜ୍ୟ ପାଇଁ ସ୍ୱତନ୍ତ୍ର ପାହ୍ୟା ଦାବିରେ ବିଧାନସଭାରେ ହୋ ହଲ୍ଲା କରିଥିଲା। ପ୍ରବଳ ହଙ୍ଗାମା ଯୋଗୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇପାରି ନ ଥିଲା। ବାଚସ୍ପତି ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ।

ପୂର୍ବାହ୍ନ ୧୦ଟା ୩୦ମିନିଟରେ ସଭାକାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ପ୍ରବେଶ କରିଥିଲେ। ବିଧାନସଭାର ପୂର୍ବତନ ସଦସ୍ୟ ସ୍ୱର୍ଗତ ପ୍ରିୟନାଥ ଦେ ଏବଂ ଗଞ୍ଜାମ ଜିଲା ଆସିକା ଲୋକ ସଭା ସଦସ୍ୟ ଲଡୁ କିଶୋର ସ୍ୱାଇଁଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବଂଗତ ସଦସ୍ୟଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିଥିଲେ।

☞ପୃଷ୍ଠା–୨

ପରଲୋକରେ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ସିଇଓ: ଫସିଗଲା ୧୯୦ ମିଲିୟନ ଡଲାର

☞ପୃଷ୍ଠା–୨

ଆଜିର ସମ୍ପାଦକୀୟ

ଭିଗନ୍‌ଙ୍କ ପାଇଁ ବ୍ୟବସାୟ ସୁଯୋଗ

ଆଜିର ମନ୍ତବ୍ୟ

"ମମତା ବାନାର୍ଜୀ ନିଜ କୁକର୍ମର ଫଳରୁ ମୁକ୍ତ ହୋଇପାରିବେ ନାହିଁ।"
–ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

GHANASHYAM HEMALATA +2 SCIENCE COLLEGE (CBSE)
(AFFILLIATED TO CBSE, NEW DELHI AND RECOGNISED BY THE GOVT.OF ODISHA)
BHUAN, Puri - 752002, ODISHA.
PH : 7008856445, 9439295647, 7873480470, 9437523300
ADMISSION OPEN +2 SCIENCE
ASSURES YOU TO BE A TECHNOCRAT THROUGH QUALITY COACHING FOR BOARD AND INTEGRATED ENTRANCE COACHING.
Residing compulsory for both Board & Integrated Entrance coaching .
SALIENT FEATURES:
- EXCELLENT MIX OF GURUKUL CULTURE AND GLOBAL EDUCATION STYLE.
- PERIODIC TESTS BY EXCELLENT FACULTY MEMBERS.
- SPECIAL COACHING FOR ENGINEERING AND MEDICAL ENTRANCE EXAMINATIONS
- SPECIAL EMPHASIS ON DEVELOPMENT OF SOFT SKILLS.
SEPARATE HOSTEL FOR BOYS & GIRLS
Admission Test on 9th &11th February '2019. Time : 9:00 a.m.
SUMMER COURSE Starts from 1st week of April 2019

SUDHAKAR PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NATIONAL EGG CO-ORDINATION COMMITTEE 06.02.2019 Vencobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	78	129	139
CTC	80	132	142
DKL	79	131	141
BDK	81	133	143
BLS	81	133	143
ANG	80	132	142

Eggs Retail Price- 49/-Dozen
Issued in the Interest of Consumers
*Conditions Apply

Kamal Watch Co.: Esplanade One Mall, Rasulgarh Bhubaneswar, Ph: 07416415153; Khimji: Saheed Nagar, Janpath, Ph: 3017777; District Centre, Chandrasekharpur, Ph: 3057777; Cantonment Road, Cuttack, Ph: 3987777; Kesar Bhawan, Main Road, Rourkela, Ph: 6667777; Lalchand Jewellers: Ph: 2534014, 2534017.

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରାର୍ଥୀଙ୍କ ବୟସ ୭୫ରୁ କମ୍ ଓ ଶିକ୍ଷାଗତ ଯୋଗ୍ୟତା ଅନ୍ୟୂନ ସ୍ନାତକ କରାଯାଉ ବୋଲି ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ଦାଏର ଉକ୍ତ ପିଆଇଏଲ୍‌ର ଶୁଣାଣି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ କରିବେ।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସୋନୁ
ପରିବାରବର୍ଗ

ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

automobile

SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

real estate

SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଜାରୁ ବିକ୍ରିହେବ। 9178660666. D-65558

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65817

PURCHASE

Land requires for marketing (Cuttack & Bhubaneswar). Contact: 9937816565, 9937568585. D-10965

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

TO LET
to-let

2BHK residential bangalow with garage at Satyanagar 1600 sqft. Contat: 9437023430, 7205362692. D-10941

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Improving your health, skin care through expert therapist, excellent offer. 9668374480. D-65552

New opening ayurvedic body massage smart therapist, Shree herbal. 6370668486. D-65553

Herbal full body massage by smart/ expert therapist. Contact: 8338067247. D-65554

Experience full body massage with us by experts. Enquiry. 06742597822, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560

New opening ayurvedic full body massage. 7077444583. D-10885

Fantacy newly opening ayurvedic fullbody massage ledies, gents. 7609923705, 7438851534. D-38544

Ayurvedic full body massage ladies/ gents smart experts therapist. 9114697517. D-65816

AFFIDAVIT

I Uttar Korado, Son of- Late Kalarauta Korado, currently residing at HIG-325, K-5, Kalinga Vihar, PS.- Tamando, Bhubaneswar- 751019, Odisha have changed my name from Uttar Korado to Uttam Kumar Kar vide affidavit Dated 03.01.2012 at Bankshall Court, Kolkata, West Bengal. Henceforth, I shall be know as Uttam Kumar Kar to the World at large. D-65815

By the virtue of an affidavit before the Notary BBSR I Liza Patra in some documents my name has been mention as Liza Mama Das. Liza Patra & Liza Mama Das is one and same person for all purpose. D-10981

AFFIDAVIT

ମୁଁ ମଧୁସୂଦନ ଜେନା, ଗ୍ରାମ- ମହୁଲିଆ, ପୋଷ୍ଟ- ଖଡିଆ, ଜିଲ୍ଲା- ନୟାଗଡ଼ ଜଣାଉଅଛି କି ମୋର ଡ୍ରାଇଭିଂ ଲାଇସେନ୍ସ ନମ୍ବର OR02199801022 01ରେ ମୋର ନାମ ରାଜେନ୍ଦ୍ର କୁମାର ଜେନା ରହିଛି। ଏତଦ୍‌ପଶ୍ଚାତ ମଧୁସୂଦନ ଜେନା ଏବଂ ରାଜେନ୍ଦ୍ର କୁମାର ଜେନା ଏକ ଓ ଅଭିନ୍ନବ୍ୟକ୍ତି ବିବେଚିତ ହେବେ। ଧ-୧୦୯୮୦

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

(ସୋନୁ)

ସନ୍ଦିପ ପ୍ରିୟଦର୍ଶୀ ରାଉତ

ବାଲିପଡା, ବାରଙ୍ଗ

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ

ବାବା, ମାମା, ଗୁଡୁ, ସାନ୍ତୁ, ବୁବୁ, ବଡବାପା, ବଡବୋଉ, ଜେଜେ, ଜେଜେମା।

ଧ-୪୭୯୯୭

ଜନ୍ମଦିନ ଶୁଭେଚ୍ଛା

(Misthy)

Sai Abhipsa Patra

ଆଜି ତୋ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ମାମି, ବାପା, ମାମା, ବଡବାବା, ବଡମାମା, ଶିବୁନି ଭାଇ, ଲୁଇ ଅପା, ପିଉସୀ, କଟକ ଅଜାଆଈ, ଟୁଇଁ ଆଈ, ଅଜା, ଆଈ, ରାଜାମାମୁ ଏବଂ ପରିବାରର ସମସ୍ତ ସଦସ୍ୟ। ଧ-୭୪୭୮୩

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଉମା ପ୍ରସାଦ କର

ତିରୋଧାନ: ୨୧।୦୧।୨୦୦୭

ଅବକାସ ଲେନ୍, ପୁରୀ

ଏହି ପୂର୍ଣ୍ଣ ତିଥିରେ ମହାପ୍ରଭୁ ଆପଣଙ୍କ ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ। ଧ-୭୩୭୬୦

ନିରୁଦ୍ଦିଷ୍ଟ

ମହମ୍ମଦ ସନ୍‌ଫରାଜ

(୧୭ବର୍ଷ), ଗ୍ରାମ/ପୋ- କଣାସ, ଜିଲ୍ଲା- ପୁରୀ, ପିନ୍- ୭୫୨୦୧୭, ଶ୍ୟାମଳବର୍ଣ୍ଣ, ପତଳାଶରୀର। ମହମ୍ମଦ ସନ୍‌ଫରାଜ ତୁ ଡିସେମ୍ବର ୧୨ତାରିଖ ଦିନ କାହାକୁ କିଛି ନକହି ଘରୁ କେଉଁଆଡେ ଚାଲିଗଲୁ, ଫେରିଲୁନାହିଁ। ଗଳାବେଳେ ଜିନ୍ ପ୍ୟାଣ୍ଟ, ନୀଳରଙ୍ଗର ଚେକ୍ ସାର୍ଟ ପିନ୍ଧିଥିଲା। ସେ ସାଇକେଲ ସାଥିରେ ନେଇଯାଇଛି। ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ ତାର ସାମାନ୍ୟ ମସ୍ତିଷ୍କବିକୃତି ରହିଛି। ଯଦି କେହି ସହୃଦୟ ବ୍ୟକ୍ତି ମହମ୍ମଦ ସନ୍‌ଫରାଜର ସନ୍ଧାନ ପାଆନ୍ତି ନିକଟସ୍ଥ ଥାନା କିମ୍ବା ମୋବାଇଲ ନଂ: ୬୨୦୫୫୩୧୦୧୭ କିମ୍ବା ୮୪୫୫୮୧୫୮୨୬ରେ ଜଣାଇବା ପାଇଁ ପିତା ସମିଉଲ୍ଲା ଅନୁରୋଧ କରିଛନ୍ତି। ଯେଉଁ ବ୍ୟକ୍ତି ମହମ୍ମଦ ସନ୍‌ଫରାଜର ସନ୍ଧାନଦେବେ ତାଙ୍କୁ ୧୫ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ପିତା କହିଛନ୍ତି। ଧ-୬୩୬୦୩

କିଛି ତଥ୍ୟ ଫେବୃୟାରୀ ୪ ସୁଦ୍ଧା ଦେଶର ଶକ୍ତି କ୍ଷେତ୍ରକୁ କୋଲ ଇଣ୍ଡିଆ ପକ୍ଷରୁ ହେଉଥିବା କୋଇଲା ଯୋଗାଣରେ ୭.୩% ବୃଦ୍ଧି ଘଟି ୪୦୭ ନିୟୁତ ଟନ୍ ଛୁଇଁଛି। **–କୋଇଲା ମନ୍ତ୍ରଣାଳୟ**

ଚାଷୀ ପ୍ରସଙ୍ଗରେ...

ପ୍ରଥମ ପୃଷ୍ଠାରୁ...

ଶୋକ ପ୍ରସ୍ତାବ ପରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହ ମଧ୍ୟ ଭାଗକୁ ମାଡି ଆସିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ମାଝି, ଚନ୍ଦ୍ରଖେଶର ମାଝି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଦେବେନ୍ଦ୍ର ଶର୍ମା ଓ ଚୀରଞ୍ଜୀବ ବିଶ୍ୱାଳ ପ୍ରମୁଖ ଗୃହ ମଧ୍ୟଭାଗକୁ ଆସି ଚାଷୀ ପ୍ରସଙ୍ଗ ଉଠାଇଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ରାଧାରାଣୀ ପଣ୍ଡା, ବିଭୂତି ଭୂଷଣ ହରିଚନ୍ଦନ, ଗୋବିନ୍ଦ ଦାସ ଓ ନୀତୀଶ ଗଙ୍ଗଦେବ ପ୍ରମୁଖ ଗୃହ ମଧ୍ୟଭାଗକୁ ଆସି କଂଗ୍ରେସ ସହ ତାଳ ମିଳାଇଥିଲେ। ସରକାର ବିରୋଧୀ ନାରାବାଜିରେ ବିଧାନସଭା ପ୍ରକମ୍ପିତ ହୋଇଥିଲା। ହଙ୍ଗଗୋଳ ମଧ୍ୟରେ ବାଚସ୍ପତି ପ୍ରଶୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଉଦ୍ୟମ କରିଥିଲେ। ପ୍ରଥମ ପ୍ରଶ୍ନ ଥିଲା ବିଜେଡି ସଭ୍ୟ ରାସେଶ୍ୱରୀ ପାଣିଗ୍ରାହୀଙ୍କର। ସେ ପଚାରିଥିଲେ ଚଳିତ ଖରିଫ ଧାନ ସଂଗ୍ରହରେ ରାଜ୍ୟ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ। ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଉତ୍ତର ପଢିବାକୁ ବାଚସ୍ପତି ଡାକିଥିଲେ। ଏହି ସମୟରେ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ପ୍ରବଳ ହଙ୍ଗଗୋଳକୁ ଦେଖି ବାଚସ୍ପତି ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୪୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାରା ପଏଣ୍ଟ ଅଫ ଅର୍ଡର ମାଗି କିଛି କହିବାକୁ ବାଚସ୍ପତିଙ୍କୁ ଅନୁମତି ମାଗିଥିଲେ। ବାଚସ୍ପତି ତାଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଥିଲେ ଯେ, ଏ ରାଜ୍ୟ ଚାଷୀଙ୍କର। ୬ ତାରିଖରେ ଚାଷୀମାନେ ଅର୍ଥନୈତିକ ଅବରୋଧ କରିବାକୁ ଡାକରା ଦିଆଯାଇଥିଲା। ଚାଷୀମାନେ ଆନ୍ଦୋଳନ କରିବାକୁ ଆସୁଥିବା ବେଳେ ପୋଲିସ ସେମାନଙ୍କୁ ଜୋର ଜବରଦସ୍ତ ଅଧା ବାଟରୁ ଉଠାଇ ନେଲା। ଚାଷୀମାନଙ୍କୁ ନିଜର ଦାବି ପାଇଁ ଆନ୍ଦୋଳନ କରିବାକୁ ମଧ୍ୟ ସୁଯୋଗ ଦିଆଯାଉ ନାହିଁ। ବାଚସ୍ପତି କହିଲେ, ଚାଷୀଙ୍କ ସମ୍ପର୍କରେ ମୁଲତବୀ ପ୍ରସ୍ତାବ ଅଛି, ସେ ବିଷୟରେ ଆଲୋଚନା ହେବ। ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ।

ରିଟର୍ନ ଦାଖଲ ଲାଗି ...

ସଂଯୋଗ କରିବା ବିନା ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଆୟକର ରିଟର୍ନ ଦାଖଲ କରିବାକୁ ଅନୁମତି ଦେଇଥିଲେ। କେନ୍ଦ୍ର ସରକାର ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାର ଶୁଣାଣି ସର୍ବୋଚ୍ଚ ଅଦାଲତରେ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅନୁମତି ଦେଇଥିଲେ ବୋଲି ଖଣ୍ଡପୀଠ ରାୟରେ ଦର୍ଶାଇଛନ୍ତି। ତେବେ ରିଟର୍ନ ପ୍ରକ୍ରିୟା ଶେଷ ହୋଇଯାଇଥିବାରୁ ୨୦୧୯-୨୦ରେ ପାନ୍ ସହ ଆଧାର ସଂଯୋଗ ଜରିଆରେ ରିଟର୍ନ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଆଧାରକୁ ପାନ୍ ସହ ଯୋଡିବା ଲାଗି ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ପୂର୍ବରୁ ରାୟ ପ୍ରକାଶ କରିସାରିଛନ୍ତି।

ମୋଦିଙ୍କୁ ରାଫାଲ୍, ...

ଉପରେ ଥିବା ଆଦିବାସୀଙ୍କ ହକ୍‌କୁ ରକ୍ଷା କରିବ କଂଗ୍ରେସ। ଆମେ ସବୁବେଳେ ଚାଷୀଙ୍କୁ ନ୍ୟାୟ ଦେବାକୁ ପ୍ରୟାସ କରିଛୁ। ଯେଉଁସବୁ ରାଜ୍ୟରେ କଂଗ୍ରେସ ସରକାର ଅଛି, ସେଠାରେ ଚାଷୀଙ୍କୁ ନ୍ୟାୟ ଦେଇଛୁ ବୋଲି ସେ କହିଥିଲେ। ଛତିଶଗଡରେ କଂଗ୍ରେସ ସରକାର ଆସିବା ପରେ ଧାନ କୁଇଣ୍ଟାଲ ପିଛା ୨୫ ଶହ ଟଙ୍କା ଦେବାକୁ ବ୍ୟବସ୍ଥା କରିଛି। ଓଡିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଛତିଶଗଡଠାରୁ ଶହେ ଟଙ୍କା ଅଧିକ ଅର୍ଥାତ୍ ୨୬ ଶହ ଟଙ୍କା ଧାନ କୁଇଣ୍ଟାଲ ପିଛା ଦର ଦିଆଯିବ । ଗରିବଙ୍କ ଆକାଉଣ୍ଟକୁ ସର୍ବନିମ୍ନ ଆୟ ଯିବ ବୋଲି ରାହୁଲ କହିଥିଲେ।

ଓଡ଼ିଶା ଏପରି ଏକ ପ୍ରଦେଶ ଯେଉଁଠି ଜଣେ ଆଦିବାସୀ ନିଜ ସ୍ତ୍ରୀଙ୍କ ମୃତଦେହକୁ ପିଠିରେ ବୋହି ୧୦ ରୁ ୧୫ କି.ମି. ନେଇ ଯାଉଛି କହି ସେ ବିଜେଡି ସରକାରକୁ ସମାଲୋଚନା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାକୁ ମୋଦି ସରକାର ବନ୍ଦ କରିଦେଲେ। ତାର ଫଳ ସାଧାରଣ ଜନତା ଭୋଗୁଛନ୍ତି । ଓଡିଶା ଗରିବ ନୁହେଁ, ଏଠାକାର ଲୋକେ ଗରିବ। ବେରୋଜଗାରୀ ସମସ୍ୟା ମଧ୍ୟ ଲୋକମାନଙ୍କ ଚିନ୍ତା ବଢାଇ ଦେଇଛି। ମୋଦି କହିଥିଲେ, ଦେଶରେ ଭାଜପା ସରକାରକୁ ଆସିଲେ ୨ କୋଟି ଯୁବକଙ୍କୁ ନିଯୁକ୍ତି ଦେବେ। ୨୦୨୦ ସୁଦ୍ଧା ନବୀନ ୩୦ ଲକ୍ଷ ଯୁବପିଢିକୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୬୦ ଲକ୍ଷ ଯୁବକ ଓଡ଼ିଶା ବାହାରକୁ କାମ ଖୋଜିବାକୁ ଯାଇଛନ୍ତି। ଏଠି ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ସ୍କୁଲରେ ଶିକ୍ଷକ ନାହାନ୍ତି, ସ୍ୱାସ୍ଥ୍ୟ ସେବା ବାଟବଣା ହୋଇଛି ବୋଲି କହି ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।

ରାଉରକେଲା ଷ୍ଟ୍ରିପ ପଡ଼ିଆରେ ଆୟୋଜିତ ସମାବେଶରେ ରାହୁଲ କେନ୍ଦ୍ର ସରକାରଙ୍କୁ ନିଜର ଚିରାଚରିତ ଢ଼ଙ୍ଗରେ ସମାଲୋଚନା କରିବାକୁ ଭୁଲି ନ ଥିଲେ । ଚୌକିଦାର ଏବେ ଚୋର ସାଜିଛନ୍ତି । ଲୋକେ ତାଙ୍କ ଉପରୁ ବିଶ୍ୱାସ ହରାଇଛନ୍ତି। ତାଙ୍କ ମିଛ ଧରା ପଡିଯାଇଛି। ଆଉ ଲୋକଙ୍କୁ ଭୁଆଁ ବୁଲାଯାଇ ପାରିବନି। ୩ ରାଜ୍ୟର ନିର୍ବାଚନୀ ଫଳାଫଳ ଏହା ସ୍ପଷ୍ଟ କରିଛି । ଲୋକଙ୍କୁ ଭୁଆଁ ବୁଲାଇବା ଛାଡି ବାସ୍ତବ କାମ କରି ଦେଖାଅ ବୋଲି ରାହୁଲ ମୋଦିଙ୍କ ନାମ ନ ନେଇ ଏଭଳି କଟାକ୍ଷ କରିଥିଲେ।

ମୋଦିଙ୍କୁ ଟାର୍ଗେଟ କରି ରାହୁଲ ପୁଣି କହିଲେ, ୫ ବର୍ଷ କ୍ଷମତାରେ ରହି ତାଙ୍କ ପାଇଁ ପୂରା ଦୁନିଆ ବୁଲି ଆସିବା ସହଜ ହୋଇଥିଲା। ଯେଉଁ ଦେଶକୁ ଗଲେ ସେଠୁ ଗୋଟେ ଦୁର୍ନୀତି ଆଣି ଆମ ଦେଶରେ ପୂରେଇଲେ। ରାଫାଲ ଦୁର୍ନୀତି ଏହାକୁ ପ୍ରମାଣିତ କରୁଛି। କାଗଜ ଡଙ୍ଗା ତିଆରି ଶିଖି ନ ଥିବା ଲୋକଙ୍କୁ ଯୁଦ୍ଧ ବିମାନ ଠିକା ଦିଆଯାଉଛି। ଚୌକିଦାର ଚୋର ସାଜିଥିବା ବେଳେ ନବୀନ ବାବୁ ତାଙ୍କ ରିମୋଟ ଭାବେ କାମ କରୁଛନ୍ତି। ଦିଲ୍ଲୀରୁ ରହି ମୋଦି ଓଡିଶା ସରକାରଙ୍କୁ ନିୟନ୍ତ୍ରଣ କରୁଛନ୍ତି। ତାଙ୍କ ଇଶାରାରେ ମୁଣ୍ଡ ଟୁଙ୍ଗାରୁଛି ବିଜେଡି ସରକାର। ଏକଥା ଲୋକେ ବୁଝି ସାରିଲେଣି ବୋଲି ରାହୁଲ କହିଥିଲେ।

କ୍ଷମତାକୁ ଆସିବା ପୂର୍ବରୁ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇଥିବା ମୋଦିଙ୍କ ମୁହଁ ଏବେ ଶୁଖିବା ଆରମ୍ଭ କଲାଣି । ନା ୧୫ ଲକ୍ଷ କାହା ବ୍ୟାଙ୍କ ଖାତାରେ ଜମା ହେଲା ନା ବେକାରଙ୍କୁ ନିଯୁକ୍ତି ମିଳିଲା। କଳା ଟଙ୍କା ଉଭାନ ହୋଇଗଲା। ଓଲଟା ବିଭିନ୍ନ ବାଟରେ ନିରୀହ ଲୋକଙ୍କ ଅର୍ଥ ଲୁଟାଗଲା। ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି ମନ ଭୁଲାଣିଆ ଯୋଜନା କରାଯାଉଛି। ଏହା ଦ୍ୱାରା କାହାରି ଉନ୍ନତି ହେବ ନାହିଁ ବୋଲି ସେ କହିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ବେକାରୀଙ୍କ ପାଇଁ ଯୋଜନା କରାଯିବ। କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ଦିଆଯିବ । ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ସମାଜର ପ୍ରତି ବର୍ଗ କିଭଳି ସୁଖ ଶାନ୍ତିରେ ରହିବେ ସେ ଦିଗରେ ଦଳ ଦୃଢ ପଦକ୍ଷେପ ନେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ।

ରାହୁଲଙ୍କ ଏହି ସଭାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲା, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ପ୍ରଚାର କମିଟି ମୁଖ୍ୟ ଭକ୍ତ ଚରଣ ଦାଶ, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, କଳାହାଣ୍ଡି ଜିଲା ସଭାପତି ଭାରତ ଭୂଷଣ ବେମାଲ, ପୂର୍ବତନ ବାଚସ୍ପତି କିଶୋର ପଟେଲ, କଂଗ୍ରେସ ଇସ୍ତାହାର କମିଟି ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ପ୍ରସାଦ ହରିଚନ୍ଦନ, ସୁଶୀଳା ତିରିଆ,ଏଆଇସିସି ସମ୍ପାଦକ ମସ୍ତାନ ୱାଲି ଓ ଜର୍ଜ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶାରେ ହେବ ୫ ହଜାର ...

ଓ ଜଳମାର୍ଗରେ ପରିବହନ ଆବଶ୍ୟକ। ପ୍ରାୟ ୩ ହଜାର କୋଟି ଟଙ୍କାରେ ତାଳଚେର-କାମାକ୍ଷାନଗର-ଡୁବୁରୀ ଏବଂ ଚଣ୍ଡିଖୋଲ ମଧ୍ୟରେ ୧୩୦ କିଲୋମିଟର ରାଜପଥର ଉନ୍ନତୀକରଣ କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାରେ ୫ ହଜାର କୋଟି ଟଙ୍କାର ଜଳମାର୍ଗ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଆବଶ୍ୟକ। ଧାମରା ଓ ପାରାଦୀପ ମଧ୍ୟରେ ୨୧୨ କିଲୋମିଟର ଜଳମାର୍ଗ ପାଇଁ ଡିପିଆର ପ୍ରସ୍ତୁତ ସରିଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ ୨୦୦ ଲକ୍ଷ ଟନ୍ କାର୍ଗୋ ଜଳମାର୍ଗରେ ପରିବହନ ହୋଇପାରିବ। ବ୍ରାହ୍ମଣୀ ଓ ମହାନଦୀରେ ମଧ୍ୟ ଜଳମାର୍ଗ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ପାୱାରଗ୍ରୀଡ ଭଳି ଏଣିକି ଚାଷୀଙ୍କ ସୁବିଧା ପାଇଁ ୱାଟରଗ୍ରୀଡ୍ କରାଯାଉଛି। କେନାଲ ବଦଳରେ ଚାଷ ଜମିକୁ ପାଇପ୍ ଦ୍ୱାରା ଜଳ ଯୋଗାଣ କରାଯିବ। ଓଡ଼ିଶାରେ ନୂଆ ଶିଳ୍ପ ଆସିବ, ବେକାର ଯୁବତୀ ଯୁବକମାନେ ରୋଜଗାରକ୍ଷମ ହେବେ, ଆର୍ଥିକ ମାନଦଣ୍ଡ ବଢ଼ିବ ଏବଂ ରାଜ୍ୟ ସମୃଦ୍ଧ ହେବ, ଏହା ହିଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ବୋଲି କେନ୍ଦ୍ରମନ୍ତ୍ରୀ ଗଡକରୀ କହିଥିଲେ।

ସମାବେଶରେ ଯୋଗଦେଇ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ, ୩ଟି ଜାତୀୟ ରାଜପଥର ଉନ୍ନତୀକରଣ ନିମନ୍ତେ ଭୂମି ପୂଜନ ଆମ ଅଞ୍ଚଳ ପାଇଁ ଏକ ସୌଭାଗ୍ୟର ଦିନ। ୧୩୦ କିଲୋମିଟର ଏହି ରାଜପଥର ଉନ୍ନତୀକରଣ କରାଯାଉଛି। କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଅନୁଗୋଳ-ସୁକିନ୍ଦା ରେଳପଥ ପ୍ରକଳ୍ପ ମଧ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ବ୍ରାହ୍ମଣୀରେ ଜଳପଥ ହେଲେ ନଦୀରେ ବାରମାସ ଧରି ଜଳ ରହିବ। ଏହାଦ୍ୱାରା ନୂତନ ଅର୍ଥନୀତି ଯୋଡିହେବ। କିନ୍ତୁ ରାଜ୍ୟ ସରକାରଙ୍କ ସହଯୋଗ ମିଳୁନାହିଁ। ତୃତୀୟ ମହଲାର ବାବୁମାନେ ଏହି ରାଜପଥ ଭୂମି ପୂଜନ କାର୍ଯ୍ୟ ପାଇଁ ଗତରାତି ପର୍ଯ୍ୟନ୍ତ ସହଯୋଗ ପ୍ରଦାନ କରି ନ ଥିଲେ। ଚଢ଼େଇଧରାରୁ ଗଁଦିଆ ଦେଇ ଶଙ୍କରପୁର ର

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଚିଟ୍‌ଫଣ୍ଡ ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲାରେ ମେଘାଳୟର ରାଜଧାନୀସ୍ଥିତ ସିବିଆଇ କାର୍ଯ୍ୟାଳୟରେ ଚଳିତ ସପ୍ତାହ ଶେଷ ଆଡ଼କୁ କେରା କରାଯିବା।

ସିବିଆଇ ସମନ କରିଥିବା ଓଡ଼ିଆ ଅଫିସରଙ୍କୁ ହତ୍ୟା

ଭୋପାଳ,୬।୨

ମଧ୍ୟପ୍ରଦେଶ ଜବଲପୁରରେ ଥିବା ବନ୍ଧୁକ କ୍ୟାରେଜ୍ କାରଖାନା (ଜିସିଏଫ୍)ର ଜଣେ ଓଡ଼ିଆ ଅଫିସରଙ୍କ ମୃତଦେହ ଜବତ ହୋଇଛି। ଜୁନିୟର ୱାର୍କ୍ସ ମ୍ୟାନେଜର ସାରଦା ଚରଣ ଖଗୁଆଙ୍କୁ ହତ୍ୟା କରାଯାଇଥିବା ବୁଧବାର ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ତାଙ୍କ ପାଖରେ ବୋଫୋର୍ସ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିଲା ବୋଲି କୁହାଯାଉଛି। ତାଙ୍କ ମୁଣ୍ଡରେ ଧାରୁଆ ଅସ୍ତ୍ରରେ ଶକ୍ତ ଆଘାତ ଲାଗିଛି। ଏନେଇ ଏକ ହତ୍ୟା ମାମଲା ରୁଜୁ କରାଯିବ ବୋଲି ଜବଲପୁର ଏସ୍‌ପି କହିଛନ୍ତି।

ସିବିଆଇର ସମନ ପରେ ଗତମାସ ୧୭ ତାରିଖରୁ ଖଗୁଆ ନିଖୋଜ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ କାରଖାନା ନିକଟ ଏକ ନିଛାଟିଆ ସ୍ଥାନରୁ ତାଙ୍କର ଗଳିତ ମୃତଦେହ ମିଳିଥିଲା। ଶବ ନିକଟରୁ ଏକ ରକ୍ତଲଗା ବ୍ଲେଡ ମଧ୍ୟ ଜବତ ହୋଇଛି। ଜାନୁୟାରୀ ୧୮ରେ ଖଗୁଆଙ୍କ ସ୍ତ୍ରୀ ମୌସୁମୀ ଜବଲପୁରର ଘମାପୁର ଥାନାରେ ସ୍ୱାମୀ ନିଖୋଜ ଥିବା ନେଇ ଏତଲା ଦେଇଥିଲେ।

ବୋଫର୍ସର ଦେଶୀ ସଂସ୍କରଣ ଧନୁଷ୍ କମାଣ ନିର୍ମାଣରେ ଚାଇନା ଯନ୍ତ୍ରାଂଶ ବ୍ୟବହାର କରାଯାଉଥିଲା। ଏ ସମ୍ପର୍କରେ ଜାଣିଥିବା ଖଗୁଆ ସିବିଆଇକୁ ତଦନ୍ତରେ ସହଯୋଗ କରୁଥିବାବେଳେ କେତେକ ଦସ୍ତାବିଜ୍ ଉକ୍ତ ତଦନ୍ତକାରୀ ସଂସ୍ଥାକୁ ଦେବାକୁ ଯାଉଥିଲେ। ଗୁମର ଖୋଲିଯିବା ଭୟରେ ତାଙ୍କୁ ଷଡଯନ୍ତ୍ରକାରୀମାନେ ହତ୍ୟା କରିଥିବା ଖଗୁଆଙ୍କ ଭାଇ ରାଜନ ପୋଲିସକୁ କହିଛନ୍ତି। ଖଗୁଆ ତାଙ୍କ ସ୍ତ୍ରୀଙ୍କୁ ସିବିଆଇର ଇମେଲ୍ ଆଇଡି ଏବଂ ପାସୱାର୍ଡ ଫୋନ କରି ମାଗିଥିବାବେଳେ ଫୋନ ସ୍ୱିଚ୍‌ଅଫ୍ ହୋଇଯାଇଥିଲା ବୋଲି ରାଜନ କହିଛନ୍ତି। ଜିସିଏଫ କର୍ମଚାରୀମାନଙ୍କ ଏକ ପ୍ରତିନିଧି ଦଳ ରାଜ୍ୟ ମନ୍ତ୍ରୀ ଲଖନ ଘଙ୍ଗୋରିଆଙ୍କୁ ଭେଟି ଖଗୁଆଙ୍କ ନିଖୋଜ ଏତଲା ଉପରେ ତଦନ୍ତରେ ଅବହେଳା ପାଇଁ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

ବୋଫର୍ସ ତଦନ୍ତ

- ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେଲା

ସିବିଆଇ ଖଗୁଆଙ୍କୁ ଧନୁଷ୍ ନିର୍ମାଣରେ ଚାଇନା ଯନ୍ତ୍ରାଂଶ ବ୍ୟବହାର ସମ୍ପର୍କରେ ଜେରା କରିବାର ସପ୍ତାହେ ପରେ ସେ ନିଖୋଜ ହୋଇଯାଇଥିଲେ। ତେବେ ଗତ ମଙ୍ଗଳବାର ତାଙ୍କ ସୁଟି ମିଳିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ିଥିଲା ଏବଂ ସେମାନେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଖଗୁଆଙ୍କ ମୃତଦେହକୁ ଜବତ କରିଥିଲା। ସେ ଆତ୍ମହତ୍ୟା କରିଥିବା ପ୍ରଥମେ ପୋଲିସ ବିଶ୍ୱାସ କରୁଥିବାବେଳେ ତାଙ୍କ ପରିବାର ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ପରିବାର ପକ୍ଷରୁ କୁହାଯାଇଥିଲା।

ସରକାରଙ୍କ ନୀତି ଅନୁଯାୟୀ ଭାରତୀୟ ପ୍ରତିରକ୍ଷା ସାମଗ୍ରୀରେ ଚାଇନା ଯନ୍ତ୍ରାଂଶ ବ୍ୟବହାର କରାଯାଇପାରିବ ନାହିଁ। ତେବେ ଯୋଗାଣକାରୀ ସଂସ୍ଥା ଜିସିଏଫ୍‌ର ଅଧିକାରୀମାନଙ୍କ ସହ ସଲାସୁତୁରା କରି ୧୫୫ଏମ୍‌ଏମ୍ କମାଣ ନିର୍ମାଣ ଲାଗି ନିମ୍ନମାନର ଚାଇନା ବେରିଂ ଯୋଗାଉଥିଲା ବୋଲି ସିବିଆଇ ଏହାର ଏତଲାରେ ଅଭିଯୋଗ କରିଛି। ଏହି ବେରିଂ ଜର୍ମାନ୍ କମ୍ପାନୀଠାରୁ କିଣାଯାଇଥିବା ଯୋଗାଣକାରୀ ଦିଲ୍ଲୀ କମ୍ପାନୀ ସାର୍ଟିଫିକେଟ ସହ ଦର୍ଶାଇଛି। ଚାଇନା ଯନ୍ତ୍ରାଂଶ ହୋଇଥିଲେ ଏଥିପାଇଁ ଜର୍ମାନ୍ କମ୍ପାନୀ ଦାୟୀ ହେବା ଆବଶ୍ୟକ ବୋଲି ଜିସିଏଫ୍ ଅଧିକାରୀ ଯୁକ୍ତି ଦର୍ଶାଇଛନ୍ତି। ତେବେ ସିବିଆଇର ଅଭିଯୋଗ ହେଲା ଉକ୍ତ ଯନ୍ତ୍ରାଂଶ ଜର୍ମାନ୍ କମ୍ପାନୀ ପ୍ରସ୍ତୁତ କରିନାହିଁ। ଦିଲ୍ଲୀ କମ୍ପାନୀ ଚାଇନାର ହେନାନସ୍ଥିତ ସିନୋ ୟୁନାଇଟେଡ ଇଣ୍ଡଷ୍ଟ୍ରିଜ୍ (ଲୁୟାଙ୍ଗ) ଲିଃରୁ ଏହାକୁ କିଣିଥିଲା। ଦିଲ୍ଲୀ ଓ ଚାଇନା କମ୍ପାନୀ ମଧ୍ୟରେ ହୋଇଥିବା ଇମେଲ୍‌କୁ ମଧ୍ୟ ସିବିଆଇ ସିଜ୍ କରିଛି।

ଆସିକା ଏମ୍‌ପିଙ୍କ ଶେଷକୃତ୍ୟ ସମ୍ପନ୍ନ

ଆସିକା,୬।୨(ଡି.ଏନ୍.ଏ.)



ଲଡୁକିଶୋର ସ୍ୱାଇଁ

ଗଞ୍ଜାମ ଜିଲା ଆସିକା ଏମ୍‌ପି ତଥା ବିଜେଡି ନେତା ଲଡୁକିଶୋର ସ୍ୱାଇଁଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ୪୫ ମିନିଟରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ପ୍ରାୟ ବର୍ଷେ ହେବ ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିବାରୁ ନିୟମିତ ଚିକିତ୍ସା କରାଉଥିଲେ। ଚଳିତ ଲୋକ ସଭାର ଶେଷ ଅଧିବେଶନରେ ଯୋଗଦେବା ପାଇଁ ନିଜ ଗ୍ରାମ କବିସୂର୍ଯ୍ୟନଗର ନିକଟସ୍ଥ ପଥରାରୁ ମଙ୍ଗଳବାର ବାହାରିଥିଲେ। ବୁଧବାର ସକାଳେ ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ଯାଇଥାନ୍ତେ। ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେବାରୁ ତୁରନ୍ତ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ହସ୍ପିଟାଲରେ ସ୍ତ୍ରୀ, ୨ ପୁଅ, ବୋହୂ ଏବଂ ନାତୁଣୀ ନାତି ଉପସ୍ଥିତ ଥିଲେ। ବୁଧବାର ସକାଳେ ପାର୍ଥିବ ଶରୀର ପଥରା ବାସଭବନକୁ ନିଆଯାଇଥିଲା। ସେଠାରେ ହଜାର ହଜାର ସମର୍ଥକଙ୍କ ସମେତ ଦଳୀୟ ନେତା, ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିବା ସହ ମାଲ୍ୟାର୍ପଣ କରିଥିଲେ। ପରେ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଗାଡିରେ ଗ୍ରାମରୁ ନିଆଯାଇ କଲେଜ ଛକ, ଆସିକା, କବିସୂର୍ଯ୍ୟନଗର ଆଦି ସହରାଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇଥିଲା । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଶବାଧାରରେ ମାଲ୍ୟାର୍ପଣ ପୂର୍ବକ ଶେଷ ସମ୍ମାନ ଜଣାଯାଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ପଥରା ନିକଟ ନନ୍ଦିଆଗଡ଼ା ଧନେଇ ନଦୀପଠା ଶ୍ମଶାନରେ ଲଡୁକିଶୋରଙ୍କୁ ଗଞ୍ଜାମ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯିବା ସହ ରାଷ୍ଟ୍ରୀୟ ମର୍ଯ୍ୟଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ବୁଧବାର ଲୋକ ସଭାରେ ଶୋକ ପ୍ରସ୍ତାବ ଆଗତ କରାଯିବା ସହ ଲଡୁକିଶୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସମ୍ମାନାର୍ଥେ ଦିନକ ପାଇଁ ଲୋକ ସଭା ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଟୁଇଟ୍ କରି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଲଡୁ କିଶୋରଙ୍କ ବିୟୋଗ ଖବର ତାଙ୍କୁ ମର୍ମାହତ କରିଛି। ସମାଜ ପାଇଁ ଲଡୁକିଶୋରଙ୍କର ଅନେକ ଅବଦାନ ରହିଛି। ତାଙ୍କ ପରିବାରବର୍ଗ, ଲୋକ ସଭା ନିର୍ବାଚନ ମଣ୍ଡଳୀ ବାସିନ୍ଦା ଏବଂ ତାଙ୍କର ସାଥୀମାନଙ୍କୁ ସେ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍

ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ

କରି କହିଛନ୍ତି ଯେ, ଲଡୁ କିଶୋର ସ୍ୱାଇଁଙ୍କ ବିୟୋଗ ଅତ୍ୟନ୍ତ ଦୁଃଖ ଦେଇଛି। ସମାଜପ୍ରତି ଥିବା ତାଙ୍କର ସେବା ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ। ଗ୍ରାମାଞ୍ଚଳ ବିକାଶ ପାଇଁ ତାଙ୍କର ଅବଦାନ ପ୍ରଶଂସନୀୟ ଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ପୁତ୍ର ନଚିକେତାଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ନିଜର ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଶୋକ ବାର୍ତ୍ତାରେ କହିଛନ୍ତି, ଲଡୁକିଶୋରଙ୍କ ବିୟୋଗ ତାଙ୍କୁ ମର୍ମାହତ କରିଛି। ସେ ଜଣେ ଉତ୍ତମ ଏମପି ଏବଂ ବିଧାନସଭାର ଜଣେ ଖାତନାମା ବିଧାୟକ ଥିଲେ। ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ନିଜର ସମବେଦନା ଜଣାଇଛନ୍ତି।

ଲଡୁକିଶୋର ଶିକ୍ଷାରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ନୂଆଗଡ଼ ଓ କବିସୂର୍ଯ୍ୟନଗର ହାଇସ୍କୁଲରେ ଶିକ୍ଷକତା କରିଥିଲେ। ୭୦ ଦଶକର ମଧ୍ୟ ଭାଗରେ ସେ ରାଜନୀତିରେ ପ୍ରବେଶ କରିଥିଲେ। ଜଣେ ସରଳ ଓ ମିଷ୍ଟଭାଷୀ ରାଜନୈତିକ ବ୍ୟକ୍ତି ଭାବେ ସେ ଅଞ୍ଚଳବାସୀଙ୍କ ନିକଟରେ ପରିଚିତ ଥିଲେ। ସବୁବେଳେ ଜନସେବାରେ ଲାଗି ରହୁଥିଲେ। ରାଜନୈତିକ ଜୀବନର ପ୍ରଥମ ସୋପାନରେ କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡା ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସହ ଦଳରେ କାର୍ଯ୍ୟ କରିଥିଲେ। ସେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୪ରୁ ୨୦୦୯ ଯାଏ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବିଜେଡି ପକ୍ଷରୁ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ତାଙ୍କ ବିୟୋଗରେ ସମଗ୍ର ନିର୍ବାଚନମଣ୍ଡଳୀରେ ଗଭୀର ଶୋକର ଛାୟା ଖେଳିଯାଇଛି। ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ଦେବରାଜ ମହାନ୍ତି, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଞ୍ଜାମ ଏସପି ବ୍ରିଜେଶ ରୟ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ଲଡୁକିଶୋରଙ୍କ ବାସଭବନରେ ଶେଷଦର୍ଶନ କରିଥିଲେ ।

ଖୋଲିଲା ଭୋଟର ସହାୟତା କେନ୍ଦ୍ର

ଭୁବନେଶ୍ୱର, ୬।୨ (ବ୍ୟୁରୋ): ଆସନ୍ତା ସାଧାରଣ ନିର୍ବାଚନରେ ଅଂଶ ଗ୍ରହଣ କରିବା ଏବଂ ମତଦାତାଙ୍କ ସୁବିଧା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଭୋଟର ସହାୟତା କେନ୍ଦ୍ର ଖୋଲିଛି। ବୁଧବାର ଏହାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଉଦ୍‌ଘାଟନ କରିଛନ୍ତି। ଉକ୍ତ ସହାୟତା କେନ୍ଦ୍ରରେ କମ୍ପ୍ୟୁଟର ସହ କର୍ମଚାରୀମାନେ ଭୋଟରମାନଙ୍କୁ ସହାୟତା ପ୍ରଦାନ କରିବେ । ଏଠାରେ ଭୋଟରମାନେ ସେମାନଙ୍କ ନାମ, କ୍ରମିକ ସଂଖ୍ୟା ଏବଂ କେଉଁ ବୁଥରେ ସେମାନେ ଭୋଟ ଦେବେ ସମସ୍ତ ବିଷୟରେ ଜାଣିପାରିବେ। ସେହିପରି ରାଜ୍ୟର ସବୁ ଜିଲା, ସଦର ମହକୁମା, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ରମାନ ଖୋଲାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କୁମାର କହିଛନ୍ତି। ଏହାର ଫାଇଦା ନେବାକୁ ସେ ନିବେଦନ କରିଛନ୍ତି। ଉଦ୍‌ଘାଟନ ସମୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ଇଲେକ୍ଟ୍ରନ ୱାଚ ମୁଖ୍ୟ ସହଦେବ ସାହୁ, ଭୁବନେଶ୍ୱର ଉପଜିଲାପାଳ ଶୁଭେନ୍ଦୁ ସାହୁ, ସହକାରୀ ମୁଖ୍ୟ ନିର୍ବାଚନ ଅଧିକାରୀ କାଶୀନାଥ ସାହୁ ଉପସ୍ଥିତ ଥିଲେ।

PUBLIC NOTICE

Kaya Blenders and Distillers Limited want to inform Public that employee **Mr Smruti Ranjan Rath** s/o Dr. Pravat Kumar Rath, r/o Plot No. 11, Bapuji Nagar, Bhubaneswar, Odisha has been terminated from the company due to his wrong doings .He claims to be National sales head of the company and same he has uploaded on his social media accounts. Public is hereby informed that he mislead people by saying that he is an Investor and Partner in the company and claims himself as a director on other real estate companies and mislead people. KBDL has no association with him nor he is authorised to talk to any investor on behalf of KBDL . Company is initiating other proceedings also against him. If anyone deals with him then Kaya Blenders and Distillers Limited will not be responsible.

ଲାଞ୍ଚ ନେଇ ଏଏସ୍‌ଆଇ ଗିରଫ

ଫୁଲବାଣୀ ଅଫିସ, ୬।୨: ଏକ ବିବାଦର ସମାଧାନ ପାଇଁ ଲାଞ୍ଚ ନେବାବେଳେ କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ଏଏସ୍‌ଆଇ ମହାଜନ ପ୍ରଧାନ ବୁଧବାର ବ୍ରହ୍ମପୁର ଭିଜିଲାନ୍ସରେ ଧରା ପଡିଛନ୍ତି। ତାଙ୍କଠାରୁ ୫ହଜାର ଟଙ୍କା ଜବତ କରାଯାଇଛି। ବିରିଗୁଡା ଗ୍ରାମ ଘାଟିସାହିର ରାମନାଥ ପ୍ରଧାନଙ୍କ ସହ ଅନ୍ୟ ଜଣଙ୍କର ବିବାଦ ଉପୁଜି ଥିଲା। ଏ ନେଇ ଉଭୟପକ୍ଷ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ କରୁଥିବା ଏଏସ୍‌ଆଇ ପ୍ରଧାନ ସମାଧାନ ପାଇଁ ରାମନାଥଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରାମନାଥ ଏନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

ବିଜେଡିରେ ସାମିଲ ହେଲେ ଯୋଗେଶ

ବିଜେଡିରେ ସାମିଲ ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗେଶ।

ଭୁବନେଶ୍ୱର,୬।୨(ବ୍ୟୁରୋ): ପୂର୍ବତନ କଂଗ୍ରେସ ବିଧାୟକ ଯୋଗେଶ ସିଂ ଏବଂ ତାଙ୍କର ଶତାଧିକ ସମର୍ଥକ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ଏଥିପାଇଁ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ମିଶ୍ରଣ ପର୍ବ। ଯୋଗେଶଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ବ୍ଲକ ଉପାଧ୍ୟକ୍ଷ, ଏକାଧିକ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କଂଗ୍ରେସ ସଭାପତି, ପୂର୍ବତନ ସରପଞ୍ଚଙ୍କ ସମେତ ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଯୋଗେଶ ୨୦୧୪ରେ କଂଗ୍ରେସ ପ୍ରାର୍ଥୀଭାବେ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। କିଛିଦିନ ତଳେ ସେ ଦଳ ଓ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ।

- ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ
- ଜିଲାର ୭ ଆସନରେ ବିଜେଡି ଜିତିବ: ଯୋଗେଶ

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗେଶ ଜଣେ ଭଲ ସଂଗଠକ। ସେ ତାଙ୍କୁ ସ୍ୱାଗତ କରୁଛନ୍ତି। ଯୋଗେଶଙ୍କ ସହ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଏହା ଫଳରେ ସୁନ୍ଦରଗଡ଼ ଜିଲାରେ ବିଜେଡି ଆହୁରି ସୁଦୃଢ଼ ହୋଇପାରିବ। ଯୋଗେଶ କହିଥିଲେ ଯେ, ସେ ବିଜେଡିରେ ଯୋଗଦେଇ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବାକୁ ଚାହାନ୍ତି। ସୁନ୍ଦରଗଡ଼ ଜିଲାର ବିକାଶ ତାଙ୍କର ଏକମାତ୍ର କର୍ତ୍ତବ୍ୟ। ଆଗାମୀ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ଜିଲାର ୭ଟିଯାକ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ହିଁ ଜିତିବେ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ମିଶ୍ରଣ ପର୍ବରେ ସୁନ୍ଦରଗଡ଼ ବିଜେଡି ଜିଲା ସଭାପତି ମଙ୍ଗଳା କିଷାନ, ବିଧାୟକ ସୁବ୍ରତ ତରାଇ, ନେତ୍ରୀ କୁସୁମ ଟେଟେ, ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ ସମ୍ପାଦକ ଅସିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯୋଗେଶ ମିଶ୍ରଣ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଥିବା କୁସୁମ ଟେଟେଙ୍କୁ ଥଇଥାନ କରାଯାଇଛି। ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି। ଏନେଇ ରାଜ୍ୟ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଚଳିତ

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ

ଭିଗନ୍‌ଙ୍କ ପାଇଁ ବ୍ୟବସାୟ ସୁଯୋଗ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଭିଗନ୍ (ଶୁଦ୍ଧ ନିରାମିଷାଶୀ, ଯେଉଁମାନେ ଆମିଷ, କ୍ଷୀର, ମହୁ ପ୍ରଭୃତି ଖାଆନ୍ତି ନାହିଁ କିମ୍ବା କୌଣସି ପ୍ରକାର ପ୍ରାଣିଜ ଦ୍ରବ୍ୟ ବ୍ୟବହାର କରନ୍ତି ନାହିଁ)ଙ୍କ ପାଇଁ ବ୍ୟବସାୟ ସୁଯୋଗ ସମ୍ପର୍କରେ ଏହା ମୋର ତୃତୀୟ ନିବନ୍ଧ। ପ୍ରଥମ ଦୁଇଟି ଥିଲା କିପରି ଭିଗନ୍ ସାମଗ୍ରୀର ଉତ୍ପାଦନ, ବିପଣନ କରାଯିବ ଓ ସେବା ଯୋଗାଯିବ, ତା' ଉପରେ ପର୍ଯ୍ୟବସିତ। ଏ ନିବନ୍ଧଟି ମୁଁ ଭିଗନ୍ ହୋଟେଲ ଓ ରିଟ୍ରିଟ୍ (ଏକାନ୍ତ ବାସ ପାଇଁ ଉପଯୁକ୍ତ ସ୍ଥାନ) ଉପରେ ଲେଖୁଛି।

ବେଡ୍ ଆଣ୍ଡ୍ ବ୍ରୋକୋଲି (ହୋଟେଲ)– www.bedandbroccoli.com.au ହେଉଛି ଅଷ୍ଟ୍ରେଲିଆର ଭିଗନ୍ ବେଡ୍ ଆଣ୍ଡ୍ ବ୍ରେକ୍‌ଫାଷ୍ଟ (ଏକ ପ୍ରକାର ହୋଟେଲ ଯେଉଁଠି ରାତିରେ ରହିବା ଓ ସକାଳେ ଜଳଖିଆ ଖାଇବାର ବ୍ୟବସ୍ଥା ଥାଏ)। ଏହା ଶୁଦ୍ଧ ନିରାମିଷ ଖାଦ୍ୟ, ସସ୍, ଜାମ୍, ଚଟଣି, ସାବୁନ, ଭିଗନ୍ ସଫାକରା ସାମଗ୍ରୀ ପ୍ରଭୃତି ଯୋଗେଇଥାଏ ଏବଂ ପ୍ରାଣୀମାନଙ୍କ ହିତାର୍ଥେ କାମ କରନ୍ତି। ତା'ଛଡ଼ା ସେମାନେ ପରିତ୍ୟକ୍ତ ପ୍ରାଣୀମାନଙ୍କୁ ଉଦ୍ଧାର କରନ୍ତି। ପ୍ରତ୍ୟେକ ଗ୍ରାହକ ସେଠାରେ ମେଳାପି କୁକୁର ଓ ବିରାଡ଼ିମାନଙ୍କ ସଙ୍ଗଲାଭ କରିବାର ଅନୁଭୂତି ପାଇପାରିବେ। ଏହାର ମାଲିକଙ୍କ କହିବା ଅନୁସାରେ, ସେ ନିଜେ ଜଣେ ଭିଗନ୍। ସେ ଯୁଆଡ଼େ ଯାଆନ୍ତି, କେଉଁଠି ବି ଭିଗନ୍‌ଙ୍କ ଉପଯୋଗୀ ରହିବା ଓ ଖାଇବାର ସୁବିଧା ପାଆନ୍ତି ନାହିଁ। ତେଣୁ ସେ ବ୍ୟବସାୟ ଉଦ୍ଦେଶ୍ୟରେ ଏହି ବେଡ୍ ଆଣ୍ଡ୍ ବ୍ରୋକୋଲି ଆରମ୍ଭ କରିଛନ୍ତି।

ସାରା ପୃଥିବୀରେ ଏପରି ହଜାର ହଜାର ଛୋଟ ହୋଟେଲ ଅଛି। ନିରାମିଷାଶୀ ହୋଟେଲଗୁଡ଼ିକ ପାଇଁ ଗୋଟିଏ ୱେବ୍‌ସାଇଟ ଅଛି, ଯାହାକୁ ଦୁଇଜଣ ଜର୍ମାନ୍ ବ୍ୟକ୍ତି ଆରମ୍ଭ କରିଥିଲେ। ମୁଁ ଏବେ ଗୁଗ୍‌ଲରେ ଭିଗନ୍ ହୋଟେଲ ବୋଲି ସର୍ଚ୍ଚ ମାରିବାରୁ ୧୨.୪୦ କୋଟି ଫଳାଫଳ ପାଇଲି। ସବା ଉପରେ ଥିଲା veganhotels.com ଏବଂ ଏଥିରେ ଖୁବ୍ ସୁନ୍ଦର ସୁନ୍ଦର ସ୍ଥାନର ବିଜ୍ଞାପନ ଦିଆଯାଇଛି। ଭାରତ ମହାସାଗର, ମାଳଦ୍ୱୀପ ପ୍ରଭୃତି ସମେତ ଏପରି ସ୍ଥାନର ବିଜ୍ଞାପନ ଅଛି, ଆପଣ ଭାବିବେ ସେଠାରେ ଆମିଷ ଛଡ଼ା ଅନ୍ୟ କିଛି ଖାଦ୍ୟ ମିଳୁ ନ ଥିବ। କିନ୍ତୁ ସେଠି ଏପରି ସବୁ ରୁଚିକର ଭିଗନ୍ ଖାଦ୍ୟ ମିଳୁଛି, ଯାହା ମାଂସାଶୀମାନଙ୍କ ଖାଦ୍ୟାଭ୍ୟାସ ବଦଳାଇଦେଇ ପାରିବ। ଯଦି ଆପଣ ଭାରତରେ ଏପରି ହୋଟେଲ ଆରମ୍ଭ କରନ୍ତି, ତେବେ ନିଶ୍ଚୟ ଏହି ସାଇଟ୍‌ରେ ନିଜ ନାମ ପଞ୍ଜୀକରଣ କରିବେ। ଆପଣ ମଧ୍ୟ ଭିଗନ୍ ନେଚର ରିଟ୍ରିଟ୍ ଆରମ୍ଭ କରିପାରିବେ, ଯେଉଁଥିରେ ସ୍ୱାସ୍ଥ୍ୟକର ଭିଗନ୍ ଖାଦ୍ୟ ଆଦି ଯୋଗାଇବା ସହିତ କର୍ମଶାଳା, ଧ୍ୟାନ, ଫିଟ୍‌ନେସ କେନ୍ଦ୍ର, ସ୍ନା ଓ ଚାଲିବାର ବନ୍ଦୋବସ୍ତ କରିପାରିବେ। ଆପଣ ସେଠାରେ ତେଲ ଓ ଅନ୍ୟ ଉତ୍ପାଦ ବିକ୍ରି କରିପାରିବେ, ଯାହା ପ୍ରାଣୀଙ୍କଠାରେ ପରୀକ୍ଷା କରାଯାଇ ନ ଥିବ। କିନ୍ତୁ ଆପଣ ସେଠାରେ କ୍ଷୀର ବା କୌଣସି ପ୍ରକାର କ୍ଷୀର ଜାତୀୟ ଖାଦ୍ୟ ବ୍ରକି କରିବେ ନାହିଁ, କାରଣ ତାହା ଭିଗନ୍ ନୁହେଁ। ଆପଣ ମଧ୍ୟ ଉକ୍ତ ରିଟ୍ରିଟ୍‌କୁ ସୌରଶକ୍ତିରେ ଚଳାଇବାର ବ୍ୟବସ୍ଥା କରିପାରିବେ।

ଆପଣ ଯଦି ଭିଗନ୍ ହୋଇଥାନ୍ତି, ତେବେ ଆପଣ ନିଜ ରହିବା ଘରକୁ ଭିଗନ୍ ଯାତ୍ରୀଙ୍କ ରହିବା ପାଇଁ ଦେଇପାରିବେ। ଟଙ୍କା ଉପାର୍ଜନର ଆଉ ଗୋଟିଏ ବାଟ ହେଲା, ଗ୍ରୀଷ୍ମ ଓ ଶୀତ ଛୁଟିରେ ପିଲାମାନଙ୍କ ପାଇଁ ଭିଗନ୍ କ୍ୟାମ୍ପର ବ୍ୟବସ୍ଥା କରିବା। କାର୍ଯ୍ୟକ୍ରମର ତାଲିକା ଅନୁଯାୟୀ ଏହି କ୍ୟାମ୍ପ ଦୁଇଦିନ ବା ଦୁଇସପ୍ତାହ ପାଇଁ କରାଯାଇପାରେ। ପର୍ବତାରୋହଣ, ପାହାଡ଼ିଆ ରାସ୍ତାରେ ଓ ସହରରେ ପଦଯାତ୍ରା ଆଦି କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରେ। ଏସବୁ କାର୍ଯ୍ୟକ୍ରମ ଓ ଶୁଦ୍ଧ ନିରାମିଷ ଖାଦ୍ୟ ଗ୍ରହଣ ଛଡ଼ା ଭିଗନ୍ ପିଲାମାନେ ପରସ୍ପର ସହ ପରିଚିତ ହୋଇପାରିବେ ଏବଂ ସଚେତନ ଜୀବନଚଳନ ସମ୍ବନ୍ଧରେ ଶିକ୍ଷାଲାଭ କରିପାରିବେ। ଫିଲ୍ମ ଜରିଆରେ ସ୍ୱାସ୍ଥ୍ୟକର ଖାଦ୍ୟ ସମ୍ବନ୍ଧରେ ପିଲାମାନଙ୍କୁ ଶିକ୍ଷା ଦିଆଯାଇପାରିବ। ଏପରି କାର୍ଯ୍ୟକ୍ରମ କିପରି ପରିଚାଳନା କରିବେ ସେ ସମ୍ବନ୍ଧରେ ଜାଣିବା ପାଇଁ kidsmakeadifference.org ଓ vegancamp.org ୱେବ୍‌ସାଇଟ ଦୁଇଟିର ସାହାଯ୍ୟ ନେଇପାରନ୍ତି। ବିଦେଶରେ ଏପରି କ୍ୟାମ୍ପ ଶହ ଶହ ପିଲାଙ୍କୁ ଭିଗନ୍‌ରେ ପରିଣତ କରିପାରିଛି।

ୟୁଥ୍ ଏମ୍ପାୱାର୍ଡ ଆକ୍ସନ କ୍ୟାମ୍ପ – www.yeaca-mp.org – ହେଉଛି ପୃଥିବୀରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିବା ୧୨ରୁ ୧୭ ବର୍ଷୀୟ ତରୁଣମାନଙ୍କର ଏକ ସମର କ୍ୟାମ୍ପ। ଏହି କ୍ୟାମ୍ପରେ ଯୁବ କର୍ମୀମାନଙ୍କୁ ବିଭିନ୍ନ ଜ୍ଞାନ, କୌଶଳ, ଆତ୍ମବିଶ୍ୱାସ ସମ୍ବନ୍ଧରେ ତାଲିମ ଦିଆଯାଏ ଏବଂ ଏଠାରେ କେବଳ ଭିଗନ୍ ଖାଦ୍ୟ ପରଷାଯାଏ। ଯଦିଚ ଏହା ଏକ ଆମେରିକୀୟ ସଂସ୍ଥା, ଭାରତରେ ବି ଏପରି ସଂସ୍ଥା ଖୋଲାଯାଇପାରିବ। ବିଭିନ୍ନ ସାମାଜିକ ମଙ୍ଗଳକାରୀ ସଂସ୍ଥା ଯଥା ଅଣଲାଭକାରୀ ସଂସ୍ଥା, ଡକ୍ୟୁମେଣ୍ଟାରୀ ଫିଲ୍ମ, ପ୍ରାଣୀ ସପକ୍ଷ ଅଭିଯାନ, ପୁସ୍ତକ, ସ୍ୱାସ୍ଥ୍ୟ/କଲ୍ୟାଣ ଓ ଭିଗନ୍ ଉତ୍ପାଦ ପ୍ରଭୃତି ଲାଗି ସେବା ଯୋଗାଣ ନିମନ୍ତେ ଇଭଲୋଟସ୍ ପବ୍ଲିକ୍ ରିଲେଶନ ଏଜେନ୍ସି ଆରମ୍ଭ କରାଯାଇଥିଲା। ସେମାନଙ୍କର ଉଦ୍ଦେଶ୍ୟ ହେଲା ଏକ ଉନ୍ନତ ଓ ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ ନିମନ୍ତେ ସମଧର୍ମା ସଂସ୍ଥା ଓ ବ୍ୟବସାୟଗୁଡ଼ିକ ଯେପରି ପରସ୍ପର ଭିତରେ ଭାବର ଆଦାନପ୍ରଦାନ କରିବେ ଏବଂ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିବେ।

ଶ୍ୱେତା ଠାକୁର ବାଙ୍ଗାଲୋରରେ ଗ୍ରାଫିଟି କୋଲାବୋରେଟିଭ୍ ନାମରେ ଏକ ଜନସମ୍ପର୍କ କମ୍ପାନୀ ଆରମ୍ଭ କରିଛନ୍ତି। ଏଥିରେ ସଫଳତା ପାଇବା ପରେ ସେ ନିଜେ ଭିଗନ୍ ହେବା ସହ ତାଙ୍କ ସଂସ୍ଥାକୁ ଭିଗନ୍ କମ୍ପାନୀ ଓ ଉତ୍ପାଦଗୁଡ଼ିକର ପ୍ରସାର କାର୍ଯ୍ୟରେ ଲଗାଇଛନ୍ତି। କିଛିମାସ ତଳେ ସେ ମୋତେ ଦେଖାକରିବାକୁ ଆସିଥିଲେ। ଏହାପରେ ମୁଁ ସ୍ଥିର କଲି ଆମ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜୈବ ମେଳାରେ ଭିଗନ୍ ଦୋକାନ ଖୋଲିବାକୁ। ବର୍ତ୍ତମାନ ୱାଇଲ୍‌ଡରଫେଷ୍ଟ ନାମକ ତାଙ୍କର ଏକ ସ୍ଥାୟୀ ଭିଗନ୍ ମେଳା ଅଛି। ପ୍ରଥମେ ବାଙ୍ଗାଲୋରରେ ସେ ଏହା ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ଦିଲ୍ଲୀର ସିଲେକ୍ଟସିଟି ମଲ୍‌ରେ ବି ଏକ ମେଳା ଆରମ୍ଭ କରିଛନ୍ତି, ଯେଉଁଥିରେ ଶହ ଶହ ଭିଗନ୍ ଉତ୍ପାଦ ବିକ୍ରି ହେଉଛି। ତା' ଛଡ଼ା ସେ ବିଭିନ୍ନ ଆନିମଲ ଗ୍ରୁପ୍ ଓ ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲ ପାଇଁ ଜନସମ୍ପର୍କର ଆୟୋଜନ କରନ୍ତି। ମଣିଷ ଦୁଃଖ ପାଏ ସେତେବେଳେ, ଯେତେବେଳେ ସେ ନିଜେ ଯାହା ନୁହେଁ, ତାହା କରେ, ଯେମିତି ଜୈନମାନେ ଜେଲାଟିନ୍ ବିକ୍ରି କରୁଛନ୍ତି।

ଭିଗନ୍ ଏଜ୍ କନ୍‌ସଲ୍‌ଟିଙ୍ଗ୍ – simon@vegan-edgeconsulting.com – ସାରା ବିଶ୍ୱରେ ପରିଚାଳିତ ଏକ ବ୍ୟବସାୟିକ ବିକାଶ ଓ ବିପଣନ ସଂସ୍ଥା, ଯାହା ଭିଗନ୍ ବ୍ୟବସାୟ ଓ ଉଦ୍ୟୋଗଗୁଡ଼ିକ ପାଇଁ କାମ କରୁଛି। ସେମାନେ ବ୍ୟବସାୟିକ ଷ୍ଟ୍ରାଟେଜି ଓ ପ୍ଲାନିଂ, ବ୍ରାଣ୍ଡିଂ ଓ ମାର୍କେଟିଙ୍ଗ୍, ୱେବ୍ ଡେଭଲପ୍‌ମେଣ୍ଟ ଓ ଗ୍ରାଫିକ୍ ଡିଜାଇନ୍ ସେବା ଯୋଗାଉଛନ୍ତି। ସେମାନେ ମଧ୍ୟ ଅନେକ ଭିଗନ୍ ଫେସ୍‌ବୁକ୍ ପେଜ୍: ଭିଗନ୍ ବିଜ୍‌ନେସ୍ ଗାଇଡ୍, ଟରଣ୍ଟୋ ଭିଗନ୍ ଗାଇଡ୍ ପ୍ରଭୃତି ଖୋଲିଛନ୍ତି। ଭିଗନ୍ ହୁଅନ୍ତୁ ଓ ଭିଗନ୍ କୁଶଳୀ ହୁଅନ୍ତୁ। ଭାରତରେ ବି ଏପରି ଆର୍ଥିକ ସେବା ଯୋଗାଣ ସଂସ୍ଥା ଆରମ୍ଭ କରାଯାଇପାରିବ। ଆଉ କିଛି କାମ ଅଛି, ଯେଉଁଥିରେ ଆପଣଙ୍କୁ ଖୁବ୍ ବେଶି ପୁଞ୍ଜି ଖଟାଇବାକୁ ପଡ଼ିବ ନାହିଁ। ଆପଣ ଚାହିଁଲେ ଏକ ଭିଗନ୍ ପ୍ରଫେଶନାଲ୍‌ସ ଫେସ୍‌ବୁକ୍ ଗ୍ରୁପ୍ ଆରମ୍ଭ କରିପାରିବେ। ଭିଗନ୍‌ମାନେ ଶିକ୍ଷା, ସେବା, ସତ୍ ବ୍ୟବସାୟ, ସମ୍ବେଦନା ଓ ଜୀବେ ଦୟା ବା ସର୍ବଜୀବେ ପ୍ରେମ ପାଇଁ ପ୍ରତିବଦ୍ଧ ହୋଇପାରିବେ। ଏହାଠାରୁ ଅଧିକ ଆପଣ କ'ଣ ଚାହାନ୍ତି?

Email: gandhim@nic.in

ନିର୍ବାଚନ ଆସିଗଲେ

ସୌମ୍ୟା ପରିଡ଼ା

ଆଜି ଅମୁକ ଜାଗାରେ ଶିଳାନ୍ୟାସ, କାଲି ସମୁକ ଜାଗାରେ ଗଛ ବଣ୍ଟା, କମ୍ବଳ ବଣ୍ଟା...ଏମିତି ଅନେକ କଥା। ଏଥିରୁ ଜାଣିବେ ନିର୍ବାଚନ ପାଖେଇ ଆସିଲା। କୁଜି ନେତାଙ୍କଠୁ ଆରମ୍ଭକରି ବଡ଼ ନେତାଙ୍କ ଯାଏ ସମସ୍ତେ ଜାଗିଉଠିଲେ। ଏଇ ତତ୍ପରତା ଯଦି ସବୁବେଳେ ଦେଖାଯାଆନ୍ତା ତା'ହେଲେ ଦେଶ ସୁଧୁରିଯାଆନ୍ତା। ଏବେ ସୋସିଆଲ୍ ମିଡ଼ିଆ ଏସବୁ ଫଟୋରେ ଆଉ ସାଧାରଣ ଭୋଟରଙ୍କ ମୋବାଇଲ୍ ରାଜନିତିଆଙ୍କର ଏସବୁ ମେସେଜ୍‌ରେ ଫୁଲ୍। ଆଗରୁ ଶୋଇଥିବା ଏସବୁ ଲୋକେ ଏବେ ଜାଗି ଉଠିଛନ୍ତି। କିହୋ ବାବୁମାନେ ଏଯାଏ ଶୋଇଥିଲ, ଏବେ ସମୟ ଆସିଗଲା ଘରଘର ବୁଲିବାର! କାହା ଘରେ ପଖାଳ ଖାଇବେ, କାହା ଛୁଆଙ୍କୁ କାଖେଇବେ, କେଉଁ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବେ, ଏସବୁ ପୂର୍ବ ନିର୍ଦ୍ଧାରିତ। ଖୋଲା ଜିପ୍ କେଉଁଠୁ ଆସିବ, ଏଥିରେ କେତେ ଫୁଲ ଲାଗିବ, ସାର୍–ମ୍ୟାଡାମ୍‌ମାନେ କେଉଁ ଜ୍ୟାକେଟ୍ କି ଶାଢ଼ୀ କେମିତି ପିନ୍ଧିବେ, ଆଉ କେତେ ଡିଗ୍ରୀ ନଇଁକରି କୋଉ ଲୋକଙ୍କୁ ନମସ୍କାର କରିବେ ସେସବୁର ଲିଷ୍ଟ ବି ଆଗରୁ ତୟାର୍। ଅଧିକାଂଶ ନିର୍ବାଚନ ବୈତରଣୀ ପାର ହେଲା ପରେ ଶୋଇପଡ଼ନ୍ତି। ପୁଣି ନିର୍ବାଚନ ପାଖେଇ ଆସିଲେ ଜନତା ଜନାର୍ଦ୍ଦନଙ୍କ କାନ୍ଧରେ–କୋଳରେ ମୁଣ୍ଡ ଥୋଇ ବାପଲୋ, ଧନଲୋ, ମାଆଲୋ କହି ଆସନ ବଞ୍ଚେଇବାକୁ ଚେଷ୍ଟା କରନ୍ତି। ସମସ୍ତେ ଯେ ଏମିତି ତା' ନୁହେଁ। କିଛି ଲୋକ ଏମିତି ବି ଅଛନ୍ତି, ଯେଉଁମାନେ ବର୍ଷତମାମ କାମ କରନ୍ତି। ହେଲେ ନା ନିର୍ବାଚନ ପୂର୍ବରୁ ନା ପରେ ସେମାନେ ଏତେ ଟଙ୍କା ବ୍ୟୟରେ ନିଜର ପତିଆରା ଦେଖାନ୍ତି। କିନ୍ତୁ ସାଧାରଣ ଜନତା ତାଙ୍କୁ ଜାଣନ୍ତି–ବୁଝନ୍ତି ଓ ନିଜ ମତ ସାବ୍ୟସ୍ତ କରି ତାଙ୍କୁ ବାରବାର ଜିତାନ୍ତି। ଆଗରୁ ଲୋକେ ନିଜ ଚିନ୍ତାଧାରାରେ ବେଶ୍ ଦୃଢ଼ ଥିଲେ। ସେମାନେ କାହାକୁ ସମର୍ଥନ କରିବେ, କେଉଁ ଦଳରେ ରହିବେ, କେଉଁ ଚିନ୍ତାଧାରା ନେଇ ନିଜର ନିତିଦିନିଆ ଜୀବନ ଜିଇବେ, ସବୁ ଯେମିତି ସ୍ଥିର ଥିଲା। ହେଲେ ଏବେ ଆମ କଥା, କାମ, ଚିନ୍ତାଧାରା ଅତିଶୀଘ୍ର ବଦଳୁଛି। ଯେମିତି କୌଣସି ଇଲେକ୍‌ଟ୍ରୋନିକ୍ ଜିନିଷ କିଣିବାର କିଛି ଦିନ ପରେ ହିଁ ପୁଣିଥରେ ରିମଡେଲିଙ୍ଗ୍ ହୋଇ ନୂଆ ରୂପରେ ବଜାରକୁ ଆସୁଛି।

ଆମ ଜୀବନର ଅଧିକାଂଶ କଥା ପରୋକ୍ଷ ଭାବରେ ରାଜନୀତି ଦ୍ୱାରା ପ୍ରଭାବିତ। ପିଲା ଜନ୍ମଠୁ ଆରମ୍ଭକରି ଆମ କର୍ମକ୍ଷେତ୍ର, ଏମିତିକି ଆମ ରୋଜଗାରର କେତେ ପ୍ରତିଶତ ଆମେ ଟ୍ୟାକ୍ସ ଦେବା, ଏସବୁ ସେଇ ରାଜନୀତିର ପୃଷ୍ଠଭୂମିରେ ହିଁ ଆମ ପାଇଁ ନିର୍ଦ୍ଧାରିତ ହୋଇଥାଏ। ଜନ୍ମମୃତ୍ୟୁ ପଞ୍ଜୀକରଣ ନିୟମକାନୁନ୍ ହେଉ କି ଚାଷୀଙ୍କଠାରୁ ଫସଲ କିଣିବାର ମୂଲ୍ୟ, ରାସ୍ତା ଦୁର୍ଘଟଣା ହେଉ ସରକାରଙ୍କ ପକ୍ଷରୁ କେତେ ସହାୟତା ରାଶି ଦିଆଯିବ, କି ଆମ ରାଜ୍ୟକୁ କେନ୍ଦ୍ରରୁ କେତେ ସହାୟତା ମିଳିବ ସବୁ କଥାର ନିଷ୍ପତ୍ତି ଆସିଥାଏ ରାଜନୀତିର ଚକ୍ରବ୍ୟୂହରୁ। ତଥାପି ଯେତେବେଳେ ରାଜନୀତି କଥା ଆସେ ଆମ ଭିତରୁ ଅଧିକାଂଶ ନାକ ଟେକନ୍ତି। କିନ୍ତୁ ଅନ୍ୟ ରାଜନୀତିଆ ଲୋକ ଯିଏ କିଛି କରନ୍ତି, ତାଙ୍କ ଉପରେ ଆଲୋଚନା, ପର୍ଯ୍ୟାଲୋଚନା କରି ଟିପ୍ପଣୀ ଦେବାକୁ ସହଜ ଭାବନ୍ତି।

ଆଗରୁ ଲୋକ ଦଳକୁ ଭଲ ପାଉଥିଲେ, ଦଳର ଆଦର୍ଶକୁ ସମ୍ମାନ କରୁଥିଲେ। ଲୋକହିତକର ନୂଆ ନୂଆ କଥା ତଥା କାମକୁ ପ୍ରାଧାନ୍ୟ ଦେଉଥିଲେ। ସମାଜସେବାର ମନୋବୃତ୍ତି ନେଇ ସେମାନେ ରାଜନୀତିରେ ମିଶୁଥିଲେ। ହେଲେ ଏବେ ଆଉ ସେ ଅବସ୍ଥା ନାହିଁ। ଆଗ ନିଜର ଫାଇଦା ଦେଖ, ପରେ ଯାଇ ଯାହା। ସବୁରି ମୂଳରେ ଆସନ, କ୍ଷମତା ଓ ଅର୍ଥ ଲୋଭ। ଯେ ପର୍ଯ୍ୟନ୍ତ ଆମ ଦେଶର ରାଜନୀତି ଭ୍ରଷ୍ଟାଚାରମୁକ୍ତ ହୋଇନି, ସେ ଯାଏ ଆମର ଉନ୍ନତି ହେବାର ନାହିଁ। ଯଦି ସବୁ ଜିନିଷର ଟ୍ରାନ୍‌ସପରେନ୍‌ସି ପରଖାଯାଉଛି, ତା'ହେଲେ କର୍ପୋରେଟ୍ ଫଣ୍ଡିଂ ନାଁରେ ବିଭିନ୍ନ ରାଜନୈତିକ ଦଳକୁ ଆର୍ଥିକ ସହାୟତା ଦିଆଯାଉଥିବା କଥା ବି ବିଚାର କରାଯିବା ଉଚିତ। ଜଣେ ମନଇଚ୍ଛା ଦାନ ନାଁରେ ଶହଶହ କୋଟି ଟଙ୍କା ଏମିତି କୌଣସି ରାଜନୈତିକ ଦଳକୁ ଦେଇପାରିବେ ନାହିଁ। ବରଂ ନିର୍ବାଚନ କମିଶନ ସବୁ ରାଶିକୁ ଦଳର ସଫଳତା–ବିଫଳତା ଓ କାମ ଦେଖି ବାଣ୍ଟିବା ଦରକାର, ଯାହାଫଳରେ ରାଜନୈତିକ ଦଳଙ୍କ ଦ୍ୱାରା କର୍ପୋରେଟ୍ ଫଣ୍ଡିଂ ନାଁରେ ଶହଶହ କୋଟି ଟଙ୍କାର ବାଟମାରଣାକୁ ରୋକାଯାଇପାରିବ। ଆଉ ରାଜନୀତିକୁ ଆସିବାକୁ ହେଲେ ଲୋକଙ୍କୁ ଟଙ୍କାବିଡ଼ାର ଆବଶ୍ୟକତା ପଡ଼ିବ ନାହିଁ। ଭଲ ଲୋକେ ବି ଏଥିରେ ବିନା ଦ୍ୱନ୍ଦ୍ୱରେ ସାମିଲ୍ ହୋଇପାରିବେ। ସମାଜସେବୀ, ଖେଳାଳି, କଳାକାର– ଏମାନଙ୍କ ପାଇଁ ରାଜନୀତିରେ କୋଟା ରହିଛି। ସେମାନଙ୍କୁ ବିଭିନ୍ନ ରାଜନୈତିକ ଦଳର ସଭ୍ୟ ଭାବେ ମନୋନୀତ କରାଯାଉଛି। ବାକି ଅନ୍ୟ ସଭ୍ୟମାନଙ୍କ ପାଇଁ ଅନ୍ତତଃ ସ୍ନାତକ ପାସ୍ କରିବା ବାଧ୍ୟତାମୂଳକ ରଖାଯିବା ଉଚିତ। ବିଭିନ୍ନ ରାଜନୈତିକ ଦଳର ସଭ୍ୟମାନଙ୍କୁ ଟ୍ରେନିଂ ନାଁରେ ଭିନ୍ନ ଭିନ୍ନ ରାଜ୍ୟ ତଥା ଦେଶକୁ କେବଳ ବୁଲିବାକୁ ନ ପଠାଇ, ପ୍ରକୃତରେ ସେମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯିବା ଉଚିତ, ଯାହାଦ୍ୱାରା ସେମାନେ ବାହାର ଦୁନିଆର ଉନ୍ନୟନମୂଳକ କାର୍ଯ୍ୟଶୈଳୀକୁ ନିଜ ଜାଗାରେ ଲଗାଇପାରିବେ। ନିଜ କୋଠାବାଡ଼ି, ବ୍ୟାଙ୍କ୍ ବାଲାନ୍‌ସ ବଢ଼ାଇବା ପୂର୍ବରୁ ଅନ୍ତତଃ ଗାଁ ଦାଣ୍ଡକୁ ସଜାଡ଼ିପାରିବେ। ଏକବିଂଶ ଶତାବ୍ଦୀର ଭାରତରେ ବି ଅପାଠୁଆମାନେ ଯଦି ଆମ ପାଇଁ ନିୟମ ପ୍ରଣୟନ କରିବେ, ୟାଠୁ ବଡ଼ ଲଜ୍ଜାକର ବିଷୟ ଆଉ କିଛି ହୋଇ ନ ପାରେ।

ନିଜ ଜନ୍ମସ୍ଥାନଠୁ ଦୂରରେ ରହି ଅନେକ ଲୋକ ଭୋଟ୍ ଦେବାର ଅଧିକାରରୁ ବଞ୍ଚିତ ହୁଅନ୍ତି। ଯଦି ଦେଶର ଯେକୌଣସି ସ୍ଥାନରେ ରହି ଲୋକଟିଏ ବ୍ୟାଙ୍କ ଖାତା ଖୋଲିପାରୁଛି, ଆଧାର କାର୍ଡ କରି ବ୍ୟବହାର କରିପାରୁଛି, ଟେଲିଭିଜନରେ ନିଜ ଆଞ୍ଚଳିକ ଭାଷାର କାର୍ଯ୍ୟକ୍ରମ ଦେଖିପାରୁଛି, ତା'ହେଲେ ଭୋଟ୍ କାହିଁକି ଦେଇପାରିବନି? ଡିଜିଟାଲ୍ ଇଣ୍ଡିଆର ସେବେ ସଫଳ ରୂପାୟନ ହେବ, ଯେତେବେଳେ ସମସ୍ତେ ଯେକୌଣସି ସ୍ଥାନରେ ରହିଲେ ବି ନିଜର ମତ ସାବ୍ୟସ୍ତ କରିପାରିବେ।

ମୋ–୯୩୩୮୫୬୬୫୮୭,
saumya.consultant@gmail.com

ଏଇ ଭାରତରେ

ମନ୍ଦିରକୁ ଦାନକଲେ ପୁଣ୍ୟଫଳ ମିଳେ। ଏହି ଧାରଣା ଭକ୍ତ ତଥା ଜନସାଧାରଣଙ୍କର ରହିଛି। କିନ୍ତୁ ମନ୍ଦିରରୁ ଚୋରି କଲେ ସୌଭାଗ୍ୟ ଓ ସୁଫଳ ମିଳିବ ବୋଲି ବିଶ୍ୱାସ ଥିବା ଘଟଣା ନୂଆ ଲାଗିଲେ ମଧ୍ୟ ସତ୍ୟ। ଉତ୍ତରାଖଣ୍ଡର ଚୁଡିଆଲ୍ ଗାଁରେ ରହିଛି ଏପରି ଏକ ମନ୍ଦିର। ଏହା ମାତା ଚୂଡାମଣି ଦେବୀଙ୍କର ପ୍ରସିଦ୍ଧ ମନ୍ଦିର। ଏଠାରେ ଶ୍ରଦ୍ଧାଳୁ ଚୋରି କରିବା ପରମ୍ପରା ରହିଛି। ସନ୍ତାନକାମୀ ଦମ୍ପତିମାନେ ମା'ଙ୍କ ପାଖରେ ଥିବା କାଠ ଖେଳନାକୁ ଶ୍ରଦ୍ଧାରେ ଚୋରି କରନ୍ତି। ସନ୍ତାନ ଲାଭ ପରେ ମାନସିକ କରିଥିବା ବ୍ୟକ୍ତି ସେଠାକୁ ଆସି ପୂଜାର୍ଚ୍ଚନା କରିବା ସହିତ କାଠ ଖେଳନାକୁ ଫେରାଇ ଦିଅନ୍ତି। ପ୍ରାଚୀନ କାଳରେ ଜଣେ ରାଜା ଏଠାକୁ ଶିକାର କରିବାକୁ ଆସିଥିଲେ। ମା'ଙ୍କ ଦର୍ଶନ କରି ସନ୍ତାନ ଲାଭ ପାଇଁ ପ୍ରାର୍ଥନା କରିଥିଲେ। ଏହାପରେ ତାଙ୍କର ପୁତ୍ର ସନ୍ତାନ ଜନ୍ମ ହୋଇଥିଲା ବୋଲି ସ୍ଥାନୀୟ ଲୋକମୁଖରୁ ଶୁଣାଯାଏ। ତେବେ ମନ୍ଦିର କିଏ ନିର୍ମାଣ କରିଛନ୍ତି ଏବଂ କେବେ ହୋଇଛି ସେ ସମ୍ପର୍କରେ କୌଣସି ତଥ୍ୟ ଏ ପର୍ଯ୍ୟନ୍ତ ମିଳିନାହିଁ। ପୂର୍ବରୁ ମା'ଙ୍କ ପୂଜା ଜନଜାତି ସମ୍ପ୍ରଦାୟ ଦ୍ୱାରା କରାଯାଉଥିଲା ବୋଲି ଲୋକେ କହନ୍ତି।

ଚିରନ୍ତନୀ

ମରଣ ପରେ ଅମର ହେବ
ସେ ଆଶା ନାହିଁ ପୋଷି,
ସେ ଖାଲି ମନଭୁଲାଣି ମିଛ କଥା,
ଅଳ୍ପ ଏହି ଜୀବନ–କାଳ
ନ ପାରେ ମନ ତୋଷି
କଳ୍ପନାର ସେ ଲାଗି ବାଚାଳତା!
ଶୂନ୍ୟପଥେ ଭାସଇ ନର
ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ–ଧନୁ
ନିମେଷେ ସବୁ ମିଳାଇଯାଏ
ନ ପା

ବଲିଉଡ୍ ନିକଟରେ ଦୁଇଟି ଯୋଡ଼ିର ବିବାହ ଦେଖିସାରିଛି। ଏବେ କିଛି ସମୟର ବିରତି ନିଆଯାଉ ବୋଲି ନିଜ ଓ ବୟଫ୍ରେଣ୍ଡ ରଣବୀର କପୁରଙ୍କ ବିବାହ ସମ୍ପର୍କରେ ଅଭିନେତ୍ରୀ ଆଲିଆ ଭଟ୍ଟ କହିଛନ୍ତି।

ଯୋଗାଯୋଗ ଉପଗ୍ରହ ଜିସାଟ୍-୩୧ ଲଞ୍ଚ୍

ବେଙ୍ଗାଲୁରୁ: ଏଟିଏମ୍ ନେଟ୍‌ୱାର୍କ, ଡିଟିଏଚ୍ ସେବାକୁ ଅଧିକ ସମୃଦ୍ଧ କରିବାକୁ ଯାଇ ଭାରତ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଉ ଏକ ଯୋଗାଯୋଗ ଉପଗ୍ରହ ଜିସାଟ୍-୩୧ ମହାକାଶକୁ ସଫଳତାର ସହ ଉତ୍କ୍ଷେପଣ କରିଛି। ଭାରତୀୟ ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥା (ଆଇଏସ୍‌ଆର୍‌ଓ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଫ୍ରେଞ୍ଚ୍ ଗାଏନା ସ୍ପେସ୍‌ପୋର୍ଟରୁ ୟୁରୋପିୟାନ ରକେଟ୍ ଏରିୟାନ-୫ ଜରିଆରେ ମହାକାଶକୁ ପଠାଯାଇଥିବା ଏହି ଉପଗ୍ରହ ୧୫ ବର୍ଷ ଧରି କକ୍ଷପଥରେ ରହିବ। ୨,୫୩୬ କେଜି ଓଜନ ବିଶିଷ୍ଟ ଜିସାଟ୍-୩୧ ଭାରତର ୪୦ତମ ଯୋଗାଯୋଗ ଉପଗ୍ରହ ଅଟେ। ଏହା କ୍ୟୁ-ବ୍ୟାଣ୍ଡ୍ କ୍ଷମତା ବିଶିଷ୍ଟ ଅତ୍ୟନ୍ତ ପ୍ରଭାବଶାଳୀ ଉପଗ୍ରହ ହୋଇଥିବାବେଳେ କାର୍ଯ୍ୟକାଳ ପୂରଣ କରିବାକୁ ଯାଉଥିବା ଅନ୍ୟାନ୍ୟ ଉପଗ୍ରହର ଏହା ବିକଳ୍ପ ଭାବେ କାର୍ଯ୍ୟ ସମ୍ପାଦନା କରିବ ବୋଲି ସତୀଶ ଧାୱନ ସ୍ପେଶ୍ ସେଣ୍ଟର (ଏସ୍‌ଡିଏସ୍‌ସି) ନିର୍ଦ୍ଦେଶକ ଏସ୍ ପାଣ୍ଡିୟାନ କହିଛନ୍ତି।

୧୦ ଲକ୍ଷ ଲୋକରେ ୨୦ ବିଚାରପତି

ନୂଆଦିଲ୍ଲୀ: ୨୦୧୪ରେ ଦେଶରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ୧୭ ବିଚାରପତି ରହିଥିଲେ। ବର୍ତ୍ତମାନ ଏହା ୨୦ରେ ପହଞ୍ଚିଥିବା ବୁଧବାର ଆଇନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଲୋକ ସଭାରେ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ ପି.ପି. ଚୌଧୁରୀ ଏହା ସୂଚାଇଛନ୍ତି। ୨୦୧୪ ଜୁନରେ ହାଇକୋର୍ଟଗୁଡ଼ିକରେ ୯୦୬ ବିଚାରପତି ରହିଥିବା ବେଳେ ୨୦୧୮ ଡିସେମ୍ବରରେ ଏହା ୧୦୭୯ରେ ପହଞ୍ଚିଥିବା ସେ କହିଛନ୍ତି।

ଚର୍ଚ୍ଚାରେ ଅନୁଷ୍କା, ଜୁଲିଆଙ୍କ ଫଟୋ

ମୁମ୍ବାଇ

ଇନ୍‌ଷ୍ଟାଗ୍ରାମରେ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଆମେରିକାନ ଗାୟକ ତଥା ଗୀତ ଲେଖକ ଜୁଲିଆ ମାଇକେଲ୍ସଙ୍କ ଏକାଧିକ ଫଟୋ ଚହଳ ସୃଷ୍ଟି କରିଛି। ଏହି ଫଟୋରେ ଅନୁଷ୍କାଙ୍କ ଅବିକଳ ନକଲ ଭାବେ ଜୁଲିଆଙ୍କୁ ଦେଖାଯାଇଛି। ଉଭୟଙ୍କ ନାକ, ଓଠ, ଆଖି ଓ ମୁଖମଣ୍ଡଳରେ ଅଭୂତପୂର୍ବ ସମାନତା ରହିଛି। ସୋସିଆଲ୍ ମିଡିଆରେ ଏହା ଭାଇରାଲ୍ ହେବାପରେ ଜୁଲିଆଙ୍କୁ ତାଙ୍କର ଜଣେ ସମର୍ଥକ ଟ୍ୱିଟ୍ କରିଥିଲେ। ତାଙ୍କୁ ଚର୍ଚ୍ଚିତ ବଲିଉଡ୍ ଷ୍ଟାର୍ ଅନୁଷ୍କାଙ୍କ କାର୍ବନ କପି ବୋଲି ଦର୍ଶାଇ ଉକ୍ତ ଭାଇରାଲ୍ ଫଟୋ ତାଙ୍କ ଆକାଉଣ୍ଟକୁ ଛାଡିଥିଲେ। ଏଥିରେ ଜୁଲିଆ ଅନୁଷ୍କାଙ୍କୁ ଟ୍ୱିଟରରେ ଖୋଜିଥିଲେ। ଉଭୟଙ୍କ ଭାଇରାଲ୍ ଫଟୋ ତାଙ୍କୁ ମେସେଜ



ଜୁଲିଆ ମାଇକେଲ୍ସ ଅନୁଷ୍କା ଶର୍ମା

କରିଥିଲେ। ଫଟୋର କ୍ୟାପସନରେ ସେ 'ହାଏ, ଅନୁଷ୍କା, ଆମ୍ଭେ ଦୁହେଁ ଯାଆଁଳା' ଲେଖିଥିଲେ। ଏଥିରେ 'ୟେ ଦିଲ୍ ହେ ମୁସ୍‌କିଲ୍'ର ନାୟିକା ୩୦ ବର୍ଷୀୟା ଅନୁଷ୍କା ଏହାର ତତ୍ଳାଳ ପ୍ରତିକ୍ରିୟା ରଖିଛନ୍ତି। ଏହି ଦୁନିଆରେ ସାଧାରଣତଃ ଜଣେ ବ୍ୟକ୍ତିଙ୍କର ଚେହେରା ୭ଜଣଙ୍କ ସହ ମେଳ ଖାଇଥାଏ ବୋଲି ରହିଥିବା ବିଶ୍ୱାସକୁ ଅବତାରଣା କରି ଅନୁଷ୍କା ଜୁଲିଆଙ୍କ ନିକଟକୁ ପଠାଇଥିବା ମେସେଜ୍‌ରେ ଲେଖିଛନ୍ତି 'ଓଃ ମାଇଁ ଗଡ୍! ମୁଁ ତମକୁ ଏବଂ ଆମ ଭଳି ଆଉ ୫ଜଣ (ଡୋପେଲଗ୍ୟାଙ୍ଗର) ସମାନ ଚେହେରା ଥିବା ବ୍ୟକ୍ତିବିଶେଷଙ୍କୁ ଖୋଜୁଛି।'

ଇତିହାସର ଆଇନାରେ

ଫେବୃୟାରୀ ୭ର ପ୍ରମୁଖ ଘଟଣା

୧୯୯୯ ଫେବୃୟାରୀ ୭ରେ ଅବଦୁଲ୍ଲା ଦ୍ୱିତୀୟ ଅଲ୍ ହୁସେନ ଜୋର୍ଡାନର ରାଜା ହୋଇଥିଲେ। ୧୯୨୧ରୁ ଜୋର୍ଡାନରେ ହାଶେମାଇଟ୍ ରାଜକୀୟ ପରିବାର ରାଜୁତି ଚଳାଇ ଆସୁଥିବାବେଳେ ରାଜା ହୁସେନ ଏବଂ ତାଙ୍କ ଦ୍ୱିତୀୟ ସ୍ତ୍ରୀ ବ୍ରିଟିଶ୍ ଜନ୍ମିତ ରାଣୀ ମୁନାଙ୍କ ପ୍ରଥମ ପୁତ୍ର ଭାବେ ଅବଦୁଲ୍ଲା ଅମ୍ମାନ୍‌ରେ ଜନ୍ମଗ୍ରହଣ କରିଥିଲେ। ୧୯୯୯ରେ ହୁସେନଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ଭାବେ ଅବଦୁଲ୍ଲାଙ୍କୁ ରାଜା ଭାବେ ଘୋଷଣା କରାଯାଇଥିଲା।

୧୯୯୫ ଫେବୃୟାରୀ ୭ରେ ୧୯୯୩ 'ୱାର୍ଲଡ ଟ୍ରେଡ୍ ସେଣ୍ଟର' ବୋମା ବିସ୍ଫୋରଣ ଘଟଣାର ଅନ୍ୟତମ ମାଷ୍ଟର ମାଇଣ୍ଡ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ରମ୍‌ଜି ୟୁସୁଫ୍‌ଙ୍କୁ ପାକିସ୍ତାନରୁ ଗିରଫ କରାଯାଇଥିଲା। ଫିଲିପାଇନ୍ ବିମାନ-୪୩୪ରେ ବୋମା ଆକ୍ରମଣ ସହ ଏକାଧିକ ଆତଙ୍କବାଦୀ ହିଂସାରେ ଷଡ଼ଯନ୍ତ୍ରକାରୀ ୟୁସୁଫ୍ ଇସ୍‌ଲାମା ବାଦ୍‌ର ଏକ ଗେଷ୍ଟହାଉସ୍‌ରେ କଣ୍ଟେଇରେ ବୋମା ଖଞ୍ଜୁଥିବା ବେଳେ ପାକିସ୍ତାନ ଗୋଇନ୍ଦା ସଂସ୍ଥା (ଆଇଏସ୍‌ଆଇ) ଏବଂ ଆମେରିକାର କୂଟନୈତିକ ସୁରକ୍ଷା ଅଧିକାରୀ ଚଢ଼ାଉ କରି ତାଙ୍କୁ ଧରିଥିଲେ। ପରେ ତାଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଯାଇଥିଲା।

କୁମ୍ଭମେଳାର 'ଭୁଲେ ଭଟ୍‌କେ କ୍ୟାମ୍ପ୍'

ପ୍ରୟାଗରାଜ

ଜାନୁୟାରୀ ୧୫ ତାରିଖରୁ ଐତିହାସିକ କୁମ୍ଭମେଳା ଆରମ୍ଭ ହୋଇଥିବାବେଳେ ସେଠାରେ ରହିଥିବା 'ଭୁଲେ ଭଟ୍‌କେ କ୍ୟାମ୍ପ୍' ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମେଳାରେ ବାଟବଣା ହୋଇଥିବା ୨୦ ହଜାର ଶ୍ରଦ୍ଧାଳୁଙ୍କୁ ଠିକଣା ସ୍ଥାନରେ ପହଞ୍ଚାଇ ଏହା ମାନବ ସେବାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। କୁମ୍ଭ ନଗରୀରେ ଏକ ସାଧାରଣ ଟିଣ ଚାଦର ଛାତ ତଳେ ଚାଲିଛି ଏହି କ୍ୟାମ୍ପ୍। ମେଳାରେ ଦୈନିକ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ଭିଡ଼ ମଧ୍ୟରେ ହଜି ଯାଉଥିବା ଶ୍ରଦ୍ଧାଳୁ ଏହି କ୍ୟାମ୍ପର ସହାୟତା ନେଇଥାନ୍ତି। ନିଜର ଆତ୍ମୀୟ ସ୍ୱଜନ, ପରିବାର ସଦସ୍ୟଙ୍କଠାରୁ ଦୂରେଇ ଯାଇଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଏହି କ୍ୟାମ୍ପ୍ ହିଁ ଏକମାତ୍ର ଭରସା ହୋଇଛି। ୧୯୪୬ ମସିହାରୁ ଦୀର୍ଘ ୭୦ ବର୍ଷ ଧରି କୁମ୍ଭମେଳାରେ ଏହି କ୍ୟାମ୍ପ୍ ସେବା ଯୋଗାଇ ଆସୁଥିବା ବେଳେ ୧୨,୫୦,୦୦୦ ବୟସ୍କ ଏବଂ ୨୦,ହଜାର ଶିଶୁଙ୍କୁ ସେମାନଙ୍କ ପରିବାର ଲୋକଙ୍କ ସହ ପୁନର୍ମିଳନ କରାଇବାରେ ଏହା ଏକ କୀର୍ତ୍ତିମାନ ସୃଷ୍ଟି କରିଛି। ରାଜାରାମ ତିୱାରୀ ହେଉଛନ୍ତି ଏହି ଭୁଲେ ଭଟ୍‌କେ କ୍ୟାମ୍ପର ପ୍ରତିଷ୍ଠାତା। କୁମ୍ଭମେଳାରେ ନିରୁଦ୍ଦିଷ୍ଟ ଲୋକଙ୍କୁ ଖୋଜି ବାହାର କରିବାରେ ସେ ଶତପ୍ରତିଶତ ସଫଳ ହୋଇଥିବା ତାଙ୍କ ପୁଅ ଉମେଶ ତିୱାରୀ କହିଛନ୍ତି। ବର୍ତ୍ତମାନ ଡିଜିଟାଲ ଯୁଗରେ ମଧ୍ୟ ବାପାଙ୍କ ଅମଳର ବ୍ୟବସ୍ଥା ଜାରି ରହିଛି। ମାଇକ୍‌ରେ କ୍ୟାମ୍ପ୍‌ରେ ହଜିଯାଉଥିବା ଶ୍ରଦ୍ଧାଳୁଙ୍କ ନାମ ଡକାଯାଉଛି। ମେଳାର ତ୍ରିବେଣୀ ମାର୍ଗଠାରେ ଏହି କ୍ୟାମ୍ପ ରହିଛି।

#IAmAndIWill

ଲକ୍ଷଣକୁ ଅଣଦେଖା କଲେ କ୍ୟାନସର୍ ମୃତ୍ୟୁକୁ ଡ଼ାକିଆଣେ

ବିଳମ୍ବ ହେବା ଆଗରୁ କର୍କଟ ରୋଗର ପ୍ରାଥମିକ ଲକ୍ଷଣ କିପରି ଚିହ୍ନଟ କରିବେ ଜାଣନ୍ତୁ

ଏ.ଏମ୍.ଆର.ଆଇ ଏସିଆନ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍
ବିଶ୍ୱମାନର କର୍କଟ ରୋଗ ଚିକିତ୍ସା ପ୍ରଦାନ କରିଆସୁଛି

ଏ.ଏମ୍.ଆର.ଆଇ- ଏସିଆନ୍ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍‌ର ବିଶେଷତ୍ୱ

- କର୍କଟ ରୋଗର ଅତ୍ୟାଧୁନିକ ଚିକିତ୍ସା, ଆପଣଙ୍କ ନିକଟରେ
- ୪୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ଥିବା ଅଙ୍କୋଲୋଜିଷ୍ଟ (କର୍କଟ ରୋଗ ବିଶେଷଜ୍ଞ)
- ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସୁପର-ସ୍ପେସିଆଲିଷ୍ଟ
- କର୍କଟ ରୋଗର ଜଟିଳ ଏବଂ ବିରଳ ଅସ୍ତ୍ରୋପଚାର କରାଯାଏ ଯଥା: ହ୍ୱିପିଲ୍‌ସ, ୩-ଫିଲ୍ଡ ଓସୋଫାଗଲ୍, ଥୋରାସିକ୍
- ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପଲବ୍ଧ (ଡା ଭିନ୍‌ସି)
- କର୍କଟ ରୋଗର ଅତ୍ୟାଧୁନିକ ଡାକ୍ତରୀ ପରିଚାଳନା - ଟାରଗେଟେଡ୍, ବାୟୋଲୋଜିକାଲ ଏବଂ ହରମୋନ ଥେରାପି
- ଲ୍ୟୁକେମିଆ (ରକ୍ତ କର୍କଟ)ର ବିଶେଷ ଚିକିତ୍ସା ସେବା
- ସୁବିଧା ମୂଲ୍ୟରେ ପରିପୂର୍ଣ୍ଣ କର୍କଟରୋଗ ଚିକିତ୍ସା ସେବା

ଆରମ୍ଭ ହେଉଛି... ଓଡ଼ିଶାରେ ପ୍ରଥମ ଥର ପାଇଁ

URJA ଆମ୍ରି କ୍ୟାନସର୍ ସପୋର୍ଟ

କର୍କଟ ରୋଗ ଯାଞ୍ଚ୍ ପ୍ୟାକେଜ୍

ଟ. ୧୯୯୦/- (ପୁରୁଷ)
ଟ. ୨୪୯୦/- (ମହିଳା)

ସ୍ପେସିଆଲିଟି କ୍ୟାନସର୍ କ୍ଲିନିକ୍ ସମୂହ

ଲିମ୍ଫୋମା ଏବଂ ଲ୍ୟୁକେମିଆ କ୍ଲିନିକ୍ । ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ୍ କ୍ୟାନସର୍ କ୍ଲିନିକ୍
ହେଡ ଆଣ୍ଡ ନେକ୍ କ୍ୟାନସର୍ କ୍ଲିନିକ୍ । ବ୍ରେଷ୍ଟ କ୍ୟାନସର୍ କ୍ଲିନିକ୍
ଗାଇନାକୋଲୋଜିକାଲ କ୍ୟାନସର୍ କ୍ଲିନିକ୍ । ଲଙ୍ଗସ୍ ଆଣ୍ଡ ଚେଷ୍ଟ କ୍ୟାନସ୍‌ର କ୍ଲିନିକ୍ । ପ୍ରୋଷ୍ଟେଟ୍ କ୍ୟାନସ୍‌ର କ୍ଲିନିକ୍

ଡାକ୍ତରୀ ପରୀକ୍ଷା ଉପରେ ୨୦% ସଞ୍ଚୟ କରନ୍ତୁ, ମାଗଣା ପଞ୍ଜିକରଣ, ୧୫ ଦିନ ମଧ୍ୟରେ ପରବର୍ତ୍ତୀ ପରାମର୍ଶ ମାଗଣା

*T & C Apply

ଏହି ପ୍ୟାକେଜ୍ ୧-୨୮ ଫେବୃୟାରୀ ୨୦୧୯ ପର୍ଯ୍ୟନ୍ତ ବୈଧ
ପରାମର୍ଶ ସମୟ ଧାର୍ଯ୍ୟ ପାଇଁ କଲ କରନ୍ତୁ:
୯୯୩୭୪୪୮୮୮୪ । ୦୬୭୪-୬୬୬୬୬୦୦

Asian Cancer Institute Reviving Hopes...
AMRI HOSPITALS BHUBANESWAR

ଏ.ଏମ୍.ଆର.ଆଇ ହସ୍ପିଟାଲସ୍, ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦ www.amrihospitals.in
ଭୁବନେଶ୍ୱର । ଧାକୁରିଆ । ମୁକୁନ୍ଦପୁର । ସଲ୍ଟଲେକ । ସଦର୍ଣ୍ଣ ଆଭେନ୍ୟୁ

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯

(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)

"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

ବାରମ୍ବାର ମୋଟରଯାନ ଆଇନ ଉଲଂଘନକାରୀଙ୍କ ଠାରୁ ଦୁଇ/ତିନିଗୁଣ ଜରିମାନା ଆଦାୟ ବ୍ୟବସ୍ଥା

ମୋଟର ଯାନ ଆଇନ ଉଲଙ୍ଘନକାରୀ ଯାନ ତଥା ଚାଳକ ମାନଙ୍କୁ ଦଣ୍ଡିତ କରିବାରେ ସହାୟକ ହେବା ନିମନ୍ତେ ତଥା ଜନସାଧାରଣଙ୍କ ସୁବିଧା ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଡ଼ିସେମ୍ବର ୨୦୧୮ ରୁ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକୁ ନିମ୍ନରେ ପ୍ରଦାନ କରାଗଲା :

- ★ ମୋଟରଯାନ ଆଇନ ଉଲଙ୍ଘନକାରୀ ମାନଙ୍କ ଦ୍ୱାରା ଘଟୁଥିବା ଅପରାଧର ଅନ୍‌ଲାଇନ୍ ରେକର୍ଡ ରଖାଯିବାର ବ୍ୟବସ୍ଥା।
- ★ ବାରମ୍ବାର ମୋଟରଯାନ ଆଇନ୍ ଉଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ଠାରୁ ଆଇନତଃ ଦୁଇରୁ ତିନି ଗୁଣା ଜରିମାନା ଆଦାୟ ବ୍ୟବସ୍ଥା ।
- ★ ଚାଲାଣ କଟାଯାଉଥିବା ସ୍ଥାନର ତଥ୍ୟ, ଆଇନ୍ ଉଲଙ୍ଘନ କରିଥିବା ଯାନ ତଥା ଡ୍ରାଇଭରଙ୍କ ଫଟୋଗ୍ରାଫ ଉଠାଇବା ବ୍ୟବସ୍ଥା।
- ★ ଚାଲାଣ କଟାଯିବା ସଙ୍ଗେ ସଙ୍ଗେ ମୋଟରଯାନ ମାଲିକ ତଥା ଚାଳକଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ **SMS** ମାଧ୍ୟମରେ ସୂଚନା ପ୍ରଦାନର ବ୍ୟବସ୍ଥା।
- ★ ଜନସାଧାରଣଙ୍କ ଦ୍ୱାରା ପରିବହନ ବିଭାଗ ସମ୍ବନ୍ଧୀୟ ସମସ୍ତ ଟିକସ, ଫି ଓ ଜରିମନା ଡିଜିଟାଲ୍ ମୋଡ୍ ରେ ପୈଠ କରିବାର ବ୍ୟବସ୍ଥା।
- ★ ଇ-ଚାଲାଣ ଯନ୍ତ୍ର ଦ୍ୱାରା ଘଟଣା ସ୍ଥଳରେ ମୋଟରଯାନ ଯାଞ୍ଚ ରିପୋର୍ଟ (**VCR**) ପ୍ରଦାନ କରାଯିବାର ବ୍ୟବସ୍ଥା।
- ★ କ୍ରେଡ଼ିଟ୍ / ଡେବିଟ୍ କାର୍ଡ଼ ମାଧ୍ୟମରେ ଘଟଣା ସ୍ଥଳରେ ଜରିମନା ପୈଠ ବ୍ୟବସ୍ଥା।
- ★ ସମସ୍ତ ପ୍ରକାର ମାନୁଆଲ୍ ଚାଲାଣ ପ୍ରଦାନ ସମ୍ପୂର୍ଣ୍ଣ ରୂପେ ବନ୍ଦ।
- ★ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ ପୂର୍ବରୁ ମାସକୁ ହାରାହାରି ୧୫୦୦୦ ମୋଟରଯାନ ଯାଞ୍ଚ ରିପୋର୍ଟ (**VCR**) ହେଉଥିବା ବେଳେ ଏବେ ମାସକୁ ହାରାହାରି ୩୦୦୦୦ ରୁ ଊର୍ଦ୍ଧ୍ୱ ମୋଟରଯାନ ଆଇନ ଉଲଂଘନକାରୀଙ୍କୁ ଧରାଯାଇ ପାରୁଛି।
- ★ ପରିବହନ ବିଭାଗର ସମସ୍ତ ବଳବଉକରଣ ଅଧିକାରୀଙ୍କୁ ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।
- ★ ୩୨ ଗୋଟି ପୁଲିସ ଜିଲ୍ଲାର ଥାନା ଗୁଡ଼ିକୁ ପ୍ରଥମ ଦଫାରେ ୧୦୨ ଗୋଟି ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।

ଇ-ଚାଲାଣ ଯନ୍ତ୍ରଟି **Vahan** ଓ **Sarathi** ଆପ୍ଲିକେସନର ସର୍ବଭାରତୀୟ ଡାଟାବେସ୍ ସହ ସଂଯୁକ୍ତ ହୋଇଥିବାରୁ ଦେଶର ଯେକୌଣସି ମୋଟରଯାନ ତଥା ଚାଳକ ସମ୍ବନ୍ଧୀୟ ତଥ୍ୟ ତତ୍‌କ୍ଷଣାତ୍ ଜଣାପଡିପାରୁଛି। ଏହା ଦ୍ୱାରା ମୋଟରଯାନ ମାଲିକ ତଥା ଚାଳକ ସତର୍କ ହେବେ ଯଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇ ପାରିବ।

ପରିବହନ କମିଶନର, ଓଡ଼ିଶା

ସଡ଼କ ସୁରକ୍ଷା ଶପଥ

ମୁଁ ଜଣେ ସଚେତନ ନାଗରିକ;

- ମୁଁ ଦୁଇ ଚକିଆ ଯାନ ଚଳାଇବା ବେଳେ ସଠିକ୍ ହେଲ୍‌ମେଟ୍ ପିନ୍ଧେ ଓ ଚାରି ଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରେ। (ହଁ / ନାହିଁ)
- ମୁଁ ନିଶା ସେବନ କରି ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଧାର୍ଯ୍ୟ ବେଗ ଠାରୁ ଅଧିକ ବେଗରେ ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରେ ନାହିଁ। (ହଁ / ନାହିଁ)
- ରାସ୍ତାରେ ଯାତାୟତ କରୁଥିବା ସମସ୍ତଙ୍କ ଅଧିକାରକୁ ମୁଁ ସମ୍ମାନ ଦିଏ। (ହଁ / ନାହିଁ)

ଯଦି ଆପଣଙ୍କର ପାଞ୍ଚଟି ଯାକ ଉତ୍ତର ହଁ ହୁଏ ତେବେ ଆପଣ ଜଣେ ସଚେତନ ନାଗରିକ।

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା, ଚିନ୍ତାଧାରା ପ୍ରତିଯୋଗିତା ଓ ଡ଼ିଜିଟାଲ୍ ହାକାଥନ୍ ପ୍ରତିଯୋଗିତା ପାଇଁ ପଦକ୍ଷେପ ନିଆଯାଇଛି। କୁଇଜ୍ ପ୍ରତିଯୋଗିତାଟି ତା.୦୮.୦୨.୨୦୧୯ରିଖ ପର୍ଯ୍ୟନ୍ତ ସମସ୍ତ ଦିନ ୨୪ ଘଣ୍ଟା ଚାଲୁ ରହିଛି। କୁଇଜ୍ ପ୍ରତିଯୋଗିତା ପାଇଁ ଘୋଷିତ ପୁରସ୍କାର ବ୍ୟତୀତ ପ୍ରତିଦିନ ତିନିଜଣ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ www.odisharoadsafety.org / www.odishatransport.gov.in ୱେବସାଇଟ୍‌କୁ ଦେଖନ୍ତୁ।

ସୌଜନ୍ୟ :- ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୩୧.୨	୧୩.୪
ଚାନ୍ଦବାଲି	୩୧.୭	୧୪.୯
କଟକ	୩୩.୦	୧୩.୮
ପାରାଦ୍ୱୀପ	୨୯.୦	୧୭.୦
ଭୁବନେଶ୍ୱର	୩୪.୮	୧୩.୧
ଗୋପାଳପୁର	୨୯.୦	୧୬.୪
ପୁରୀ	୨୯.୦	୧୮.୦
ଅନୁଗୋଳ	୩୨.୭	୧୨.୦
ବାରିପଦା	୩୦.୬	୧୪.୫
ଝାରସୁଗୁଡ଼ା	୩୧.୭	୧୩.୮
କେନ୍ଦୁଝର	୨୯.୮	୧୩.୦
ସମ୍ବଲପୁର	୩୨.୬	୧୩.୯
ସୁନ୍ଦରଗଡ଼	---	୧୮.୦
ହୀରାକୁଦ	୩୧.୩	୧୮.୬
ତାଲଚେର	୩୨.୩	୧୪.୦
ଭବାନୀପାଟଣା	୩୧.୫	୧୨.୦
ବଲାଙ୍ଗୀର	୩୨.୦	୧୪.୦
କୋରାପୁଟ	୨୯.୦	୧୧.୪
ଫୁଲବାଣୀ	---	---
ଟିଟିଲାଗଡ଼	---	୧୧.୫
ମାଲକାନଗିରି	୩୪.୦	
୧୧.୮ ସୋନପୁର	୩୨.୨	୧୨.୦
ଦାରିଙ୍ଗିବାଡ଼ି	୨୮.୦	୧୧.୫
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ପାକିସ୍ତାନ ସୁପ୍ରିମକୋର୍ଟ ସେଠାକାର ସେନା ଓ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ରାଜନୈତିକ କାର୍ଯ୍ୟକଳାପ ଉପରେ କଟକଣା ଜାରି କରିଛନ୍ତି। ଏହାସହ କଠୋରପନ୍ଥୀ ଓ ଆତଙ୍କବାଦୀ ବିଚାରର ପ୍ରଚାରପ୍ରସାର ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏମ୍‌ସିଏଲ୍ ବରିଷ୍ଠ ପ୍ରବନ୍ଧକଙ୍କ ଆତ୍ମହତ୍ୟା

ଝାରସୁଗୁଡା ଅଫିସ/ବ୍ରଜରାଜନଗର, (ଡି.ଏନ.ଏ.) ୬।୨: ଝାରସୁଗୁଡା ଜିଲା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍ ଇବ୍ ଭ୍ୟାଲି କ୍ଷେତ୍ରରେ କାର୍ଯ୍ୟରତ ସିଭିଲ୍ ବିଭାଗର ଜଣେ ବରିଷ୍ଠ ପ୍ରବନ୍ଧକ ବୁଧବାର କାର୍ଯ୍ୟାଳୟ ପରିସରରେ ଥିବା ନିଜ ବ୍ୟକ୍ତିଗତ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିହାରର କିସଲେ କୁମାର(୫୮)। ଏକଥା ଜଣାପଡ଼ିବା ପରେ ତାଙ୍କୁ ମଣ୍ଡଳିଆସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ସେଠାରେ କିସଲେଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୂଚନା ମୁତାବକ, ବୁଧବାର ପୂର୍ବାହ୍ନରେ କିସଲେ ଇବ୍‌ଭ୍ୟାଲି ଅଫିସରେ ପହଞ୍ଚି ଥିଲେ। ସେଠାରେ ଥିବା ନିଜ ବ୍ୟକ୍ତିଗତ ପ୍ରକୋଷ୍ଠରେ ବସିଥିଲେ। ୧୦.୩୦ରେ ଝାଡୁ କରିବାକୁ ଆସିଥିବା ଝାଡୁଦାର କିସଲେଙ୍କ ଅଫିସ କବାଟ ବନ୍ଦ ଥିବା ଦେଖି ଅନ୍ୟ କର୍ମଚାରୀଙ୍କୁ ଡାକିଥିଲେ। କିସଲେଙ୍କ ମୃତଦେହ ଏକ ରଶିରେ ଝୁଲୁଥିବା କର୍ମଚାରୀମାନେ ଝରକା ବାଟେ ଦେଖିବା ପରେ ଧକ୍କା ଦେଇ କବାଟ ଖୋଲିଥିଲେ। ତୁରନ୍ତ ମଣ୍ଡଳିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁ କିସଲେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ

ବିଧାନସଭା ବଜେଟ ଅଧିବେଶନ

ଭୁବନେଶ୍ୱର,୬।୨(ବ୍ୟୁରୋ)

ଚଳିତ ବର୍ଷ ବିଧାନସଭା ବଜେଟ ଅଧିବେଶନ ପ୍ରାରମ୍ଭରେ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଦିଆଯାଇଥିବା ଅଭିଭାଷଣ ଉପରେ ବୁଧବାର ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଛି। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ହେଲେ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଦସ୍ୟମାନେ ଗୃହକାର୍ଯ୍ୟରେ ସହଯୋଗ ନ କରି ହୋହଲ୍ଲା କରି କକ୍ଷତ୍ୟାଗ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଓଡ଼ିଶା ସର୍ବାଧିକ ଯୋଗଦାନ ଦେଉଛି। ରାଜ୍ୟ ପ୍ରଗତି ଅଭିମୁଖୀ ହୋଇ ବ୍ୟାପକ ପରିବର୍ତ୍ତନ ଆଡକୁ ଗତି କରୁଛି। ରାଜ୍ୟ ଅର୍ଥନୀତି ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଧାରାବାହିକ ଭାବେ ଅଭିବୃଦ୍ଧି କରୁଛି। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଦ୍ୱାରା ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା କରାଯାଇଛି। ଏହାଦ୍ୱାରା ସାଢେ ତିନି କୋଟି ଲୋକ ଉପକୃତ ହେବେ। ସେହିପରି କୃଷି ଏବଂ କୃଷକ ସଶକ୍ତୀକରଣ କାର୍ଯ୍ୟକ୍ରମ ପାଇଁ କାଳିଆ ଯୋଜନା ଆରମ୍ଭ କରାଯାଇଛି। ଏହାକୁ ସାରା ଦେଶରେ ସ୍ୱାଗତ କରାଯାଇଛି। ଏହାକୁ କେନ୍ଦ୍ର ସରକାର ମଧ୍ୟ ନିଜ ଯୋଜନାରେ ସାମିଲ କରିଛନ୍ତି। ହେଲେ କେନ୍ଦ୍ର ଯୋଜନାରୁ ଭାଗଚାଷୀ, ଭୂମିହୀନ ଶ୍ରମିକଙ୍କୁ ବାଦ୍ ଦିଆଯାଇଛି। ରାଜ୍ୟ ଆଣିଥିବା ଯୋଜନାରେ ୯୨ ପ୍ରତିଶତ ଚାଷୀ ସିଧାସଳଖ ଉପକୃତ ହେବେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ୧୦ ଲକ୍ଷ ହେକ୍ଟରରୁ ଅଧିକ ଜମିକୁ ଜଳସେଚନ ଲକ୍ଷ୍ୟ ଆସନ୍ତା ଏପ୍ରିଲ ସୁଦ୍ଧା ହାସଲ ହେବାକୁ ଯାଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

୨ ଅକ୍ଟୋବର ୨୦୧୮ରୁ ରାଜ୍ୟରେ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରାଯାଇଛି। ଏହାଦ୍ୱାରା ୨୩ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ୩୧୪ ବ୍ଲକରେ ୧୫୫୪ କୋଟି ଟଙ୍କା ବ୍ୟୟରେ ୬୨,୮୫୭ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ପ୍ରତି ମାସର ୧୫ରୁ ୨୦ ତାରିଖରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମିଶନ୍ ଶକ୍ତି କାର୍ଯ୍ୟକ୍ରମ ଦ୍ୱାରା ୭୦ ଲକ୍ଷ ମହିଳା ଉପକୃତ ହୋଇଛନ୍ତି। ସେମାନେ ସଶକ୍ତୀକରଣ ହେବା ସହ ବିନା ସୁଧରେ ଋଣ ପାଇପାରୁଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନା ଦ୍ୱାରା ୪୮ ଲକ୍ଷ ହିତାଧିକାରୀ ଉପକୃତ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟ ଦ୍ରୁତ ଶିଳ୍ପ ବିକାଶ ଦିଗରେ ଅଗ୍ରସର ହେଉଛି। ୨୦୧୮ରେ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଦ୍ୱାରା ରାଜ୍ୟରେ ୪.୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଏହା ଦ୍ୱାରା ରାଜ୍ୟରେ ୫.୯୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଯୁବକଙ୍କୁ ପ୍ରଶିକ୍ଷିତ କରାଯାଇଛି। ସେହିପରି ପୁରୁଷ ହକି ବିଶ୍ୱକପ୍‌କୁ ରାଜ୍ୟ ପ୍ରଶାସନ ସଫଳତାର ସହ ଆୟୋଜନ କରିପାରିଛି। ଆଗାମୀ ଦିନରେ ଏହି ସଫଳତା କ୍ରୀଡା କ୍ଷେତ୍ରରେ ରାଜ୍ୟକୁ ପରବର୍ତ୍ତୀ ସୋପାନକୁ ନେବ। ରାଜ୍ୟ କରୁଥିବା ପରିବର୍ତ୍ତନକୁ ଓଡ଼ିଶାବାସୀଙ୍କ ପ୍ରେରଣା ସହାୟକ ହୋଇଛି। ଆଗାମୀ ଦିନରେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଚେଷ୍ଟା ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଘରେ ନ ଜଳେ ଚୁଲି
ପଛ ଆଡ଼େ ପାଟ ଫୁଲି ।

ଅଭାବରେ ପଛେ ଚୁଲି ନ ଜଳୁ କିନ୍ତୁ ଦାଣ୍ଡରେ ଫୁଟାଣିଆ କଥା, ବଡ଼ଲୋକୀ କଥା କାହିଁରେ କ'ଣ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଏପରି ଆତ୍ମବଡ଼ିମା ଶୋଭା ପାଇ ନ ଥାଏ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ବାହାରେ ବୁଲି ଦେଖେଇ ହୁଅନ୍ତି। ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ ହୋଇଥିବା ସ୍ଥଳେ ତୁଚ୍ଛାକୁ ଗର୍ବ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଉଲ୍ଲେଖ କରାଯାଇଛି।

ଘୋଡ଼ା ଚଢ଼ିବାରୁ ସମ୍ପତ୍ତି ନାହିଁ
ଓପାସ ଶୁଆରୁ ବିପତ୍ତି ନାହିଁ ।

ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ। ଯେ ଯେତେ ଧନୀ ହୋଇଥାଏ ସେ ସେତେ ଥାଟବାଟରେ ଚଳିଥାଏ। କ୍ଷୁଧାର ଜ୍ୱଳନ କ'ଣ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଖାଦ୍ୟାଭାବରୁ ଉପାସ ରହିଥିବା ବ୍ୟକ୍ତି ବଡ଼ ଦୁଃଖେକଷ୍ଟେ ଜୀବନ ଜୀଇଁଥାଏ। ଭୋକ ବିକଳରେ ଆଉଟୁପାଉଟୁ ହେବା ସାର ହୋଇଥାଏ। ଉପାସ ରହିବା ସବୁଠାରୁ ବଳି ହୀନିମାନର ଜୀବନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଖଟିରେ ଖଟିରେ...

ଟନିକ୍‌ରେ ଶକ୍ତ

ଶୀତ ଧୀରେ ଧୀରେ ଯିବାକୁ ବସିଲାଣି। ଗରମ ଆରମ୍ଭ ହେବା ସହ ଖଟି ମେମ୍ବରମାନେ ଚା' କପ୍‌ର ପରିମାଣ କମାଇଲେଣି। ହେଲେ ଆଲୋଚନା ଜମା କମୁନି। ଓଲଟି ବଢିବାରେ ଲାଗିଛି। ଚାଷ ଆଉ ଚାଷୀ କଥା ଭାରି ଜମୁଛି। ଫୁଲ ଦଳିଆ ଖଟି ମେମ୍ବର କହିଲେ, ତାଙ୍କ ଦଳ ରାଜ୍ୟରେ କ୍ଷମତାକୁ ଆସିଲେ ରଣଛାଡ଼ ହେବ। ଏକଥା ଶୁଣି ଶଙ୍ଖ ଦଳିଆଟା କେମିତି ବା ନିଜକୁ ସମ୍ଭାଳିବ। ସେ କହିଲା, ଯଦି ଛାଡ଼ କରିବାର ଥିଲା, ୩ ରାଜ୍ୟରେ କଲନି। ଏବେ କାହିଁ କହୁଛ। ଶଙ୍ଖ ଆଉ ଫୁଲ ଦଳିଆ କଥାକୁ ବାଏଁ ବାଏଁ ଉଡାଇ ଦେଲେ ସେଠାରେ ଉପସ୍ଥିତ ଥିବା ପାପୁଲି ଦଳିଆ ସମର୍ଥକ। ବୀର ଦର୍ପରେ କହିଲେ, ଫୁଲ ବାଲା କଲେନି ବୋଲି ଆମେ ୩ ରାଜ୍ୟରେ କଲୁ। ପଡୋଶୀ ରାଜ୍ୟରେ ବି ଏମ୍‌ଏସ୍‌ପି ବଢାଇଲୁ। ହେଲେ ଶଙ୍ଖ ବାଲା କରିପାରୁନ। ଖାଲି କେନ୍ଦ୍ର ଅବହେଳା ସ୍ଲୋଗାନ ଦେଉଛି। ଏହାଶୁଣି ଚା' ତିଆରି କରୁଥିବା ମଉସା କହିଲେ, ଯାହା ହେଉ ପଞ୍ଚାୟତ ନିର୍ବାଚନ ପରଠାରୁ ପାପୁଲି ପଛରେ ପଡ଼ିଥିଲା। ଏବେ ଲାଗୁଛି ପପୁ ଟନିକ୍‌ରେ ଶକ୍ତ ହେଲାଣି।

କିଛି ମିଳିଗଲା କି

ଆରେ ହେଇ, କେହି ଏବେ ପାଟି କରନାହିଁ। ଆମ ଟେବୁଲୁ ଚଢା ଭାଇ ଆସିଗଲେ। ଆଜି ଭାଇ ଆମର କ୍ଷୀର ଆଉ ପାଣି ଦୁଇଟା ଯାକ ଅଲଗା କରିଦେବେ। ଜଣେ ଫୁଲ ଦଳିଆ ମାନ୍ୟବରଙ୍କ ଏମନ୍ତ ଢଙ୍ଗର ଛିଗୁଲା ଶୁଣି ଟେବୁଲୁ ଚଢା ମାନ୍ୟବର ପୂରା ଗରମ। ସେଇଠୁ ପାପୁଲି ମାନ୍ୟବର ନିଜ ଚାଲିରେ ଟିକେ ବ୍ରେକ୍ ଲଗାଇ ଦେଲେ। ଆଉ ଚିରାଚରିତ ଢଙ୍ଗରେ ଚିଲେଇ କହିଲେ, ଇରେ ହେଇ ତୁ ଏମିତି କହିବୁନି ତ ଆଉ କିଏ କହିବ। ଏଥର ନୂଆ କରି ବିଧାନସଭା ଚଟାଣ ମାଡିଛୁ ଆଗକୁ ପୁଣି ଆସିପାରିବୁ ନ ପାରିବୁ, ଯାହା କହିବା କଥା କହିଦେ। କଥା କଣକି, ଟେବୁଲ ଚଢ଼ା ମାନ୍ୟବର ଏକ ଖବର ସମ୍ପର୍କରେ ନୋଟିସ୍ ଆଣିଥିଲେ। ଆଉ ପରବର୍ତ୍ତୀ ସମୟରେ କହିଲେ, ଏଥର ଅଧିବେଶନରେ କୁଆଡେ ସବୁ ଗୁମର ଖୋଲିଦେବେ। ଚଳିତ ଅଧିବେଶନରେ ଦୁଇ ଦଳର ମାନ୍ୟବର ବିଧାନସଭା ପାର୍କିଂ ପାଖରେ ଯେମିତି ଦେଖା ହେଇଗଲେ ଏମନ୍ତ ଅଟାମଜା ଆରମ୍ଭ ହୋଇଗଲା। ଆଉ ପାପୁଲି ଦଳ ମାନ୍ୟବରଙ୍କ କଥାର ଉତ୍ତରରେ ଆର ଜଣକ କହିଲେ, ଇରେ ଭାଇ ତୁମେ ତ ଜାଣିଛ ଆଗକୁ ଆଉ ମୁଁ ଏଠିକି ଆସିପାରିବିନି। କେବେ ଆଉ ତୁମ ଟେବୁଲୁ ଚଢା ଖେଳଟା ଦେଖିବି, ଏଥର ଟିକେ କ୍ଷୀର ଆଉ ପାଣି ଅଲଗା ଖେଳଟା ଦେଖେଇ ଦିଅ। କୁଆଡେ ଗଲା ତୁମର ସେ ଖେଳ, କିଛି ମିଳି ଗଲା କି?

ପରଲୋକରେ ଫିଲ୍ମ ନିର୍ମାତା ଚକ୍ରଧର ସାହୁ

ଭୁବନେଶ୍ୱର,୬।୨(ବ୍ୟୁରୋ)



ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ନିର୍ମାତା, ନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ସମ୍ପାଦକ ଚକ୍ରଧର ସାହୁ ଆଉନାହାନ୍ତି। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୫ଟା ୪୫ ମିନିଟ୍‌ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଫୁସ୍‌ଫୁସ୍‌ଜନିତ ରୋଗରେ ପୀଡ଼ିତ ହୋଇ ସେ ପ୍ରାୟ ୧୫ ଦିନ ଧରି ଚିକିତ୍ସାଧୀନ ଥିଲେ। ଚକ୍ରଧରଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

'ନୀଳମାଷ୍ଟ୍ରାଣୀ', 'ତୁମକୁ ପାରୁନି ତ ଭୁଲି', 'କେବେ ତୁମେ ନାହିଁ କେବେ ମୁଁ ନାହିଁ' ଓ 'ମୀମାଂସା' ପରି ଚର୍ଚ୍ଚିତ ସିନେମାର ନିର୍ଦ୍ଦେଶନା ଦେଇଥିବା ଚକ୍ରଧର କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଏମ୍‌ସର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସାଦାସିଧା ପ୍ରକୃତି, ସହୃଦୟତା ଓ ସୁବ୍ୟବହାର ପାଇଁ ସମସ୍ତଙ୍କ ହୃଦୟ ନିକଟବର୍ତ୍ତୀ ଥିବା ସାହୁ ଉଭୟ ଓଡ଼ିଆ ଏବଂ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ କାମ କରିଥିଲେ।

୧୯୬୧ ଫେବୃୟାରୀ ୧୯ରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ସେ ଜନ୍ମଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ପରେ ୧୯୮୬ରେ ପୁନା ଫିଲ୍ମ ଇନ୍‌ଷ୍ଟିଚ୍ୟୁଟରୁ ଫିଲ୍ମ ଏଡିଟିଂରେ ଡିପ୍ଲୋମା କରିଥିଲେ। ପ୍ରସିଦ୍ଧ ହିନ୍ଦୀ ସିନେମା ନିର୍ଦ୍ଦେଶକ ଶ୍ୟାମ ବେନେଗାଲ୍‌ଙ୍କ 'ଭାରତ ଏକ ଖୋଜ୍' ସିରିଏଲର ଆସୋସିଏଟ୍ ଏଡିଟର ଭାବେ ସେ କ୍ୟାରିୟର ଆରମ୍ଭ କରିଥିଲେ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ବର୍ତ୍ତମାନର ଆଗଧାଡ଼ିର ନିର୍ଦ୍ଦେଶକ ରାଜକୁମାର ହୀରାନୀ ଓ ସଞ୍ଜୟ ଲୀଳା ଭଂସାଲି ତାଙ୍କର ସହପାଠୀ ଥିଲେ। ହିନ୍ଦୀ ଫିଲ୍ମ 'ପଥର କେ ଫୁଲ୍', 'ବିଶ୍ୱାତ୍ମା'ରେ ଆସୋସିଏଟ୍ ଏଡିଟର ଭାବେ କାମ କରିବା ପରେ ସ୍ୱାଧୀନ ଭାବେ ମହେଶ ଭଟ୍ଟଙ୍କ ନିର୍ଦ୍ଦେଶିତ ଦୂରଦର୍ଶନ ଧାରାବାହିକ 'ଜମୀନ ଆସ୍‌ମାନ'ରେ ସେ ସମ୍ପାଦନା ଦାୟିତ୍ୱ ତୁଲାଇଥିଲେ। କିଛିଦିନ ବମ୍ବେରେ ରହିବା ପରେ ଓଡ଼ିଶା ଫେରି ଓଡ଼ିଆ ଫିଲ୍ମ 'ଇନ୍ଦ୍ରଧନୁର ଛାଇ'ର ସମ୍ପାଦନା କରିଥିଲେ। ୧୯୯୬ରେ 'ନୀଳମାଷ୍ଟ୍ରାଣୀ'ରୁ ନିର୍ଦ୍ଦେଶନା ଜୀବନ ଆରମ୍ଭ କରିଥିବା ସାହୁ ଏହି ଫିଲ୍ମ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଏହାସହ ୨୦୦୭ରେ 'ତୁମକୁ ପାରୁନି ତ ଭୁଲି' ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ୨୦୧୪ରେ 'ଶୁକ ଆସୁଛି' ପାଇଁ ଶ୍ରେଷ୍ଠ ସମ୍ପାଦନା ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ। ତାଙ୍କ ନିର୍ଦ୍ଦେଶିତ 'ନୀଳମାଷ୍ଟ୍ରାଣୀ' ମୋଟ ୫ଟି ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲା। ତାଙ୍କ ମୃତ୍ୟୁରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିବା ବେଳେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ବିଳମ୍ବିତ ରାତିରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟସମ୍ପନ୍ନହେବାନେଇସୂଚନାମିଳିଛି।

କୋଠାରୁ ଇଟା ପଡ଼ି ନାବାଳିକା ମୃତ

ନବରଙ୍ଗପୁର,୬।୨(ବି.ପ୍ର.): ନବରଙ୍ଗପୁର ଜିଲା ସଦର ବ୍ଲକ ବଡକୁମୁଲି ପଞ୍ଚାୟତ ସାନକୁମୁଲି ଗାଁରେ ଏକ କୋଠାରୁ ଇଟା ପଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡକୁମୁଲି ପଞ୍ଚାୟତ ସାନକୁମୁଲି ଗାଁର ଅଶୋକ ହରିଜନ ଚାନ୍ଦିନି (୫)। ଘର ଆଗରେ ଚାନ୍ଦିନି ଖେଳୁଥିବା ସମୟରେ ଇଟାଖସି ତାଙ୍କ ଉପରେ ପଡିଥିଲା। ଗୁରୁତର ଅବସ୍ଥାରେ ଚାନ୍ଦିନିଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

୨୦ ସୁଦ୍ଧା ସମସ୍ତ କ୍ୟାମ୍ପସ୍‌ରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ

ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର,୬।୨(ବ୍ୟୁରୋ): ଯୁକ୍ତ୨ ଲିଖିତ ପରୀକ୍ଷା ଆଉ ମାସେ ଥିବାବେଳେ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ରାଜ୍ୟର ସମସ୍ତ କଲେଜରେ ସିସିଟିଭି କ୍ୟାମେରା ଲଗାଇବାକୁ କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ପାଖାପାଖି ୩୫୦ କଲେଜରେ କ୍ୟାମେରା ଲାଗିପାରିନାହିଁ। ଯେମିତି ବି ହେଉ କଲେଜରେ ସିସି କ୍ୟାମେରା ଲଗାଇବାକୁ ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଆସନ୍ତା ୨୦ତାରିଖ ସୁଦ୍ଧା କ୍ୟାମ୍ପସ୍‌ରେ ସିସି କ୍ୟାମେରା ଲଗାଇ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ନିର୍ଦ୍ଧାରିତ ସମୟ ସୁଦ୍ଧା ନ ଲାଗିବ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ବାତିଲ୍ ହେବା ସହ ପରୀକ୍ଷାର୍ଥୀଙ୍କୁ ନିକଟସ୍ଥ ପରୀକ୍ଷା କେନ୍ଦ୍ର ସହ ଟ୍ୟାଗ୍ କରାଯିବ ବୋଲି ପରିଷଦ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଅନ୍ୟପଟେ ଯୁକ୍ତ୨ ପରୀକ୍ଷା ପରିଚାଳନା ପାଇଁ ଗଠିତ ହେବାକୁ ଥିବା କେନ୍ଦ୍ରୀୟ ଓ ଜୋନ୍‌ସ୍ତରୀୟ ସ୍କ୍ୱାଡରେ ଏଥର ଅଧ୍ୟାପକମାନେ ରହିବେ। ପରିଷଦ ଅଧୀନରେ ଥିବା ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ, ଅଣଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷମାନେ ସ୍କ୍ୱାଡରେ ସାମିଲ ହେବାକୁ ଥିବା ଦୁଇଜଣ ଅଧ୍ୟାପକଙ୍କ ତାଲିକା ଆସନ୍ତା ୧୧ତାରିଖ ସୁଦ୍ଧା ପଠାଇବାକୁ କୁହାଯାଇଛି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜ

ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ଏଆଇସିସି ସାଧାରଣ ସମ୍ପାଦକ ତଥା ପୂର୍ବ ଉତ୍ତରପ୍ରଦେଶ ପ୍ରଭାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆକବର ରୋଡସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ସେ ୧୫ ମିନିଟ ଧରି ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଛନ୍ତି।

ସଂକ୍ଷେପରେ

ରାହୁଲଙ୍କ ଅଭିଯୋଗକୁ ବିଜେଡିର ଖଣ୍ଡନ

ଭୁବନେଶ୍ୱର,୬।୨(ବ୍ୟୁରୋ): ସାଧାରଣ ନିର୍ବାଚନ ଘୋଷଣା ହେବାକୁ ମାସକରୁ କମ୍ ସମୟ ରହିଛି ବୋଲି କୁହାଯାଉଛି। ଏହାର ଯଥେଷ୍ଟ ପୂର୍ବରୁ ସମସ୍ତ ରାଜନୈତିକ ଦଳ ନିଜର ରଣନୀତି ଏବଂ ଆଭିମୁଖ୍ୟ ସ୍ପଷ୍ଟ କରିସାରିଲେଣି। ଏହି କ୍ରମରେ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ଉପରେ ରାଜନୈତିକ ଆକ୍ରମଣା ଜାରି ରଖିଛନ୍ତି। ଗତ ଜାନୁୟାରୀ ୨୫ରେ ରାହୁଲ ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ ସଭାରେ ନବୀନଙ୍କୁ କଡ଼ା ସମାଲୋଚନା କରିଥିଲେ। ଏପରିକି ନବୀନ ପଟ୍ଟନାୟକ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ରିମୋଟ୍ କଣ୍ଟ୍ରୋଲ ବୋଲି ଅଭିହିତ କରିଥିଲେ। କଳାହାଣ୍ଡି ଜିଲା ଭବାନୀପାଟଣାରେ ବୁଧବାର ଆୟୋଜିତ ସଭାରେ ମଧ୍ୟ ରାହୁଲ ତାହା ଦୋହରାଇଛନ୍ତି। ଏହାକୁ ନେଇ ବିଜେଡି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି ଯେ, ରାହୁଲଙ୍କ ଅଭିଯୋଗର କୌଣସି ଯଥାର୍ଥତା ନାହିଁ। ଏହା ଏକ ଅପ୍ରାସଙ୍ଗିକ ବିଷୟ। ଆଦିବାସୀଙ୍କ ଜଳ, ଜମି ଏବଂ ଜଙ୍ଗଲକୁ ନେଇ ରାହୁଲ ରଖିଥିବା ମନ୍ତବ୍ୟ ଭିତ୍ତିହୀନ। ଆଦିବାସୀମାନଙ୍କୁ ଜଙ୍ଗଲ ଜମି ଦେବାରେ ଓଡ଼ିଶା ଆଗୁଆ। ରାହୁଲ ନିକଟରେ ଗରିବଙ୍କୁ ସର୍ବନିମ୍ନ ଆୟ କଥା ନେଇ ମନ୍ତବ୍ୟ ଦେଇଛନ୍ତି, ଏହାକୁ ପ୍ରଥମେ କଂଗ୍ରେସ ଶାସିତ ରାଜ୍ୟରେ ଲାଗୁ କରାଯାଉ ବୋଲି ଦେବୀ କହିଛନ୍ତି।

ଭାରତ ବିଶ୍ୱର ଏକ ନମ୍ବର ରାଷ୍ଟ୍ର ହେବ: ଗଡକରୀ

'ଭାରତ କେ ମନ କି ବାତ, ମୋଦି କା ସାଥ' କାର୍ଯ୍ୟକ୍ରମରେ ରାଜ୍ୟ ନେତୃବୃନ୍ଦଙ୍କ ସହ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓ ଧର୍ମେନ୍ଦ୍ର ପ୍ରଧାନ।

ଭୁବନେଶ୍ୱର, ୬।୨(ବ୍ୟୁରୋ)

୨୦୧୪ ନିର୍ବାଚନରେ ଦେଶବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବଡ ଭରସା କରିଥିଲେ। ନିର୍ବାଚନ ପୂର୍ବରୁ ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ବର୍ତ୍ତମାନ ପୂରଣ କରିବାରେ ସକ୍ଷମ ହୋଇଛି। ସେଥିପାଇଁ ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସହ ଚଟାଣ ଭଳି ଅଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ଭାଜପା ଏମିତି ସଙ୍କଳ୍ପ ପତ୍ର ଆଣିବା ପାଇଁ ଚାହୁଁଛି ଯାହା ଦେଶବାସୀଙ୍କ ମନର କଥା କହିବ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ଯଦି ଆସନ୍ତା ନିର୍ବାଚନରେ ପୁନର୍ବାର ଭାଜପା କେନ୍ଦ୍ରରେ ସରକାରକୁ ଆସେ ତେବେ ଭାରତକୁ ବିଶ୍ୱର ୧ନମ୍ବର କରିବ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ସେ କହିଛନ୍ତି।

ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଭାଜପା ପକ୍ଷରୁ ଆୟୋଜିତ 'ଭାରତ କେ ମନ କି ବାତ, ମୋଦି କା ସାଥ' କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଗଡକରୀ କହିଛନ୍ତି ଯେ, ଜନତାଙ୍କ ମନ ଭିତରର ଆଶା ଆଉ ଉପଦେଶକୁ ସଂଗ୍ରହ କରି ଆଗାମୀ ନିର୍ବାଚନର ସଙ୍କଳ୍ପ ପତ୍ର ଭାଜପା ସ୍ଥାନ ଦେବ। ସ୍ୱାଧୀନତାର ୭୨ବର୍ଷ ଭିତରେ ପ୍ରାୟ ଅଧିକାଂଶ ସମୟ ଶାସନ କଂଗ୍ରେସ ହାତରେ ରହିଥିଲା। କଂଗ୍ରେସ ଶାସନ କହିଲେ ଲୋକଙ୍କ ମନରେ ଦୁର୍ନୀତି ଭ୍ରଷ୍ଟାଚାର କଥା ଆଜି ବି ଆସିଯାଉଛି। ବହୁ ଦୁର୍ନୀତି କରି କଂଗ୍ରେସ ଦେଶର ବକାଶକୁ ବାଧକ ସାଜଥିଲା। ଗରିବୀ ହଟାଓର ନାରା ଦେଇ କଂଗ୍ରେସ ଗରିବଙ୍କୁ ଶୋଷଣ କରୁଥିଲା। କିନ୍ତୁ ମୋଦି ସରକାର ଶାସନକୁ ଆସିଲା ବେଳେ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଦେଶକୁ ସ୍ୱଚ୍ଛ ଏବଂ ଭ୍ରଷ୍ଟାଚାର ମୁକ୍ତ କରି ଗଢିତୋଳିବେ। ଏହାସହ ଗରିବ ଲୋକଙ୍କ ଦୁଃଖ ଖୁବ୍‌ଶୀଘ୍ର ଦୂର ହେବ। ଦେଶକୁ ଭ୍ରଷ୍ଟାଚାର ମୁକ୍ତ ଏବଂ ଆର୍ଥିକ ସ୍ଥିତିରେ ମଜଭୁତ କରିବାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ସରକାର ଏବେ ସଫଳ ହୋଇପାରିଛି। ଭାଜପା ସରକାର ଆସିବା ପୂର୍ବରୁ ଦେଶର ୧୮% ଲୋକଙ୍କ ଘରେ ବିଜୁଳିନ ଥିଲା। ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ଏବେ ପ୍ରତି ଘରେ ବିଜୁଳି ପହଞ୍ଚି ପାରିଛି। ୨୦୧୪ ମସିହାରେ ମାତ୍ର ୩କୋଟି ଲୋକଙ୍କ ପାଖରେ ବ୍ୟାଙ୍କ ଖାତା ଥିଲା। ହେଲେ ମାତ୍ର ୫ବର୍ଷରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଆଜି ୩୪କୋଟି ଲୋକଙ୍କୁ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଲାଭ ପହଞ୍ଚାଇଛି। ସେହିପରି ଆଗରୁ ଗରିବ ମା' ଓ ଭଉଣୀମାନଙ୍କୁ ରୋଷେଇ କରିବା ପାଇଁ କାଠ, କୁଟା ଆଉ ଘଷି ଉପରେ ନିର୍ଭର କରିବାକୁ ପଡୁଥିଲା। ଏବେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଦେଶର ୬କୋଟି ଗରିବ ପରିବାର ରୋଷେଇ ଧୂଆଁରୁ ମୁକ୍ତି ପାଇଛନ୍ତି। ଏହା ହେଉଛି ଏକ ନୂଆ ଭାରତର ପରିକଳ୍ପନା। ଯାହା ପ୍ରଧାନମନ୍ତ୍ରୀ ମୋଦିଙ୍କ ଯୋଗୁ ସମ୍ଭବ ହୋଇଛି। ସେହିପରି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ମଧ୍ୟ ଭାରତ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆଗରୁ ଉପା ସରକାର ସମୟରେ ଦିନକୁ ହାରାହାରି ମାତ୍ର ୨କିମିର ଜାତୀୟ ରାଜପଥ ନିର୍ମାଣ ହୋଇପାରୁଥିଲା। ହେଲେ ଏବେ ଏନଡିଏ ସରକାର ସମୟରେ ଦିନକୁ ୨୮ କିମି ଜାତୀୟ ରାଜପଥ ନିର୍ମାଣ ହୋଇପାରୁଛି। ଆଗକୁ ଏହା ୪୦ କିମିରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। କେବଳ ଓଡିଶାରେ ଜାତୀୟ ରାଜପଥ ନିର୍ମାଣରେ ୧ଲକ୍ଷ କୋଟିରୁ ଅଧିକ ଅର୍ଥର ପ୍ରକଳ୍ପ ଜାତୀୟ ରାଜପଥ ନିର୍ମାଣ ଦିଗରେ ବ୍ୟୟବରାଦ ହୋଇଛି। ସେହିପରି ଗ୍ରାମ ସଡକ ଯୋଜନାରେ ମଧ୍ୟ ଏହି ସରକାର ଢେର ଭଲ ପ୍ରଦର୍ଶନ କରିଛି। ଗତ ୫ବର୍ଷରେ ୯୦ହଜାର ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ମାଧ୍ୟମରେ ଯୋଡା ଯାଇପାରିଛି। ଦେଶରେ ୧୦୦ଟି ବିମାନ ବନ୍ଦର ନିର୍ମାଣ ହୋଇଛି, ଯାହା ଦେଶରେ କୋଣ ଅନୁକୋଣର ଲୋକଙ୍କୁ ବିମାନ ସୁବିଧା ପହଞ୍ଚାଇବାରେ ସକ୍ଷମ ହୋଇଛି। କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିଲା ପରେ ସମସ୍ତଙ୍କୁ ପକ୍କା ଘର ଯୋଗାଇବାର ଭରସା ଦେଇଥିଲେ। ଯାହା ଏବେ ସଫଳ ହେବାକୁ ଯାଉଛି। କେବଳ ସାଢେ ୪ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେଶରେ ୧.୫ କୋଟି ଗରିବ ଲୋକଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି। ନିର୍ବାଚନ ଲଢିବା ପାଇଁ ବିରୋଧୀ ଦଳଗୁଡ଼ିକ ପାଖରେ ଏବେ କୌଣସି ପ୍ରସଙ୍ଗ ନାହିଁ। ସେଥିପାଇଁ ସେମାନେ ମିଛ ଅପପ୍ରଚାରରେ ଲାଗିଛନ୍ତି। ଲୋକମାନଙ୍କ ମନରେ ଭୟ ପୂରାଇ ନିର୍ବାଚନ ଜିତିବାର ଚେଷ୍ଟା କରୁଛନ୍ତି। ଯାହା କେବେ ସଫଳ ହେବ ନାହିଁ। ଜାତି ଏବଂ ଧର୍ମର କଥା କହି ବିରୋଧୀଙ୍କ ପାଇଁ ନିର୍ବାଚନ ଏଜେଣ୍ଡା ସାଜିଛି। ହେଲେ ଭାଜପା ବକାଶର ଏଜେଣ୍ଡାରେ ନିର୍ବାଚନ ଲଢବାକୁ ଯାଉଛି। "ଭାରତ କେ ମନକି ବାତ, ମୋଦି କା ସାଥ" କାର୍ଯ୍ୟକ୍ରମ ମାଧ୍ୟମରେ ଦେଶପାଇଁ ସରକାର କ'ଣ କରିବା ଉଚିତ ଜଣାଇବେ। ଆଉ ଭାଜପାର ନିର୍ବାଚନ ସଙ୍କଳ୍ପ ପତ୍ରରେ ଦେଶବାସୀଙ୍କ ମନର କଥା ହିଁ ରହିବ ବୋଲି ଗଡକରୀ କହିଛନ୍ତି।

ଏହି ଅବସରରେ ଗଡକରୀ "ଭାରତ କେ ମନକି ବାତ, ମୋଦି କା ସାଥ"ର ଭ୍ରାମ୍ୟମାଣ ଗାଡିର ଶୁଭାରମ୍ଭ କରିଛନ୍ତି। ଏହି ଗାଡି ୧୪୭ ବିଧାନସଭା ଓ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀକୁ ଯାଇ ଲୋକଙ୍କ ମତାମତ ସଂଗ୍ରହ କରିବ। ଲୋକମାନେ ସେମାନଙ୍କ ମତାମତ ଗାଡି ପାଖରେ ଆସି ଭିଡିଓ ମାଧ୍ୟମରେ ଦେଇପାରିବେ। ଟୋଲ ଫ୍ରି ନମ୍ବର ୬୩୫୭୧-୭୧୭୧୭ରେ ମିସ୍‌ଡ କଲ ଦେଇ ଲୋକମାନେ ସେମାନଙ୍କର ମତାମତ ଦେଇପାରିବେ। ଏହାସହ ଏହି ଅବସରରେ ଗଡକରୀ କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କିତ ଏକ ଭିଡିଓ ରିଲିଜର ମଧ୍ୟ ଉଦ୍‌ଘାଟନ କରିଛନ୍ତି।

'ବିଜେଡି ସହ କଂଗ୍ରେସର ବୁଝାମଣା, ଆମର ନୁହେଁ'

ଭୁବନେଶ୍ୱର, ୬।୨(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଗତ ୨୫ ତାରିଖ ଭଳି ଏଥର ମଧ୍ୟ ମୋଦିଙ୍କ ହାତରେ ନବୀନ ରିମୋଟ କଥା ଦୋହରାଇଥିଲେ। ରାହୁଲଙ୍କ ଏଭଳି ଆକ୍ଷେପ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଧର୍ମେନ୍ଦ୍ର କହିଛନ୍ତି ଯେ, କଂଗ୍ରେସର ଯୁବରାଜ ସୁନା ଚାମଚ ଧରି ଜନ୍ମ ହୋଇଥିଲେ। କଷ୍ଟ କ'ଣ ତାଙ୍କୁ ଜଣାନାହିଁ। ବିଜେଡି ସହ ଆମର ନୁହେଁ କଂଗ୍ରେସର ବୁଝାମଣା ରହିଛି। ଦେଶର ସୁରକ୍ଷା ବ୍ୟବସ୍ଥାକୁ ନେଇ ବୁଝାମଣା କରିବାରେ ବିଜେଡି ଓ କଂଗ୍ରେସ ଗୋଟିଏ ଘାଟରେ ପାଣି ପିଉଛନ୍ତି। ରାଫାଲ ପ୍ରସଙ୍ଗରେ ପାର୍ଲାମେଣ୍ଟରେ କଂଗ୍ରେସ ଉଠାଇଥିବା କଥାକୁ ସମର୍ଥନ କରି ବିଜେଡି ଏମ୍‌ପି ଜେପିସି ତଦନ୍ତ ଦାବି କରିଥିଲେ। ମିଶେଲ ମାମାର ଭୋଜିରେ ମଧ୍ୟ ଦୁଇ ଦଳ ଖାଉଛନ୍ତି। ମମତା ଦିଦି ଏବଂ ନବୀନ ବାବୁ ଚିଟ୍‌ଫଣ୍ଡ ଅର୍ଥର ଲାଭାଂଶ ପାଇଛନ୍ତି। ଓଡ଼ିଶାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ମୁଖିଆ ଖଣି ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିମୋଟ୍ ତାମିଲନାଡୁର ଖଣି ବେପାରୀଙ୍କ ପାଖରେ ରହିଛି। ଆଗାମୀ ନିର୍ବାଚନରେ ଏ କଥାକୁ ନେଇ ଓଡ଼ିଶାରେ ବିତର୍କ ହେବ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, କଂଗ୍ରେସର ଯୁବରାଜ ପ୍ରଧାନମନ୍ତ୍ରୀଙ୍କୁ ଚୋର ବୋଲି କହୁଛନ୍ତି। ପ୍ରଧାନମନ୍ତ୍ରୀ ୧୩୦କୋଟି ଲୋକଙ୍କ ମନକୁ ଚୋରି କରିଛନ୍ତି। ହେଲେ କଂଗ୍ରେସ ଯୁବରାଜଙ୍କ ପରିବାର ବହୁ ଚୋରିରେ ସମ୍ପୃକ୍ତ। ବୋଫର୍ସ ଦୁର୍ନୀତିରେ ତାଙ୍କ ବାପା ସମ୍ପୃକ୍ତ ଥିଲେ। ଏବେ ତାଙ୍କ ଭିଣୋଇ ଦୁର୍ନୀତି କରି ଇଡି ଜେରାର ସମ୍ମୁଖୀନ ହେଉଛନ୍ତି। କିଏ ଭ୍ରଷ୍ଟାଚାର, ଦୁର୍ନୀତିଗ୍ରସ୍ତ ସେକଥା ଲୋକେ ଭଲରେ ଜାଣିଛନ୍ତି।

■ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ କଟାକ୍ଷ

ପୁରୀରୁ ଲଢ଼ିଲେ ଅମାନତ ହରାଇବେ

ପୁରୀ ଅଫିସ, ୬।୨

ରାଜ୍ୟ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ବୁଧବାର ଏକ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ମୋଦି ପୁରୀରୁ ଲଢିଲେ ଅମାନତ ହରାଇବେ। ପୁରୀ ସଦର ବ୍ଲକ ଅନ୍ତର୍ଗତ ବାସୁଦେଇପୁରସ୍ଥିତ ୩୩/୧୧ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପଣ କରି ମନ୍ତ୍ରୀ ସିଂ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ପ୍ରତ୍ୟେକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ଯଦି ସେ ଏହି ଟଙ୍କା ଦେଇଦିଅନ୍ତି ତେବେ ମୋ ଅଞ୍ଚଳବାସୀ ସ୍ୱଚ୍ଛଳ ହୋଇଯିବେ। ମୁଁ ରାଜନୀତି ଛାଡ଼ିଦେବି। କେବଳ ଜନସାଧାରଣଙ୍କୁ ଭଣ୍ଡେଇ, ଭୁତେଇ ସେମାନେ ଭୋଟ ହାତଉଛନ୍ତି। ହେଲେ ଲୋକଙ୍କ ବିକାଶ ପାଇଁ କୌଣସି ଯୋଜନା କରୁନାହାନ୍ତି। ମୋଦି ବାରାଣସୀରୁ ପ୍ରାର୍ଥୀ ହେବା ସମୟରେ କହିଥିଲେ ମା' ଗଙ୍ଗା ମୋତେ ଡାକିଛନ୍ତି। ସେଠାକାର ଲୋକେ ତାଙ୍କୁ ବହୁସଂଖ୍ୟାରେ ଭୋଟ ଦେଇ ଜିତାଇଦେଲେ। ହେଲେ ଏବେ ସେଠାରେ ଭାଜପାର ସ୍ଥିତି ଭଲ ନାହିଁ। ହାରିବା ଆଶଙ୍କାରେ ଓଡ଼ିଶାକୁ ଟାର୍ଗେଟ କରିଛନ୍ତି। ମନ୍ତ୍ରୀ ସିଂଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି, କିଏ କ'ଣ କହୁଛନ୍ତି ସେଥିରେ ଭାଜପା ବିଚଳିତ ନୁହେଁ। ଦଳର ସଙ୍ଗଠନ ଉପରେ ବିଶ୍ୱାସ ରହିଛି।

୧୧ରୁ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ ଅଫିସ, ୬।୨

ଆଇନଜୀବୀମାନେ କେତେକ ମୌଳିକ ଦାବି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ରଖି ଆସୁଥିଲେ ମଧ୍ୟ ତାହା ପୂରଣ ହୋଇପାରୁନି। ଏହାର ପ୍ରତିବାଦରେ ଆସନ୍ତା ୧୧ ଓ ୧୨ ତାରିଖରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ୧୧ ତାରିଖରେ ରାଜ୍ୟର ସମସ୍ତ ଜିଲାର ସଦର ମହକୁମାରେ ଆଇନଜୀବୀମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ। ୧୨ ତାରିଖରେ ଭୁବନେଶ୍ୱରରେ ଏକତ୍ରିତ ହୋଇ ରାଜ୍ୟପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିବେ ବୋଲି ବୁଧବାର ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବାର୍ କାଉନସିଲ ସମ୍ମିଳନୀ କକ୍ଷରେ ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ଚହ୍ଲି ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଏହି ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି। ୨୦୧୪ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତୀୟ ଆଇନଜୀବୀ ପରିଷଦ ପକ୍ଷରୁ କେତେକ ମୌଳିକ ଦାବି ସମ୍ପର୍କରେ ଅବଗତ କରାଯାଉଛି। ଶେଷଥର ପାଇଁ ଗତ ଜାନୁୟାରୀ ୨୨ରେ ପରିଷଦ ଅଧ୍ୟକ୍ଷ ଦାବିଗୁଡ଼ିକ ସମ୍ପର୍କରେ ଅବଗତ କରିବା ପରେ ମଧ୍ୟ ପ୍ରଧାନମନ୍ତ୍ରୀ ଏଥିପ୍ରତି ଉଦାସୀନ ରହିଥିବା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବୈଠକରେ ଏହି ଦାବି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ତେଲେଙ୍ଗାନା ଭଳି ରାଜ୍ୟରେ ଓକିଲଙ୍କ କଲ୍ୟାଣ ପାଇଁ ୧୦୦ କୋଟି ଟଙ୍କାର ବଜେଟ୍ ରହିଥିବାବେଳେ ଓଡ଼ିଶାରେ ମାତ୍ର ୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ତେବେ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ କୋଟି ଅନୁଦାନକୁ ୫ କୋଟିକୁ ବୃଦ୍ଧି କରିବା ଓ ରାଜ୍ୟରେ ଲୟର୍ସ ଏକାଡେମୀ ଖୋଲିବା ପାଇଁ ଘୋଷଣା କରିଥିବା ବୈଠକରେ ଆଲୋଚନା ହୋଇଥିଲା। ହରିୟାଣା ସରକାର ଓକିଲଙ୍କ ଗୃହ ନିର୍ମାଣ ପାଇଁ ଜମି ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ରାଜ୍ୟରେ ସେହି ବ୍ୟବସ୍ଥା ଲାଗୁ କରିବାକୁ ଓକିଲମାନେ ଦାବି କରିଛନ୍ତି। ସେହିପରି ଆଇନସେବା ପ୍ରାଧିକରଣ ଆଇନରେ ସଂଶୋଧନ ଅଣାଯାଇ ଜଜ୍ କିମ୍ବା ଜୁଡିସିଆଲ ଅଫିସରଙ୍କ ସ୍ଥାନରେ ଓକିଲମାନଙ୍କୁ ଦାୟିତ୍ୱ ଦେବାକୁ ଦାବି ହୋଇଛି। ଅବସରପ୍ରାପ୍ତ ବିଚାରପତି ବା ଅବସରପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ଟ୍ରିବ୍ୟୁନାଲ, କମିଶନ, ଫୋରମ ଏବଂ ପ୍ରାଧିକରଣରେ ନିଯୁକ୍ତି ଦିଆଯାଉଛି। ଏ କ୍ଷେତ୍ରରେ ଯୋଗ୍ୟତା ସମ୍ପନ୍ନ ଓକିଲଙ୍କୁ ନିଯୁକ୍ତି ଦେବାକୁ ପରିଷଦ ପକ୍ଷରୁ ଦାବି ହୋଇଛି।

ରେଳଧାରଣାରେ ଫାଟ

ନିରାକାରପୁର,୬।୨(ଡି.ଏନ.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ କାଶିପୁର-ହରିପୁର ମଧ୍ୟବର୍ତ୍ତୀ ଅଞ୍ଚଳ ତିନି ପୋଲିଆ ଖମ୍ବ ନଂ ୪୮୪/୧୬/୧୪ ଡାଉନ୍‌ଲାଇନ୍ ରେଳଧାରଣାରେ ବୁଧବାର ସକାଳ ୭ଟାରେ ଫାଟ ଦେଖିବାକୁ ମିଳିଥିଲା। ଏହି ଖବର ଟ୍ରାକ୍‌ମ୍ୟାନ୍ ଜଣାଇବା ପରେ ଷ୍ଟେଶନ ମାଷ୍ଟର ତନଖି କରିଥିଲେ। ସଙ୍ଗେ ସଙ୍ଗେ ବିଭାଗୀୟ ଟେକ୍‌ନିସିଆନ୍ ଘଟଣା ସ୍ଥଳରେ ପହଞ୍ଚି ମରାମତି କରିଥିଲେ। ତେବେ ଏନେଇ କୌଣସି ଦୁର୍ଘଟଣା ଘଟି ନ ଥିବା କୁହାଯାଇଛି। ମରାମତି ସମୟରେ ରେଳ ଚଳାଚଳକୁ ୨୦ରୁ୩୦ କି.ମି. ବେଗରେ ସୀମିତ ରଖିବା ପାଇଁ ରେଳ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ମରାମତି ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅତ୍ୟାଧିକ ଥଣ୍ଡା କାରଣରୁ ଏଭଳି ହୋଇଥାଇପାରେ ବୋଲି ଜନୈକ ବିଭାଗୀୟ ଯନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

IN THE COURT OF THE CIVIL JUDGE, SR. DIVN. KHORDHA
CIVIL SUIT NO. 295 OF 2018
Notice : U/or. I.R. 8 of C.P.C.

1. Suman Das, aged-61 years, S/o. Late Janathan Das
2. Amiya Kumar Sahu, aged-61 years, S/o. Late Atul Kumar Sahu
3. Daniel Naik, age-70 Years, S/o. Late Purna Chandra Naik, Self and on behalf of inhabitants of Christian Sahi, Khordha U/or 1 Rule 8 C.P.C. residents of Christian Sahi, Khordha, PO/ PS/Dist - Khordha. .... **Plaintiffs**

-Versus-

(1) Rev. Samson Das, age-60 years, S/o. Late Samuel Das, Ex-Bishop Diocese of CNI, Cuttack residing at Present- Stewart School Principal House, Unit-8, BBSR, Dist- Khordha. **(2) Bibhudata Das,** age about 58 years, S/o. Late Prafulla Das, Ex-General Secretary of CNI, Cuttack residing at present- Stewartpatna, PO- Tulasipur, PS- Bidanasi, Dist- Cuttack. **(3) Prasanta Kumar Sahu,** age 57 yrs, S/o. Late Birendra Kumar Sahu, Ex-Secretary of CNI Church, Bhubaneswar at present Treasurer of CNI. Residing at 15/9 MIG-II Phase-I, B.D.A. Housing Board Colony, BBSR, Dist- Khordha, **(4) Franklin John Qureshi** age 67 years, S/o. Late H.R. Qureshi India Manager of Baptist Missionary Society Residing at C-III Phase- I Ashok Vihar, Delhi-52, **(5) Anil Kumar Sahu,** age 64 years, S/o. Late Atul Kumar Sahu, the then Secretary of Baptist Church, Khordha of Village - Chritiansahi, PO/Dist- Khorda, **(6) Sujit Kumar Pradhan,** age 64 years, S/o. Late Ajit Kumar Pradhan, LANE-3, Qr. No. 153, At/PO- Acharya Vihar, Bhubaneswar, PS- Saheed Nagar, Dist- Khordha, Pin- 751022, **(7) Ashis Kumar Pradhan,** aged 60 years, S

ଆସାମ ବିଧାନସଭାରେ ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ୧୧୯୩ କୋଟି ଟଙ୍କାର ନିଅଣ୍ଟିଆ ବଜେଟ ବୁଧବାର ଉପସ୍ଥାପନ କରିଛନ୍ତି । ଏଥିରେ ଗରିବଙ୍କୁ ୧ ଟଙ୍କାରେ ଚାଉଳ ଏବଂ ବିବାହ ସମୟରେ କନ୍ୟାକୁ ୧ ତୋଳା ସୁନା ଦେବା ଯୋଜନା ରହିଛି ।

ଆଦିବାସୀ ମହିଳାଙ୍କ ସହ ନାଚିଲେ ରାହୁଲ

ରାଉରକେଲା ଅଫିସ,୬।୨

ରାଫାଲ ଦୁର୍ନୀତି ପ୍ରସଙ୍ଗକୁ ନେଇ ରାଉରକେଲା ସମାବେଶରେ ଅଭିନବ ପ୍ରତିବାଦ ।

ସଭା ଆରମ୍ଭ ପୂର୍ବରୁ ପାରମ୍ପରିକ ଆଦିବାସୀ ନୃତ୍ୟର ଧୁମ୍ ଦେଖିବାକୁ ମିଳିଥିଲା ମଞ୍ଚ ନିକଟରେ । ରାହୁଲ ମଞ୍ଚକୁ ଚଢ଼ିବା ପରେ ତାଙ୍କ ଦୃଷ୍ଟି ପଡ଼ିଥିଲା ଏମାନଙ୍କ ଉପରେ । ମଞ୍ଚ ତଳକୁ ଓହ୍ଲାଇଯାଇ ସେ ଆଦିବାସୀ ମହିଳାଙ୍କ ସହ ନାଚିଥିଲେ । ଏହା କର୍ମୀ ଓ ସମର୍ଥକଙ୍କୁ ବେଶ୍ ଉତ୍ସାହିତ କରିଥିଲା ।

ଖବରଦାତା ହଟହଟା

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଭାରେ ଯୋଗଦେବାକୁ ଦଳ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ପାସ୍ ବ୍ୟବସ୍ଥା କରାଯାଇଥିଲା । ଏନେଇ କାହାକୁ ସୂଚନା ଦିଆ ନ ଯାଇ କଂଗ୍ରେସ ଭବନରେ ମନଇଚ୍ଛା ପାସ୍ ବଣ୍ଟାଗଲା । ଫଳରେ ବହୁ ଗଣମାଧ୍ୟମ ପ୍ରତିନିଧି ପାସ୍ ପାଇବାରୁ ବଞ୍ଚିତ ହେଲେ । ଯେଉଁ କେତେଜଣ ସଭାସ୍ଥଳକୁ ଆସିଲେ ସେମାନଙ୍କୁ ଚେୟାର ମିଳିଲାନି । ପ୍ରେସ୍ ଗ୍ୟାଲେରିକୁ ମାଡ଼ି ବସିଥିଲେ କଂଗ୍ରେସ କର୍ମୀ । ଫଳରେ ଖବରଦାତାମାନେ ଖରାରେ ହଟହଟା ହୋଇଥିଲେ ।

ଖରାରେ ସିଝିଲେ ଲୋକେ

ଅପରାହ୍ନ ୨ଟାରେ ରାହୁଲ ଏୟାରଷ୍ଟ୍ରିପରେ ଓହ୍ଲାଇବେ । ଅତି ବେଶିରେ ୧୦ମିନିଟ ବିଳମ୍ବ ହୋଇପାରେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା । ହେଲେ ରାହୁଲ ଆସିଲେ ଘଣ୍ଟାଏ ବିଳମ୍ବରେ । ସେତେବେଳକୁ ଗରମ, ଝାଳରେ ସିଝିଯାଇଥିଲେ ଲୋକେ । ସଭାସ୍ଥଳରେ ପାଣି ଅଭାବ ଯୋଗୁ ଆଉଟୁପାଉଟୁ ହୋଇଥିଲେ କର୍ମୀ ଓ ଜନସାଧାରଣ ।

ମହିଳାଙ୍କୁ ସିଟ୍‌ରୁ ଉଠାଇବା ନେଇ ପାଟିତୁଣ୍ଡ

ବ୍ୟାପକ ଅବ୍ୟବସ୍ଥା ଭିତରେ ଆୟୋଜିତ ସମାବେଶରେ ରାହୁଲଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କେତେଜଣ ମହିଳାଙ୍କୁ ସଭାମଞ୍ଚ ସମ୍ମୁଖରେ ବସାଯାଇଥିଲା । ପରେ ଏଥିରେ ଅନେକ ଭିଆଇପି ପାସ୍‌ଧାରୀ ଧସେଇ ପଶିଥିଲେ । ମହିଳାଙ୍କୁ ଜୋରଜବରଦସ୍ତ ସିଟ୍‌ରୁ ଉଠାଇ ନିଜେ ବସି ଯାଇଥିଲେ । ଫଳରେ ଘଟଣାସ୍ଥଳରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା । ଏଥିରେ ଉକ୍ତ ମହିଳାମାନେ କେତେଜଣ ଯୁବକର୍ମୀଙ୍କୁ ଟଣାଓଟରା କରିବା ଦେଖାଯାଇଥିଲା ।

ସବୁଠି ଜର୍ଜଙ୍କ ପତିଆରା

ସଭାସ୍ଥଳକୁ ଯେତିକି କଂଗ୍ରେସ କର୍ମୀ ବା ସମର୍ଥକ ଆସିଥିଲେ ସେଥିରୁ ଅଧିକାଂଶ ଥିଲେ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ସମର୍ଥକ । ହାତରେ ଜର୍ଜଙ୍କ ଫଟୋ ଥିବା ପ୍ଲାକାର୍ଡ, ବ୍ୟାନର ଧରି ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ଏମାନେ ସଭା ସ୍ଥଳକୁ ଆସିଥିଲେ । ଅନ୍ୟ କୌଣସି ନେତାଙ୍କ ପ୍ରଶଂସା କିମ୍ବା ନାଁ ଶୁଣା ନ ଯିବା ଜର୍ଜଙ୍କ ପତିଆରାକୁ ସ୍ପଷ୍ଟ କରିଥିଲା ।

ପ୍ରସାଦଙ୍କୁ କେହି ସମ୍ବୋଧନ କଲେନି

ବରିଷ୍ଠ କଂଗ୍ରେସ ନେତାମାନଙ୍କ ଗହଣରେ ମଞ୍ଚରେ ବସିଥିଲେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ । ରାହୁଲ ମଞ୍ଚରେ ପହଞ୍ଚିବା ପୂର୍ବରୁ ଜଣକ ପରେ ଜଣେ ନେତା ବକ୍ତବ୍ୟ ରଖିଥିଲେ । ସେମାନେ ଅନ୍ୟ ନେତାଙ୍କ ନାଁ ଧରି ସମ୍ବୋଧନ କରୁଥିବାବେଳେ ପ୍ରସାଦ ଯେମିତି ସମସ୍ତଙ୍କ ପାଇଁ ଅଲୋଡ଼ା ବୋଲି ଲାଗୁଥିଲେ । କେବଳ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରସାଦଙ୍କୁ ପୂର୍ବ ଅଧ୍ୟକ୍ଷ ବୋଲି ସମ୍ବୋଧନ କରିଥିଲେ ହେଁ ଅନ୍ୟ କେହି ଜଣେ ହେଲେ ତାଙ୍କ ନାଁ ଧରି ନ ଥିଲେ । ମଞ୍ଚ ତଳେ ଏହାକୁ ନେଇ ତେତେଜଣ ପୁରୁଣା ନେତା ସମାଲୋଚନା କରିବା ଶୁଣାଯାଇଥିଲା ।

ରାଉରକେଲାରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗ ଦେଇଥିବା କଂଗ୍ରେସର ସମର୍ଥକ ଓ ଜନସାଧାରଣ ।

■ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲା

ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର ହେବେ ପୁଞ୍ଜୀଲାଲ

ବଲାଙ୍ଗୀର ଅଫିସ/ପାଟଣାଗଡ, ୬।୨(ଡି.ଏନ୍.ଏ.)

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜୀଲାଲ ମେହେରଙ୍କୁ ପାଟଣାଗଡ ଉପକାରାଗାରରୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତରଣ କରାଯିବ । ଏନେଇ ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ପାଟଣାଗଡ ଉପକାରାଗାରରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବା ପାଇଁ ଉପକାରାଗାର ଅଧ୍ୟକ୍ଷକ ଲିଖିତ ଅନୁରୋଧ କରିବା ପରେ ଏ ନେଇ ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଏଭଳି ଆଦେଶ ଦେଇଥିବା ଜଣାପଡିଛି । ସରକାରୀ ଓକିଲ ଶିବ ପ୍ରସାଦ ମିଶ୍ରଙ୍କୁ ପଚରାଯିବାରୁ କହିଛନ୍ତି ଯେ, ଗତ ୨୪ ତାରିଖ ପାଟଣାଗଡ ଜେଲରୁ କଏଦୀ ଚମ୍ପଟ ମାରିବା ଓ ଜେଲ ଭିତରେ ଅନଶନ କରିବା ଭଳି ଘଟଣା ପରେ ଜେଲ କର୍ତ୍ତୃପକ୍ଷ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ ଜେଲରୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ନେଇ ଅନୁରୋଧ କରିଥିଲେ । ସରକାରୀ ଓକିଲ ମିଶ୍ର ମଧ୍ୟ ଏନେଇ ଏଡିଜେ କୋର୍ଟରେ ଅନୁରୋଧ କରିଥିଲେ । ଅଭିଯୁକ୍ତ ପୁଞ୍ଜୀଲାଲଙ୍କ ଓକିଲ ଏନେଇ ଆପତ୍ତି ଉଠାଇ ପାଟଣାଗଡ ଜେଲରେ ତାଙ୍କୁ ରଖାଯାଉ ବୋଲି ଏଡିଜେଙ୍କୁ ଅନୁରୋଧ କରିଥିଲେ । ଉଭୟ ପକ୍ଷରୁ ଏଭଳି ଅନୁରୋଧକୁ ମଙ୍ଗଳବାର ପାଟଣାଗଡ ଏଡିଜେ ବିଧାନ କୁମାର ଚାନ୍ଦ ବିଚାର କରି ଅଭିଯୁକ୍ତ ପୁଞ୍ଜୀଲାଲ ମେହେରଙ୍କୁ ପାଟଣାଗଡ ଜେଲରୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତରଣ କରିବା ସକାଶେ ଆଦେଶ ଦେଇଛନ୍ତି ।

ଗତ ୨୪ତାରିଖ ଦିନ ପାଟଣାଗଡ ଉପକାରାଗାରରୁ କେତେକ କଏଦୀ ଚମ୍ପଟ ମାରିବାର ଯୋଜନା କରିଥିବା ଖବର ମିଳିଥିଲା । ଏହି କଏଦୀ ଚମ୍ପଟ ଯୋଜନାରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଭୂମିକା ରହିଥିବା ଜେଲ କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ପାଟଣାଗଡ ଜେଲ ଅଧ୍ୟକ୍ଷକ ପ୍ରଦୀପ କୁମାର ମହାଲିକ ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କୁ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ବିରୋଧରେ ଅଭିଯୋଗ କରି ପାଟଣାଗଡ ଜେଲରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ଅନୁରୋଧ କରିଥିଲେ । ଜେଲ କର୍ତ୍ତୃପକ୍ଷଙ୍କ ଏଭଳି ଅନୁରୋଧ ଉପରେ ଏଡିଜେ କୋର୍ଟରେ ଶନିବାର ପୁଞ୍ଜିଲାଲ ମେହେରଙ୍କ ଓକିଲ ଶ୍ରୀମତ ପାଣିଗ୍ରାହୀ ଆପତ୍ତି ଜଣାଇଥିଲେ। କିଛିଦିନ ପୂର୍ବରୁ ବଲାଙ୍ଗୀର ଜିଲା ଦୌରାଜଜ୍ ପାଟଣାଗଡ ଜେଲ ପରିଦର୍ଶନ କରିବାବେଳେ ପାଟଣାଗଡ ଜେଲ କର୍ତ୍ତୃପକ୍ଷ ଓ ଅନ୍ତେବାସୀଙ୍କ ଦୁର୍ବ୍ୟବହାରରେ ସେ ଅତିଷ୍ଠ ହୋଇପଡିଛନ୍ତି ଦର୍ଶାଇ ତାଙ୍କୁ ଅନ୍ୟ ଜେଲକୁ ନିଆଯାଉ ବୋଲି ପୁଞ୍ଜିଲାଲ ଅନୁରୋଧ କରିଥିଲେ । ତେବେ ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍ ମଙ୍ଗଳବାର ଉଭୟ ପକ୍ଷରୁ ଅନୁରୋଧ ଉପରେ ବିଚାର କରି ପୁଞ୍ଜିଲାଲଙ୍କୁ ପାଟଣଗଡ ଜେଲରୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତରଣ କରିବାକୁ ଅନୁମତି ଦେଇଥିବା ଉଭୟ ପକ୍ଷର ଓକିଲଙ୍କ ସୂତ୍ରରୁ ଜଣାପଡିଛି ।

ପୁଞ୍ଜିଲାଲ ମେହେର ।

ଗତବର୍ଷ ଫେବୃୟାରୀ ମାସ ୨୩ ତାରିଖରେ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା । ଏଥିରେ ଭଇଁଷା ଜ୍ୟୋତିବିକାଶ କଲେଜ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁ ଓ ପାଟଣାଗଡ ଜବାହାର କଲେଜ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଭଇଁଷା ଜ୍ୟୋତିବିକାଶ କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଅଭିଯୁକ୍ତ ଦର୍ଶାଇ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିଲା । ଗତବର୍ଷ ଏପ୍ରିଲ ୨୫ତାରିଖଠାରୁ ପୁଞ୍ଜିଲାଲ ପାଟଣାଗଡ ଉପକାରାଗାରରେ ବିଚାରଧୀନ କଏଦୀ ଭାବେ ବନ୍ଦୀ ଅଛନ୍ତି ।

୧୫ରେ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ

ନୂଆଦିଲ୍ଲୀ,୬।୨:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ । ଟ୍ରେନ୍‌୧୮ କୁହାଯାଉଥିବା ଏହି ଏକ୍ସପ୍ରେସଟି ସେହି ଦିନ ନୂଆଦିଲ୍ଲୀରୁ ବାରାଣସୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିବ । ଚେନ୍ନାଇର ଇଣ୍ଟିଗ୍ରାଲ କୋଚ୍ କାରଖାନାରେ ଏହି ଅତ୍ୟାଧୁନିକ ଟ୍ରେନଟିକୁ ନିର୍ମାଣ କରାଯାଇଛି । ପ୍ରାୟ ୧୦୦ କୋଟି ଟଙ୍କା ଏଥିପାଇଁ ଖର୍ଚ୍ଚ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ସକାଳ ୧୦ଟାରେ ପତାକା ଦେଖାଇ ଟ୍ରେନ ଯାତ୍ରାର ଶୁଭାରମ୍ଭ କରିବେ ବୋଲି ରେଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି ।

ଜମିହରାଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ପାରାଦୀପ,୬।୨(ସ୍ୱ.ପ୍ର.)

ଗତ ୧ ତାରିଖରୁ ପାରାଦୀପ ତୈଳ ବିଶୋଧନାଗାର ଆଗରେ ୧୭୫୨ ଜମିହରା ପରିବାର ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ମଧ୍ୟରାତ୍ରରୁ ହଟିଯାଇଛି । ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଶୋଧନାଗାର କର୍ତ୍ତୃପକ୍ଷ ଜମିହରା ପରିବାର ମଧ୍ୟରୁ ୪୦ଜଣଙ୍କୁ ତତ୍କାଳ ନିଯୁକ୍ତି ଓ ଅନ୍ୟମାନଙ୍କୁ ପଲିପ୍ରୋପିଲିନ୍ ପ୍ରକଳ୍ପରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ବୋଲି ଜମିହରା କୃଷକ ଏକତା ମଞ୍ଚ ମୁଖ୍ୟ ଅଭୟ ସାହୁ କହିଛନ୍ତି ।

■ ଦିନାଡିଆ ଗ୍ରାମର ପରିବାରର ୪ଜଣଙ୍କୁ ହତ୍ୟା ମାମଲା

୩ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ନିମାପଡ଼ା,୬।୨(ଡି.ଏନ୍.ଏ):

ପୁରୀ ଜିଲା ଅସ୍ତରଙ୍ଗ ଥାନା ନଗର ପଞ୍ଚାୟତ ଅନ୍ତର୍ଗତ ଦିନାଡିଆ ଗ୍ରାମର ଗୋଟିଏ ପରିବାରର ୪ଜଣଙ୍କୁ ବୀଭତ୍ସଭାବେ ହତ୍ୟା କରାଯାଇଥିଲା । ଏହି ହତ୍ୟା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି । ନିମାପଡ଼ା ଏଡିଜେ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ତାମଣି ପଣ୍ଡା ୩ ଅଭିଯୁକ୍ତ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ହିମାଦ୍ରି ଶେଖର ଦାସ ଓରଫ୍ ରହିମ ଖାନ, ସ୍ତ୍ରୀ ଆଏଶା ବେଗମ ଓ ହତ୍ୟା ଷଡ଼ଯନ୍ତ୍ରକାରୀ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ଫକିର ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆସନ୍ତା ୮ତାରିଖରେ ମାମଲାର ବୃତାନ୍ତ ରାୟ ସହ ଦଣ୍ଡ ଘୋଷଣା କରାଯିବ ବୋଲି ମାମଲା ପରିଚାଳନା କରୁଥିବା କ୍ରାଇମବ୍ରାଞ୍ଚ ପବ୍ଲିକ ପ୍ରସିକ୍ୟୁଟର ଚିତ୍ତରଞ୍ଜନ କାନୁନ୍‌ଗୋ କହିଛନ୍ତି ।

୮ତାରିଖରେ ଦଣ୍ଡ ଘୋଷଣା

ଅଭିଯୁକ୍ତଙ୍କୁ କୋର୍ଟକୁ ନିଆଯାଉଛି ।

ସୂଚନାଥାଉକି, ୨୦୧୫ ସେପ୍ଟେମ୍ବର ୨୧ ରାତିରେ ଦିନାଡିଆ ଗ୍ରାମର ଦୀନବନ୍ଧୁ ମଲ୍ଲିକ(୬୮), ସ୍ତ୍ରୀ ନିର୍ମଳା(୪୫), ଦୁଇ ଝିଅ ପ୍ରଣତୀ ଓ ଶାଶ୍ୱତୀଙ୍କୁ ତଣ୍ଟି କାଟି ବୀଭତ୍ସଭାବେ ହତ୍ୟା କରାଯାଇଥିଲା । ଅସ୍ତରଙ୍ଗ ଥାନା ପୋଲିସ ଏକ ମାମଲା(ନଂ.୯୫/୧୫)ରୁଜୁ କରି ତଦନ୍ତ ଚଳାଇଥିଲା । ସ୍ଥାନୀୟ ଲୋକଙ୍କ ଦାବିପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ମାମଲା (ନଂ.୩୦/୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସେହିବର୍ଷ ଅକ୍ଟୋବର ୯ରେ କ୍ରାଇମବ୍ରାଞ୍ଚ ଆସାମର ହଇଲାଖଣ୍ଡି ଜିଲା ରୋଙ୍ଗପୁର ଗ୍ରାମରୁ ହତ୍ୟାକାରୀ ଦମ୍ପତି ରହିମ ଓ ଆଏଶାଙ୍କୁ ଗିରଫ କରି ପରଦିନ ନିମାପଡ଼ା ଜେଏମଏଫସି କୋର୍ଟରେ ହାଜର କରିଥିଲା । ଏଥିସହ ସେମାନଙ୍କଠାରୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୁନାଗହଣା, ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର, ଏକ ବାଇକ୍ ଓ ମୋବାଇଲ ଫୋନ ସହ ଟଙ୍କା ଜବତ କରାଯାଇଥିଲା । ଅନ୍ୟପକ୍ଷରେ ଏହି ହତ୍ୟାରେ ସମ୍ପୃକ୍ତ ଥିବା ମୃତ ଦୀନବନ୍ଧୁଙ୍କ ସତ୍ତୁ ଫକିରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ନିମାପଡ଼ା କୋର୍ଟରେ ହାଜର କରିଥିଲା । ପରେ ଫକିର ଜାମିନରେ ଆସିଥିଲେ । କୋର୍ଟ ପକ୍ଷରୁ ଏସ୍.ଟି. କେସ ନଂ.୯୫/୬୪/୨୦୧୬ରେ ରୁଜୁ ହୋଇଥିଲା । ୩ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ବଳିଷ୍ଠ ପ୍ରମାଣ ରହିଥିବା ମାମଲାର ତଦନ୍ତକାରୀ ଅଧିକାରୀ କ୍ରାଇମବ୍ରାଞ୍ଚ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ଓ ଏଏସ୍‌ପି ଆର. କେ. ସୁଆର କହିଛନ୍ତି ।

ବିଧାନସଭା ପ୍ରଶ୍ନୋତ୍ତର

କୋରାପୁଟର ୪ ବ୍ଲକକୁ ବିଦେଶୀ ପର୍ଯ୍ୟଟକ ମନା

ଭୁବନେଶ୍ୱର,୬।୨(ବ୍ୟୁରୋ)

କୋରାପୁଟ ଜିଲାର ସିମିଳିଗୁଡା, ବୈପାରିଗୁଡା, କୁନ୍ଦରା ଏବଂ ଲମତାପୁଟ ବ୍ଲକର କେତେକ ଗ୍ରାମକୁ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ କଟକଣା କରାଯାଇଛି । ପର୍ଯ୍ୟଟନ ବିଭାଗ ୨୦୧୨ ଫେବୃୟାରୀ ୨୫ ତାରିଖରେ ଉକ୍ତ ବ୍ଲକରେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ କଟକଣା ଜାରି କରିଥିଲା । ବିଜ୍ଞପ୍ତି ଅନୁଯାୟୀ କୋରାପୁଟ ଜିଲାର ସେମିଳିଗୁଡା ବ୍ଲକର କାଣ୍ଡିଆ, କୋଟିଆ, ନୂଆଗାଁ, ସମ୍ବାଇ ଓ ତାଳଗୋଲ୍ଲେରୁ ପଞ୍ଚାୟତ, ବୈପାରିଗୁଡା ବ୍ଲକର ହଳଦୀଗୁଣ୍ଡ, ମାଝିଗୁଡା, ରାମଗିରି, ତେନ୍ତୁଳିଗୁମ୍ମା ପଞ୍ଚାୟତ, ଲମତାପୁଟ ବ୍ଲକର ଦେବିଗୁଡା, ଚିକନପୁଟ ଓ ଟିକରପଡା ଏବଂ କୁନ୍ଦରା ବ୍ଲକର କେରିମୁଡି ପଞ୍ଚାୟତର ସମସ୍ତ ଗ୍ରାମକୁ ବିଦେଶୀ ପର୍ଯ୍ୟଟକ ପରିଦର୍ଶନ ଉପରେ କଟକଣା ଲଗାଯାଇଛି । ତେବେ ଏହି କଟକଣାକୁ ୨୦୧୭ ମାର୍ଚ୍ଚ ୨ରେ ବିଜ୍ଞପ୍ତି ସଂଖ୍ୟା ୨୮୬୩ ଜରିଆରେ କୋହଳ କରାଯାଇଥିଲା । ତେବେ କୋରାପୁଟର ଅନ୍ୟ ଅଞ୍ଚଳ ପାଇଁ କୌଣସି କଟକଣା ନାହିଁ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି । କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବୁଧବାର ବିଧାନସଭାରେ କହିଛନ୍ତି ଯେ, ଗତ ୪ ବର୍ଷରେ କୋରାପୁଟ ଜିଲାକୁ ୧୦,୪୯,୦୮୨ ପର୍ଯ୍ୟଟକ ବୁଲି ଆସିଛନ୍ତି ।

ପେଟ୍ରୋଲ, ଡିଜେଲରୁ ଟିକସ କମିବନି

ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ କୌଣସି ଟିକସ କମାଇବେ ନାହିଁ । ଏ ନେଇ କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ । କଂଗ୍ରେସ ସଭ୍ୟ ଭୁଜବଳ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ ପେଟ୍ରୋଲ ଓ ଡିଜେଲରୁ ରାଜ୍ୟ ସରକାର ୪୯୯୪.୧୯ କୋଟି ଏବଂ ୨୦୧୮-୧୯ରେ ପେଟ୍ରୋଲ ଏବଂ ଡିଜେଲରୁ ୩୮୮୫.୮୮ କୋଟି ରାଜସ୍ୱ ପାଇଛନ୍ତି । ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରିବାର କୌଣସି ଯୋଜନା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।

୧୧ ମେଗାୱାଟ୍ ବିଦ୍ୟୁତ୍ ପାଇଁ ୮୦ ଟନ୍ ପାଉଁଶ

୧୧ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ପାଇଁ ୨୦୦ ମେଟ୍ରିକ ଟନ୍ କୋଇଲା ଦରକାର । ସେହି କୋଇଲାରୁ ୪୦% ପାଉଁଶ ହିସାବରେ ୮୦ ମେଟ୍ରିକ ଟନ୍ ପାଉଁଶ ଉତ୍ପନ୍ନ ହେଉଛି । କଂଗ୍ରେସ ସଭ୍ୟ ଅଂଶୁମାନ ମହାନ୍ତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ବୁଧବାର ବିଧାନସଭାରେ ଏହା କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଥିବା ବିଭିନ୍ନ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକ ସେମାନଙ୍କ ପୂର୍ଣ୍ଣ କ୍ଷମତା ବିନିଯୋଗ କରି ଉତ୍ପାଦନ କଲେ ୨୦୧୨-୧୩ରୁ ୨୦୧୭-୧୮ ମଧ୍ୟରେ ୫୭୯୧୧୬୫୯.୯ ମେଟ୍ରିକ ଟନ୍ ପାଉଁଶ ଉତ୍ପାଦନ ହେବ ।

ସୁଧ ହାର ବଢ଼ାଇପାରନ୍ତି ବ୍ୟାଙ୍କ

ନୂଆଦିଲ୍ଲୀ,୬-୨:

ଘରୋଇ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚାହୁଁଛନ୍ତି । ଏଥିପାଇଁ ୨୦୨୦ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କ ଖାତାରେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା ଜମା ହେବା ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି ଉଚ୍ଚ ସୁଧ ହାର ଦେବାକୁ ବ୍ୟାଙ୍କଗୁଡ଼ିକ କୁଣ୍ଠାବୋଧ କରିବେ ନାହିଁ ବୋଲି ଘରୋଇ ରେଟିଂ ଏଜେନ୍ସି କ୍ରିସିଲ୍ ପକ୍ଷରୁ ଏକ

ତୁମେ ତୁମର ସୁଖରେ ପରିବର୍ତ୍ତନ ଆଣିପାର, କିନ୍ତୁ କେବେହେଲେ ବନ୍ଧୁ ପରିବର୍ତ୍ତନ କରନାହିଁ।
- ଭଲଟାୟର

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ରାଜ୍ୟ ଅଣନିଯୁକ୍ତ ସିଟି/ବିଇଡି ମହାସଂଘ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ସ୍ୱାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ଅନୁସୂଚିତ ଜାତି/ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗମାନଙ୍କ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ଡ.ଗୋପାଳକୃଷ୍ଣ ଶ୍ରୀଚନ୍ଦନଙ୍କ ବିୟୋଗରେ ଭାଗବତ ପାଠ, ଏନ-୩/୨୮୭, ଆଇଆର୍‌ସି ଭିଲେଜ, ପୂର୍ବାହ୍ନ ୧୧ଟା।
- 'ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଓଡ଼ିଶା ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ଅପରାହ୍ନ ୩ଟାରୁ ରାତି ୯ଟା।
- ୨୧ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

କଟକ
- ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ମଧ୍ୟାହ୍ନ ୧୨ଟା ।
- କଟକ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲାସ୍ତରୀୟ ମେଳାର ଦ୍ୱିତୀୟ ଦିବସ, ଓଡ଼ିଶା ପୋଲିସ ହାଇସ୍କୁଲ, ତୁଳସୀପୁର, ଅପରାହ୍ନ ୩ଟା ।
- ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ 'ବ୍ରେକିଙ୍ଗ ଦ ସାଇଲେନ୍ସ' କାର୍ଯ୍ୟକ୍ରମ, ଓଡ଼ିଶା ନାରୀ ସଂଘ ସଦନ, ବକ୍ସିବଜାର, ଅପରାହ୍ନ ୪ଟା ।

ବାଲକାଟୀ
- ପଞ୍ଚକୁଣ୍ଡୀୟ ବଗଳା ମହାଯଜ୍ଞ, ଚଉଷଠୀ ଯୋଗିନୀ ପୀଠ, ହୀରାପୁର, ସକାଳ ୮ଟାରୁ ଆରମ୍ଭ।

ସାକ୍ଷୀଗୋପାଳ
- ଶ୍ରୀ ନୀଳକଣ୍ଠ ଓ ସୋମନାଥ ଦେବଙ୍କ ଶକ୍ତି ଓ ଲିଙ୍ଗ ପୁନଃ ପ୍ରତିଷ୍ଠା ମହାଯଜ୍ଞ, ନୂଆଗାଁ, ସାକ୍ଷୀଗୋପାଳ, ସକାଳ ୯ ଟା।

ଚାକରାଣୀଙ୍କୁ ବଳାତ୍କାର: ଘର ମାଲିକ ଗିରଫ

ପୁରୁଣା ଭୁବନେଶ୍ୱର, ୬।୨(ଡି.ଏନ.ଏ.): ଶ୍ରୀଲିଙ୍ଗରାଜ ଥାନା ଗୌରୀନଗର ଅଞ୍ଚଳରେ ଭଡା ଘରେ ରହିବା ସହ କାମ କରି ଗୁଜୁରାଣ ମେଣ୍ଟାଉଥିବା ଜନୈକା ମହିଳାଙ୍କୁ ଗୃହ ମାଲିକ ବଳାତ୍କାର କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ବୁଧବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ବିପ୍ଳବ ଦାସ(୩୭)। ପୋଲିସ ସୂଚନା ମୁତାବକ, ପିପିଲି ଅଞ୍ଚଳର ଅଭିଯୋଗକାରୀ ସ୍ୱାମୀଙ୍କଠାରୁ ସେ ଅଲଗା ହୋଇ ଭଡ଼ା ଘରେ ରହୁଥିଲେ। ମହିଳା ଜଣକ ଏଠାରେ ଭଡା ଘରେ ରହିବା ସହ ଅଭିଯୁକ୍ତଙ୍କ ଘରେ କାମକରି ଚଳୁଥିଲେ। ମାତ୍ର ଏହାର ସୁଯୋଗ ନେଇ ବୁଧବାର ମହିଳାଙ୍କୁ ମାଲିକ ବିପ୍ଳବ ବଳାତ୍କାର କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ନଂ. ୨୨/୧୯ ରେ ମାମଲା ରୁଜୁ ହୋଇଛି।

ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନକାରୀ ଚାଷୀ।

ଚାଷୀମାନେ ଗାନ୍ଧୀ ମାର୍ଗରେ ଶୋଇଛନ୍ତି।

ବଳ ଲଗାଇ ଚାଷୀ ଆନ୍ଦୋଳନ ଭଣ୍ଡୁର

ଭୁବନେଶ୍ୱର,୬।୨ (ବ୍ୟୁରୋ)

- ରାଜଧାନୀ ଆସୁଥିବା ଚାଷୀଙ୍କୁ ବିଭିନ୍ନ ସ୍ଥାନରୁ ଉଠାଇ ନେଲା ପୋଲିସ
- ଲୋୟର ପିଏମ୍‌ଜି ସମେତ ଏକାଧିକ ସ୍ଥାନରେ ରାସ୍ତାରେ ବସିଲେ ଚାଷୀ
- ଆଗାମୀ ନିର୍ବାଚନରେ ଜବାବ ଦିଆଯିବ: ଅକ୍ଷୟ କୁମାର

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବି ନେଇ ଦୀର୍ଘଦିନ ହେବ ଚାଷୀ ଆନ୍ଦୋଳନ ଜାରି ରହିଛି। ୨୦୧୭ରୁ ଏପର୍ଯ୍ୟନ୍ତ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜଧାନୀରେ ୩ଥର ବିଶାଳ ଚାଷୀ ସମାବେଶ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହାକୁ ଭଣ୍ଡୁର କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଦର୍ଶାଇ ପୋଲିସ ଚାଷୀଙ୍କୁ ରାଜଧାନୀକୁ ପଶିବାକୁ ଦେଇନି। ବୁଧବାର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ସଂଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ସହ ବିଧାନସଭା ଘେରାଉ ଡାକରା ଦିଆଥିଲା। ରାଜ୍ୟର ବିଭିନ୍ନ ଜିଲାର ହଜାର ହଜାର ମହିଳା ଓ ପୁରୁଷ ଚାଷୀ ଚାଲି ଚାଲି ରାଜଧାନୀ ଅଭିମୁଖେ ଆସୁଥିଲେ। ହେଲେ ବିଭିନ୍ନ ସ୍ଥାନରେ ପୋଲିସ ବାଟ ଓଗାଳିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀମାନେ ଧାରଣା ଓ ରାସ୍ତା ଅବରୋଧ କରିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ପୋଲିସ ଚାଷୀଙ୍କୁ ଗିରଫ କରି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ କରିଥିଲା। ଏହାସତ୍ତ୍ୱେ ବହୁ ଚାଷୀ ବିଭିନ୍ନ ବାଟ ଦେଇ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚି ଯାଇଥିଲେ। ଲୋୟର ପିଏମ୍‌ଜିଠାରେ ଚାଷୀମେଳି ହେଉଥିବା ଦେଖି ପୋଲିସ ବଳ ପ୍ରୟୋଗ ଆରମ୍ଭ କରିଦେଇଥିଲା। କେତେଜଣ ଚାଷୀ ରୋସ୍ତାରେ ଶୋଇ ରହିବା ସହ ଆଉକେତେଜଣ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ପୋଲିସ ଆନ୍ଦୋଳନରତ ଚାଷୀ ଓ ଚାଷୀ ନେତାଙ୍କୁ ଗିରଫ କରି ଆନ୍ଦୋଳନକୁ ଦମନ କରିଥିଲା। ତେବେ ବିଭିନ୍ନ ସ୍ଥାନରେ ପୋଲିସ ମାଡ ମାରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଦୁଇଦିନ ହେବ ଚାଷୀମାନେ ଆନ୍ଦୋଳନ ପାଇଁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ମଙ୍ଗଳବାର ଯାଜପୁରଠାରେ ପୋଲିସ ବଳ ପ୍ରୟୋଗ କରି ଚାଷୀଙ୍କୁ ଅଟକାଇବାରୁ ଅନ୍ୟ ଚାଷୀମାନେ କଟକ ରେଳ ଷ୍ଟେଶନରେ ଧାରଣା ଦେଇଥିଲେ। ବୁଧବାର ଯାଜପୁର, ଚଣ୍ଡିଖୋଲ ଓ ପାଣିକୋଇଲିଠାରେ ହଜାର ହଜାର ଚାଷୀଙ୍କୁ ଯାଜପୁର ପୋଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ୧୬ ନଂ. ଜାତୀୟ ରାଜପଥକୁ ଅବରୋଧ କରି ପ୍ରତିବାଦ କରିଥିଲେ। ମୟୂରଭଞ୍ଜ ଜିଲାରୁ ଆସୁଥିବା ଚାଷୀଙ୍କୁ ପୋଲିସ ଅଟକାଇବାରୁ ସେମାନେ ଉଦଳା ଓ ବାରିପଦା ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ନୟାଗଡରୁ ଆସୁଥିବା ଚାଷୀଙ୍କୁ ମଧ୍ୟ ପୋଲିସ ଅଧାବାଟରୁ ଉଠାଇ ନେଇଥିଲା। କଟକ ଜିଲାରୁ ଆସୁଥିବା ଚାଷୀଙ୍କୁ ପୋଲିସ ତ୍ରିଶୂଳିଆ, ମୁଣ୍ଡଳି, ବଡମ୍ବା ଓ ଫୁଲନଖରା ଛକରେ ବାଟ ଓଗାଳି ଗିରଫ କରିଥିଲା। ସବୁଠୁ ବଳି ଯାଇଥିଲା ରାଜଧାନୀର ସ୍ଥିତି। ସକାଳୁ ପିତାପଲ୍ଲୀ ଓ ତମାଣ୍ଡୋ ଛକ ନିକଟରେ ପୋଲିସ ଜଗି ରହି ଯେଉଁଗାଡିରେ ଏକାଧିକ ଲୋକେ ଧୋତି ଓ ଗାମୁଛା ପକାଇଥିବା ଦେଖୁଥିଲା, ସେମାନଙ୍କୁ ଉଠାଇ ନେଉଥିଲା। ଏଥିସହ ଟ୍ରେନ୍‌ରେ ଆସୁଥିବା ଚାଷୀଙ୍କୁ ଅଟକାଇବା ପାଇଁ ଭୁବନେଶ୍ୱର, କଟକ ସମେତ ବିଭିନ୍ନ ରେଳ ଷ୍ଟେଶନରେ ପୋଲିସ ଜଗି ରହିଥିଲା। ଭୁବନେଶ୍ୱର ରେଳଷ୍ଟେଶନରେ ପୋଲିସ ଅଟକାଇବାରୁ ଦୁଇ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପ୍ଲାଟ୍‌ଫର୍ମରେ ଧାରଣାଦେଇଥିଲେ। ରାଜଧାନୀରୁ ୧୦ ହଜାରରୁ ଅଧିକ ପୁରୁଷ ଓ ମହିଳା ଚାଷୀଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି।

ଜଣେ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଉଛି।

ଚାଷୀନେତା ତଥା ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ରାଜ୍ୟର ବର୍ତ୍ତମାନ ଜରୁରିକାଳୀନ ସ୍ଥିତି ଉପୁଜିବା ଭଳି ଲାଗୁଛି। ଏପରି ସ୍ଥିତି ପାଇଁ ଇନ୍ଦିରା ଗାନ୍ଧୀ ଓ କଂଗ୍ରେସକୁ ଶାସନ କ୍ଷମତା ହରାଇବାକୁ ପଡିଥିଲା। ଏଥର ଓଡିଶାର ଚାଷୀଙ୍କ ପାଇଁ ନବୀନ ସରକାର ଶାସନରୁ ବିଦାହେବେ। ଆଗାମୀ ନିର୍ବାଚନରେ ଚାଷୀମାନେ ଏହାର ଉଚିତ ଜବାବ ଦେବେ। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଅକ୍ଷୟ କୁମାର ନିଜ ମାନସିକତାରେ ପରିବର୍ତ୍ତନ କରନ୍ତୁ। ଗୁପ୍ତ ଏଜେଣ୍ଡା ସାଜି ତୁଛାରେ ଆନ୍ଦୋଳନ କଲେ କିଛି ଲାଭ ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ କରି କହିଛନ୍ତି, ନିଜ ଅଧିକାର ପାଇଁ ଆସୁଥିବା ଚାଷୀଙ୍କୁ ସହର ଭିତରକୁ ନ ଛାଡିବା ଓ ଗିରଫ କରିବା ଗଣତନ୍ତ୍ର ପରିପନ୍ଥୀ। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ବିନାନୁମତିରେ ଓ ଆଇନକୁ ନ ମାନି ଆନ୍ଦୋଳନ କରିବାକୁ ଆସୁଥିବା ଚାଷୀଙ୍କୁ ଗିରଫ କରାଯାଇଛି।

ଭୁବନେଶ୍ୱର ନୟାପଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆୟକର ବିଭାଗ କମିଶନର ଶରତ ଦାଶ, 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ ମହାନ୍ତି ଓ ଅନ୍ୟ ଅତିଥିମାନେ କୈବଲ୍ୟକଣ୍ଠ ଅର୍ଜୁନ ଚରଣ ସାମଲଙ୍କ ସ୍ମୃତିରେ ଏକ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଉତ୍କଳିକା ପରିଦର୍ଶନ କଲେ ଟ୍ୟୁନିସିଆର ପୂର୍ବତନ ରାଷ୍ଟ୍ରପତି

ଭୁବନେଶ୍ୱର,୬।୨(ବ୍ୟୁରୋ)

ଟ୍ୟୁନିସିଆର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ମନୋସେଫ୍ ମାର୍ଜୁକି ବୁଧବାର ଅପରାହ୍ନରେ ଉତ୍କଳିକାର ମାର୍କେଟ ବିଲ୍ଡିଂସ୍ଥିତ ଶୋ'ରୁମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଦେଖିବା ସହ ଭୂୟସୀ ପ୍ରଶଂସା କରିଥିଲେ। ତନ୍ମଧ୍ୟରୁ ଟସର ପଟଚିତ୍ର, ଚାନ୍ଦୁଆ ଓ ତାରକସି, ତାଳପତ୍ର ପଟପେଣ୍ଟିଂ ଏବଂ ଅନ୍ୟାନ୍ୟ ହସ୍ତଶିଳ୍ପ ସାମଗ୍ରୀ କିଣିଥିଲେ। ଏଠାରେ ସେ ପ୍ରାୟ ଏକଘଣ୍ଟା ଅତିବାହିତ କରିବା ସହ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ, ଶାଖା ପରିଚାଳିକା ଶାରଳା ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶା ହସ୍ତଶିଳ୍ପର କାରୁକାର୍ଯ୍ୟ, ହସ୍ତତନ୍ତ ସାମଗ୍ରୀର ଉତ୍ପାଦନ, ବ୍ୟବସାୟୀକରଣ, ଜାତୀୟ ତଥା ଅନ୍ତର୍ଜାତୀୟ ମାନଚିତ୍ରରେ ଏହାର ଗୁରୁତ୍ୱ ସମ୍ପର୍କରେ ବୁଝିଥିଲେ।

ପଦ୍ମ ବେଶରେ ତିନି ଠାକୁର।

ପଦ୍ମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ,୬।୨

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ଅନୁଷ୍ଠିତ ହୋଇଛି। ବଡ଼ସିଂହାର ବେଶରେ ଠାକୁରଙ୍କ ଏହି ବେଶ କରାଯାଇଛି। ଏହି ବେଶରେ ଠାକୁର ସୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଡି, ହଂସ, ବୃଳ, ମଗରକୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ସୋଲ, ଜରି, କଦଳୀପଟ, କନା, କଇଥ ଅଠା, ରଙ୍ଗ ସାହାଯ୍ୟରେ ଏ ସବୁକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ଆବହମାନ କାଳରୁ ବଡଛତା ମଠ ଏହି ବେଶ ପ୍ରସ୍ତୁତି କରି ଯୋଗାଇଆସୁଛି। ବୁଧବାର ରାତିରେ ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହା ଲାଗି ହୋଇଥିଲା। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପଦ୍ମବେଶ ଥାଇ ଠାକୁର ପହୁଡ ହୋଇଥିଲେ। ଏହି ବେଶ ଥାଇ ଗୁରୁବାର ମଙ୍ଗଳ ଆଳତି ହେବ। ମଙ୍ଗଳ ଆଳତିରେ ଭକ୍ତମାନେ ମହାପ୍ରଭୁଙ୍କୁ ପଦ୍ମବେଶରେ ଦର୍ଶନ କରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ। ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡିଲେ ଏହି ବେଶ ହୋଇଥାଏ ବୋଲି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।

୪ କାର୍ ଚକ ଜବତ, ୩ ଗିରଫ

କଟକ ରୋଡ,୬।୨(ଡି.ଏନ୍.ଏ)

କାର୍ ଚକ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ବୁଧବାର ଜଣେ ଗ୍ୟାରେଜ ମାଲିକଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ବମିଖାଲ କେନାଲ ରୋଡରେ ରହୁଥିବା ସଞ୍ଜୀବ କୁମାର ରାମ, ଅଭି ଶର୍ମା ଓ ଲକ୍ଷ୍ମୀସାଗର ଅଞ୍ଚଳର ରାକେଶ ସାମନ୍ତରାୟ। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୀବଙ୍କର କୋନାଲ ରୋଡରେ ଏକ କାର ଗ୍ୟାରେଜ ରହିଛି। ଗତ ୪ତାରିଖ ବିଳମ୍ବିତ ରାତିରେ ସଞ୍ଜୀବଙ୍କ ସହ ଅନ୍ୟ ୨ ଅଭିଯୁକ୍ତ ବମିଖାଲ ଓ କେନାଲ ରୋଡ ଅଞ୍ଚଳରୁ ୨ଟି କାରର ୪ଟି ଚକ ଚୋରି କରି ଅନ୍ୟତ୍ର ବିକ୍ରି କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନଙ୍କୁ ଧରି ପୋଲିସର ଜିମା ଦେଇଥିଲେ। ପଚରାଉଚରା ପରେ ଅଭିଯୁକ୍ତମାନେ କାରରୁ ଚକ ଚୋରି କରିଥିବା ଜଣାପଡିଥିଲା। ଏ ନେଇ ଜଣେ କାର ମାଲିକ ମାନସ ରଞ୍ଜନ ପଣ୍ଡାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୭/୧୯)ରୁଜୁ ହୋଇଛି।

ଦିବ୍ୟାଙ୍ଗଙ୍କ ପାଇଁ ରୋବୋଟିକ୍ ହାତ ତିଆରି କଲେ ଛାତ୍ର

ଏସ୍‌ଭି ନିର୍‌ତାର

କଣ୍ଟାପଡା, ୬।୨(ଡି.ଏନ୍.ଏ.)

କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା କେନ୍ଦ୍ର ପ୍ରୋସ୍ଥେଟିକ ଓ ଅର୍ଥୋଟିକ ବିଭାଗର ଜଣେ ଛାତ୍ର ଦିବ୍ୟାଙ୍ଗଙ୍କ ପାଇଁ ବିଦ୍ୟୁତ୍ ଚାଳିତ କୃତ୍ରିମ ହାତ ତିଆରି କରି ସଫଳତା ଆଣିଛନ୍ତି। ଚତୁର୍ଥ ବର୍ଷର ଛାତ୍ର ଦୀପକ ସାହୁଙ୍କ ଦ୍ୱାରା ନିର୍ମିତ ଏହି ରୋବୋଟିକ ହାତ ଦିବ୍ୟାଙ୍ଗଙ୍କ ଅଙ୍ଗରେ ଲଗାଇବା ଦ୍ୱାରା ସେ କାମ କରିବାରେ ସହାୟକ ହୋଇଥାଏ। ଏହି ପ୍ରକଳ୍ପରେ ବ୍ୟବହାର ହୋଇଥିବା କୃତ୍ରିମ ହାତ ମାନବ ଆକୃତି ବିଶିଷ୍ଟ ଏବଂ ଥ୍ରୀ-ଡି ପ୍ରିଣ୍ଟିଂ ପ୍ରବଧି ବିଜ୍ଞାନ ପଦ୍ଧତିରେ ନିର୍ମାଣ କରାଯାଇଛି। ଏହାଦ୍ୱାରା ହାତ ନ ଥିବା ଜଣେ ଦିବ୍ୟାଙ୍ଗ ୫ଟି ଆଙ୍ଗୁଠିର ବ୍ୟବହାର କରିପାରିବ। ରୋବୋଟି କୃତ୍ରିମ ହାତ ବ୍ୟବହାର ଦ୍ୱାରା ଦିବ୍ୟାଙ୍ଗବ୍ୟକ୍ତି ଅତି ସହଜରେ ଖାଇବା, ପିଇବା, ମୋବାଇଲ ବ୍ୟବହାର, ଲେଖିବା, ଝାଡୁକରିବା ଓ ଖବରକାଗଜ ଧରି ପଢ଼ିବା ଅତ୍ୟନ୍ତ ସହଜ ହୋଇପାରିବ। ଏହି କୃତ୍ରିମ ଅଙ୍ଗ ହାଲୁକା। ବଜାରରେ ଏହାର ମୂଲ୍ୟ ୨ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ଏହି ଅନୁଷ୍ଠାନରେ ମାତ୍ର ୨୦,୦୦୦ ଟଙ୍କା ବ୍ୟୟରେ ନିର୍ମିତ ହୋଇପାରିଛି। ବିଭାଗର ଅଧ୍ୟାପକ ରାଜେଶ ମହାନ୍ତି ଓ ଅଧ୍ୟାପିକା ନନ୍ଦିତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଦୀପକ ଗବେଷଣା କରି ଏହି ସଫଳତା ପାଇଛନ୍ତି। ପ୍ରକଳ୍ପଟି ଜାତୀୟସ୍ତରରେ ଆୟୋଜିତ ସମ୍ମିଳନୀରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି। ଏହି ହାତ ଏସ୍‌ଭି ନିର୍‌ତାରକୁ ଆସୁଥିବା ଦିବ୍ୟାଙ୍ଗଙ୍କ ଶରୀରରେ ଲଗାଯାଇଛି। ଫଳରେ କାର୍ଯ୍ୟକ୍ଷମ ହୋଇପାରୁଥିବା ଜଣାପଡିଛି। ଏଥିଯୋଗୁ ଦୀପକଙ୍କୁ ନିର୍‌ତାରର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସ ଓ ବିଭାଗୀୟ ମୁଖ୍ୟ ସୋମନାଥ ରାଉତ ଧନ୍ୟବାଦ ଦେଇଛନ୍ତି।

ଜଣେ ଦିବ୍ୟାଙ୍ଗଙ୍କ ଶରୀରରେ ରୋବୋଟିକ୍ ହାତ ଲଗାଯାଇଛି।

ଫେରୁଛି କଳିଙ୍ଗ ଷ୍ଟୁଡିଓର ଖ୍ୟାତି

ଭୁବନେଶ୍ୱର,୬।୨(ବ୍ୟୁରୋ)

- ୩ ମାସରେ ଶେଷହେଲାଣି ୧୦ ଫିଲ୍ମର ଶୁଟିଂ
- 'ବିଜୁବାବୁ', 'ହୀରାଲାଲ୍ ମୋତିଲାଲ୍' ଫିଲ୍ମର ଶୁଟିଂ ଚାଲିଛି

ଲାଇଟ୍, ସାଉଣ୍ଡ୍, କ୍ୟାମେରା, ଆକ୍ସନ ଓ ଷ୍ଟାର୍ଟ। ଏଭଳି ଶବ୍ଦରେ ପୁଣିଥରେ ଗୁଞ୍ଜରିତ ହୋଇଉଠିଛି କଳିଙ୍ଗ ଷ୍ଟୁଡିଓ ପରିସର। ୯୦ ଦଶକରେ ଓଡ଼ିଆ ଫିଲ୍ମ ଜଗତ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିଦେଇଥିବା କଳିଙ୍ଗ ଷ୍ଟୁଡିଓ ନିଜର ପୁରୁଣା ଟ୍ରାକ୍‌କୁ ଫେରିଛି। ନୂଆ ରୂପ ଏବଂ ନୂଆ ବ୍ୟବସ୍ଥା ସହ ଷ୍ଟୁଡିଓ ପରିସରରେ ଓଡ଼ିଆ ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି। ମାତ୍ର ୩ ମାସ ମଧ୍ୟରେ ୧୦ଟି ଫିଲ୍ମର ଶୁଟିଂ କରି ରେକର୍ଡ କରିଛି ରାଜ୍ୟର ଏହି ଏକମାତ୍ର ଫିଲ୍ମ ତିଆରି ଷ୍ଟୁଡିଓ।

ଅନୁଭବଙ୍କ ବହୁଚର୍ଚ୍ଚିତ ଫିଲ୍ମ 'ବିଜୁବାବୁ'ର ଶୁଟିଂ ଚାଲିଛି।

ଦୀର୍ଘ ୨୦ବର୍ଷ ଧରି ଶ୍ରୀହୀନ ଅବସ୍ଥାରେ ପଡ଼ିରହିଥିବା କଳିଙ୍ଗ ଷ୍ଟୁଡିଓର ଚିତ୍ର ଏବେ ବଦଳିଛି। ଲଗାତାର ୧୦ଟି ଓଡ଼ିଆ ଫିଲ୍ମ ଏଠାରେ ଶୁଟିଂ ହୋଇଛି। କିଛି ଇନ୍‌ଡୋର ତ କିଛି ଆଉଟ୍‌ଡୋର, ଛୋଟବଡ଼ ସବୁ ବଜେଟର ଫିଲ୍ମ ତିଆରି କରିବାକୁ ନିର୍ମାତାମାନେ ଆଗ୍ରହ ଦେଖାଉଛନ୍ତି। ଏବେ ଏଠାରେ କମେଡି ଫିଲ୍ମ 'ହୀରାଲାଲ୍ ମୋତିଲାଲ୍' ଏବଂ ଅନୁଭବଙ୍କ ବହୁଚର୍ଚ୍ଚିତ ଫିଲ୍ମ 'ବିଜୁବାବୁ'ର ଶୁଟିଂ ଚାଲିଛି। ପୁଣିଥରେ ଓଡ଼ିଆ ଫିଲ୍ମ ନିର୍ମାଣର ଫେଭରାଇଟ୍ ଡେଷ୍ଟିନେଶନ ହେବାକୁ ଯାଉଥିବା ଏହି ଷ୍ଟୁଡିଓରେ ବିଭିନ୍ନ ପ୍ରକ

ଧରିତ୍ରୀ ଆଳାପ

ସେଲ୍‌ଫି ଭିଡିଓ ମୋ ସଫଳତାର ଏକ ଅଂଶ

୨୦୦୬ରେ ଇଣ୍ଡିଆନ୍ ଆଇଡଲ୍‌ରୁ ଏଲିମିନେଟ୍ ଓ ୨୦୧୨ରେ କକ୍‌ଟେଲ ଫିଲ୍ମ ଜରିଆରେ ବଲିଉଡ୍‌କୁ ଏଣ୍ଟ୍ରି, ଏହି ୬ବର୍ଷର ଯାତ୍ରା କିପରି ଥିଲା?

❖ବହୁତ କଷ୍ଟଦାୟକ ଥିଲା। ଇଣ୍ଡିଆନ୍ ଆଇଡଲ୍‌ରୁ ଏଲିମିନେଟ୍ ହେବା ପରେ ମୁଁ କ'ଣ କରିବି କିଛି ଭାବିପାରୁ ନ ଥିଲି। ଜଣେ ପ୍ଲେବ୍ୟାକ୍ ସିଙ୍ଗର ହୋଇପାରିବିନି ବୋଲି ମୋ ମନ ଭିତରେ ଭାବନା ଆସୁଥିଲା। କିନ୍ତୁ ସବୁବେଳେ ଚେଷ୍ଟା ମୋର ଜାରି ରହିଥିଲା। ଫଳରେ ଦୀର୍ଘ ୬ବର୍ଷ ଅପେକ୍ଷା ହେଉ ପଛେ ମୁଁ ଜଣେ ପ୍ଲେବ୍ୟାକ୍ ସିଙ୍ଗର ହେବାର ସୁଯୋଗ ପାଇଲି।

ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୨ରେ ପ୍ରତିଯୋଗୀ ଓ ସିଜନ୍ ୧୦ରେ ବିଚାରକ କ'ଣ କହିବେ?

❖ ଏହା ମୋ ପାଇଁ ଏକ ବଡ଼ ସଫଳତା। କାରଣ ଯେଉଁଠି ତୁମେ ଜଣେ ଅଂଶଗ୍ରହଣକାରୀ ଥିବ ସେଠାରେ ତୁମେ ବିଚାରକ ହେବ ବୋଲି କେବେବି ଭାବି ନ ଥିବ। ଯେତେବେଳେ ଜଣେ ଫେମସ୍ କିମ୍ବା ସିନିୟର ସିଙ୍ଗର ହୁଅନ୍ତି ସେତେବେଳେ ସେମାନେ ବିଚାରକ ହୁଅନ୍ତି। କିନ୍ତୁ ମୁଁ ଅଳ୍ପ ବର୍ଷରେ ଓ କମ୍ ବୟସରେ ବିଚାରକ ହୋଇଗଲି। ତେଣୁ ମୋତେ ବହୁତ ଗର୍ବ ଅନୁଭବ ହୁଏ।

ଯେଉଁ ବଡ଼ ବଡ଼ ମ୍ୟୁଜିକ୍ କମ୍ପୋଜରଙ୍କ ସାମ୍ନାରେ ଆପଣ ଗୀତ ଶୁଣାଇଥିଲେ ସେମାନଙ୍କ ପାଖରେ ବସି ବିଚାରକ ଭାବେ କାର୍ଯ୍ୟ ତୁଲାଇଲେ। ସେ ସମୟର ଅନୁଭୂତି କିପରି ଥିଲା?

❖ ସ୍ୱପ୍ନ ସାକାର ହେବା ଭଳି। ସେମାନଙ୍କଠାରୁ ଅନେକ କିଛି ଶିଖିବାକୁ ପାଇଥିଲି। ସେମାନେ ମଧ୍ୟ ମୋଠାରୁ କିଛି ଶିଖିଛନ୍ତି। ମୁଁ ଶୋ'କୁ ଆସିବା ପରେ ମୋ ଦୁଇପଟେ ଥିବା ବିଚାରକଙ୍କ ବ୍ୟବହାରରେ ପରିବର୍ତ୍ତନ ହୋଇଯାଇଥିଲା। ପୂର୍ବରୁ ସେମାନେ ଦୁଃଖ ଦୁଃଖରେ ରହୁଥିଲେ। କିନ୍ତୁ ମୋ ସହିତ ମିଶିବା ପରେ ଶୋ'ରେ ସେମାନେ ବହୁତ ଏନ୍‌ଜୟ କରିଛନ୍ତି।

ଇଣ୍ଡିଆନ୍ ଆଇଡଲ୍‌ରେ ପୂର୍ବ ଏବଂ ଏବେକାର ପ୍ରତିଯୋଗୀଙ୍କ ମଧ୍ୟରେ କ'ଣ ଫରକ ଦେଖୁଛନ୍ତି?

❖ ବର୍ତ୍ତମାନ ଯେଉଁମାନେ ଆସୁଛନ୍ତି ସେମାନଙ୍କ ଟ୍ୟାଲେଣ୍ଟ ମାଇଣ୍ଡ ବ୍ଲୋଇଂ। ଅନୁଭବ ହେଉଛି, ଯେତେ ନୂଆ ପିଢ଼ି ଆସୁଛନ୍ତି ସେତେ ଅଧିକ ଟ୍ୟାଲେଣ୍ଟେଡ୍ ଲାଗୁଛନ୍ତି। ମୁଁ ଯେତେବେଳେ ଅଂଶଗ୍ରହଣ କରିଥିଲି, ମୋ ମନରେ ଭୟ ବହୁତ ଥିଲା। କିନ୍ତୁ ବର୍ତ୍ତମାନର ପ୍ରତିଯୋଗୀମାନଙ୍କ ପାଖରେ ସେସବୁ ପରିଲକ୍ଷିତ ହେଉନାହିଁ।

ଭାଇ ଟୋନି କକ୍କରଙ୍କ ସମ୍ପର୍କରେ କ'ଣ କହିବେ?

❖ ସେ ମୋର ଲକି ଚାମ୍ପ। ଜଣେ ସୁପର ଟ୍ୟାଲେଣ୍ଟେଡ୍ ମ୍ୟୁଜିସିଆନ୍। ଯେତିକି ଭଲ ଗୀତ ଗାଆନ୍ତି ସେତିକି ଭଲ ମ୍ୟୁଜିକ୍ କମ୍ପୋଜ୍ ଓ ଲିରିକ୍ସ ମଧ୍ୟ କରନ୍ତି। ଆମ ଦୁଇଜଣଙ୍କ ଯୋଡ଼ି ନେହା କକ୍କର। ବଲିଉଡ଼ର ଜଣେ ଆଗ ଧାଡ଼ିର ପ୍ଲେବ୍ୟାକ୍ ସିଙ୍ଗର। ୨୦୦୬ରେ ଏକାଦଶ ଶ୍ରେଣୀରେ ପଢୁଥିବା ସମୟରେ ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୨ରେ ଅଂଶଗ୍ରହଣ କରି ଟପ୍-୯ରୁ ଏଲିମିନେଟ୍ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସଙ୍ଗୀତ କ୍ଷେତ୍ରରେ ତାଙ୍କର ସଫଳତା ତାଙ୍କୁ ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୦ର ବିଚାରକ କରିଥିଲା। ୨୦୦୮ରେ ସେ 'ନେହା ଦି ରକ୍ ଷ୍ଟାର' ନାମରେ ଏକ ଆଲବମ୍ କରିଥିଲେ। ୨୦୧୨ କକ୍‌ଟେଲ୍ ଫିଲ୍ମର 'ସେକେଣ୍ଡ ହ୍ୟାଣ୍ଡ ଜୱାନି' ଗୀତ ଜରିଆରେ ସେ ବଲିଉଡ଼କୁ ଏଣ୍ଟ୍ରି କରିଥିଲେ। ଭାଇ ଟୋନି କକ୍କରଙ୍କ ସହିତ ତାଙ୍କର 'ମିଲେ ହୋ ତୁମ୍ ହମ୍‌କୋ' ଗୀତ ତାଙ୍କୁ ଲୋକପ୍ରିୟତାର ଉଚ୍ଚ ସୋପାନରେ ପହଞ୍ଚାଇଥିଲା। ଏହାଛଡ଼ା 'ସନି ସନି', 'ଧତିଙ୍ଗ୍ ନାଚ୍', 'ଲଣ୍ଡନ ଠୁମକ୍‌ଦା', 'କାଲା ଚଷ୍ମା', 'ମୈଁ ତେରା ବୟଫ୍ରେଣ୍ଡ୍', 'ଦିଲ୍‌ବର ଦିଲବର୍', 'ଆଁଖ ମାରେ' ଭଳି ଅନେକ ସୁପରହିଟ୍ ଗୀତ ଗାଇ ସେ ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ନିକଟରେ ଭୁବନେଶ୍ୱରକୁ ଏକ ମ୍ୟୁଜିକ୍ କନସର୍ଟରେ ଯୋଗଦେବାକୁ ଆସିଥିବା ବେଳେ ନେହାଙ୍କ ସହିତ ହୋଇଥିବା ସ୍ୱତନ୍ତ୍ର ସାକ୍ଷାତ୍‌କାର।

ସୁପରହିଟ୍। ଆଜିମୁଁ ଯେଉଁଠି ପହଞ୍ଚିଛି ତାଙ୍କ ପାଇଁ ହିଁ ସମ୍ଭବ ହୋଇପାରିଛି।

ଆପଣ ଇମୋଶନାଲ ଗୀତରେ କାନ୍ଦିପକାନ୍ତି। କିନ୍ତୁ ଯେତେବେଳେ ରକ୍ ଗୀତ ଗାଆନ୍ତି ସେତେବେଳେ ସମସ୍ତଙ୍କୁ ମସ୍‌ଗୁଲ କରନ୍ତି। କେମିତି ନିଜକୁ ବାଲାନ୍ସ କରନ୍ତି?

❖ ମୁଁ ବହୁତ ଇମୋଶନାଲ। ଗୀତଗୁଡ଼ିକୁ ଅନୁଭବ କରି ଗାଇଥାଏ, ଯାହା ମୋତେ ବହୁତ ସହାୟକ ହୋଇଥାଏ।

ଅନେକ ସୁପରହିଟ୍ ଗୀତ ଗାଇ ସାରିଲେଣି। କିନ୍ତୁ ଏ ପର୍ଯ୍ୟନ୍ତ କିଛି ଆୱାର୍ଡ ମିଳିନାହିଁ। କ'ଣ କହିବେ?

❖ ମୁଁ ଆୱାର୍ଡ ଉପରେ ବିଶ୍ୱାସ କରେ ନାହିଁ। ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମରେ ମୋ ଗୀତକୁ ଯେଉଁମାନେ ଫଲୋ କରୁଛନ୍ତି, ତାହା ହିଁ ମୋ ପାଇଁ ବଡ଼ ସଫଳତା। କାରଣ ତାହା ଦର୍ଶାଉଛି ଯେ ଶ୍ରୋତାଙ୍କ ପାଇଁ ମୁଁ ଜଣେ ପ୍ରିୟ କଣ୍ଠଶିଳ୍ପୀ।

ଅନେକ ଲୋକ ସୋସିଆଲ ମିଡିଆରେ ସେଲ୍‌ଫି ପୋଷ୍ଟ କରନ୍ତି। କିନ୍ତୁ ଆପଣ ସେଲ୍‌ଫି ଭିଡିଓ ପୋଷ୍ଟ କରନ୍ତି। ଏ ସମ୍ପର୍କରେ କ'ଣ କହିବେ?

❖ ସେଭଳି କିଛି ଲକ୍ଷ୍ୟ ରଖି ମୁଁ ସେଲ୍‌ଫି ଭିଡିଓ ପୋଷ୍ଟ କରି ନ ଥିଲି। ଯେବେଠାରୁ ପୋଷ୍ଟ କରିବା ଆରମ୍ଭ କରିଲି ସେବେଠାରୁ ଲୋକ ବହୁତ ପସନ୍ଦ କରିଲେ। ସେହି ଭିଡିଓ ପାଇଁ ମୁଁ ଲୋକଙ୍କ ପାଖରେ ପହଞ୍ଚିପାରିଥିଲି। ତେଣୁ ମୋ ସଫଳତା ପଛରେ ସେଲ୍‌ଫି ଭିଡିଓର ବଡ଼ ଭୂମିକା ରହିଛି।

ଆଜିକାଲି ଆପଣଙ୍କ ବହୁତ ଡ୍ୟାନ୍ସ ଭିଡିଓ ଦେଖିବାକୁ ମିଳୁଛି। ଡ୍ୟାନ୍ସ କ୍ଷେତ୍ରରେ କିଛି କରିବାକୁ ଲକ୍ଷ୍ୟ ରଖିଛନ୍ତି କି?

❖ ନା। ସେମିତି ନୁହେଁ। ଡ୍ୟାନ୍ସ କରିବା ମୋର ସଉକ ଅଟେ। ଯେତେବେଳେ ଡ୍ୟାନ୍ସ କରେ ସେତେବେଳେ ମୁଁ ସବୁକିଛି ଭୁଲିଯାଏ। ଯେମିତି ଗୀତ ମୋର ଚାଲିଛି ସେମିତି ଆଗକୁ ମଧ୍ୟ ଡାନ୍ସ କରୁଥିବି।

ବାହାଘର ପାଇଁ କିଛି ପ୍ଲାନିଂ କରୁଛନ୍ତି କି?

❖ ନା କରିନି। ଭଲ ପୁଅ ମିଳିଲେ ବାହାହେବି। କିନ୍ତୁ ବର୍ତ୍ତମାନ ମୁଁ ଏକୁଟିଆ ମୋ ଜୀବନକୁ ଏନଜୟ କରିବାକୁ ଚାହୁଁଛି।

ସାକ୍ଷାତ୍: ଅସମାପିକା ସାହୁ

ଚା ଦୋକାନୀରୁ ଅନ୍ତର୍ଜାତୀୟ ଖେଳାଳି

ମୋ ଅନୁଭୂତି

୨୦୦୫ରେ ଭୁବନେଶ୍ୱର ଆସି ଏକ ଦୋକାନରେ କାମ କରିବା ଆରମ୍ଭ କରିଥିଲି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସ୍ୱପ୍ନ ଯାହା ବି ଥାଉ ପେଟ ପୋଷିବା ମୋ ପାଇଁ ପ୍ରଥମ ଦାୟିତ୍ୱ ଥିଲା। ଜନ୍ମ ସମୟରୁ ଗୋଡ଼ ଖରାପ ଥିବାରୁ ଭିନ୍ନକ୍ଷମର ପରିଚୟ ମଧ୍ୟ ମୋ ମୁଣ୍ଡରେ ଲାଗି ସାରିଥାଏ। ଟଙ୍କା ସଞ୍ଚୟ କରି ପରେ ଲକ୍ଷ୍ମୀସାଗର ଛକରେ ନିଜର ଏକ ଚା ଦୋକାନ କଲି। ଏହା ଭିତରେ ସମୟ କାଢ଼ି ଭଲିବଲ ଖେଳୁଥିଲି। ୨୦୧୦ରେ ହଠାତ୍ ଫେନ୍ସିଂ(ଅସିଚାଳନା) ଖେଳ ସମ୍ପର୍କରେ ଜାଣିବା ସହ ଏଥିରେ ପ୍ରଶିକ୍ଷଣ ନେବାକୁ ଇଚ୍ଛା ହେଲା। ପ୍ରଶିକ୍ଷଣ ନେବାର ଏକବର୍ଷ ପରେ ଚେନ୍ନାଇରେ ହେଉଥିବା ଜାତୀୟ ପାରା ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳରୁ ହୁଇଲ ଚେୟାର ଫେନ୍ସିଂ ଦଳରେ ସାମିଲ ହୋଇଥିଲି। ଏହି ଚାମ୍ପିୟନଶିପ୍‌ରେ ସିଙ୍ଗିଲ୍ସ ପର୍ଯ୍ୟାୟରେ ୨ଟି ବ୍ରୋଞ୍ଜ ପଦକ ଜିତିବା ସହ ଦଳଗତ ପର୍ଯ୍ୟାୟରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ଜିତିଥିଲା। ପ୍ରଥମଥର ସ୍ୱର୍ଣ୍ଣପଦକ ହାତରେ ଧରିବାର ଖୁସି ଏବେ ବି ମୋର ମନେଅଛି। ଉଭୟ ଖେଳ ଓ ପେଟ ପୋଷିବାର ମାଧ୍ୟମ ମୋ ଚା ଦୋକାନକୁ ସମୟ ଦେଉଥିଲି। ୨୦୧୫ରେ କାନାଡା ୱାର୍ଲଡ କପ୍‌ରେ ମୋତେ ଭାରତୀୟ ଦଳରେ ସୁଯୋଗ ମିଳିଛି ବୋଲି ଖବର ଆସିଲା। ବିଶ୍ୱାସ ହେଉ ନଥାଏ ଲକ୍ଷ୍ମୀସାଗର ଛକରେ ଚା ଦୋକାନ କରିଥିବା ପିଲା ଭାରତୀୟ ଦଳରେ ଖେଳିବ। ସବୁ ମୋତେ ସ୍ୱପ୍ନ ଭଳି ଲାଗୁଥାଏ। ଯେଉଁ ଦିନ ଫ୍ଲାଇଟ୍‌ରେ ବସି କାନାଡା ଅଭିମୁଖେ ଯାତ୍ରା କଲି ସେ ଦିନ ଆପେ ଆପେ ମୋ ଆଖିରେ ଲୁହ ଆସିଗଲା। କିଛି ବର୍ଷ ଭିତରେ ମୋର ପରିଚୟ କିପରି ବଦଳି ଗଲା ସେ କଥା ମୋତେ କନ୍ଦେଇ ଦେଇଥିଲା। ଏହା ହେଉଛି ହୁଇଲ ଚେୟାର ଫେନ୍ସିଂ ଗେମ୍ସରେ ଓଡ଼ିଶାର ପ୍ରତିଭାବାନ ଖେଳାଳି ରାଖାଲ କୁମାର ସେଠୀଙ୍କ ଅନୁଭୂତି। ରାଖାଲ ଭିନ୍ନକ୍ଷମ ହେଲେ ମଧ୍ୟ ଫେନ୍ସିଂ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଜଣେ ତାରକା ଖେଳାଳି। ୨୦୧୭ରେ ଇଟାଲୀରେ ହେଉଥିବା ବିଶ୍ୱ ଚାମ୍ପିୟନଶିପ ଅନୁଭୂତି ସମ୍ପର୍କରେ ରାଖାଲ କୁହନ୍ତି, ଏହି ଚାମ୍ପିୟନଶିପରେ ଭାରତ ୪୫-୩୯ ପଏଣ୍ଟରେ ଫ୍ରାନ୍ସଠାରୁ ହାରିଥିଲା ସତ, ହେଲେ ଆମ ପ୍ରଦର୍ଶନ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଚମକାଇ ଦେଇଥିଲା। କାରଣ ଫ୍ରାନ୍ସ ଥିଲା ରିଓ ଅଲିମ୍ପିକ୍ସ ଗେମ୍ସର ସ୍ୱର୍ଣ୍ଣ ପଦକ ବିଜୟୀ ଦଳ। ଭାରତ ଫ୍ରାନ୍ସ ବିପକ୍ଷରେ ଏମିତି ପ୍ରଦର୍ଶନ କରିବ ବୋଲି କେହି ଆଶା ବି କରି ନ ଥିଲେ। ଭଦ୍ରକ ଜିଲାର ତେସିଙ୍ଗାରେ ରାଖାଲଙ୍କର ଜନ୍ମ। ତାଙ୍କ ବାପା ହେଉଛନ୍ତି ବୃନ୍ଦାବନ ସେଠୀ ଓ ମା' ସୁମିତ୍ରା ସେଠୀ। ସେମାନଙ୍କ ୪ ପୁଅ ଓ ଜଣେ ଝିଅ ଥିବାବେଳେ ରାଖାଲ ଏକମାତ୍ର ଭିନ୍ନକ୍ଷମ ସନ୍ତାନ। ଅନ୍ତର୍ଜାତୀୟ ସ୍ତରରେ ପରିଚୟ ପାଇ ସୁଦ୍ଧା ଲକ୍ଷ୍ମୀସାଗର ଛକର ଚା ଦୋକାନକୁ ବନ୍ଦ କରିନାହିଁ ବୋଲି ରାଖାଲ କୁହନ୍ତି।

ରିପୋର୍ଟ: କୁମାରଶ୍ରୀ ସାହୁ

ଚିକେନ ସିବାଲି

ଖାଦ୍ୟ ରୁଚି

ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ପୁରୀର ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି। ଏହା ମଧ୍ୟରୁ ପୁରୀ ପାନ୍ଥନିବାସ ନିକଟ ଜମିନ୍‌ଦାର ପ୍ୟାଲେସ ହେଉଛି ଅନ୍ୟତମ। ଏଠାରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷାଯାଏ। ଆମିଷ ମଧ୍ୟରେ 'ଚିକେନ ସିବାଲି' ହେଉଛି ଜମିନ୍‌ଦାର ପ୍ୟାଲେସର ଏକ ଚାହିଦାଯୁକ୍ତ ଡିଶ୍, ଯାହାର ଗୋଟିଏ ପ୍ଲେଟ୍‌ର ମୂଲ୍ୟ ୪୩୦ ଟଙ୍କା ରହିଛି। ଏହାର ପ୍ରସ୍ତୁତି ସମ୍ପର୍କରେ କହିଛନ୍ତି ଜମିନଦାର ପ୍ୟାଲେସର ମୁଖ୍ୟ ସେଫ୍ ଆଲୋକ କୁମାର ଦାସ।

ଆବଶ୍ୟକ ସାମଗ୍ରୀ

ଚିକେନ-୩୦୦ଗ୍ରାମ୍
ଆଳୁ-୧୦୦ ଗ୍ରାମ୍
ଟମାଟୋ-୫୦ଗ୍ରାମ୍
ପିଆଜ-୭୫ଗ୍ରାମ୍
ଅଣ୍ଡା-୩ଟି
ତେଲ-୫୦ଗ୍ରାମ୍
ଗୁଜରାତି-୨ଟି
ଡାଲ୍‌ଚିନି-ଛୋଟ ୨ଖଣ୍ଡ
ଅଦା ପେଷ୍ଟ-୧ ଚାମଚ
ରସୁଣ ପେଷ୍ଟ-୧ ଚାମଚ
ହଳଦୀ ଗୁଣ୍ଡ-୫ ଗ୍ରାମ୍
ଚିକେନ ପାଉଡ଼ର-୫ଗ୍ରାମ୍
ଧନିଆ ପାଉଡର-୫ଗ୍ରାମ୍
ଲଙ୍କା ଗୁଣ୍ଡ-୫ଗ୍ରାମ୍
ଗୋଲମରିଚ ଗୁଣ୍ଡ-୨ଗ୍ରାମ୍
କଞ୍ଚା ଲଙ୍କା-୪/୫ଟି
ତେଜପତ୍ର-୨ଖଣ୍ଡ
ଅଳ୍ପ ପରିମାଣର ଧନିଆ ପତ୍ର
ସ୍ୱାଦ ଅନୁଯାୟୀ ଲୁଣ

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ଛୋଟ ଛୋଟ ଖଣ୍ଡ କରିଦିଅନ୍ତୁ। ପିଆଜ ଏବଂ ଆଳୁକୁ ସରୁ ସରୁ କରି କାଟନ୍ତୁ। ଫ୍ରାଇ ପ୍ୟାନ୍ କିମ୍ବା କଡ଼ାଇ ନିଆଁରେ ବସାଇ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଗୁଜରାତି, ତେଜପତ୍ର, ଡାଲଚିନି ପକାନ୍ତୁ। ଏହାପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଗଲା ପରେ ସେଥିରେ ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ମସଲା ହୋଇଗଲା ପରେ ଏକାସଙ୍ଗରେ ଚିକେନ ଏବଂ ଟମାଟୋ ପକାଇ କଷନ୍ତୁ। ପ୍ରାୟ ୧୦ ମିନିଟ୍ କଷିବା ପରେ ସେଥିରେ ହଳଦୀ, ସ୍ୱାଦ ଅନୁଯାୟୀ ଲୁଣ, ଚିକେନ ମସଲା, ଧନିଆ ପାଉଡ଼ର ଏବଂ କଟା ଯାଇଥିବା ଆଳୁ ପକାଇ ଦିଅନ୍ତୁ। କିଛି ସମୟ ଘୋଡ଼ାଇ ରଖିବା ପରେ ଆବଶ୍ୟକ ମୁତାବକ ପାଣି ଦିଅନ୍ତୁ। ହାଲକା ଭାବେ ଚିକେନକୁ ଲେଉଟାଇ ଘୋଡାଇ ଦିଅନ୍ତୁ। ପାଣି ସମ୍ପୂର୍ଣ୍ଣ ଶୁଖିଯିବା ପରେ ସେଥିରେ ଧନିଆପତ୍ର ଓ ଗୋଲମରିଚ ଗୁଣ୍ଡ ପକାଇ ଓହ୍ଲାଇ ଦିଅନ୍ତୁ। ଏହାପରେ ଅଣ୍ଡାରେ କଞ୍ଚାଲଙ୍କା ଦେଇ ଅମ୍‌ଲେଟ ତିଆରି କରନ୍ତୁ। ସେହି ଅମ୍‌ଲେଟ ମଝିରେ ପୂର୍ବରୁ ପ୍ରସ୍ତୁତ ଚିକେନକୁ ରଖି ଗରମ ଗରମ ପରଷି ଦିଅନ୍ତୁ। ଏହି ଚିକେନ ସିବାଲି ରୁଟି ଏବଂ ଭାତ ସହ ଖାଇହେବ।

ସେଫ୍ ଆଲୋକ କୁମାର ଦାସ

ରିପୋର୍ଟ: ହେମନ୍ତ ନାୟକ
ଫଟୋ: ଯଜ୍ଞେଶ୍ୱର ମହାନ୍ତି

ସେ ଲ୍ ଫି କ ନ ର

ସେଲ୍‌ଫି ଭଠାନ୍ତୁ, ଆମ ପାଖକୁ ପଠାନ୍ତୁ
metroselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

ରାକେଶ

ସାଗର

ସନ୍ତୋଷ

ସୁମି

ଅସୀମା

କୁମୁଦିନୀ

ଜିସାନ

ଅବିନାଶ



ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟ ବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ।
– ଇମରସନ

ସଂକ୍ଷେପରେ

ହାଲୁକା ବର୍ଷା ସମ୍ଭାବନା

ଭୁବନେଶ୍ୱର,୬।୨(ବ୍ୟୁରୋ): ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ କୁଆପଥର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର ଏବଂ କୋରାପୁଟ ଜିଲାରେ ବର୍ଷା ହେବ। ଶୁକ୍ରବାର କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଝାରସୁଗୁଡା ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଗତକିଛିଦିନ ହେବ ରାଜ୍ୟରେ ଶୀତ କମି ଯାଇଥିବା ବେଳେ ପାରଦ ଉପରମୁହାଁ ହୋଇଛି। ଦିନରେ ତାତି ଅସ୍ତବ୍ୟସ୍ତ କରିବା ଆରମ୍ଭ କଲାଣି। ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଉପରକୁ ଉଠି ଯାଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୮ ଡିଗ୍ରୀ ମଧ୍ୟରେ ରହିଛି। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୩୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୪ ଏବଂ କଟକରେ ୩୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ

ବାଲିଅନ୍ତା,୬।୨(ଡି.ଏନ.ଏ): ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଜୁନିୟର କଲେଜ ଫାଟକ ସମ୍ମୁଖରେ ବୁଧବାର ବିକ୍ଷୋଭ କରାଯାଇଛି। ଖବରପାଇ ବାଲିଅନ୍ତା ଥାନାଧିକାରୀ ମନୋଜ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରକାଶ ଯେ, ମଙ୍ଗଳବାର କଲେଜ ସମ୍ମୁଖରେ ଏକ ବାଇକ ଧକ୍କାରେ ଉକ୍ତ କଲେଜର ଛାତ୍ର ସୌରଭ ପରିଡା ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଦୁର୍ଘଟଣାର ସ୍ଥାୟୀ ପ୍ରତିକାର ସହ କଲେଜ ସମ୍ମୁଖରେ ହମ୍ପ୍ସ ନିର୍ମାଣ ଓ ଆହତ ଛାତ୍ରଙ୍କ ଚିକିତ୍ସା ପାଇଁ ଅର୍ଥ ଦେବା ଦାବି ନେଇ ସ୍ଥାନୀୟ ଲୋକେ ଟାୟାର ଜାଳି ବିକ୍ଷୋଭ କରିଥିଲେ। ପରେ ଆହତ ଛାତ୍ରଙ୍କ ଅଭିଭାବକ ସ୍ଥାନୀୟ ଲୋକ ସହ କଲେଜ ଅଧକ୍ଷ ଯତୀନ୍ଦ୍ର କୁମାର ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଥିଲେ।

ମେଘାଳୟରୁ ଉଦ୍ଧାରସାରି ଫେରିଲା ଅଗ୍ନିଶମ ଟିମ୍

ଭୁବନେଶ୍ୱର,୬।୨(ବ୍ୟୁରୋ): ମେଘାଳୟ କୋଇଲା ଖଣିରେ ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଯାଇଥିବା ଓଡିଶା ଅଗ୍ନିଶମ ବାହିନୀର ସ୍ୱତନ୍ତ୍ର ଟିମ୍ ଅଭିଯାନ ସାରି ଫେରି ଆସିଛି। ଟିମ୍‌ର ୨୦ଜଣ କର୍ମଚାରୀ ବୁଧବାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅଗ୍ନିଶମ ଡିଜି ବି.କେ. ଶର୍ମା ଟୁଇଟ୍ ମାଧ୍ୟମରେ ଏ ସମ୍ପର୍କରେ ଜଣାଇବା ସହ କହିଛନ୍ତି, ଉଦ୍ଧାର କାର୍ଯ୍ୟରେ ଆମ ଟିମ୍ ଭଲ ପ୍ରଦର୍ଶନ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି। ସୂଚନା ଅନୁଯାୟୀ, ମେଘାଳୟ ପୂର୍ବ ଜୟନ୍ତିଆ ପାର୍ବତ୍ୟାଞ୍ଚଳରେ ଥିବା ୩୭୦ଫୁଟ ଗଭୀର ଏକ କୋଇଲା ଖଣିରେ ଖନନ ପାଇଁ ଡିସେମ୍ବର ୧୩ରେ ୨୦ଜଣ ଶ୍ରମିକ ଭିତରକୁ ପ୍ରବେଶ କରିଥିଲେ। ହେଲେ ହଠାତ୍ ନିକଟରେ ଥିବା ନଦୀ ପାଣି ଉକ୍ତ ଖଣି ଭିତରକୁ ପଶିଯାଇଥିଲା। ୫ଜଣ ଶ୍ରମିକ ଖସି ପଳାଇ ଆସିଥିଲେ ମଧ୍ୟ ୧୫ଜଣ ଭିତରେ ଫସି ରହିଥିଲେ। କେରଳ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ସଫଳ ହୋଇ ନ ପାରିବାରୁ ଓଡିଶାରୁ ୨୦ ଜଣିଆ ଟିମ୍ ସେଠାକୁ ଯାଇଥିଲା। ମାତ୍ର ଘଟଣାକୁ ନେଇ ସେଠାରେ ଆନ୍ଦୋଳନ ଚାଲିଥିବାରୁ ଅଗ୍ନିଶମ ବାହିନୀର ଗାଡିକୁ ଟେକପଥର ମାଡ଼ ଓ ଆକ୍ରମଣର ସମ୍ମୁଖୀନ ହେବାକୁ ପଡିଥିଲା।

ଭୁବନେଶ୍ୱର ଜିଲା କଂଗ୍ରେସର ପ୍ରତିବାଦ

ପୁରୁଣା ଭୁବନେଶ୍ୱର,୬।୨(ଡି.ଏନ.ଏ.): କପିଳପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୦ ଦିନ ହେବ ଡାକ୍ତର ଅନୁପସ୍ଥିତି ନେଇ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବୁଧବାର ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ରୋଗୀସେବା ଏକ ପ୍ରକାର ଠପ୍ ହୋଇଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ପରିଚାଳିତ ହେଉଛି। ସମ୍ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଥିବାବେଳେ ଡାକ୍ତରଙ୍କ ଅନୁପସ୍ଥିତି ଚିନ୍ତାର କାରଣ ପାଲଟିଛି। ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା କଂଗ୍ରେସ ସଭାପତି ରଶ୍ମି ମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ନେତା ରାମକୃଷ୍ଣ ପରିଡା, ବଳରାମ ନନ୍ଦ, ୱାର୍ଡ ସଭାପତି ନାରାୟଣ ନନ୍ଦ ପହଞ୍ଚି ପ୍ରତିବାଦ ଜଣାଇଥିଲେ। ତୁରନ୍ତ ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି।

ରାତି ଅଧରେ ଧାରଣାସ୍ଥଳରେ ଆକ୍ରମଣ

- ମଞ୍ଚ ଓ ଗାଡ଼ି ଭାଙ୍ଗିଲେ, ବ୍ୟାନର ଚିରିଲେ ୧୦ ମୁଖାଧାରୀ
- ଇଞ୍ଜିନିୟର, ଅଫିସରଙ୍କୁ ଆକ୍ରମଣ କରି ଲୁଟିଲେ
- ଆନ୍ଦୋଳନ ନ କରିବାକୁ ଧମକଦେଲେ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଅଲ୍ ଓଡ଼ିଶା ପାୱାର ଇଞ୍ଜିନିୟର୍ସ ଫେଡେରେଶନ ପକ୍ଷରୁ ଓଡ଼ିଶା ଗ୍ରୀଡ୍‌କୋ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଚିଲେ ସତ୍ୟାଗ୍ରହ ଚାଲିଛି। ଗତ ୪ ତାରିଖରୁ ୧୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଓ କର୍ମଚାରୀମାନେ ଆନ୍ଦୋଳନରେ ବସିଥିବାବେଳେ ମଙ୍ଗଳବାର ରାତିରେ ସେମାନଙ୍କ ଉପରେ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ମଞ୍ଚରେ ବ୍ୟାପକ ଭଙ୍ଗାରୁଜା କରିବା ସହ ଆନ୍ଦୋଳନକାରୀଙ୍କୁ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଫେଡେରେଶନ ମହାସଚିବ ବ୍ରହ୍ମପ୍ରକାଶ ପାଇଟାଲ ଓ ଅନ୍ୟ କେତେଜଣ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ଘଟଣା ସଂକ୍ରାନ୍ତରେ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଏହି ଘଟଣାରେ କାହାକୁ ଗିରଫ କରି ନ ଥିବା ଜଣାପଡିଛି।

ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧୧ଟା ୫ରେ ଏକ ନମ୍ବରବିହୀନ ଗାଡି ହଠାତ୍ ଆନ୍ଦୋଳନସ୍ଥଳ ନିକଟରେ ଅଟକିଥିଲା। ଉକ୍ତ ଗାଡିରୁ ୧୦ରୁ ଊର୍ଦ୍ଧ୍ୱ ମୁଖାଧାରୀ ହାତରେ ବାଉଁଶ ଓ ବହ୍ଲା ଧରି ବାହାରିଥିଲେ। ଆନ୍ଦୋଳକାରୀମାନେ କିଛି ବୁଝିବା ପୂର୍ବରୁ ସେମାନଙ୍କ ଉପରେ ହୋଇଥିଲା ଆକ୍ରମଣ। ମୁଖାଧାରୀମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଲାଗିଥିବା ବ୍ୟାନର ଚିରି ଦେଇଥିଲେ। ପରେ ମଞ୍ଚରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ସାଉଣ୍ଡ୍ ବକ୍ସ ଓ ନିକଟରେ ଥିବା ଆନ୍ଦୋଳନକାରୀଙ୍କ ଦୁଇଟି ବାଇକ୍‌କୁ ବାଡେଇ ଭାଙ୍ଗି ଦେଇଥିଲେ। ଏହି ସମୟରେ ବ୍ରହ୍ମପ୍ରକାଶ ପାଇଟାଲ ଓ ଅନ୍ୟ କେତେଜଣଙ୍କୁ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଫୋନ୍ ଛଡାଇ ନେଇଥିଲେ। ଯିବାବେଳେ ସେମାନେ ପୁଣି ଧାରଣା ଦେଲେ ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଧମକ ଦେଇଥିଲେ।

ଏହି ଘଟଣାକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହା ଏକ ପ୍ରାୟୋଜିତ ଆକ୍ରମଣ। ଇଞ୍ଜିନିୟରଙ୍କ ଗଣତାନ୍ତ୍ରିକ ଅଧିକାରକୁ ଚପାଇ ଦେବା ପାଇଁ ଗୁଣ୍ଡା ଲଗାଇ ଏପରିହୀନ ପ୍ରୟାସ କରାଯାଉଥିବା ସଂଘ ପକ୍ଷରୁ କୁହାଯାଇଛି। ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହ ଆଗାମୀ ଦିନରେ ପୂରା ବିଦ୍ୟୁତ୍ ସେବାକୁ ଅଚଳ କରିଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଏ ବିଷୟରେ ମୁଁ ଅବଗତ ନାହିଁ। କ'ଣ ହୋଇଛି ନିଶ୍ଚୟ ବୁଝିବି। ଏଠାରେ ପ୍ରଶ୍ନ ଉଠୁଛି ରାଜଧାନୀର କେନ୍ଦ୍ରସ୍ଥଳରେ ଘଟିଥିବା ଏହି ଘଟଣା ନେଇ ଶହୀଦନଗର ଥାନାରେ ଅଭିଯୋଗ ସତ୍ତ୍ୱେ ଖୋଦ୍ ଡିସିପି କିପରି ସୂଚନା ପାଇଲେ ନାହିଁ। ଏଥିରୁ ଆନ୍ଦୋଳନକାରଙ୍କୁ ସୁରକ୍ଷା ଦେବାରେ ପୋଲିସର ଅବହେଳା ସ୍ପଷ୍ଟ ବାରି ହୋଇ ପଡୁଛି।

ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସିବିଆଇ ଅଫିସ୍ ସମ୍ମୁଖରେ ବିକ୍ଷୋଭ।

■ ସିଭିଲ୍ ସୋସାଇଟି ପକ୍ଷରୁ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ ତୁରନ୍ତ ଶେଷ କର। ଏଥିରେ ସମ୍ପୃକ୍ତ ରାଜନେତାଙ୍କୁ ଗିରଫ ଦାବି କରି ବୁଧବାର ସିଭିଲ୍ ସୋସାଇଟି ପକ୍ଷରୁ ଶତାଧିକ କର୍ମୀ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଯଦି ସିବିଆଇ ୭ ଦିନ ଭିତରେ ଏହାର ତଦନ୍ତ ତ୍ୱରାନ୍ୱିତ ନ କରେ, ତେବେ ଓଡିଶା ଛାଡିବାକୁ ମଧ୍ୟ କର୍ମୀମାନେ ଚେତାବନୀ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟରେ ୨୦୧୪ ମସିହାରୁ ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ତଦନ୍ତରେ ବିଶେଷ ଅଗ୍ରଗତି ହୋଇପାରିନାହିଁ ବୋଲି ଅଭିଯୋଗ ହୋଇଛି। ସିବିଆଇ ତଦନ୍ତର ଆନ୍ତରିକତା ଏବଂ ବିଶ୍ୱାସହୀନତା ଉପରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଚିଟ୍‌ଫଣ୍ଡରେ ସମ୍ପୃକ୍ତ ଥିବା ରାଜନେତା, ବିଜେଡି ଦଳର ବିଧାୟକ, ସାଂସଦ ଏବଂ ଅଫିସରମାନଙ୍କୁ ଜେରା କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ ତଦନ୍ତର ଅଗ୍ରଗତି ସମ୍ପର୍କରେ ସିବିଆଇ ନୀରବ ରହିଛି। ରାଜ୍ୟବାସୀ ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତରୁ ନ୍ୟାୟ ପାଇବାକୁ ଯେଉଁ ଆଶା କରିଥିଲେ ତାହା ଏବେ ମଉଳିବାକୁ ଲାଗିଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସଲାସୁତୁରାରେ ସିବିଆଇ ତଦନ୍ତ ରାଜ୍ୟରେ ଦିଗହରା ହୋଇଛି। ସିବିଆଇ ପକ୍ଷରୁ କରାଯାଉଥିବା ତଦନ୍ତରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସନ୍ଦେହ ଘେରରେ ରହିଛି ବୋଲି ସିଭିଲ୍ ସୋସାଇଟି ପକ୍ଷରୁ ଅଭିଯୋଗ କରାଯାଇଛି। ବିଭିନ୍ନ ଜିଲାରୁ ଆସିଥିବା ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ପ୍ରତାପ ସାହୁ, ଜିତେନ୍ଦ୍ର ସାହୁ, ରଞ୍ଜୁଲତା ମହାପାତ୍ର, ମାହିପାରା ନିକେତାର, ଅବଳ ହାତୀ, ରଞ୍ଜନ କୁମାର ଦାସ, ଦିବାକର ନାୟକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ଭାଇଜାଗରେ ବିଶ୍ୱର ପ୍ରଥମ ହାଣ୍ଡିକ୍ରାଫ୍ଟସ ହୋଟେଲ

ଭୁବନେଶ୍ୱର,୬।୨

ଲି ସୂତ୍ର ହୋଟେଲ ମୁମ୍ବାଇର ଏକ ସଂସ୍ଥା ପାଲ୍ଲ ବିଚ୍ ହୋଟେଲ ପକ୍ଷରୁ ବିଶ୍ୱର ପ୍ରଥମ ହାଣ୍ଡିକ୍ରାଫ୍ଟସ ହୋଟେଲ 'ଦି ଆନ୍ଧ୍ର ଆର୍ଟ ଆଣ୍ଡ କ୍ରାଫ୍ଟ ହୋଟେଲ' ଭାଇଜାଗଠାରେ ଖୋଲିଛି। ଏହା ଲି ସୂତ୍ର ହୋଟେଲର ତୃତୀୟ ଲ୍ୟାଣ୍ଡମାର୍କ ପ୍ରକଳ୍ପ ହୋଇଥିବା ବେଳେ ଏଥିରେ ଆନ୍ଧ୍ର ପ୍ରଦେଶର ହସ୍ତକଳାକୁ ପ୍ରଦର୍ଶିତ କରାଯାଇଛି। ହୋଟେଲରେ ୭୦ ସ୍ଥାପତ୍ୟ କଳା ଏବଂ ୫୦ ସୂକ୍ଷ୍ମ କଳାକୃତି

ସ୍ଥାନିତ ହୋଇଛି। ଏଗୁଡ଼ିକ ହୋଟେଲର ଦ୍ୱାର, ରେସିଡେନସିଆଲ ଏରିଆ ଏବଂ କରିଡରରେ ସ୍ଥାନିତ କରାଯାଇଥିବାରୁ ଏହା ବିଶ୍ୱର ପ୍ରଥମ ହାଣ୍ଡିକ୍ରାଫ୍ଟ ହୋଟେଲ ହୋଇପାରିଥିବା ହୋଟେଲର ଜେନେରାଲ ମ୍ୟାନେଜର ସନ୍ଦୀପ ରେଡ୍ଡୀ ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ହୋଟେଲରେ ବିଜନେସ, କର୍ପୋରେଟ ତଥା ପର୍ଯ୍ୟଟକଙ୍କ ଲାଗି ବିଭିନ୍ନ ସୁବିଧା ରହିଥିବା ସେ କହିଛନ୍ତି।

ଆସ୍ଥା ସ୍କୁଲରେ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ

ସାମର୍ଥ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧ୍ୟାପିକା ଓ ଅଧ୍ୟାପକମାନେ।

ବାଲିଅନ୍ତା,୬।୨(ଡି.ଏନ.ଏ)

ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଅଧ୍ୟାପିକା ଅଧ୍ୟାପକଙ୍କ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ନ୍ୟୁ ଆପ୍ରୋଚ ଟୁ ଟିଚିଙ୍ଗ ଆଣ୍ଡ ଲର୍ନିଙ୍ଗ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଇଂ ବଙ୍କିମ ମହାନ୍ତି ଓ ଅନ୍ୟ ବ୍ରଷ୍ଟିବୃନ୍ଦ ଉଦ୍‌ଘାଟନ କରିଥିଲେ। ପ୍ରଚଳିତ ଶିକ୍ଷାପଦ୍ଧତିରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସମ୍ପାଦକ ମହାନ୍ତି କହିଥିଲେ। ଚାରି ପର୍ଯ୍ୟାୟ ବିଶିଷ୍ଟ ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ପ୍ରଫେସର ଡ.ଶର୍ମିଲା ସୁବ୍ରମନିୟନ, ଭୁବନେଶ୍ୱର ଆର.ଆଇ.ଇ.ର ଡିନ ଡ. ଭୁଜେନ୍ଦ୍ରନାଥ ପଣ୍ଡା, ପ୍ରଫେସର କମଳାକାନ୍ତ ଦାଶ, ଡ.ସୁଜିତ କୁମାର ପାତ୍ର ପ୍ରମୁଖ ପ୍ରଶିକ୍ଷକ ରୂପେ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇଥିଲେ। ପ୍ରାରମ୍ଭରେ କର୍ପୋରେଟ ଆଫାର୍ସର ଡାଇରେକ୍ଟର ଡ. ତ୍ରିଲୋଚନ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ବିଶ୍ୱରଞ୍ଜନ ପରିଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ନନ୍ଦିତା ମହାପାତ୍ର ଓ ପ୍ରଫେସର ସବ୍ୟସାଚୀ ଧାନ ପରିଚାଳନା କରିଥିଲେ।

ବହୁ ଭାଜପା ନେତା ବିଜେଡିରେ ସାମିଲ

ଭୁବନେଶ୍ୱର, ୬।୨ (ବ୍ୟୁରୋ)

ଭାଜପାର ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନାକ୍ଷୀ ପ୍ରିୟଦର୍ଶିନୀ, ଭୁବନେଶ୍ୱର ଜିଲା ଉପସଭାପତି ପୁରଞ୍ଜନ ପାଢ଼ୀ, ସମ୍ପାଦକ ସଦାଶିବ ଜେନା, ଓବିସି ମୋର୍ଚ୍ଚା ସମ୍ପାଦକ ସୁଶୀଲ ପ୍ରଧାନ, ମହିଳା ମୋର୍ଚ୍ଚା ଉପସଭାପତି ବେବିନା ପ୍ରଧାନ, ମିଲି ରଣା, ଭାବେନୀ ରଥ, କବିତା ବରାଳ, ସ୍ୱର୍ଣ୍ଣପ୍ରଭା ଜେନା, କେଶବ ରଣା, କାବୁଲି ସ୍ୱାଇଁ ପ୍ରମୁଖ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର (ଉତ୍ତର)ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ଏବଂ ରାଜ୍ୟ ସମ୍ପାଦକ ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଏକାମ୍ର ନିର୍ବାଚନମଣ୍ଡଳୀ ବିଜେଡି ପୁନର୍ଗଠିତ କମିଟି

ପୁରୁଣା ଭୁବନେଶ୍ୱର, ୬।୨(ଡି.ଏନ.ଏ.)

ଆଗକୁ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି ବିଜେଡିର ଏକାମ୍ର ନିର୍ବାଚନମଣ୍ଡଳୀରେ ସଙ୍ଗଠନକୁ ସୁଦୃଢ କରିବା ଲକ୍ଷ୍ୟରେ ବୁଧବାର କମିଟିର ପୁନର୍ଗଠନ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ରାହୁଲ ବରାଳ, ସପ୍ତରଥୀ ସ୍ୱାଇଁ, ସନ୍ତୋଷ ସେନାପତି, ଫକୀର ମୋହନ ମଙ୍ଗରାଜ, ରାଜେଶ ବେହେରା, ସମ୍ପାଦକ ଭାବେ ସୌମ୍ୟରଞ୍ଜନ ସାମନ୍ତରାୟ, କୁନାଲ ବଟ୍ଟୁ, ଦେବୀ ପ୍ରସାଦ ସାହୁ, ଉପସଭାପତି ଭାବେ ସଞ୍ଜୟ ପ୍ରକାଶ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ପଣ୍ଡା, ଶ୍ରୀକାନ୍ତ ପ୍ରଧାନଙ୍କୁ ଏହି ପୁନର୍ଗଠିତ କମିଟିରେ ନିର୍ବାଚିତ ହୋଇଛନ୍ତି। ବିଜେଡି ଭୁବନେଶ୍ୱର ଜିଲା ସଭାପତି ତଥା ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅନୁମୋଦନକ୍ରମେ ଏହି କମିଟି ଗଠିତ ହୋଇଛି।

■ ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସମ୍ମିଳନୀ

ଇ-କମର୍ସ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ହେଉ

ଭୁବନେଶ୍ୱର,୬।୨(ବ୍ୟୁରୋ)

ସ୍ୱଦେଶୀ ଜାଗରଣ ମଞ୍ଚର ୧୩ଶ ରାଷ୍ଟ୍ରୀୟ ସମ୍ମିଳନୀ ମଦୁରାଇରେ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ୧୦୧୦ ଲୋକ ଏହି ସମ୍ମିଳନୀରେ ଯୋଗଦେଇଥିବା ବେଳେ ଓଡ

ଜାତୀୟ ତଥା ରାଜନୈତିକ ଗୁରୁତ୍ୱ ଥିବା ପ୍ରସଙ୍ଗ ଉପରେ ନିଜର ମତାମତ ରଖିବା ଲାଗି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଟୁଇଟର୍‌ରେ ନିଜକୁ ସାମିଲ କରିଛନ୍ତି। ଗଣମାଧ୍ୟମ ଏବଂ ଜନସାଧାରଣଙ୍କ ସହ ସମ୍ପର୍କ ସ୍ଥାପନ ଲାଗି ସେ ଟୁଇଟରକୁ ମାଧ୍ୟମ ଭାବେ ବାଛିଥିବା ବିଏସ୍‌ପି ପକ୍ଷରୁ କୁହାଯାଇଛି।

ଜମି ମାଫିଆଙ୍କଠାରୁ ବଳିଗଲେଣି ସରକାର: ଭାଜପା

ଭୁବନେଶ୍ୱର, ୬।୨(ବ୍ୟୁରୋ)

ରାଜ୍ୟ ସରକାର ଏବେ ଜମି ମାଫିଆଙ୍କ ଠାରୁ ବଳି ଯାଇଛନ୍ତି। ଶିଳ୍ପ ପ୍ରତିଷ୍ଠା ପାଇଁ ଚାଷୀମାନଙ୍କ ଠାରୁ ଜମି ଛଡାଇ ନେଉଛନ୍ତି। ଏହାସହ ଜମିରେ ଶିଳ୍ପ ପ୍ରତିଷ୍ଠା କରୁ ନାହାନ୍ତି କି ଚାଷୀଙ୍କୁ ଫେରାଉ ନାହାନ୍ତି। ସେହି ଚାଷ ଜମି ପାଇଁ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମଧ୍ୟ ସରକାର ଦେଉ ନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି ଯେ, ରାଜ୍ୟ ସରକାର ଓଡିଶାର ଅନେକ ସ୍ଥାନରେ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି କରିଛନ୍ତି। ସରକାରଙ୍କ ଚାଷୀ, ଯୁବକ ଏବଂ ଶିଳ୍ପ ବିରୋଧୀ ନୀତି ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ୨୦୧୧ରେ ସରକାର ରେମୁଣାରେ ଶିଳ୍ପ ପ୍ରତିଷ୍ଠା ନାଁରେ ୯ଟି ମୌଜାର ନରହରିପୁର, ଖରିଦ ମୁଖୁରା, ନୂଆ ପାଢୀ ୩ଟି ପଞ୍ଚାୟତର ବହୁ ଚାଷ ଜମି ଅଧିଗ୍ରହଣ କରିଥିଲେ। ସେହି ଜମିକୁ ସରକାର ଲ୍ୟାଣ୍ଡ ବ୍ୟାଙ୍କ ପଲିସି ଅନୁଯାୟୀ ଅଧିଗ୍ରହଣ କରିଥିଲେ। କିନ୍ତୁ ଚାଷୀଙ୍କୁ ଏବେ ସୁଦ୍ଧା ସେମାନଙ୍କର ନିଜ ଜମି ପାଇଁ ଟଙ୍କାଟିଏ ମିଳିନାହିଁ। ଚାଷ ଜମିକୁ ସରକାରୀ ସଂସ୍ଥା ''ଇଡ୍‌କୋ'' ନାଁରେ ରେଜିଷ୍ଟ୍ରି କରାଯାଇଛି। ଫଳରେ ଜମି ହରାଇଥିବା ଲୋକେ ନିଜ ପୈତୃକ ଜମିକୁ ବିକ୍ରି କରିପାରୁ ନାହାନ୍ତି। ଏପରି କି ଚାଷ ମଧ୍ୟ କରିପାରୁ ନାହାନ୍ତି ବୋଲି କେଭି ଅଭିଯୋଗ କରିଛନ୍ତି। ଲୋକଙ୍କୁ ଭଣ୍ଡାଇ ସେମାନଙ୍କ ହଜାର ହଜାର କୋଟି ଟଙ୍କାର ଜମି ନେବାକୁ ଶାସକ ଦଳ ସଦସ୍ୟମାନେ ଏଭଳି ଯୋଜନା କରିଛନ୍ତି ବୋଲି କେଭି ଅଭିଯୋଗ କରିଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ସରକାର ଯେଉଁମାନଙ୍କ ଠାରୁ ଜମି ନେଇଥିଲେ ସେମାନଙ୍କୁ ଅର୍ଥ ଦେଇଛନ୍ତି। ଆଇନ ଅନୁଯାୟୀ ସରକାର ସବୁ କିଛି କରିଛନ୍ତି। ଭାଜପା ସବୁ କଥାରୁ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରୁଛି। ଅଯଥା କଥାରେ ରାଜନୀତି କରି ଭାଜପା ଲୋକଙ୍କ ନିକଟତର ହେବା ପାଇଁ ଯେଉଁ ଉଦ୍ୟମ କରୁଛି, ସେଥିରେ ଫେଲ୍ ମାରିବ ବୋଲି ସମୀର କହିଛନ୍ତି।

ସବୁ କଥାରେ ରାଜନୀତି କରିବାକୁ ଚାହୁଁଛି ଭାଜପା: ବିଜେଡି

ସୌରଚନ୍ଦ୍ରଙ୍କୁ ଭାଜପାରେ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଦଳର ରାଜ୍ୟ ଆଇନ ଓ ସୂଚନା ଅଧିକାର ସେବାର ରାଜ୍ୟ ସହସଂଯୋଜକ ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଏ ନେଇ ବିଭାଗ ମୁଖ୍ୟ ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଘୋଷଣା କରିଛନ୍ତି।

BERHAMPUR UNIVERSITY
BHANJA BIHAR, BERHAMPUR-760007 (ODISHA)

No.1000 / Vehicle / BU / 19 **Date: 06.02.2019**

TENDER QUOTATION CALL NOTICE

Sealed tenders / Quotations are invited from interested reputed travel Agencies / Tour Operators or Private Individuals having GST registration for providing 01 (One) **Maruti Swift Dezire diesel** driven vehicle with Driver to be used by the Chairman, P.G. Council, Berhampur University on monthly rental basis. For General information and terms & conditions, please visit the official website of Berhampur University **www.buodisha.edu.in.** The filled-in Application From along with all required enclosures should reach the Registrar, Berhampur Univercity by 3.30 P.M. of 22.02.2019 positively by speed / Registered post only.

Sd./- Registrar
Berhampur University.

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଝାରସୁଗୁଡ଼ା

ସଂଖ୍ୟା: ୬୧୮ **ତାରିଖ: ୦୫।୦୨।୨୦୧୯**

ଗ୍ରାମ ରୋଜଗାର ସେବକ ନିମନ୍ତେ ନୋଟିସ୍

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ପିଥିଣ୍ଡା ଗ୍ରାମ ପଞ୍ଚାୟତ, କିର୍ମୀରା ବ୍ଲକର କିର୍ମୀରା ଗ୍ରାମ ପଞ୍ଚାୟତ ଓ ଲଇକେରା ବ୍ଲକ ଅନ୍ତର୍ଗତ ଲଇକେରା ଏବଂ ନିକ୍ତିମାଲ ଗ୍ରାମ ପଞ୍ଚାୟତ ବ୍ୟତୀତ ଆନ୍ଦୋଳନ (Strike) ରେ ଜଡ଼ିତ ଥିବା ଅନ୍ୟ ସମସ୍ତ ୭୪ଟି ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକମାନଙ୍କୁ ସୂଚାଇ ଦିଆଯାଉଛି ଯେ, ତା୧୬।୦୨।୨୦୧୯ରିଖ ସକାଳ ୧୦.୩୦ ସୁଦ୍ଧା ଜିଲ୍ଲାପାଳ, ଝାରସୁଗୁଡ଼ାଙ୍କଠାରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଦୀର୍ଘଦିନ ଧରି ଦାୟିତ୍ୱରେ ଅବହେଳା କରିଥିବା ହେତୁ କାହିଁକି ତାଙ୍କୁ ଚୁକ୍ତିଭିତ୍ତିକ ନିୟୋଜନରୁ ବରଖାସ୍ତ କରା ନ ଯିବ ତତ୍ ସମ୍ବନ୍ଧୀୟ ଯୁକ୍ତି ତଥା ତଥ୍ୟ ଉପସ୍ଥାପନ କରିବେ। ନିର୍ଦ୍ଧାରିତ ସମୟ ଓ ତା୧୬।୦୨।୨୦୧୯ରିଖ ମଧ୍ୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ନିଜର ପକ୍ଷ ରଖି ନ ପାରିଲେ ସମ୍ପୃକ୍ତ ଗ୍ରାମ ରୋଜଗାର ସେବକମାନଙ୍କୁ ଚୁକ୍ତିଭିତ୍ତିକ ନିୟୋଜନରୁ ବରଖାସ୍ତ କରାଯିବ। ପୂର୍ବରୁ (ତା୧୪।୦୧।୨୦୧୯ ଓ ତା୧୮।୧୨।୨୦୧୮ରିଖର ପତ୍ର ଅନୁଯାୟୀ) ଗ୍ରାମ ରୋଜଗାର ସେବକମାନଙ୍କୁ ଏ ସମ୍ବନ୍ଧେ ନୋଟିସ୍ ଜାରିକରି ଯଥେଷ୍ଟ ସମୟ ଦିଆଯାଇଥିବାରୁ ପୁନର୍ବାର କୌଣସି ସୁଯୋଗ ଦିଆଯିବ ନାହିଁ।

ସ୍ୱା./– ଜିଲ୍ଲାପାଳ–ତଥା–ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଡି.ଆର୍.ଡି.ଏ., ଝାରସୁଗୁଡ଼ା

OFFICE OF THE NOTIFIED AREA COUNCIL, PATNAGARH

Letter No...../ **Date...../**

TENDER CALL NOTICE

The Executive officer, N.A.C., Patnagarh invites sealed tender paper from the reputed bidders with having up to date GST, PAN Card for applying for the work "Colouring Stickering of Main welcome Gate (5 Nos) of N.A.C., Patnagarh" as per the detail technical specification, terms & conditions mentioned in the tender schedule. The tender paper should reach to the undersigned on or before Dt.19.02.2019 up to 12.30 P.M. through Regd. Post/ Speed Post which will be opened on 20.02.2019 at 3.30 P.M., in presence of the bidder or their authorized representatives. The bid document will be available at N.A.C. Office, Patanagarh with effect from Dt.07.02.2019 to Dt.19.02.2019 up to 12.00 Noon during the office hour on depositing of non-refundable cost of bid documents Rs.4,000/- (Rupees Four Thousand) in shape of cash/ DD/ Banker's Cheque. The intending bidders shall have to submit **EMD 1%** of total quoted value in shape of Bank Draft in any Nationalized Bank in favour of the Executive Officer, N.A.C, Patanagarh, payable at Patnagarh. The authority reserves the right to accept or cancel any or all tender papper without assigning any reason thereof.

Sd./- Executive Officer,
N.A.C, Patnagarh,

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର–୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**

ପତ୍ର ସଂଖ୍ୟା: 1071 **ବିଜ୍ଞାପନ** **ତାରିଖ: 22.01.19**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଘର ନଂ. ଏମ୍‌ଆଇଜି–୧–୩୪ (MIG-1-34) କୁମ୍ଭା, ଫେଜ୍–୧, କୋରାପୁଟ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଅନିରୁଦ୍ଧ ଜେନା, ପିତା: ଶ୍ରୀ ବୃନ୍ଦାବନ ଜେନା, ସା: ହାତୀପଦା, ପୋ: ଖପରପଦା, ଥାନା: ଧୂଷୁରୀ, ଜି: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀ ଅନିରୁଦ୍ଧ ଜେନା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶ୍ରୀଲକ୍ଷ୍ମୀ ସାହୁ, ସ୍ୱାମୀ: ଶ୍ରୀହରି ସାହୁ, ସା: ପୁଚିଲାଗଳି କୋରାପୁଟ, ପୋଷ୍ଟ: କୋରାପୁଟ, ଜିଲ୍ଲା: କୋରାପୁଟଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ /ପ୍ଲଟ/ ଦୋକାନ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OFFICE OF THE SR. GENERAL MANAGER (ELECTRICAL)

UPPER INDRAVATI HYDRO ELECTRIC PROJECT, MUKHIGUDA,
Dist: Kalahandi-766026, Ph. No: 7328840415,
E-mail: sgmel_uihep@ohpcltd.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. 52/2018-19 DATE 31.01.2019

No.CAD-1378:- Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers/ authorized dealers/ channel partners/ firms authorized by manufacturer of the following works as mentioned below.

Description of Materials	Cost of tender paper (Non-refundable) in Rs.	EMD in shape of DD/ Banker's Cheque only (Refundable) in Rs.
Supply of Industrial Safety Shoes & Formal Shoes	4,720/- (inclusive of GST)	5,740/-

For details of the tender documents, terms & conditions please visit our website www.ohpcltd.com.

32136/11/0080/1819 **Sd./- Unit Head, UIHEP, Mukhiguda**

ଜିଲ୍ଲା କୃଷି କାର୍ଯ୍ୟାଳୟ, ଆର୍. ଉଦୟଗିରି

ବିହନ ବିଶୋଧନ ଅଭିଯାନ, ରବି – ୨୦୧୮–୧୯

ଚଳିତ ରବି ଋତୁ ୨୦୧୮–୧୯ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ମୁଗ ଓ ବିରି ବିହନ ବିଶୋଧନ ଅଭିଯାନ ଆର୍.ଉଦୟଗିରି କୃଷି ଜିଲ୍ଲାର ୩ଟି ବ୍ଲକ ଯଥା: ଆର୍.ଉଦୟଗିରି, ନୂଆଗଡ଼ ଓ ମୋହନା ଅନ୍ତର୍ଭୁକ୍ତ ୫୯ଟି ଗ୍ରାମରେ ତା୨୧।୦୧।୨୦୧୯ରୁ ତା୧୦।୦୨।୨୦୧୯ରିଖ ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ଅତଏବ ପ୍ରତ୍ୟେକ ବ୍ଲକର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି କି, ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ମୁଗ ଓ ବିରି ବିହନ ଗୁଡ଼ିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ମୁଗ ଓ ବିରି ଫସଲ ବିହନ ଜନିତ ଓ ମୃତ୍ତିକା ଜନିତ ରୋଗ ଦାଉରୁ ସୁରକ୍ଷିତ ରହି ଅଧିକ ଅମଳ ଦେଇ ପାରିବ।

ସ୍ୱା./– ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲ୍ଲା କୃଷି ଅଧିକାରୀ, ଆର୍.ଉଦୟଗିରି

OFFICE OF THE EXECUTIVE ENGINEER, P.H. DIVISION, BARIPADA

Ph.: 06792-252682 (O), e-mail: eephbaripada2016@gmail.com

O.O. No.:..... **Dated :.....**

No.: 461-C: The RFP invited vide RFP identification No. RFP/ EE/PHED/Baripada/02/2018-19 Dt.25.01.2019 of the Executive Engineer, P.H. Division, Baripada is hereby cancelled.

Sd./- (Er. B. Pani), Executive Engineer
P.H. Division, Baripada

13016/11/0009/1819

OFFICE OF THE EXECUTIVE ENGINEER MINOR IRRIGATION DIVISIONGANJAM No - I, BERHAMPUR

No.1235-A

Email:eemi_gm1@yahoo.co.in
Letter No. 387 // M.I.D (GM) - BAM. Date : 02.02.2019 //

GOVERNMENT OF ODISHA E-PROCUREMENT NOTICE
Bid Identification No. : Online Tender / 08 / GMID - 1/2018-19

Name of Work	:	Civil Construction Works.
No. of Work	:	09 (Nine)
Estimated Cost	:	Varies from Rs. 31.01 lakh to Rs. 65.00 lakh
Period of Completion	:	4 (Four) to 9 (Nine) Calendar Months
Time for receipt of Bid (Online)	:	From 12.02.2019, 10.00 Hours to 21.02.2019 up to 17:00 Hours
Name & Address of the Officer inviting Tender.	:	Executive Engineer, M.I. Division Ganjam- I Berhampur.

Further Details can be seen from the website: **http://www.odisha.gov.in. https://www.tendersodisha.gov.in.**

Sd./- Executive Engineer,
M.I. Divn. Ganjam-I, Berhampur.

32104/11/0013/1819

SAMBALPUR UNIVERSITY

Jyotivihar, Burla, Sambalpur (Odisha), Pin: 768019
Website: www.suniv.ac.in
(NAAC ACCREDIATED WITH 'A' GRADE)

No. 671/ Store **Dated: 05.02.19**

QUOTATION CALL NOTICE

Sealed quotations on plain paper are invited from intending registered firms/authorized dealers/ manufactures for supply of following items for University Hostels. The quotation should accompany with copy of latest valid GST Registration certificate, PAN card and reach the undersigned by Post on or before 02.00 PM of Dt. 21.02.2019 which will be opened on the same day at 03.30 PM in presence of the quotationers or their authorized representatives. The quotation cover should be superscribed with the word "Quotation for supply of Furniture/ LED TV to Hostels". The detail terms and conditions/ specifications can be had from the Store & Pruchase Section, S.U. in person on working day during office hour or from the University website:- "www.suniv.ac.in". The items & the specifications are as follows:-

a) Dining Table (8-seater), 4 Nos. each side- 8'L x 3'W, Sunmica top, laminated board	d) Reading Room Table (3-seater)- 5 1/2 x 2', Sunmica top, laminated board
b) Dining Bench (4-seater)- 8'x1', Sunmica top, laminated board	e) Chair without Arm, Plastic Molded Branded, good quality
c) Bench with back support (4 seater)- 8'x1 1/2', Sunmica top, laminated board	f) LED TV (43"), Branded, Full HD with 2 HDMI port & USB port good features.
* sizes given are approx. best size of Furniture may be given	g) Steel Almirah (78"x 36"x19"), 4 shelves, reputed make

Sd./- Registrar

THE ODISHA MINING CORPORATION LIMITED

OMC | ODISHA NEW OPPORTUNITIES

OMC House, Bhubaneswar-751001, Odisha,
CIN: U13100OR1956SGC00313, www.omcltd.in

NOTICE INVITING TENDER

Tender No.: 06/OMC/ROB/Mat/19 **dated 05.02.2019**

No.CAD-1377:- Notice Inviting tender for hiring of 01 (One) No. 17 seated School Bus.

Open tender is hereby invited from the Sole proprietors/ Agencies supplying vehicles of the following types on monthly hire basis for our Mines/Regional Office, Bangur for 12hrs basis daily.

The EMD amount is Rs. 40,000/- for 17 Seated School Bus.
Cost of Tender Paper is Rs. 590/- (Including GST)
The schedule of tender is as under:

Last Date of availability of tender schedule from website: **26.02.2019** up to 17:00 hrs.
Last date of receipt of tender: **27.02.2019** up to 15:00 hrs.
Date of opening of tender (Technical bid): **27.02.2019** at 15:30 hrs.

The tender Document shall not be sold and is to be downloaded only from website of OMC, i.e.www.omcltd.in.

The cost of the tender document and EMD separately in the form of Demand Draft in favour of "The Odisha Mining Corporation Ltd", payable at Bank of India, Boula is to be enclosed with the bid along with other documents. The tenders complete in all respect of duly signed must reach this office by registered post/Courier or may be dropped in the Tender box kept at the Office of the Regional Manager, Bangur up to 15:00 Hrs. of **27.02.2019**. The tenders received after the scheduled date and time will be rejected out rightly. OMC reserves the right to cancel the tender at any stage of bidding without assigning any reasons thereof. In case, if the L1 is more than one party then the selection of vehicle will be on the date and year of manufacturer. The latest date of manufacturing will be preferred.

Details of the vehicles required	Place of utilisation	Quantity
1. 17 Seated School Bus --	Mines office / Region and outside duty as per requirement, RO Bangur.	01 no.(12 hrs basis daily)

30005/11/0177/1819 **Sd./- REGIONAL MANAGER**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. **CIN: U40102OR2004SGC007553**

TENDER NOTICE NO. SR.G.M. (S&S) - 05/2019-20

For and on behalf of Odisha Power Transmission Corporation Ltd., Sr. G.M. (S&S) invites Tenders from reputed Manufacturers / Authorised Dealers for Supply & Installation of 2 Nos. of 3.0 Ton Tower A.C. Machines (LG / Carrier / Blue Star / Hitachi / Voltas) for Telecommunication Circle, OPTCL headqrs, Bhoinagar, Bhubaneswar duly superscribed on the cover as : **"Tender for supply & installation of Tower A.C. Machines for OPTCL".** Tender paper can be downloaded from the OPTCL website from **dt.08.02.2019** to **dt.28.02.2019** up to **1.00 PM** . The last date for receipt of tender is **dt.28.02.2019** upto **1:00 PM.** The tender will opened on **dt.28.02.2019** at **4:00 PM.** Interested firms may visit OPTCL's official website **www.optcl.co.in** for detail specifications.

Sd/- **Sr. General Manager (S&S)**

Please connect us: optcl.odisha optcl_odisha energyodisha

NANDANKANAN ZOOLOGICAL PARK

TENDER NOTICE No.17 of 2018-19

Date: 06.02.2019

Deputy Director, Nandankanan Zoological Park invites sealed tender in prescribed from from interested individuals / firms / entrepreneurs for providing security service to state Botanical Garden.

The last date of submission of sealed tender: 5.00 P.M of 23.02.2019.

Opening of sealed tender (Technical bid) : 11.30 A.M. of 25.02.2019.

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from 08.02.2019. The download tender papers must be accompanied with a Bank Draft of Rs.5900/- (Rupees Five Thousand Nine Hundred) only (inclusive of 18% GST) in favour Deputy Director, Nandankanan Zoological Park payable at Bhubaneswar.

Sd./- Deputy Director,
Nandankanan Zoological Park

ପୌର ପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼

ସଂଖ୍ୟା: ୭୨୬ **ତା: ୦୬।୦୨।୧୯ ରିଖ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ଼ ପୌରପରିଷଦ ଅନ୍ତର୍ଗତ ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ଼ ବସ୍ ଟର୍ମିନାଲ୍‌ଠାରେ ନିର୍ମାଣ ହେବାକୁ ଥିବା 8'x10' ଦୋକାନ ଗୃହର ଆବଣ୍ଟନ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା। ଏହା କେବଳ ପୁରୁଣା ବସ୍‌ଷ୍ଟାଣ୍ଡର ତାଲିକାଭୁକ୍ତ ଉଠା ଦୋକାନୀମାନଙ୍କ ପାଇଁ ଉଦ୍ଦିଷ୍ଟ।

କ୍ରମିକ ନଂ.	ଦୋକାନ	ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ	ଅମାନତ ରାଶି ପ୍ରତ୍ୟେକ ପାଇଁ
୧	8'x10' ଦୋକାନ ଗୃହ, ସୁନ୍ଦରଗଡ଼ ବସ୍ ଟର୍ମିନାଲ, ସୁନ୍ଦରଗଡ଼	ଟ.୧,୩୫,୦୦୦.୦୦	ଟ.୧୦,୦୦୦.୦୦

ସର୍ତ୍ତାବଳୀ

୧. ପୂର୍ବ ବର୍ଷରୁ ବକେୟା ଦେୟ ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ନିର୍ଦ୍ଧାରିତ ଆବେଦନ ଟ୍ୟ୫୦୦.୦୦କା **(ଏକ ହଜାର ପାଞ୍ଚ ଶହ ଟଙ୍କା ମାତ୍ର)** ମୂଲ୍ୟ ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ଦୋକାନ ଗୃହ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଟେଣ୍ଡର ଦାଖଲକାରୀ ନିର୍ଦ୍ଧାରିତ ଦୋକାନର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଦ୍ୱାରା କିମ୍ବା କାର୍ଯ୍ୟାଳୟରେ ନଗଦ ଟଙ୍କା ଦ୍ୱାରା ଜମା କରିବେ। ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ।
୩. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ସେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ। ନଚେତ୍ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦର ଦାଖଲକାରୀ ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ। ନଚେତ ଉକ୍ତ ଦୋକାନର ପୁନର୍ବାର ଟେଣ୍ଡର କରାଯିବ।
୪. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ବୃଢ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।
୫. ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପଇଠ ଜମା କରିବା ପାଇଁ ଚୁକ୍ତିନାମା କରିବେ। ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବେ।
୬. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ।
୭. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ।
୮. ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ।
୯. ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ଖାଦ୍ୟ ଜିନିଷ ରୋଷେଇ କରି ପାରିବେ ନାହିଁ।
୧୦. ପୁରୁଣା ବସ୍‌ଷ୍ଟାଣ୍ଡର ଉଠାଦୋକାନୀମାନଙ୍କୁ ଅଗ୍ରାଧିକାର ଦିଆଯିବ। ଆବେଦନକାରୀଙ୍କର ୩।୦।୩।୨୦୧୮ ପୂର୍ବରୁ ଟ୍ରେଡ ଲାଇସେନ୍ସ ଥିବା ଆବଶ୍ୟକ। (ସର୍ତ୍ତାବଳୀ ଲାଗୁ)। ପୁରୁଣା ବସ୍‌ଷ୍ଟାଣ୍ଡରେ ଦୋକାନ ଥିବା

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

MOCK TEST PAPER # 8

CLASS-XII (PHYSICS)

Time Allowed : 3 hours **Maximum Marks: 70**

GENERAL INSTRUCTIONS

i. All questions are compulsory. There are 27 questions in all.

ii. This question paper has five sections : Section A, Section B, Section C and Section D.

iii. Section A contains five questions of one mark each, Section B contains seven questions of two marks each, Section C contains twelve questions of three marks each, Section D contains three questions of five marks each.

iv. There is no overall choice. However, an internal choice has been provided in one question of two marks, one question of three marks and all the three questions of five marks weightage. You have to attempt only one of the choices in such questions.

SECTION-A

1. A hollow metal sphere of radius 10 cm is charged such that the potential on its surface is 5 V. What is the potential at the centre of the sphere ?
2. A toaster produces more heat than a light bulb when they are connected in parallel to a 220 V mains. Which has the greater resistance ?
3. Why do we prefer steel or alnico for making permanent magnets ?
4. In India, domestic power supply is at 220 V-50 Hz, while in USA, it is 110 V-50 Hz. Give one advantage and one disadvantage of 220 V supply over 110 V supply.
5. How will you represent a resistance of 3700 $\Omega \pm 10\%$ by colour code ?

SECTION-B

6. The output of a two input AND gate is connected to both the inputs of a NAND gate. Draw the logic circuit of this combination of gates and write its truth table.
7. Light of wavelength 3500A^0 is incident on two metals A and B. Which metal yields photoelectrons if their work functions are 4.2 eV and 1.9 eV respectively ?

OR

Photoelectric effect experiment are performed using three different metal plates p, q and r having work function, $\phi_p = 2.0$ eV, $\phi_q = 2.5$ eV and $\phi_r = 3.0$ eV respectively. A light beam containing wavelengths of 550 nm, 450 nm and 350 nm with equal intensities illuminates each of the plate. Draw I–V graph for the experiment. (Take hc = 1240 eV nm)

8. Electrons are continuously in motion with a conductor but there is no current in it unless some source of potential is applied across its ends. Give reason.
9. A small metal sphere carrying charge +Q is located at the centre of a spherical cavity in a large uncharged metal sphere as shown in figure. Use Gauss's theorem to find electric field at the points P_1 and P_2.



10. Two coherent sources, whose intensity ratio is 81 : 1, produce interference fringes. Calculate the ratio of intensities of maxima and minima in the fringe system.
11. Suppose you are given a chance to repeat the alpha-particle scattering experiment using a thin sheet of solid hydrogen in place of the gold foil. (Hydrogen is a solid at temperatures below 14 K). What results do you except ?
12. a. Draw a graph showing the variation of decay rate with number of active nuclei.

    b. Which one of the following cannot emit γ-radiation and why ?

    Excited nucleus, excited electron

SECTION-C

13. Three students X, Y, Z performed an experiment for studying the variation of alternating currents with angular frequency in a series LCR-circuit and obtained the graphs shown below. They are used a.c. sources of the same r.m.s. value and inductances of the same value. What can we (aualitatively) conclude about the

    a. capacitance values b. resistance

    Used by them ? In which case will the quality factor be maximum ?



What can we conclude about nature of the impedance of the setup at the frequency ω_0 ?

14. A capacitor is charged with a battery and then its plate separation is increased without disconnecting the battery. What will be the change in

    a. charge stored in the capacitor ?

    b. energy stored in the capacitor ?

    c. potential diffference across the plates of the capacitor ?

    d. electric field between the plates of the capacitor ?

15. A multirange voltmeter can be constructed by using a galvanometer circuit as shown in figure. We want to construct a voltmeter that can measure 2V, 20 V and 200 V using a galvanometer of resistance 10 W and that produces maximum deflection for current of 1 mA. Find R_1, R_2 and R_3 that have to be used.



In the figure two long parallel current carrying wires I and II are shown. Find the magnitudes and directions of the magnetic field induction at the points P, Q and R in the plane of paper.



16. Due to economic reasons, only the upper side band of an AM wave is transmitted, but at the receiving station, there is a facility for generating the carrier. Show that if device is available which can multiply two signals, then it is possible to recover the modulating signal at the receiver station.
17. A double convex lens made of glass of refractive index 1.6 has its both surfaces of equal radii of curvature of 30 cm each. An object of 5 cm height is placed at a distance of 12.5 cm from the lens. Find the position, nature and size of the image.
18. Calculate the longest and shortest wavelength in the Balmer series of hydrogen atom. Given Rydberg constant = 1.097×10^7 m^{-1}.
19. Explain why does a convex lens behaves as a converging lens when immersed in water (μ = 1.33) and as a diverging lens, when immersed in carbon disulphide (μ = 1.6)
20. Suppose India has a target of producing by 2020 A.D., 2×10^5 MW of electric power, ten percent of which is to be obtained from nuclear power plants. Suppose we are given that on an average, the efficiency of utilization (i.e., conversion to electrical energy) of thermal energy produced in a reactor is 25%. How much amount of fissionable uranium will our country need per year ? Take the heat energy per fission of U^{235} to be about 200 MeV.
21. 4 cells of identical emf e, internal resistance r are connected in series to a variable resistor. The following graph shows the variation of terminal voltage of the combination with the current output ?



    i. What is the emf of each cell used ?

    ii. Calculate the internal resistance of each cell.

    iii. For what current from the cells, does maximum power dissipation occur in the circuit ?

22. Describe qualitatively the path of a charged particle moving in a uniform magnetic field with initial velocity.

    i. parallel to (or along) the field

    ii. perpendicular to the field

    iii. at an arbitrary angle with the field.

23. With the help of a suitable ray diagram, derive the mirror formulaw for the concave mirror.
24. A particle of mass m and charge (–q) enters the region between the two charged plates initially moving along X-axis with speed v_x shown in the following figure. The length of plate is L and an uniform electric field E is maintained between the plates. Show that the vertical deflection of the particles at the far edge of the plate is $\frac{qEL^2}{2mv_x^2}$



SECTION-D

25. Give the principle, construction, theory and working of an ac generator.

OR

Derive an expression for the average power over a complete cycle of ac in series LCR circuit connected to an ac source in which the phase difference between the voltage and current in the circuit is ϕ.

26. Describe diffraction of light due to a single slit and obtain an expression for which of central maximum.

OR

Describe Young's double slit experiment for interference and obtain expression for fringe width.

27. Draw the energy band diagram of p-type and n-type semiconductors. Explain with a circuit diagram the working of full-wave rectifier.

OR

Draw a labelled circuit diagram of a common emitter amplifier using a p-n-p transistor. Explain how the input and output voltage are out of phase by 180^0 for a common-emitter transistor amplifier. Define the term voltage gain and write an expression for it.

For Answers visit: www.dharitri.com

ADMISSION OPEN FOR (CRASH COURSE - ENGINEERING & MEDICAL)

Vidyamandir Classes

GURUKUL FOR IITJEE AND MEDICAL PREPARATION

Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.

SCHOOL INTEGRATED PROGRAM (Xth Going to XIth Student), Ph. No. 0674 - 2421400, 2421800, 85990 87100 / 85990 87200

VMC Bhubaneswar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Bhubaneswar, Odisha

Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଅପେରା ହାଲ୍‌ଚାଲ

ଭଲ ବେଳା ଆସିଛି

ମହେଶ ହାଜରା

ନିର୍ଦ୍ଦେଶକ ମହେଶ ହାଜରା । ବର୍ତ୍ତମାନ ତରଙ୍ଗ ଚ୍ୟାନେଲରେ ପ୍ରସାରିତ ହେଉଥିବା ଧାରାବାହିକ 'ଦୁର୍ଗା' ତାଙ୍କୁ ବେଶ୍ ପ୍ରଶଂସିତ କରିପାରିଛି। ଅପରପକ୍ଷରେ ଗତବର୍ଷ ସେ ଅପେରା ଜଗତରେ ପାଦ ଦେଇଥିଲେ। ତାଙ୍କ ନିର୍ଦ୍ଦେଶିତ ବାଘାଯତୀନ ଗଣନାଟ୍ୟ ଦ୍ୱାରା ପରିବେଷିତ ନାଟକ 'ମୃତ୍ୟୁଦଣ୍ଡ' (୨୦୧୮) ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଆସନ୍ତା ଯାତ୍ରା ସିଜନ ପାଇଁ ତାଙ୍କ ହାତରେ ରହିଛି ଦୁଇଟି ନାଟକ। ଗୋଟିଏ ହେଲା ସତ୍ୟ ଜେନାଙ୍କ 'ରଙ୍ଗମହଲ'ର ପ୍ରସ୍ତୁତିପଥେ ନାଟକ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି: ଗୋଟିଏ କଥା ଅନେକ ବ୍ୟଥା' ଏବଂ ବାଘାଯତୀନ ଗଣନାଟ୍ୟର 'ସୀତାର ଜଳୁଛି ଚିତା'। ଏ ସମ୍ପର୍କରେ ସେ କୁହନ୍ତି, 'ଅପେରା ନାଟକ ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ମୃତ୍ୟୁଦଣ୍ଡର ସଫଳତା ମୋତେ ନୂଆ ବାଟ ଦେଖାଇଛି । ଏବେ ଯେଉଁ ନାଟକ ଦ୍ୱୟ ପ୍ରସ୍ତୁତ କରାଯାଉଛି, ତାହା କିପରି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍‌ମେଣ୍ଟ ଦେଇପାରିବ ଏବଂ ଅନ୍ୟ ନାଟକ ତୁଳନାରେ ଭିନ୍ନ ହୋଇପାରିବ ସେନେଇ ଶତପ୍ରତିଶତ ଚେଷ୍ଟା କରୁଛି। କଟକର ପୁରାତନ ପ୍ରତିଷ୍ଠାନ 'ଓଡ଼ିଶା ଯୁବ ଛାତ୍ର ସଂଗଠନ' ପକ୍ଷରୁ ମୋତେ 'ଯୁବ ପ୍ରତିଭା ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଛି, ଯାହା ମୋତେ ଆଗକୁ ଆଗେଇବା ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଛି। ନିଜର ନୂଆ ଚିନ୍ତାଧାରାକୁ ପ୍ରୟୋଗ କରି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବାକୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ।'

ନୂଆ ମୁହଁ ୧୯

ପ୍ରତିବର୍ଷ ବଲିଉଡ୍‌କୁ ଅନେକ ନବାଗତ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଆସିଥାଆନ୍ତି। ଗତବର୍ଷ ଏହି ତାଲିକାରେ ନିଜ ନାମକୁ ସାମିଲ କରିଥିବା ପ୍ରମୁଖ କଳାକାରଙ୍କ ମଧ୍ୟରେ ଥିଲେ ଜାହ୍ନବୀ କପୁର, ସାରା ଅଲ୍ଲୀ ଖାଁ, ଇଷାନ ଖଟ୍ଟର ଏବଂ ଟେଲି ଅଭିନେତ୍ରୀ ମୌନି ରୟ। ଚଳିତବର୍ଷ ହିନ୍ଦୀ ସିନେମାରେ ପ୍ରଥମ ଥର ପାଇଁ ପାଦ ରଖିବାକୁ ଯାଉଥିବା ପ୍ରମୁଖ କଳାକାରଙ୍କ ସମ୍ପର୍କରେ..

କରନ

ଇଶାବେଲା

ସଞ୍ଜନା

ନୂପୁର

ଇଶାବେଲା କୈଫ: କ୍ୟାଟ୍ରିନାଙ୍କ ଭଉଣୀ ଇଶାବେଲା ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଆଦିତ୍ୟ ପାଞ୍ଚୋଲିଙ୍କ ପୁଅ ସୁରଜଙ୍କ ନାୟିକା ସାଜିବେ ସେ। ଫିଲ୍ମର ଟାଇଟଲ ରହିଛି 'ଟାଇମ୍ ଟୁ ଡ୍ୟାନ୍ସ'।

ସଞ୍ଜନା ସାନ୍‌ଘି: ଅବଶ୍ୟ ବଡ଼ ପରଦା ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ସେ ଛୋଟ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଛନ୍ତି। ହେଲେ ଏଥର ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଛି। ଫିଲ୍ମଟି ହେଲା 'ଦ ଫଲ୍ଟୁ ଇନ୍ ଆୱାର ଷ୍ଟାର'।

ସୁରେଲି ଗୌତମ: ୟାମି ଗୌତମଙ୍କ ଭଉଣୀ ସୁରେଲି। ବଲିଉଡ୍‌ରେ ସେ ଖୁବ୍‌ଶୀଘ୍ର ପାଦ ଥାପିବାକୁ ଯାଉଛନ୍ତି। ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ବ୍ୟାଟେଲ ଅଫ୍ ସର୍‌ଘରି'। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣଦୀପ ହୁଡା।

ମୋହିତ ରାଇନା: ମୋହିତ ଛୋଟ ପରଦାରେ ବେଶ୍ ପରିଚିତ। ଧାରାବାହିକ 'ଦେବୋଁ କି ଦେବ୍ ମହାଦେବ' ତାଙ୍କୁ ଦେଇଛି ବେଶ୍ ଲୋକପ୍ରିୟତା। ନିକଟରେ ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'ଉରି' ରିଲିଜ୍ ହୋଇଛି। ଏହି ଚିତ୍ରରେ ତାଙ୍କ ବ୍ୟତୀତ ଭିକି କୌଶାଲ ଏବଂ ୟାମି ଗୌତମ ମଧ୍ୟ ଅଭିନୟ କରିଛନ୍ତି।

ପୂଜା ଗୋର୍: 'ମନ୍ କି ଆୱାଜ ପ୍ରତିଜ୍ଞା' ଶୋ' ପାଇଁ ପରିଚିତା ପୂଜା ତାଙ୍କର ରୂପେଲି ପରଦା କ୍ୟାରିୟର ଆରମ୍ଭ କରୁଛନ୍ତି। ଚଳଚ୍ଚିତ୍ରଟି ହେଲା 'ଗୁଲି ବୟ', ଯାହାର ନାୟକ ଭୂମିକାରେ ଅଛନ୍ତି ରଣବୀର ସିଂ। ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ପୂଜା। ଜୋୟା ଅଖ୍‌ତରଙ୍କ ନିର୍ଦ୍ଦେଶନାରେ ଉକ୍ତ ଚିତ୍ରଟି ଚଳିତ ମାସ ୧୪ରେ ରିଲିଜ୍ ହେବାକୁ ଯାଉଛି।

ସୌରଭ ଗୁର୍‌ଜାର: ଆକ୍ଟର-କମ୍-ରେସ୍‌ଲର ସୌରଭଙ୍କୁ ବ୍ରେକ୍ ଦେଉଛନ୍ତି କରନ୍ ଜୋହର। ଚଳଚ୍ଚିତ୍ରଟି ହେଲା 'ବ୍ରହ୍ମାସ୍ତ୍ର'। ଖାସ୍ କଥା ହେଲା, ଏଥିରେ ସେ ନେଗେଟିଭ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ବ୍ୟତୀତ ଏହି ଫିଲ୍ମରେ ରଣବୀର କପୁର, ଅମିତାଭ ବଚ୍ଚନ ଏବଂ ଆଲିୟା ଭଟ୍ଟ ମଧ୍ୟ ଅଭିନୟ କରିଛନ୍ତି।

ନୂପୁର ସାନନ: କ୍ରିତି ସାନନ୍‌ଙ୍କ ଭଉଣୀ ନୂପୁର ଖୁବ୍‌ଶୀଘ୍ର ବଡ଼ ପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି। ସାଜିଦ ନାଡିୱାଡୱାଲାଙ୍କ ଆଗାମୀ ଫିଲ୍ମରେ ସେ ନାୟିକା ସାଜିବେ। ସୂଚନାଯୋଗ୍ୟ, କ୍ରିତିଙ୍କୁ ମଧ୍ୟ ହିନ୍ଦୀ ସିନେମାରେ ବ୍ରେକ୍ ଦେଇଥିଲେ ସାଜିଦ।ଏମାନଙ୍କ ବ୍ୟତୀତ ସୁନୀଲ ସେଟ୍ଟିଙ୍କ ଝିଅ ଆହାନା, ଟିଭି ଅଭିନେତା ନନ୍ଦିଶ ସାନ୍ଧୁ (ସୁପର ୩୦) ଏବଂ ସନ୍ନି ଦେଓଲଙ୍କ ପୁଅ କରନ୍ (ପଲ୍ ପଲ୍ ଦିଲ୍ କେ ପାସ୍)ମଧ୍ୟ ଚଳିତ ବର୍ଷ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

ଦକ୍ଷତା ଅମ୍ରିତା

ଅମ୍ରିତା

ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅମ୍ରିତା। ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ। ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍'। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ଖାଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ବାଳକୃଷ୍ଣ, ଅମର, ଗୁଞ୍ଜୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ। ସମ୍ପୂର୍ଣ୍ଣ କମେଡିଭିତ୍ତିକ ଏହି ଫିଲ୍ମର ଶୁଟିଂ ଚଳିତ ମାସ ୬ରୁ ଆରମ୍ଭ ହୋଇଯାଇଛି।

ପ୍ରେମର ମିଶାଣ ଫେଡ଼ାଣ

ଚଳିତ ମାସ ୧୦ରେ ରିଲିଜ୍ ହେବାକୁ ଯାଉଛି ଓଡ଼ିଆ ସିନେମା 'ପ୍ରେମରେ ରଖିଛି ୧୦୦ରୁ ୧୦୦'। ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲି. ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିରଞ୍ଚି ନାରାୟଣ ପଣ୍ଡା ଏବଂ ଏହାର କାହାଣୀକାର ଦିଲୀପ କୁମାର ଦାଶ। ନିର୍ଦ୍ଦେଶନା ସହ ସଂଳାପ ରଚନା କରିଛନ୍ତି ସଞ୍ଜୟ ନାୟକ। 'ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। କେବଳ କାହାଣୀ ନୁହେଁ, ମଳୟ ମିଶ୍ରଙ୍କ ସଙ୍ଗୀତ ଏହାର ଅନ୍ୟତମ ଆକର୍ଷଣ ବୋଲି କହନ୍ତି ନିର୍ଦ୍ଦେଶକ।'ଏଥିରେ ସଂଯୋଜିତ ୫ଟି ଗୀତକୁ ଡ. ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ରଚନା କରିଥିବା ବେଳେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଆଷୁତୋଷ, ଇରା ମହାନ୍ତି, ଦୀପ୍ତି ପାଢ଼ୀ, ସ୍ୱୟଂ ପ୍ରଭାସ, ସବିଶେଷ ଏବଂ ତାରିକ ଅଜିଜ୍। ଖାସ୍ କଥା ହେଲା, ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକ ଏବଂ ନାୟିକା ରିୟାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ଗୁଞ୍ଜୁ, ଅନୁରାଧା, ପ୍ରୀତିଶ୍ରୀ, ଐଶ୍ୱର୍ଯ୍ୟା, ଦିଲୀପ ଦାଶ, ଚନ୍ଦ୍ରଧ୍ୱଜ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ପୂର୍ବରୁ ସଞ୍ଜୟ-ମଳୟ ଯୋଡ଼ି ବେଶ୍ କେତୋଟି ହିଟ୍ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଛି। ତେବେ 'ପ୍ରେମରେ ରଖିଛି ୧୦୦ରୁ ୧୦୦'ରେ ପ୍ରେମର ମିଶାଣ ଫେଡ଼ାଣ କିପରି ହୋଇଛି ତାହା ରିଲିଜ୍ ପରେ ହିଁ ଜଣାପଡିବ।

ଅତୀତକୁ

❖ଓଡ଼ିଆ ସିନେମା 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଚିତ୍ରର ନାୟକ ଭୂମିକାରେ ଅଜିତ୍ ଦାସ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଥିଲେ ମହାଶ୍ୱେତା ରାୟ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡିକର ସ୍ୱର ସଂଯୋଜନା କରିଥିଲେ ଭୁବନ-ହରି।

❖ସୁଶୀଲ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଅକ୍ଷୟ ତୃତୀୟା'ର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ। ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

'ପ୍ରେମରେ ରଖିଛି ୧୦୦ରୁ ୧୦୦' ଚଳଚ୍ଚିତ୍ରରେ ଜ୍ୟୋତି-ରିୟା।

ସଂକ୍ଷେପରେ

ଖରୋଲା ବେସାମରିକ ବିମାନ ଚଳାଚଳ ସଚିବ

ନୂଆଦିଲ୍ଲୀ,୬-୨: ଏୟାର ଇଣ୍ଡିଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କୁ ବୁଧବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ସରକାରୀ ଭାବେ ସୂଚନା ଦିଆଯାଇଛି। ଖରୋଲା ୧୯୮୫ ବ୍ୟାଚ୍ କର୍ନାଟକ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ) ଅଧିକାରୀ। ତାଙ୍କୁ ୨୦୧୭ ନଭେମ୍ବରରେ ଏୟାର ଇଣ୍ଡିଆର ସିଏମ୍‌ଡି ଭାବେ ନିଯୁକ୍ତ କରାଯାଇଥିଲା। ପୂର୍ବତନ ସଚିବ ରାଜୀବ ନୟନ ଚୌବେ ଚଳିତ ବର୍ଷ ଜାନୁୟାରୀ ୩୧ରେ ଅବସର ନେଇଛନ୍ତି। ତାଙ୍କୁ ଏବେ ଲୋକ ସେବା ଆୟୋଗ (ୟୁପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଅପରପକ୍ଷରେ କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ବିକ୍ରି କରିବା ଲାଗି ସରକାର ପୁନର୍ବାର ଉଦ୍ୟମ ଆରମ୍ଭ କରିଛନ୍ତି।

ଆର୍‌ବିଆଇ ବୋର୍ଡ ବୈଠକ ୧୮କୁ ଘୁଞ୍ଚିଲା

ନୂଆଦିଲ୍ଲୀ,୬-୨: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କେନ୍ଦ୍ରୀୟ ବୋର୍ଡ ବୈଠକକୁ ଘୁଞ୍ଚାଇ ଦିଆଯାଇଛି। ଏହା ଆସନ୍ତା ୧୮ରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସରକାରଙ୍କୁ ଦିଆଯିବାକୁ ଥିବା ଲାଭାଂଶ ସମ୍ପର୍କରେ ଏହି ବୈଠକରେ ନିଷ୍ପତ୍ତି ହେବ ବୋଲି ମନେ କରାଯାଉଥିଲା। ଆସନ୍ତା ୯ରେ ଏହି ବୈଠକ ବସିବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା ଓ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଏଥିରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥିଲା। ୨୦୧୯-୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ ହେବା ପରେ ଆର୍‌ବିଆଇ ବୋର୍ଡର ପ୍ରଥମ ବୈଠକ ହେବାକୁ ଯାଉଛି। ସୂଚନାଥାଉ କି, ଆର୍‌ବିଆଇର କ୍ୟାଲେଣ୍ଡର ଜୁଲାଇରୁ ପରବର୍ଷ ଜୁନ୍ ଯାଏ ଚାଲେ। ଗତ ବର୍ଷ ଏହା କେନ୍ଦ୍ର ସରକାରଙ୍କୁ ୧୦ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଦେଇଥିଲା। ଚଳିତ ଆର୍ଥିକ ବର୍ଷରେ ଆର୍‌ବିଆଇ କେନ୍ଦ୍ର ସରକାରଙ୍କୁ ୪୦ ହଜାର କୋଟି ଟଙ୍କାର ଲାଭାଂଶ ଦେଇସାରିଛି।

ଅନିବାର୍ଯ୍ୟ କାରଣବଶତଃ ନିୟମିତ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।

ପୂର୍ବ ତଟ ରେଳପଥ

ଇଞ୍ଜିନିୟରିଂ କାର୍ଯ୍ୟ

ଫାଇଲ୍ ସଂ. DRM/Engg/KUR/18-19/E-Tender/20, ତା: .04.02.2019

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender BR-KUR-346-18, ତା: 29.01.2019

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ପାରାଦୀପ ସେକ୍ସନ ମଧ୍ୟରେ ବ୍ରିଜ୍ ସଂ. 2CP UP, 4CP UP ଏବଂ 24CP UP ରେ ଥିବା 03 ସଂଖ୍ୟକ TOWG ବ୍ରିଜ୍ ଗୁଡ଼ିକରେ ସାଇଡ୍ ପାଥ୍‌ୱେ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹68.21 ଲକ୍ଷ , EMD : ₹ 1,36,430/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900/-, କାର୍ଯ୍ୟ ସମାପ୍ତିର ଅବଧି : 06 (ଛଅ) ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-347-18, ତା: 29.01.2019

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର / ଯାଜପୁର-କେନ୍ଦୁଝର ରୋଡ୍ ଙ୍କ ଅଧିକାରକ୍ଷେତ୍ର ଅଧିନସ୍ଥ ରାଣୀତାଲ-ଯାଜପୁର -କେନ୍ଦୁଝର ରୋଡ୍ ସେକ୍ସନ ମଧ୍ୟରେ ଓ JD ଲାଇନ୍‌ରେ ଥିବା ବ୍ରିଜ୍ ଗୁଡ଼ିକର ବାଲାଷ୍ଟ ରିଟେନିଂ ୱାଲ୍, ରିଟର୍ଣ୍ଣ ୱାଲ୍, ବ୍ରିଜ୍ ଟଚାଣ, ଡ୍ରପ୍ ୱାଲ୍‌ର ନିର୍ମାଣ, ବ୍ରିଜ୍ ଆପ୍ରୋଚ୍ ପିଚିଂ ଏବଂ ଟୋ (Toe) ୱାଲ୍ ନିର୍ମାଣ, ବ୍ରିଜ୍ ଟାବ୍‌ଲେଟ୍, ସିମେଣ୍ଟ ପେଣ୍ଟ କରିବା ଇତ୍ୟାଦି ଭଳି କ୍ଷୁଦ୍ର ପୋଲ ଗୁଡ଼ିକର ବିବିଧ ମରାମତି କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹69.87 ଲକ୍ଷ , EMD : ₹ 1,39,740/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ।

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-348-18, ତା: 01.02.2019

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଇଦ୍ରକ ସ୍ଥିତ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ) ଏବଂ ସିନିୟର ସେକ୍ସନ ଇଞ୍ଜିନିୟର (ପୋଲ) ନିମନ୍ତେ କାର୍ଯ୍ୟାଳୟ ଭବନ ଓ ଭଣ୍ଡାର ଗୋଦାମ ଘର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹114.22 ଲକ୍ଷ , EMD : ₹2,07,110/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900/-, କାର୍ଯ୍ୟ ସମାପ୍ତିର ଅବଧି : 10 (ଦଶ) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା 27.02.2019 ର 1500 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-455/J/18-19

ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ ସ୍ଥିତିରେ ଗୁଣବତ୍ତାର ବୁନିଆଦି ଢାଞ୍ଚା ଉପରେ ଜୋର ଦିଆଯିବାର ଆବଶ୍ୟକତା ରହିଛି।

–ସୁଧାଂଶୁ ପାଣ୍ଡେ, ଅତିରିକ୍ତ ସଚିବ, ବାଣିଜ୍ୟ ମନ୍ତ୍ରଣାଳୟ

ନିବେଶ ଧାରାକୁ ଉନ୍ନତ କରିବା ଲାଗି ଆରବିଆଇ ପାଇଁ ସୁଧ ହାର ହ୍ରାସ କରିବାର ଏକ ଭଲ ସମୟ।

– ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ

■ ପରଲୋକରେ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ସିଇଓ

ଫସିଗଲା ୧୯୦ ମିଲିୟନ ଡଲାର

ଟରେଣ୍ଟୋ,୬-୨

କାନାଡାର ସର୍ବବୃହତ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ କୁହାଯାଉଥିବା କ୍ୱାଡ୍ରିଗା ସିଏକ୍ସ ପାଇଁ ଏବେ ମୁଣ୍ଡବ୍ୟଥା ବଢ଼ିଯାଇଛି। କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ଗେରାଲ୍ଡ କୋଟେନ ମୃତ୍ୟୁବରଣ କରିଛନ୍ତି। ମାତ୍ର ୩୦ ବର୍ଷ ବୟସରେ ଏହି ଯୁବ ସିଇଓଙ୍କର ଅଚାନକ ମୃତ୍ୟୁ ଯୋଗୁ ଏବେ ନିବେଶକାରୀଙ୍କ ପ୍ରାୟ ୧୯୦ ମିଲିୟନ ଡଲାର ମୂଲ୍ୟର ବିଟ୍‌କଏନ ସମେତ ଅନ୍ୟ କ୍ରିପ୍ଟୋକରେନ୍ସି ଫଶିଯାଇଛି। କାରଣ କେବଳ କୋଟେନ ହିଁ ଏକ୍ସଚେଞ୍ଜର ପାସୱାର୍ଡ ଜାଣିଥିଲେ। ଏହି କାରଣରୁ ତାଙ୍କର ମୃତ୍ୟୁ ପରେ କ୍ୱାଡ୍ରିଗା ସିଏକ୍ସ ବନ୍ଦ ହୋଇଯାଇଛି।

କୋଟେନଙ୍କ ମୃତ୍ୟୁ ଖବର ଜାନୁୟାରୀ ୧୪ରେ ମିଳିଥିଲା। କ୍ୱାଡ୍ରିଗା ସିଏକ୍ସ ଏକ୍ସଚେଞ୍ଜର ଫେସବୁକ୍ ପେଜ୍‌ରେ ତାଙ୍କ ମୃତ୍ୟୁ ଖବର ଦିଆଯାଇଥିଲା। ଭାରତ ଗସ୍ତରେ ଯାଇଥିବା ଅବସରରେ ଦୂରାରୋଗ୍ୟ କ୍ରୋନ୍ସ ଡିଜିଜ୍(ଅଗ୍ନ୍ୟାଶୟ ସମ୍ବନ୍ଧିତ ଏକ ରୋଗ)ରେ ପୀଡିତ ହୋଇ କୋଟେନ ୨୦୧୮ ଡିସେମ୍ବର ୯ରେ ମୃତ୍ୟୁବରଣ କରିଥିଲେ ଏବଂ ଭାରତରେ ଅନାଥାଶ୍ରମ ପ୍ରତିଷ୍ଠା ଲାଗି ସେ ସେଠାକୁ ଯାଇଥିଲେ ବୋଲି ଫେସବୁକ୍‌ରେ ଦର୍ଶାଯାଇଛି। ତାଙ୍କର ମୃତ୍ୟୁ ପରେ ଶୀର୍ଷ ସିକ୍ୟୁରିଟି ବିଶେଷଜ୍ଞମାନେ ପାସୱାର୍ଡକୁ ଭାଙ୍ଗିବା ଲାଗି ପ୍ରୟାସ କରି ବିଫଳ ହୋଇଛନ୍ତି। ବାଧ୍ୟ ହୋଇ କ୍ୱାଡ୍ରିଗା ସିଏକ୍ସ ଓ କୋଟେନଙ୍କ ପତ୍ନୀ ଜେନିଫର ରବର୍ଟସନଙ୍କ ପକ୍ଷରୁ ଗତ ସପ୍ତାହରେ କାନାଡାର ସୁପ୍ରିମକୋର୍ଟ ଅଫ୍ ନୋଭା ସ୍କୋଟିଆରେ କ୍ରେଡିଟ ପ୍ରୋଟେକ୍ସନ ଲାଗି ଆବେଦନ କରାଯାଇଥିଲା। ଏହାପରେ ପାସୱାର୍ଡ ନ ଥିବା କାରଣରୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଲକ୍ ହୋଇଥିବା ସୂଚନା ପଦାକୁ ଆସିଥିଲା। ମିଡିଆ ରିପୋର୍ଟ ଅନୁଯାୟୀ କ୍ୱାଡ୍ରିଗା ଜରିଆରେ ବିଟ୍‌କଏନ, ଲାଇଟକଏନ, ଇଥ୍ରିୟମ କଏନ ଭଳି ଏକାଧିକ କ୍ରିପ୍ଟୋକରେନ୍ସିରେ କାରବାର ହେଉଥିଲା। ଏକ୍ସଚେଞ୍ଜ ଲକ୍ ହେବା କାରଣରୁ ପ୍ରାୟ ୧.୧୫ ଲକ୍ଷ ଗ୍ରାହକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ଏକ୍ସଚେଞ୍ଜରେ ପ୍ରାୟ ୩.୬୩ ଲକ୍ଷ ପଞ୍ଜୀକୃତ ଗ୍ରାହକ ରହିଛନ୍ତି। କୋଟେନଙ୍କ ପତ୍ନୀ ଜେନିଫର ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀଙ୍କ ମୁଖ୍ୟ କମ୍ପ୍ୟୁଟରରେ କ୍ରିପ୍ଟୋକରେନ୍ସିର କୋଲ୍ଡ ୱାଲେଟ ରହିଛି, ଯାହା କେବଳ ବ୍ୟକ୍ତିଗତ ଭାବେ ଖୋଲାଯାଇପାରିବ। ଏହାର ପାସୱାର୍ଡ କେବଳ ତାଙ୍କ ସ୍ୱାମୀ ହିଁ ଜାଣିଥିଲେ। କିନ୍ତୁ ତାଙ୍କ ମୃତ୍ୟୁ ପରେ ଏହି ୱାଲେଟ୍‌ରେ ଥିବା କ୍ରିପ୍ଟୋକରେନ୍ସି ଫସିଯାଇଛି। ସ୍ୱାମୀଙ୍କ ବ୍ୟବସାୟ ସହ ଜଡ଼ିତ ନ ଥିବାରୁ ସେ ପାସୱାର୍ଡ ଜାଣି ନ ଥିଲେ ବୋଲି ସତ୍ୟପାଠରେ ଜେନିଫର ଦର୍ଶାଇଛନ୍ତି। କୋଟେନଙ୍କ ଅନ୍ୟ ଏକ କମ୍ପ୍ୟୁଟରରୁ କିଛି କଏନ ହାସଲ କରାଯାଇପାରିଛି ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ଏକ୍ସଚେଞ୍ଜର ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ମଞ୍ଜୁର କରିଛନ୍ତି ଏବଂ ୩୦ ଦିନ ଭିତରେ ଏହାକୁ ବିକ୍ରି କରିଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ଅର୍ନେଷ୍ଟ ଆଣ୍ଡ ୟଙ୍ଗ କମ୍ପାନୀକୁ ନିଯୁକ୍ତ କରାଯାଇଛି। ଏହି ଘଟଣା ଜଣାପଡିବା ପରେ ନିବେଶକମାନେ କୋଟେନଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ସେମାନେ ଏ ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ବହୁ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ କୋଟେନ ମୃତ୍ୟୁ ପୂର୍ବରୁ ଏକ ୱିଲ୍ କରିଯାଇଛନ୍ତି, ଯାହାକୁ ତାଙ୍କ ପତ୍ନୀ କାର୍ଯ୍ୟକାରୀ କରିବେ। ଏଥିରେ ସେ ତାଙ୍କର ଅତିପ୍ରିୟ ୨ ପାଳିତ ପଶୁଙ୍କ ପାଇଁ ୧ ଲକ୍ଷ ଡଲାର, ଗୋଟିଏ ବିମାନ, ବ୍ରିଟିଶ କଲମ୍ବିଆ ଓ ନୋଭା ସ୍କୋଟାରେ କିଛି ସମ୍ପତ୍ତି ଛାଡ଼ି ଯାଇଛନ୍ତି।

ହୋଣ୍ଡା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

ଭୁବନେଶ୍ୱର,୬-୨

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଚଳିତ ମାସ ୪ରୁ ୧୦ ତାରିଖ ଯାଏ ସାରା ଦେଶରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। କମ୍ପାନୀ ଏହାର ୮,୫୦୦ ଟର୍ ପଏଣ୍ଟରେ ଲୋକଙ୍କୁ 'ହେଲମେଟ ଅନ୍ ଲାଇଫ ଅନ୍'ବାର୍ତ୍ତା ପ୍ରଦାନ କରୁଛି। କେନ୍ଦ୍ର ସରକାରଙ୍କ ସଡ଼କ ଏବଂ ପରିବହନ ମନ୍ତ୍ରଣାଳୟର ରହିଥିବା ସଡ଼କ ସୁରକ୍ଷା ଜୀବନ ରକ୍ଷା ବିଷୟକୁ ଆଧାର କରି କମ୍ପାନି ଏଭଳି ପଦକ୍ଷେପ ହାତକୁ ନେଇଛି। ସାରା ଦେଶରେ ସଡ଼କ ସଚେତନତା ବାର୍ତ୍ତାକୁ ପହଞ୍ଚାଇବା ଲାଗି ହୋଣ୍ଡା ୯୮୬ ଡିଲର, ୪ ଉତ୍ପାଦନ କାରଖାନା, ୧୬ ଜୋନାଲ କାର୍ଯ୍ୟାଳୟ, ୫ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଳନ କରୁଛି। ୧୩ ଟ୍ରାଫିକ ପାର୍କ ଜରିଆରେ କର୍ପୋରେଟ ଓ ଶିକ୍ଷାନୁଷ୍ଠାନ ସହିତ ସହଯୋଗିତା ଜରିଆରେ ୫,୮୦୦ରୁ ଅଧିକ ନେଟ୍‌ୱର୍କ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଜୟପୁରରେ ତିନି ଦିନିଆ ସଡକ ସୁରକ୍ଷା କାର୍ନିଭାଲ, କେରଳର ଆଲେପିଠାରେ ସୁରକ୍ଷା ସ୍କୁଟର ର‍ୟାଲି ଅନୁଷ୍ଠିତ ହୋଇଛି। ଭୋପାଳରେ ସୁରକ୍ଷିତ ସାଇକେଲ ଚାଳନା, ପୁଣେ ଏବଂ କୋଲକାତାରେ ଯୁବବର୍ଗଙ୍କ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଥିବା କମ୍ପାନୀ ସୂଚନା ଦେଇଛି। 'ସମସ୍ତଙ୍କ ପାଇଁ ସୁରକ୍ଷା' ଲକ୍ଷ୍ୟ ପ୍ରତି ହୋଣ୍ଡା ଗଭୀର ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

ମର୍ସିଡିଜ ବେଞ୍ଜ ଆଣିଲା ନୂଆ ଭି-କ୍ଲାସ

ପୁଣେ,୬-୨

ଲକଜ୍ୟୁରି କାର ନିର୍ମାତା ମର୍ସିଡିଜ ବେଞ୍ଜର ନୂଆ ଲକଜ୍ୟୁରି ମଲ୍ଟି ପରପସ ଭେହିକିଲ (ଏମ୍‌ପିଭି) ଭି-କ୍ଲାସ ବଜାରକୁ ଆସିଛି। ଏହା ଏକ ଉଚ୍ଚଗୁଣବତ୍ତା ସମ୍ପନ୍ନ ପାସେଞ୍ଜର କାର ହୋଇଥିବା ବେଳେ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ବିଭିନ୍ନ ବିକଳ୍ପ ଏଥିରେ ପ୍ରଦାନ କରାଯାଇଥିବା କମ୍ପାନୀ ପ୍ରକାଶ କରିଛି। ମୁମ୍ବାଇଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ମଡେଲଟିକୁ କମ୍ପାନୀର ଏମ୍‌ଡି ତଥା ସିଇଓ ମାର୍ଟିନ ଶ୍ୱେଙ୍କ ବଜାର ପ୍ରବେଶ କରାଇଥିଲେ। ଗ୍ଲୋବାଲ ପୋର୍ଟଫୋଲିଓ ଭି-କ୍ଲାସକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ମାର୍ଟିନ କହିଛନ୍ତି। ଏଥିରେ ଗ୍ରାହକ ଲକଜ୍ୟୁରୀ ଆପିଲ, ଅତୁଳନୀୟ କମ୍ଫର୍ଟ, ସୁଦୃଢ ଡ୍ରାଇଭିଂ ଡାଇନାମିକ୍ସ ନିରାପତ୍ତା ବୈଶିଷ୍ଟ୍ୟ ଲାଭ କରିବାକୁ ସକ୍ଷମ ହେବେ ବୋଲି ସେ କହିଛନ୍ତି। ଏହା ବଡ ପରିବାର ଏବଂ ସ୍ପୋର୍ଟସ ଉତ୍ସାହୀ ଏବଂ ବାଣିଜ୍ୟିକ ଗୋଷ୍ଠୀଙ୍କ ଲାଗି ବିଶେଷ ସହାୟକ ହେବା ନେଇ ସେ ପ୍ରକାଶ କରିଛନ୍ତି।

ୟୁବିଆଇର କାରବାର ୧.୯୭ ଲକ୍ଷ କୋଟି ଛୁଇଁଲା

କୋଲକାତା,୬-୨: ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ତୃତୀୟ ତ୍ରୈମାସ ଫଳାଫଳ ଘୋଷଣା କରାଯାଇଛି। ୨୦୧୮ ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ମୋଟ ବାଣିଜ୍ୟ କାରବାର ୧.୯୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କର କାସା ଜମା ୪୯.୪୯% ଥିବା ବେଳେ ଗତବର୍ଷ ସମାନ ସମୟରେ ଏହା ୪୭.୧୯% ରହିଥିଲା। ଏହା ବ୍ୟାଙ୍କର କଷ୍ଟ ଅଫ୍ ଡିପୋଜିଟକୁ ୫.୩୦%ରୁ ୪.୯୯%କୁ କମାଇଛି। ବ୍ୟାଙ୍କ ୩୮୩ କୋଟି ଟଙ୍କାର ପରିଚାଳନାଗତ ଲାଭ ହାସଲ କରିବାକୁ ସକ୍ଷମ ହୋଇଛି। ନେଟ୍ ସୁଧ ଆୟ ଉନ୍ନତି ହେବା ସହ ୯.୨୦% ରହିଛି। ସେହିଭଳି ଏନ୍‌ଆଇଏମ୍ ୨% ରହିଥିବା ବେଳେ ଅଣ ସୁଧଜନିତ ଆୟ ୬୩%କୁ ବୃଦ୍ଧି ଘଟିଛି। ବ୍ୟାଙ୍କ ଏହାର ମୋଟ ଏବଂ ନେଟ୍ ଏନ୍‌ପିଏକୁ ହ୍ରାସ କରିବା ଲାଗି ପ୍ରୟାସ ଜାରି ରଖିଛି। ଏହା ମାର୍ଚ୍ଚ ୨୦୧୮ରେ ଯଥାକ୍ରମେ ୨୪.୧୦% ଏବଂ ୧୬.୪୯% ଥିବା ବେଳେ ୨୧.୨୭% ଏବଂ ୧୨.୦୮%କୁ ଖସିଛି। ପ୍ରୋଭିଜନ କଭରେଜ ରେସିଓ ୬୫.୨୩% ରହିଛି। ଖୁଚୁରା ଋଣରେ ୧୩.୮୬% ଏବଂ ହାଉସିଂ କ୍ଷେତ୍ରରେ ବାର୍ଷିକ ୧୨.୫୦% ଅଭିବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଆଲ୍ଲାହାବାଦ ବ୍ୟାଙ୍କର ତ୍ରୈମାସ ଫଳାଫଳ

ଭୁବନେଶ୍ୱର,୬-୨

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କ ମୋଟ ୩.୬୭ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରିବାକୁ ସକ୍ଷମ ହୋଇଛି। ଏହା ପୂର୍ବରୁ ୩.୬୫ ଲକ୍ଷ କୋଟି ରହିଥିଲା। ଡିସେମ୍ବର ୨୦୧୮ରେ ବ୍ୟାଙ୍କର ମୋଟ୍ ଜମାରେ କାସାର ଅଂଶ ଉନ୍ନତି ଘଟି ୪୭.୭୪% ଛୁଇଁଛି। ଏହା ଗତବର୍ଷ ସମାନ ସମୟରେ ୪୫.୧୪% ରହିଥିଲା। ବ୍ୟାଙ୍କର ଖୁଚୁରା ଋଣରେ ବାର୍ଷିକ ୨୬.୧୧% ବୃଦ୍ଧି ଘଟିଛି। ଏହି ସମୟରେ ବ୍ୟାଙ୍କର କଷ୍ଟ ଅଫ୍ ଡିପୋଜିଟ ଉନ୍ନତି ଘଟି ୫.୧୩%, ପ୍ରୋଭିଜନ କଭରେଜ ଅନୁପାତ (ପିସିଆର୍) ୫୩.୭୩%ରୁ ୬୯.୬୪%କୁ ବୃଦ୍ଧି, ମୋଟ ଏନ୍‌ପିଏ ୧୭.୮୧%, ନେଟ୍ ଏନ୍‌ପିଏ ୭.୭୦% ହ୍ରାସ ଘଟିଛି। ଏହା ସେପ୍ଟେମ୍ବର ୨୦୧୮ରେ ୭.୯୬%, ଡିସେମ୍ବର ୨୦୧୭ରେ ୮.୯୭% ରହିଥିଲା। ଏହି ସମୟରେ ବ୍ୟାଙ୍କ ୭୬୮.୯୬ କୋଟି ଟଙ୍କାର ପରିଚାଳନାଗତ ଲାଭ ହାସଲ କରିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ (ଏନ୍‌ଆଇଏମ୍) ୨.୬୬%କୁ ଉନ୍ନତି ଘଟିଥିବା ଏହା ପ୍ରକାଶ କରିଛି।

idco Your power to grow | **ODISHA** NEW OPPORTUNITIES

ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-2286/17-18/474 Dated :- 02.02.2019

TENDER CALL NOTICE

| | |

ରୋଡ୍ରିଗୁଏଜ ଓ ମୋ ଉଇକେଟ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଟି୨୦ରେ ୭ କିମ୍ବା ୮ ରନ ରେଟ୍‌ରେ ଟାର୍ଗେଟ୍ ଚେଜ୍‌ବେଳେ ଲଗାତର ଉଇକେଟ୍ ପଡ଼ିବା ଦଳ ପାଇଁ ମହଙ୍ଗା ହୋଇଥାଏ ।
– ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟର

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ଆଗାମୀ ସିରିଜରୁ ସର୍ବାଧିକ ପଏଣ୍ଟ ହାସଲ କରି ୨୦୨୧ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛୁ ।
– ମିଥାଲି ରାଜ, ଭାରତୀୟ ମହିଳା ଦିନିକିଆ କ୍ରିକେଟ ଅଧିନାୟିକା

ସଂକ୍ଷେପରେ

ଜାତୀୟ ସିନିୟର ସ୍ନୁକର ନକ୍‌ଆଉଟରେ ସୁବ୍ରତ

ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି): ଇନ୍ଦୋରରେ ଚାଲିଥିବା ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ଟପ-୩୨ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ଏଥି ସହିତ ସେ ୨୦୨୦ ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍ ପାଇଁ ସିଧା ଏଣ୍ଟ୍ରି ପାଇଛନ୍ତି। ଗୁରୁବାର ସୁବ୍ରତ ଟପ-୩୨ ନକ୍‌ଆଉଟ ରାଉଣ୍ଡରେ ଭାଗ୍ୟ ପରୀକ୍ଷା କରିବେ। ସେଠାରେ ବିଜୟୀ ହେଲେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ବୁଧବାର ସୁବ୍ରତ ନିଜର ତୃତୀୟ ପ୍ରତିଦ୍ୱନ୍ଦ୍ୱୀ ପଶ୍ଚିମବଙ୍ଗର ମନୀଷ ଜୈନଙ୍କଠାରୁ ୱାକ୍-ଓଭର ପାଇଥିଲେ। ନିଜର ପ୍ରଥମ ୨ଟି ମ୍ୟାଚ ହାରିଥିବା ମନୀଷ ବ୍ୟକ୍ତିଗତ କାରଣ ଯୋଗୁ ସୁବ୍ରତଙ୍କ ବିପକ୍ଷ ମ୍ୟାଚରୁ ଓହରି ଯାଇଥିଲେ। ଏହି ଗ୍ରୁପର ଅନ୍ୟତମ ପ୍ରତିଯୋଗୀ ଧ୍ରୁବ ଶର୍ମା ୦-୪ ଫ୍ରେମ୍‌ରେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାଜିତ ହୋଇଥିବାରୁ ସୁବ୍ରତ ସହଜରେ ନକ୍‌ଆଉଟରେ ପ୍ରବେଶ କରି ଯାଇଥିଲେ। ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଆଶୁତୋଷ ପାଢ଼ୀ କ୍ରମାଗତ ୩ୟ ମ୍ୟାଚରେ ପରାଜିତ ହୋଇଛନ୍ତି। ସେ ବୁଧବାର ଆଦିତ୍ୟ ମେହେଟାଙ୍କଠାରୁ ୨-୪ ଫ୍ରେମ୍‌ରେ ହାରି ବିଦାୟ ନେଇଛନ୍ତି।

ଭାରତ-ପାକିସ୍ତାନ ନିରପେକ୍ଷ ଭେନ୍ୟୁରେ ଖେଳିପାରନ୍ତି

ନାଗପୁର, ୬।୨ (ପି.ଟି.)- ଡେଭିସ୍ କପ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଏଥିରେ ଭାରତ ଘରୋଇ ପାକିସ୍ତାନକୁ ଭେଟିବ ବୋଲି ଜଣାପଡ଼ିଛି। ତେବେ କେନ୍ଦ୍ର ସରକାର ବର୍ତ୍ତମାନର ପଲିସି ଅନୁଯାୟୀ ପାକିସ୍ତାନକୁ କୌଣସି ଭାରତୀୟ ଟିମ୍‌କୁ ଖେଳିବାକୁ ଅନୁମତି ଦେଉ ନ ଥିବାରୁ ଏହି ମ୍ୟାଚ୍ ନିରପେକ୍ଷ ଭେନ୍ୟୁରେ ଖେଳାଯିବାର ସମ୍ଭାବନା ପ୍ରକାଶ ପାଇଛି। ଶେଷଥର ପାଇଁ ୧୯୬୪ ମାର୍ଚ୍ଚରେ ଭାରତୀୟ ଡେଭିସ୍ କପ୍ ଟିମ୍ ପାକିସ୍ତାନ ଖେଳିବାକୁ ଯାଇଥିଲା। ଏଥିରେ ଭାରତ ୪-୦ରେ ବିଜୟ ହାସଲ କରିଥିଲା। ଯଦି ଏହି ମ୍ୟାଚ୍ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତରିତ ହୁଏ ତେବେ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଏଥିରେ ସମ୍ମତି ପ୍ରକାଶ କରିବ। ଅପରପକ୍ଷରେ ଗତବର୍ଷ ଉଜବେକିସ୍ତାନ ଓ କୋରିଆ ବିପକ୍ଷ ମ୍ୟାଚ୍ ଇସଲାମବାଦରେ ଅନୁଷ୍ଠିତ ହୋଇଥିବାରୁ ଆଇଟିଏଫ୍ ମଧ୍ୟ ରାଜି ନ ହୋଇପାରେ। ଯଦି ପାକିସ୍ତାନରୁ ଭେନ୍ୟୁ ସ୍ଥାନାନ୍ତରିତ ନ ହୁଏ ଏବଂ କେନ୍ଦ୍ର ସରକାର ଖେଳାଳିଙ୍କୁ ଅନୁମତି ନ ଦିଅନ୍ତି ତେବେ ୧୯୭୧ ମସିହା ଭଳି ଭାରତ ଜରିମାନା ଦେଇ ଓହରିଯିବ।

କଳିଙ୍ଗ ଷ୍ଟାଡିୟମରେ ୯ରୁ ଗୋଲ୍ଡ କପ୍ ଫୁଟବଲ

ଆସନ୍ତା ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ। କେବଳ ଓଡ଼ିଶାରେ ନୁହେଁ ଭାରତରେ ଏହା ହେବ ସର୍ବପ୍ରଥମ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ପ୍ରତିଯୋଗିତା। ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି କିମ୍ବଦନ୍ତୀ ମହିଳା ଫୁଟବଲର ଓଇନାମ ବେମ୍‌ବେମ୍ ଦେବୀ। ଆଗକୁ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଥିବାରୁ ପ୍ରସ୍ତୁତି ପାଇଁ ଏହି ଟୁର୍ନାମେଣ୍ଟ ଭାରତକୁ ବେଶ୍ ସହାୟକ ହେବ। ଗୋଲ୍ଡ କପ୍‌ରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ସମ୍ପର୍କରେ ପୂର୍ବାନୁମାନ କରିବା କଷ୍ଟସାଧ । ତେବେ ମୋ ମତରେ ମ୍ୟାନମାର ଫେଭରାଇଟ ବୋଲି ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

ମ୍ୟାନ୍‌ମାର ଫେଭରାଇଟ

ବେମ୍‌ବେମ୍ ଦେବୀ

■ ହିରୋ ଗୋଲ୍ଡ କପ୍ ଭୁବନେଶ୍ୱରରେ ହେବାକୁ ଯାଉଛି, ଏ ସମ୍ପର୍କରେ ଆପଣଙ୍କ ମତ କ'ଣ ?

● ଭାରତରେ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହେବା ଏକ ବଡ଼ ପଦକ୍ଷେପ। ମୁଁ ଏଥିରେ ବହୁତ ଖୁସି। ଏହା ଭାରତୀୟ ମହିଳା ଦଳକୁ ଆବଶ୍ୟକ ଅଭିଜ୍ଞତା ଆଣିଦେବ। ମ୍ୟାନମାର ଓ ଇରାନ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିବ। ସେମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢ଼ିବ।

■ ଭାରତୀୟ ମହିଳା ଦଳ ହଂକଂ ଏବଂ ଇଣ୍ଡୋନେସିଆ ବିପକ୍ଷ ଗତ ୪ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଅପରାଜିତ ରହିଛି।

● ଯୋଜନା ଅନୁସାରେ ଫଳ ମିଳିଛି। ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ଏହାଠାରୁ ଆଉ କିଛି ଭଲ ରୋଡ୍‌ମ୍ୟାନ ପ୍ରସ୍ତୁତ ହୋଇ ପାରିଥାନ୍ତା ବୋଲି ମୁଁ ଭାବି ପାରୁନି। ଗତ ୪ଟି ମ୍ୟାଚରେ ଭାରତୀୟ ମହିଳା ଖେଳାଳିମାନେ ଅନ୍ତର୍ଜାତୀୟ ଫୁଟବଲର ସ୍ୱାଦ ପାଇଛନ୍ତି। ଏଏଫସି ଟୁର୍ନାମେଣ୍ଟ ପାଇଁ ବ୍ୟସ୍ତ କାର୍ଯ୍ୟସୂଚୀ ମଧ୍ୟରେ ଏହା ଅନୁଷ୍ଠିତ ହୋଇଛି। ଏବେ ଗୋଲ୍ଡ କପ୍ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ସମୟ ଆସିଛି। ଏଥିରେ ସେମାନେ ଦକ୍ଷ ଦଳଗୁଡ଼ିକ ବିପକ୍ଷରେ କିପରି ଚ୍ୟାଲେଞ୍ଜ ମିଳେ ତାହା ଅନୁଭବ କରିପାରିବେ। ଅଲିମ୍ପିକ୍ସ କ୍ୱାଲିଫାୟର ନିକଟତର ହୋଇଛି। ତେଣୁ ଏହି ଟୁର୍ନାମେଣ୍ଟ ଖେଳି ଭାରତୀୟ ଦଳ ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବ।

■ ପ୍ରସ୍ତୁତି ଶିବିର ଦଳଗୁଡ଼ିକୁ କିପରି ସହାୟକ ହୋଇଥାଏ ?

● ଦୀର୍ଘଦିନଧରି ଚାଲୁଥିବା କୋଚିଂ କ୍ୟାମ୍ପଗୁଡ଼ିକ ସର୍ବଦା ସହାୟକ ହୋଇଥାଏ। ତେବେ ମ୍ୟାଚ ଖେଳି ନିଜକୁ ପରୀକ୍ଷା ନ କଲେ କ୍ୟାମ୍ପରେ ନେଇଥିବା ଟ୍ରେନିଂର କିଛି ମୂଲ୍ୟ ରହି ନ ଥାଏ। କୋଚିଂ କ୍ୟାମ୍ପରେ ତ୍ରୁଟିଗୁଡ଼ିକରେ ସୁଧାର ଅଣାଯାଇଥାଏ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଅଧିକରୁ ଅଧିକ ମ୍ୟାଚ ଖେଳିଲେ ଯାଇ ଅଭିଜ୍ଞତା ମିଳିବ।

■ ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ ମହିଳା ଖେଳାଳିମାନେ କ'ଣ କରିବା ଉଚିତ ?

● ଫୁଟବଲରେ ଅନେକ ପରିବର୍ତ୍ତନ ହୋଇଛି। ନିଜକୁ ପ୍ରସ୍ତୁତ କରିବା ପାଇଁ କ୍ୟାମ୍ପକୁ ଡାକରା ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରାଯିବା ଉଚିତ ନୁହେଁ। ଜଣେ ସିରିୟସ ଫୁଟବଲର ପାଇଁ ବର୍ଷସାରା ଫିଟ୍ ରହିବା ଅତ୍ୟନ୍ତ ଜରୁରୀ। କଷ୍ଟସାଧ ଟ୍ରେନିଂ ନେବା ସହିତ ନିୟମିତ ଜିମ୍‌ରେ ସମୟ କଟାଇବା, ଆବଶ୍ୟକ ବିଶ୍ରାମ ନେବା ଏବଂ ଖାଦ୍ୟପ୍ରତି ଯତ୍ନବାନ ହେବା ବହୁତ ଗୁରୁତ୍ୱପୂର୍ଣ୍ଣ। ବିନା ଫିଟ୍‌ନେସରେ କିଛି ହୋଇପାରିବନି। ତେଣୁ ପୁରୁଷଙ୍କ ପରି ମହିଳାମାନଙ୍କୁ ମଧ୍ୟ ଫିଟ୍‌ନେସ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ସାମ୍ପ୍ରତିକ ସମୟରେ ଖେଳାଳିମାନେ ସର୍ବଦା ଏ ସମ୍ପର୍କରେ କୋଚ୍ ଓ ଟ୍ରେନରଙ୍କ ସହ ଆଲୋଚନା କରିବା ଉଚିତ।

■ ହିରୋ ଗୋଲ୍ଡ କପ୍‌ରେ କେଉଁ ଦଳ ଶକ୍ତିଶାଳୀ ?

● ଫୁଟବଲରେ ପୂର୍ବାନୁମାନ କରିବା ଭୁଲ ହେବ। ତେବେ ପ୍ରଦର୍ଶନ ଦୃଷ୍ଟିରୁ ମ୍ୟାନମାର ଶକ୍ତିଶାଳୀ ମନେ ହେଉଛି। ନିକଟରେ ମଣିପୁରରେ ଭାରତ-ମ୍ୟାନମାର ମଧ୍ୟରେ ଏକ ମ୍ୟାଚ ଆୟୋଜନ ହୋଇଥିଲା। ମ୍ୟାନମାର ଖେଳାଳିମାନେ ବଲ୍‌କୁ ଅଧିକ ସମୟ ନିୟନ୍ତ୍ରଣରେ ରଖିବା ସହ ଯୋଜନାକୁ କାର୍ଯ୍ୟକାରୀ କରି ପାରିଥିଲେ। ତେଣୁ ମୋ ମତରେ ମ୍ୟାନମାର ଆଗାମୀ ଟୁର୍ନାମେଣ୍ଟ ପାଇଁ ଫେଭରାଇଟ। ସମାନଭାବେ ଦେଖିଲେ ଗତ ୧୦ ବର୍ଷ ମଧ୍ୟରେ ଇରାନ ଫୁଟବଲ ଦଳରେ ଅନେକ ଉନ୍ନତି ହୋଇଛି। ନେପାଳ ଦଳର ପ୍ରଦର୍ଶନକୁ ନେଇ ପୂର୍ବାନୁମାନ କରିବା ସବୁବେଳେ କଷ୍ଟସାଧ ହୋଇ ଆସିଛି। ତେଣୁ ଏହା ଏକ ରୋମାଞ୍ଚକ ଟୁର୍ନାମେଣ୍ଟ ହେବ।

■ ମହିଳା ଫୁଟବଲକୁ ନେଇ ଏବେ ଭାରତରେ ଅନେକ କିଛି ହେବାକୁ ଯାଉଛି। ଜଣେ ଖେଳାଳି ଭାବେ ଆପଣ ଏହାକୁ ମିସ୍ କରୁଛନ୍ତି କି ?

● (ହସି ହସି) ନାଁ, ପ୍ରକୃତରେ ମୁଁ ମୋ କୋଚିଂ କ୍ୟାରିୟରକୁ ଉପଭୋଗ କରୁଛି। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଖେଳିଥିବାରୁ ମୋ ହୃଦୟ ଭରି ଯାଇଛି। ଏବେ ମୁଁ ମୋ ଅଭିଜ୍ଞତା ଜୁନିୟର ଖେଳାଳିଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଛି। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରନ୍ତୁ ବୋଲି ମୁଁ ଚାହେଁ।

ଲିଟିଲ୍ ଷ୍ଟାର୍ସ କ୍ରିକେଟ୍ ଫାଇନାଲରେ ସହିଦ୍ ସ୍ପୋର୍ଟିଂ

ଭୁବନେଶ୍ୱର, ୬।୨(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ଚାଲିଥିବା ଲିଟିଲ୍ ଷ୍ଟାର୍ସ କ୍ରିକେଟ୍ ଲିଗ୍‌ରେ ପ୍ରଥମ ଦଳ ଭାବେ ସହିଦ୍ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଶହୀଦ୍ ସ୍ପୋର୍ଟିଂ ୨୮ ରନରେ ଓସ୍କାରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶହୀଦ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭରରେ ୩ ଉଇକେଟ୍ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଦେବଜ୍ୟୋତି ଦାସ ପଟ୍ଟନାୟକ ୫୦* ଓ ରୁଦ୍ର ପ୍ରସାଦ ମଲ୍ଲିକ ୪୧ ରନ କରିଥିଲେ। ଜବାବରେ ଓସ୍କାର ୧୨୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଶାଶ୍ୱତ ରାଉତ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଅର୍ଦ୍ଧଶତକୀୟ ଇନିଂସ ପାଇଁ ଦେବଜ୍ୟୋତି ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଗୁରୁବାର ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ଓ ଆୟୋଜକ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ଅତିଥିଙ୍କଠାରୁ ଦିବ୍ୟଜ୍ୟୋତି ପୁରସ୍କାର ଗ୍ରହଣ କରୁଛନ୍ତି।

ଆହତ ଷ୍ଟାର୍କ ଭାରତ ଗସ୍ତରୁ ବାଦ୍ ପଡ଼ିବା ସମ୍ଭାବନା

ମେଲବୋର୍ନ, ୬।୨(ପି.ଟି.)

ଅଷ୍ଟ୍ରେଲିଆ କ୍ରିକେଟ ଦଳ ଭାରତ ଗସ୍ତରେ ଆସି ସୀମିତ ଓଭର କ୍ରିକେଟ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ମାତ୍ର ଆହତ ସମସ୍ୟା ଯୋଗୁ ବାମହାତୀ ପେସର ମିଚେଲ ଷ୍ଟାର୍କ ଏହି ଗସ୍ତରୁ ବାଦ୍ ପଡ଼ିବା ସମ୍ଭାବନା ରହିଛି। ନିକଟରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୧୦ ଉଇକେଟ ନେଇ ମ୍ୟାନଅଫ୍ ଦି ମ୍ୟାଚ ହୋଇଥିବା ଷ୍ଟାର୍କ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ପିଠିରେ ଯନ୍ତ୍ରଣା ଯୋଗୁ ଅନ୍ୟତମ ପେସର ଜୋସ ହାଜେଲଉଡ୍ ମଧ୍ୟ ଦିନିକିଆ ସିରିଜ ଆରମ୍ଭରେ ଖେଳି ନ ପାରନ୍ତି। ଭାରତ ବିପକ୍ଷ ୨ଟି ଟି୨୦ ଓ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଗୁରୁବାର ଅଷ୍ଟ୍ରେଲିଆ ଦଳ ଘୋଷିତ ହେବ।

ଯାଜପୁର- ଜଗତ୍‌ପୁର ଫାଇନାଲ ଆଜି

ରାଜନଗର, ୬।୨

ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ ଟିମ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱରର ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂକୁ ୧୯ ରନରେ ହରାଇ ଯାଜପୁର ଫାଇନାଲକୁ ଉଠିଛି। ଗୁରୁବାର ଫାଇନାଲରେ ଯାଜପୁର ଓ ଜଗତପୁରର ନିମପୁର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

ଟସ ଜିତି ଯାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୨୪ ରନ କରିଥିଲା। ଦଳର ସ୍ୱପ୍ନେଶ ୫୩ ବଲରୁ ୯ଟି ଚୌକା, ୯ଟି ଛକା ସହାୟତାରେ ୧୦୫ ରନ କରିଥିଲେ। ସନ୍ତୋଷ ୧୬ ବଲରୁ ୩୧ ରନ କରିଥିଲେ। ଭୁବନେଶ୍ୱରର ବିଶ୍ୱଭୂଷଣ ୩ଟି ଓ ଦୀପ୍ତିଭୂଷଣ ୨ଟି ଉଇକେଟ ନେଇଥିଲେ। ଭୁବନେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ବିଶ୍ୱଭୂଷଣ ୪୬ ବଲରୁ ୭୬ ରନ ଓ ସତ୍ୟ ରଂଜନ ୪୧ ବଲରୁ ୪୫ ରନ କରିଥିଲେ। ଯାଜପୁରର ଅଂଶୁମାନ ନାୟକ ଓ ସ୍ୱପ୍ନେଶ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ସ୍ୱପ୍ନେଶ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

■ ରୋମାଞ୍ଚକ ସ୍ଥିତିରେ ରଣଜୀ ଫାଇନାଲ

ଟାର୍ଗେଟ୍ ୨୦୬, ସୌରାଷ୍ଟ୍ର ୫୮/୫

୬ ଉଇକେଟ ଅକ୍ତିଆର ପରେ ଧର୍ମେନ୍ଦ୍ର ଜାଡେଜା (ବାମ)ଙ୍କୁ ପୂଜାରାଙ୍କ ବଧାଇ।

ନାଗପୁର, ୬।୨(ପି.ଟି.)

ସ୍ଥାନୀୟ ବିଦର୍ଭ କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମଠାରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଘରୋଇ ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୨୦୬ ରନର ଟାର୍ଗେଟ୍‌କୁ ପିଛା କରୁଥିବା ସୌରାଷ୍ଟ୍ର ବୁଧବାର ଚତୁର୍ଥ ଦିବସ ଶେଷ ସୁଦ୍ଧା ୫୮ ରନରେ ୫ ଉଇକେଟ୍ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ଇନିଂସରେ ମାତ୍ର ୧ ରନ କରିଥିବା ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ପୁଣିଥରେ ବ୍ୟାଟିଂରେ ଫେଲ୍ ମାରିଛନ୍ତି। ବିଦର୍ଭର ବାମହାତୀ ସ୍ପିନର ଆଦିତ୍ୟ ସରୱାଟେଙ୍କ ବଲରେ ଖାତା ଖୋଲିବା ପୂର୍ବରୁ ପୂଜାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାର୍ଦ୍ଦିକ ଦେଶାଇ ୮, ସ୍ନେଲ ପଟେଲ ୧୨, ବୈଷବରାଜ ଜାଡେଜା ୨୩*, ଅର୍ପିତ ଭସଭାଡା ୫, ସେଲଡନ ଜ୍ୟାକସନ ୭ ଓ କମଲେଶ ମକଭାନ ୨ ରନରେ ଅପରାଜିତ ରହିଛନ୍ତି। ବୋଲିଂରେ ବିଦର୍ଭ ପକ୍ଷରୁ ସରୱାଟେଙ୍କୁ ସର୍ବାଧିକ ୩ଟି ଉଇକେଟ୍ ମିଳିଛି। ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିନ ହୋଇଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।

ପୂର୍ବରୁ ବିଦର୍ଭ ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୫/୨ରୁ ବ୍ୟାଟିଂ ଆରମ୍ଭ କରି ଠିକ୍ ୨୦୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଦିତ୍ୟ ସରୱାଟେ ସର୍ବାଧିକ ୪୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ସତୀଶ ୩୫, ମୋହିତ୍ କାଲେ ୩୮, ୱାସିମ ଜାଫର ୧୧, ଉମେଶ ଯାଦବ ୧୫ ଓ ଅଧିନାୟକ ଫୈଜ ଫଜଲ ୧୦ ରନ କରିଥିଲେ।

ସଂକ୍ଷିପ୍ତ ସ୍କୋର:

ବିଦର୍ଭ ପ୍ରଥମ ଇନିଂସ– ୩୧୨/୧୦।
ସୌରାଷ୍ଟ୍ର ପ୍ରଥମ ଇନିଂସ– ୩୦୭/୧୦।
ବିଦର୍ଭ ୨ୟ ଇନିଂସ– ୨୦୦/୧୦(ଆଦିତ୍ୟ ୪୯, ଜାଫର ୧୧, ମୋହିତ୍ ୩୮, ଧର୍ମେନ୍ଦ୍ର ଜାଡେଜା ୬/୯୬)।
ସୌରାଷ୍ଟ୍ର ୨ୟ ଇନିଂସ– ୫୮/୫, ୨୮ ଓଭର (ବୈଷବରାଜ ୨୩, ପୂଜାରା ୦, ସେଲଡନ୍ ୧୨, ଆଦିତ୍ୟ ୩/୧୩)।

ରାଜଶ୍ରୀଙ୍କ ହ୍ୟାଟ୍ରିକ୍: ବିଆର୍‌ଏମ୍- ଆଶାର ବୃହତ୍ ବିଜୟ

ଭୁବନେଶ୍ୱର,୬।୨(ସ୍ପୋର୍ଟ୍ସ ବ୍ୟୁରୋ)

ମାଗ୍ନମ ଡିବି ଫାଉଣ୍ଡେସନ, ଜେଡ ଇଷ୍ଟେଟ୍ସ, ବିଏମ୍‌ଏଫ୍ ଓ ତ୍ରିବେଣୀ ଆର୍ଟ ମୁଭର୍ସ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟରେ ବୁଧବାର ଆନ୍ତଃ ସ୍କୁଲ ୟୁନିଫାଏଡ ବାଳିକା ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସୋନପୁର ଜିଲା ହାଣ୍ଡିକାପ୍ଟ ଓ୍ୱେଲଫେୟାର ସ୍କୁଲ ଓ ବିଆରଏମ୍- ଆଶା ପରସ୍ପରକୁ ଭେଟିଥିଲେ। ଏଥିରେ ବିଆରଏମ୍- ଆଶା ୭-୧ ଗୋଲ୍‌ରେ ସୋନପୁରକୁ ହରାଇଛି। ବିଜୟୀ ଦଳର ରାଜଶ୍ରୀ ମହାପାତ୍ର ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ସରିତା ରାଉତରାୟ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ସଙ୍ଗୀତା ଓ ବାସନ୍ତୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବୁଧବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ କେନ୍ଦୁଝରର ସଦ୍‌ଭାବନା ୪-୦ ଗୋଲରେ ବାଲିଗୁଡାର ବନବାସୀ ସେବା ସମିତିକୁ ହରାଇଛି। ସେହିପରି ନିମାପଡ଼ାର ଓଏଲ୍‌ଏସ୍ ୧-୦ ଗୋଲରେ

ବିଆରଏମ୍- ଆଶା ଓ କେନ୍ଦୁଝର ସଦ

ଆଜି ସମସ୍ତ ବିଭାଗରେ ଆମେ ଭଲ ଖେଳିଥିଲୁ। ବିଶେଷ କରି ବୋଲିଂ ଓ ଫିଲ୍ଡିଂ ଉଚ୍ଚକୋଟୀର ରହିଥିଲା। ଏହିଭଳି ପ୍ରଦର୍ଶନ ସବୁଦିନ ଦେଖିବାକୁ ମିଳି ନ ଥାଏ।
– କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ

ଆମେ ୩ଟି ଯାକ ବିଭାଗରେ ଖରାପ ଖେଳିଲୁ। ଏଠାରେ ଗ୍ରାଉଣ୍ଡ ଛୋଟ ହୋଇଥିଲେ ମଧ୍ୟ ୨୦୦ ରନର ଟାର୍ଗେଟ୍ ହାସଲ କରିବା ସହଜ ନ ଥିଲା।
– ରୋହିତ୍ ଶର୍ମା, ଭାରତୀୟ ଅଧିନାୟକ

ଭାରତର ସର୍ବବୃହତ୍ ପରାଜୟ

ୱେଲିଂଟନ, ୬।୨(ପି.ଟି.)

ଦିନିକିଆ ସିରିଜରେ ୪-୧ରେ ବିଜୟୀ ହୋଇଥିଲେ ମଧ୍ୟ ଭ୍ରମଣକାରୀ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ନିହାତି ମାମୁଲି ପ୍ରଦର୍ଶନ କରି ୮୦ ରନରେ ପରାଜୟ ବରଣ କରିଛି। ଘରୋଇ ଦଳ ସବୁ ବିଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଭାରତକୁ ଚକ୍‌ମା ଦେଇଛି। ଟି୨୦ ଫର୍ମାଟରେ ଭାରତ ପାଇଁ ଏହା ସବୁଠାରୁ ଖରାପ୍ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତି ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନମାନେ ଭାରତୀୟ ବୋଲରଙ୍କୁ ନର୍ମମ ପ୍ରହାର କରି ବୃହତ୍ ସ୍କୋର ହାସଲ କରିଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ନ୍ୟୁଜିଲାଣ୍ଡ ଓପନର ତଥା ଉଇକେଟ କିପର ବ୍ୟାଟ୍ସମ୍ୟାନ ଟିମ୍ ସେଇଫର୍ଟଙ୍କ ଧୂଆଁଧାର ବ୍ୟାଟିଂ (୮୪ ରନ, ୪୩ ବଲ, ୭ ଚୌକା, ୬ ଛକା) ସହାୟତାରେ ୬ ଉଇକେଟ ହରାଇ ୨୧୯ ରନର ଚ୍ୟାଲେଞ୍ଜିଂ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୧୯.୨ ଓଭରରେ ୧୩୯ ରନ କରି ଅଲଆଉଟ ହୋଇଥିଲା। ପୂର୍ବରୁ ଭାରତ ୫୦ କିମ୍ବା ତାହାଠାରୁ ଉର୍ଦ୍ଧ୍ୱ ରନରେ କୌଣସି ଟି୨୦ ମ୍ୟାଚ୍‌ରେ ପରାସ୍ତ ହୋଇ ନ ଥିଲା। ୨୦୧୦ରେ ଭାରତ ଅଷ୍ଟ୍ରେଲିଆଠାରୁ ୪୯ ରନରେ ପରାସ୍ତ ହୋଇଥିଲା ଓ ସେତେବେଳେ ଏହା ଭାରତ ପାଇଁ ସବୁଠାରୁ ଖରାପ୍ ପ୍ରଦର୍ଶନ ସାବ୍ୟସ୍ତ ହୋଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଦମ୍‌ଦାର ଇନିଂସ ଖେଳିଥିବା ସେଇଫର୍ଟଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଦ୍ୱିତୀୟ ଟି୨୦ ମ୍ୟାଚ୍ ଅକ୍‌ଲାଣ୍ଡରେ ଶୁକ୍ରବାର ଖେଳାଯିବ।

୨୨୦ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତର ବ୍ୟାଟ୍ସମ୍ୟାନମାନେ ବେପରୁଆ ଶଟ୍ ଖେଳି ଆଉଟ ହୋଇଥିଲେ। ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ଭାରତୀୟ ବ୍ୟାଟ୍ସମ୍ୟାନ ଘରୋଇ ଫିଲ୍ଡରଙ୍କୁ ସହଜ କ୍ୟାଚ୍‌ମାନ ଦେଇଥିଲେ। ଫଳରେ ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ୭ ଭାରତୀୟ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ପାର୍ଟନରଶିପ୍ ସୃଷ୍ଟି କରିବାରେ ଭାରତ ବିଫଳ ହୋଇଥିଲା। ଅଧିନାୟକ ରୋହିତ ଶର୍ମା ୧ ରନ କରି ପ୍ରଥମେ ଆଉଟ ହୋଇଥିଲେ ମଧ୍ୟ ଏକଦା ଭାରତ ୫୧ ରନରେ ଗୋଟିଏ ଉଇକେଟ ହରାଇ ଭଲ ସ୍ଥିତିରେ ଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ୧୮ ବଲରୁ ୨ ଚୌକା ଓ ୩ ଛକା ସହ ୨୯ରନ କରି ଆଉଟ ହେବା ପରେ ଭାରତୀୟ ଇନିଂସ ତାସ୍ ଘର ପରି ଭୁଶୁଡି ପଡିଥିଲା। ବିଜୟ ଶଙ୍କର ୧୮ ବଲରୁ ୨ ଚୌକା ଓ ୨ ଛକା ସହ ୨୭ ରନ କରିଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୧ଟି ବଲ ଖେଳି ୫ ଚୌକା ଓ ୧ ଛକା ସହ ୩୯, କ୍ରୁନାଲ ପାଣ୍ଡ୍ୟା ୧୮ ବଲରୁ ୧ଛକା ଓ ୧ ଚୌକା ସହ ୨୦ ରନ କରି ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଧୋନୀ ଓ କ୍ରୁନାଲ ୫୨ ରନ ସଂଗ୍ରହ କରିଥିଲେ। ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୪, ଦୀନେଶ କାର୍ତ୍ତିକ ୫, ହାର୍ଦ୍ଦିକ ପାଣ୍ଡ୍ୟା ୪, ଭୁବନେଶ୍ୱର କୁମାର ୧, ୟୁଜବେନ୍ଦ୍ର ଚହଲ ୧ ରନ କରି ଆଉଟ ହୋଇଥିବା ବେଳେ ଖଲିଲ ଅହମ୍ମଦ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଟିମ୍ ସାଉଦି ୩, ଲୋକି ଫର୍ଗୁଶନ, ମିଚେଲ ସାଣ୍ଟନର ଓ ସ୍ପିନର ଇଶ୍ ସୋଧୀ ଦୁଇଟି ଲେଖାଏ ଏବଂ ଡାରିଲ ମିଚେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପନର ଆରମ୍ଭରୁ ଧୂଆଁଧାର ବ୍ୟାଟିଂ କରିଥିଲେ। ପ୍ରଥମ ଉଇକେଟ ଯୋଡିରେ ସେଇଫର୍ଟ ଓ କଲିନ୍ ମୁନରୋ ୫୦ ବଲରୁ ୮୬ ରନ ସଂଗ୍ରହ କରିଥିଲେ। ମୁନରୋ ୨୦ ବଲରୁ ୨ ଚୌକା, ୨ ଛକା ସହ ୩୪ ରନ କରି କ୍ରୁନାଲଙ୍କ ଦ୍ୱାରା ଆଉଟ ହେବା ପରେ ସେଇଫର୍ଟ ୮୪ ରନ କରି ଖଲିଲଙ୍କ ଶିକାର ହୋଇଥିଲେ। ଅଧିନାୟକ କେନ୍ ୱିଲିୟମସନ ୨୨ ବଲରୁ ୩ ଛକା ସହ ୩୪ ରନ କରି ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ୨ ଛକା ସହ ୧୪ ବଲରୁ ୨୩ ରନ କରି ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଡାରିଲ ମିଚେଲ ୮ ଓ କଲିନ୍ ଡି ଗ୍ରାଣ୍ଡହୋମ ୩ ରନ କରି ହାର୍ଦ୍ଦିକଙ୍କ ଶିକାର ହୋଇଥିଲେ। ମିଚେଲ ସାଣ୍ଟନର ୭ ଓ ସ୍କଟ କୁଗଲେଜିନ୍ ୭ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ଦ୍ରୁତ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ହାର୍ଦ୍ଦିକ ୨, ଭୁବନେଶ୍ୱର, ଖଲିଲ, କ୍ରୁନାଲ ଓ ଚହଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୯/୬ (ସେଇଫର୍ଟ- ୮୪, ମୁନରୋ- ୩୪, ୱିଲିୟମସନ- ୩୪, ଟେଲର- ୨୩, କୁଗଲେଜେନ- ୨୦*, ହାର୍ଦ୍ଦିକ- ୨/ ୫୧, ଭୁବନେଶ୍ୱର- ୧/ ୪୭, ଖଲିଲ- ୧/୪୮, କ୍ରୁନାଲ- ୧/୩୭, ଚହଲ- ୧/୩୫)।

ଭାରତ ୧୯.୨ ଓଭରରେ ୧୩୯ ଅଲଆଉଟ (ଧୋନୀ- ୩୯, ଧାୱନ- ୨୯, ଶଙ୍କର- ୨୭, କ୍ରୁନାଲ- ୨୦, ସାଉଦି- ୩/୧୭, ଫର୍ଗୁଶନ- ୨/୨୨, ସାଣ୍ଟନର- ୨/୨୪, ସୋଧୀ- ୨/୨୬, ମିଚେଲ- ୧/୧୩)।

ବିସ୍ଫୋରକ ବ୍ୟାଟିଂ ଅବସରରେ ନ୍ୟୁଜିଲାଣ୍ଡର ଟିମ୍ ସେଇଫର୍ଟ।

ଏକାଠି ଖେଳିଲେ ପାଣ୍ଡ୍ୟା ବ୍ରଦର୍ସ

ପ୍ରଥମଥର ପାଇଁ ଦୁଇ ପାଣ୍ଡ୍ୟ ଭାଇ ହାର୍ଦ୍ଦିକ ଓ କ୍ରୁନାଲ ଏକାଠି ହୋଇ ଭାରତ ପାଇଁ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି। ପୂର୍ବରୁ ଏହି ଦୁଇ ଅଲରାଉଣ୍ଡର ସାଥି ହୋଇ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିଥିଲେ। ତେବେ ପୂର୍ବରୁ ଏକାଠି କୌଣସି ଆନ୍ତର୍ଜାତିକ ମ୍ୟାଚ୍ ଖେଳି ନ ଥିଲେ। ବୁଧବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଖେଳିଥିଲେ ମଧ୍ୟ ଦୁଇ ଭାଇ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ବଡ଼ ଭାଇ କ୍ରୁନାଲ ୨୦୧୮ରେ ନଭେମ୍ବରରେ ଟି୨୦ ଡେବ୍ୟୁ କରିଥିଲେ ଓ ଏହି ମ୍ୟାଚ୍ ପୂର୍ବରୁ ୬ଟି ମ୍ୟାଚ ଖେଳିଥିଲେ। ତେବେ ଏହି ମ୍ୟାଚ୍‌ଗୁଡିକରେ ହାର୍ଦ୍ଦିକ ଖେଳି ନ ଥିଲେ। ହାର୍ଦ୍ଦିକ ୨୦୧୬ରେ ଅଷ୍ଟ୍ରେଲିଆ ଗସ୍ତରେ ଟି୨୦ରେ ପଦାର୍ପଣ କରିଥିଲେ। ହାର୍ଦ୍ଦିକ ଓ କ୍ରୁନାଲ ଉଭୟ ବ୍ୟାଟିଂ କରିବାର ଦକ୍ଷତା ରଖନ୍ତି। କ୍ରୁନାଲ ଅଫ୍ ସ୍ପିନ୍ ଓ ହାର୍ଦ୍ଦିକ ମିଡିୟମ ପେସ୍ ବୋଲିଂ କରିଥାନ୍ତି। ତୃତୀୟ ଥର ପାଇଁ ଭାରତ ପକ୍ଷରୁ ଦୁଇ ଭାଇ ଏକାଠି ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି। ପୂର୍ବରୁ ଇର୍ଫାନ ଓ ୟୁସୁଫ ପଠାନ ଏକାଠି ଦେଶ ପାଇଁ ଖେଳିଛନ୍ତି। ତେବେ ମହିନ୍ଦର ଅମରନାଥ ଓ ତାଙ୍କ ଭାଇ ସୁରିନ୍ଦର ଅମରନାଥ ଭାରତ ପାଇଁ ସାଥି ହୋଇ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଥିଲେ।

ସଂକ୍ଷେପରେ

ପାଣ୍ଡ୍ୟା, ରାହୁଲ, କରଣଙ୍କ ବିରୋଧରେ ମାମଲା ଦାଏର

ଯୋଧପୁର,୬।୨(ପି.ଟି.): ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସେ ଓ ସାଥୀ ଖେଳାଳି ଲୋକେଶ ରାହୁଲଙ୍କ ଉପରୁ ସମସ୍ୟା ଦୂର ହୋଇ ନାହିଁ। କରନ ଜୋହରଙ୍କ ଏକ ଟିଭି ଶୋ 'କଫି ୱିଥ୍ କରନ'ରେ ମହିଳାଙ୍କ ପ୍ରତି ଖରାପ୍ ମନ୍ତବ୍ୟ ପ୍ରଦାନ କରିଥିବାରୁ ପୂର୍ବରୁ ଏହି ଦୁଇ କ୍ରିକେଟର ସାମୟିକ ଭାବେ ବାସନ୍ଦ ହୋଇଥିଲେ। ତେବେ ବର୍ତ୍ତମାନ ରାଜସ୍ଥାନର ଯୋଧପୁରରେ ପୋଲିସ ପାଣ୍ଡ୍ୟା, ରାହୁଲଙ୍କ ସମେତ କରନଙ୍କ ବିରୋଧରେ ମାମଲା ଦାଏର କରିଛି। କୋର୍ଟର ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ଏହି ମାମଲା ଦାଏର କରାଯାଇଛି ବୋଲି ସ୍ଥାନୀୟ ଲୁନି ଷ୍ଟେଶନ ହାଉସ୍ ଅଧିକାରୀ ବଂଶୀ ଲାଲ କହିଛନ୍ତି। ସ୍ଥାନୀୟ ଅଧିବାସୀ ଡି.ଆର. ମେଘୱାଲ ଏହି ମାମଲାରେ କେସ ଦାଏର କରବା ପାଇଁ ଆବେଦନ କରିଥିଲେ। ଟିଭି ଶୋ'କୁ ଲୋକପ୍ରିୟ କରିବା ପାଇଁ ଜାଣିଶୁଣି ଏପରି ନକାରାତ୍ମକ ପ୍ରୟାସ କରାଯାଉଛି ବୋଲି ମେଘୱାଲ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ମେଘାୱାଲ ଗତ ବର୍ଷ ମଧ୍ୟ ପାଣ୍ଡ୍ୟାଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ପାଣ୍ଡ୍ୟା ତାଙ୍କ ଟୁଇଟର ଏକାଉଣ୍ଟରେ ଡ. ବି. ଆର. ଆମ୍ବେଡକରଙ୍କ ନକାରାତ୍ମକ ମନ୍ତବ୍ୟ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ତେବେ ସେ ଟୁଇଟର ଏକାଉଣ୍ଟ ମୋର ନୁହଁ ବୋଲି ପାଣ୍ଡ୍ୟ ସେତେବେଳେ କହିଥିଲେ। ଅଶାଳୀନ ମନ୍ତବ୍ୟ ପାଇଁ ଦୁଇ କ୍ରିକେଟରଙ୍କୁ ସାମୟିକ ଭାବେ ବାସନ୍ଦ କରାଯାଇଥିଲେ ମଧ୍ୟ ପରେ ଉଠାଇ ଦିଆଯାଇଥିଲା। ତେବେ ଏ ନେଇ ତଦନ୍ତକୁ ଚାଲୁ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟ ତଳପାଟକ ଚାମ୍ପିୟନ

କଟକ ସଦର, ୬।୨ (ଡି.ଏନ୍.ଏ.): ଫକିରପଡ଼ାସ୍ଥିତ ବରୁଣେଇ ପାଠାଗାର ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ତଳପାଟକ ଦଳ ୫ ଉଇକେଟରେ ଘରୋଇ ନେହେରୁ ୟୁଥ୍ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନେହେରୁ ୟୁଥ୍ କ୍ଲବ ୧୮ ଓଭରରେ ୭୭ରନ କରିଥିଲା। ଜବାବରେ ତଳପାଟକ ୫ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପାଠାଗାର ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଫକିରପଡ଼ା ପଞ୍ଚାୟତ ସରପଞ୍ଚ ଯତୀନ କୁମାର ରାଉଳ ଓ ସମିତି ସଭ୍ୟା ମାନସୀ ସାହୁ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ବୋଲର ତଳପାଟକ ଟିମ୍‌ର ଆୟଜ ଖାଁ ଏବଂ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ପପୁ ପାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ଆଇ - ଲିଗ୍ ଫୁଟବଲ: ଶୀର୍ଷରେ ରିୟଲ କଶ୍ମୀର

ନୂଆଦିଲ୍ଲୀ, ୬।୨(ପି.ଟି.): ଆଇ-ଲିଗ୍‌ରେ ଏଥର ପଦାର୍ପଣ କରିଥିବା ରିୟଲ କଶ୍ମୀର ଚଳିତ ସଂସ୍କରଣରେ ଦମ୍‌ଦାର ପ୍ରଦର୍ଶନ କରି ପଏଣ୍ଟ ତାଲିକାର ଶୀର୍ଷସ୍ଥାନ ହାସଲ କରିଛି। ଶ୍ରୀନଗରର ଟିଆରସି ଗ୍ରାଉଣ୍ଡରେ ଅତ୍ୟନ୍ତ ଥଣ୍ଡା ପରିବେଶରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ କଶ୍ମୀର ୧-୦ ଗୋଲରେ କେରଳ ଗୋକୁଲମ୍‌କୁ ହରାଇ ବିଜୟୀ ହେବା ସହ ଏହି ସଫଳତା ହାସଲ କରିଛି। ମ୍ୟାଚ୍‌ର ୫୧ତମ ମିନିଟ୍‌ରେ କଶ୍ମୀର ତରଫରୁ ଆଇଭରୀ କୋଷ୍ଟ ଷ୍ଟ୍ରାଇକର ନୋହେରେ କ୍ରିଜୋ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ଏହି ବିଜୟ ସହ କାଶ୍ମୀର ମୋଟ ୩୨ ପଏଣ୍ଟ ହାସଲ କରି ଚେନ୍ନାଇ ଏଫ୍‌ସି ସିଟିକୁ ହରାଇ ପଏଣ୍ଟ ତାଲିକାର ୧ ନମ୍ବର ସ୍ଥାନ ହାସଲ କରିଛି। ଲିଗ୍‌ର ପ୍ରତ୍ୟେକ ଦଳ ୨୦ଟି ମ୍ୟାଚ୍ ଖେଳିବେ। ଉଭୟ ଦଳ କୋତୋଟି ସୁଯୋଗ ପାଇଥିଲେ। ୮୦ତମ ମିନିଟ୍‌ରେ କଶ୍ମୀର ଏକ ସୁଯୋଗ ପାଇଥିଲା ତେବେ ଗୋଲଦେବାରେ ବିଫଳ ହୋଇଥିଲା। କଶ୍ମୀର ୧୬ଟି ମ୍ୟାଚ୍ ଖେଳି ୯ଟି ବିଜୟ, ୫ଟି ଡ୍ର ଓ ୨ଟି ପରାଜୟ ସହ ୩୨ ପଏଣ୍ଟ ପାଇଥିବା ବେଳେ ଚେନ୍ନାଇ ୧୪ଟି ମ୍ୟାଚ୍ ଖେଳି ୯ ବିଜୟ, ୩ ଡ୍ର ଓ ୨ଟି ପରାଜୟ ସହ ୩୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଚର୍ଚ୍ଚିଲ ବ୍ରଦର୍ସ ୧୬ଟି ମ୍ୟାଚ୍ ଖେଳି ୮ ବିଜୟ, ୫ ଡ୍ର ଓ ୩ ପରାଜୟ ସହ ୨୯ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

ଫାଇନାଲ ରାଉଣ୍ଡରେ ଓଡ଼ିଶା

କଟକ ଅଫିସ,୬।୨

ଅରବିନ ଲାକ୍ରା ଓ ଅର୍ଜୁନ ନାୟକ।

୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି ଓଡ଼ିଶା ଦଳ। ଛତିଶଗଡ଼ର ଭିଲାଇଠାରେ ଚାଲିଥିବା ସନ୍ତୋଷ ଟ୍ରଫି ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ଦୁଇଟି ଯାକ ମ୍ୟାଚ୍ ବିଜୟୀ ହୋଇ ଓଡ଼ିଶା ଏହି ସଫଳତା ପାଇଛି। ଗତ ସଂସ୍କରଣରେ ମଧ୍ୟ ଓଡ଼ିଶା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୩-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ଅରବିନ ଲାକ୍ରା ଓ ଅର୍ଜୁନ ନାୟକ ପୁନର୍ବାର ଓଡ଼ିଶାକୁ ବିଜୟୀ କରାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଏହି ଦୁଇ ଖେଳାଳିଙ୍କ ଗୋଲ ବଳରେ ଓଡ଼ିଶା ଝାଡ଼ଖଣ୍ଡକୁ ହରାଇଥିଲା। ଛତିଶଗଡ଼ ବିପକ୍ଷ ପ୍ରଥମାର୍ଦ୍ଧରେ ଓଡ଼ିଶା ପକ୍ଷରୁ ୨ଟି ଗୋଲ ହୋଇଥିଲା। ୩୧ତମ ଓ ୪୫ତମ ଅରବିନ ୨ଟି ଯାକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୮୨ତମ ମିନିଟରେ ଅର୍ଜୁନ ଅନ୍ୟଏକ ଗୋଲ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ସମ୍ପାଦକ ସଞ୍ଜୟ ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି)– କେରଳର କୋଲାମଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୬-୧ ଗୋଲରେ ଦିଲ୍ଲୀକୁ ହରାଇ ଏହି ସଫଳତା ପାଇଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ଗୁରୁବାର ମିଜୋରାମ ସହିତ ଖେଳିବ।

୧୦ ରନରେ ଅଲ୍‌ଆଉଟ୍, ୦ରେ ୧୦ଜଣ ଆଉଟ୍

ରକ୍ସସାନେ ଭାନ୍-ଭିନ୍

ସିଡ୍‌ନୀ, ୬।୨(ଏଏଫ୍‌ପି) ୧୦ ରନରେ ପୂରା ଟିମ୍ ଅଲ୍‌ଆଉଟ୍। ସେହିଭଳି ଟିମ୍‌ର ୧୦ଜଣ ଖେଳାଳି ୦ରେ ଆଉଟ୍ ହୋଇଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା କ୍ରିକେଟ୍ ଟି୨୦ ଟୁର୍ନାମେଣ୍ଟରେ ଏହିଭଳି ସ୍କୋରବୋର୍ଡ ଦେଖିବାକୁ ମିଳିଛି। ଜାତୀୟ ଇଣ୍ଡିଜେନ୍ସ କ୍ରିକେଟ ଚାମ୍ପିୟନଶିପ୍‌ରେ ବୁଧବାର ନ୍ୟୁ ସାଉଥ୍ ୱେଲ୍ସ ଓ ସାଉଥ୍ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସାଉଥ୍ ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦.୨ ଓଭରରେ ମାତ୍ର ୧୦ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଓପନର୍ ଫେବି ମାନସେଲଙ୍କୁ ଛାଡ଼ିଦେଲେ ଅନ୍ୟ ୧୦ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଫେବି ୪ ରନ କରିଥିବାବେଳେ ଅତିରିକ୍ତ ଆକାରରେ ୬ ରନ୍ ହୋଇଥିଲା। ଦଳ ପକ୍ଷରୁ ଫେବି ଓ ୱାନିକି ଗିବୁମା-ମାର୍ କେବଳ ୩ରୁ ଉର୍ଦ୍ଧ୍ୱ ବଲ୍ ଖେଳିବାରେ ସକ୍ଷମ ହୋଇଥିଲେ। ନ୍ୟୁ ସାଉଥ୍ ୱେଲ୍ସ ବୋଲର ରକ୍ସସାନେ ଭାନ୍-ଭିନ୍ ୨ ଓଭର ବୋଲିଂ କରି ୧ ରନ ବିନିମୟରେ ସର୍ବାଧିକ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ନ୍ୟୁ ସାଉଥ୍ ୱେଲ୍ସ ଏହି ଟାର୍ଗେଟ୍‌କୁ ୧୫ଟି ବଲରେ ୨ଟି ଉଇକେଟ୍ ହରାଇ ହାସଲ କରିନେଇଥିଲା।

ମନ୍ଧାନାଙ୍କ ରେକର୍ଡ ସତ୍ତ୍ୱେ ହାରିଲା ଭାରତ

ୱେଲିଟନ,୬।୨(ପିଟି)

ସ୍ମୃତି ମନ୍ଧାନାଙ୍କ ରେକର୍ଡ ଅର୍ଦ୍ଧଶତକୀୟ ଇନିଂସ ସତ୍ତ୍ୱେ ଭାରତୀୟ ମହିଳା ଦଳକୁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୭/୨୦୧୯ Bhubaneswar, Thursday, February 7/2019

ମୋବାଇଲ ଖେଳର କୁପରିଣାମ : ସାଇବର କ୍ରାଇମ୍‌ରେ ଫସିଲେ ନାବାଳକ

ବାପାଙ୍କ ଆକାଉଣ୍ଟରୁ ୫ ଲକ୍ଷ ୨୦ ହଜାର ଉଭାନ

ପୁରୁଣା ଭୁବନେଶ୍ୱର, ୬।୨(ଡି.ଏନ.ଏ.)

ମୋବାଇଲର କୁପ୍ରଭାବ ଏବେ ସ୍କୁଲ ପିଲାଙ୍କ ସହ ଅବିଭାବକମାନଙ୍କୁ କିଭଳି ଅଡୁଆରେ ପକାଉଛି ତାହାର ଉଦାହରଣ ଧଉଳି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଜଣେ ମାଟ୍ରିକ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବା ଛାତ୍ର ସାଇବର କ୍ରାଇମର ଶିକାର ହୋଇଛନ୍ତି। ମିଳିଥିବା ଖବର ମୁତାବକ, ଛାତ୍ର ଜଣକ ବାପାଙ୍କ ମୋବାଇଲରେ ଗେମ ଖେଳୁଥିବା ବେଳେ ଏକ ମେସେଜ ଆସିଥିଲା। ଯେଉଁଥିରେ ଟଙ୍କା ଡିପୋଜିଟ୍ କଲେ ଦ୍ୱିଗୁଣିତ ହେବ ବୋଲି ଉଲ୍ଲେଖ ଥିଲା। ଏଥିରେ ଛାତ୍ର ଜଣକ ଖୁସି ପ୍ରକାଶ କରିବା ସହ ବାପା ବ୍ୟବହାର କରୁଥିବା ଏଟିଏମ୍ କାର୍ଡର ସମସ୍ତ ତଥ୍ୟ ଅପଲୋଡ କରି ଦେଇଥିଲେ। କିଛି ସମୟ ମଧ୍ୟରେ ବାପାଙ୍କ ଆକାଉଣ୍ଟରୁ ୫ ଲକ୍ଷ ୨୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଆକାଉଣ୍ଟରୁ ଟଙ୍କା ଗାଏବ ନେଇ ଅଭିଭାବକ ନିଜ ପିଲାକୁ ଧରି ଥାନାକୁ ଆଣି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସାଇବର କ୍ରାଇମ୍ ଏବଂ ମୋବାଇଲର କୁପରିଣାମ ପାଇଁ ଏହି ଟଙ୍କା ହଡପ ହୋଇଥିବା ଅନୁଭବ କରିବା ପରେ ସେମାନେ ଥାନାରୁ ଫେରି ଯାଇଥିଲେ।

■ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ

ବ୍ୟାପକ ହେବ ଦୁଇବର୍ଷିଆ କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୨(ବ୍ୟୁରୋ)

- ୭ କୋଟି ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ
- କଟକରେ ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ସ୍ମାରକୀ ଉତ୍ସବ

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀକୁ ସାରା ରାଜ୍ୟରେ ଦୁଇବର୍ଷ ବ୍ୟାପୀ ପାଳନ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ଏହି ୨ ବର୍ଷରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ଲାଗି ପ୍ରାୟ ୭ କୋଟି ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ଏ ନେଇ ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରଶାସନିକ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ପ୍ରସ୍ତାବିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

ନିଷ୍ପତ୍ତି ମୁତାବକ, ମାର୍ଚ୍ଚ ୨୩ରେ କଟକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ସ୍ମାରକୀ ଉତ୍ସବ ପାଳନ କରାଯିବ। ଏଥିନିମନ୍ତେ କଟକ ଜିଲାକୁ ୫ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦିଆଯାଇଛି। ସେହିପରି ପ୍ରତି ଜିଲାକୁ ୨ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ସମସ୍ତ ଜିଲାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପ୍ରତି ବ୍ଲକରେ କସ୍ତୁରବା ଆଦର୍ଶ ପଞ୍ଚାୟତ ଚିହ୍ନଟ, ଗାନ୍ଧୀ ବିଚାର ଅଧ୍ୟୟନ କେନ୍ଦ୍ର ସ୍ଥାପନ ନିମନ୍ତେ ବିଶ୍ୱବିଦ୍ୟାଳୟ ଚିହ୍ନଟ, ମହାତ୍ମା ଗାନ୍ଧୀ ଏବଂ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ଦସ୍ତାବିଜ୍, ଚିଠିପତ୍ର, ଗୀତିକବିତା, ଗବେଷଣା ପ୍ରବନ୍ଧ, ଅଭିଭାଷଣ ଆଦିର ଦୃଶ୍ୟ-ଶ୍ରାବ୍ୟ ସଂରକ୍ଷଣ, ଭୁବନେଶ୍ୱରରେ ଗାନ୍ଧୀ ସ୍ମାରକୀ ସ୍ତମ୍ଭ ନିର୍ମାଣ ଆଦି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି। ଆଗାମୀ ୨୦୨୦ ଶହୀଦ ଦିବସ ଏବଂ ମାର୍ଚ୍ଚ ୨୩ରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଆଗମନର ସ୍ମାରକୀ ପାଳନ ନିମନ୍ତେ ୮୦ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିଲା।

ରାଜ୍ୟରେ ୨୦୧୮ ଅକ୍ଟୋବର ୨ରୁ ସ୍ୱତନ୍ତ୍ର ୨ବର୍ଷିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସଂସ୍କୃତି ସଚିବ ପାଣିଗ୍ରାହୀ ସୂଚନା ଦେଇଥିଲେ। ଜିଲାସ୍ତରୀୟ କମିଟିଗୁଡ଼ିକୁ ଅଧିକ କର୍ମଚଞ୍ଚଳ କରିବା ସହ ପ୍ରତ୍ୟେକ କାର୍ଯ୍ୟକ୍ରମରେ ବ୍ୟାପକ ଭାବେ ଜନସାଧାରଣଙ୍କୁ ସାମିଲ କରିବାକୁ ମୁଖ୍ୟ ଶାସନ ସଚିବ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉନ୍ନୟନ କମିଶନର ଅସିତ କୁମାର ତ୍ରିପାଠୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଜାମୁସାହି ଗାଁରେ ହାତୀପଲ: ଦଳିଦେଲା ବାଛୁରୀ

ଖୋର୍ଦ୍ଧା ଅଫିସ,୬।୨

ବେଗୁନିଆ ବ୍ଲକ ଜାମୁସାହିରେ ବୁଧବାର ଭୋରୁ ଦନ୍ତାହାତୀ ଦଳି ଦେବାରୁ ୩ ଦିନର ଏକ ବାଛୁରୀର ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ଗାଁ ଦାଣ୍ଡରେ ୨ ଜଣିଆ ହାତୀପଲକୁ ଦେଖି ଗାଁ ଲୋକ ଭୟଭୀତ ହୋଇ ପଡିଥିଲେ। ଖୋର୍ଦ୍ଧା ବନବିଭାଗର ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତର ଜାମୁସାହି, ଦଲକ, ଗୋଡା ଗାଁ ଦାଣ୍ଡରେ ରାତି ଓ ଭୋର ସମୟରେ ହାତୀ ପଲକୁ ଦେଖିବାକୁ ମିଳୁଛି। ଦଲକ ଜଙ୍ଗଲରେ ରହୁଥିବା ୫ ଜଣିଆ ହାତୀପଲ ମଧ୍ୟରୁ ୨ଟି ହାତୀ ଗାଁ ଦାଣ୍ଡକୁ ଆସୁଛନ୍ତି। ଏଥିରେ ଗୋଟିଏ ଦନ୍ତା ହାତୀ ରହିଛି। ମଙ୍ଗଳବାର ରାତି ଓ ବୁଧବାର ଭୋରୁ ଜାମୁସାହିରେ ଦନ୍ତାହାତୀ ସହ ଆଉ ଏକ ହାତୀ ବୁଲୁଥିଲା। ଏହି ସମୟରେ ପ୍ରଫୁଲ୍ଲ ପରିଡାଙ୍କ ବାଛୁରୀ ଗୁହାଳରୁ ଦାଣ୍ଡକୁ ବାହାରି ପଡିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ବାଛୁରୀକୁ ଦନ୍ତା ଗୋଡରେ ଠେଲି ପାଦରେ ଚାପି ଦେଇଥିଲା। ପ୍ରଫୁଲ୍ଲଙ୍କ ଗାଈ ରବିବାର ଏକ ବାଛୁରୀ ଜନ୍ମ ଦେଇଥିଲା।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଚିଟ୍‌ଫଣ୍ଡ ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲାରେ ମେଘାଳୟର ରାଜଧାନୀସ୍ଥିତ ସିବିଆଇ କାର୍ଯ୍ୟାଳୟରେ ଚଳିତ ସପ୍ତାହ ଶେଷ ଆଡ଼କୁ କେରା କରାଯିବା।

ସିବିଆଇ ସମନ କରିଥିବା ଓଡ଼ିଆ ଅଫିସରଙ୍କୁ ହତ୍ୟା

ଭୋପାଳ,୬।୨

ମଧ୍ୟପ୍ରଦେଶ ଜବଲପୁରରେ ଥିବା ବନ୍ଧୁକ କ୍ୟାରେଜ୍ କାରଖାନା (ଜିସିଏଫ୍)ର ଜଣେ ଓଡ଼ିଆ ଅଫିସରଙ୍କ ମୃତଦେହ ଜବତ ହୋଇଛି। ଜୁନିୟର ୱାର୍କ୍ସ ମ୍ୟାନେଜର ସାରଦା ଚରଣ ଖଗୁଆଙ୍କୁ ହତ୍ୟା କରାଯାଇଥିବା ବୁଧବାର ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ତାଙ୍କ ପାଖରେ ବୋଫୋର୍ସ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିଲା ବୋଲି କୁହାଯାଉଛି। ତାଙ୍କ ମୁଣ୍ଡରେ ଧାରୁଆ ଅସ୍ତ୍ରରେ ଶକ୍ତ ଆଘାତ ଲାଗିଛି। ଏନେଇ ଏକ ହତ୍ୟା ମାମଲା ରୁଜୁ କରାଯିବ ବୋଲି ଜବଲପୁର ଏସ୍‌ପି କହିଛନ୍ତି।

ସିବିଆଇର ସମନ ପରେ ଗତମାସ ୧୭ ତାରିଖରୁ ଖଗୁଆ ନିଖୋଜ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ କାରଖାନା ନିକଟ ଏକ ନିଛାଟିଆ ସ୍ଥାନରୁ ତାଙ୍କର ଗଳିତ ମୃତଦେହ ମିଳିଥିଲା। ଶବ ନିକଟରୁ ଏକ ରକ୍ତଲଗା ବ୍ଲେଡ ମଧ୍ୟ ଜବତ ହୋଇଛି। ଜାନୁୟାରୀ ୧୮ରେ ଖଗୁଆଙ୍କ ସ୍ତ୍ରୀ ମୌସୁମୀ ଜବଲପୁରର ଘମାପୁର ଥାନାରେ ସ୍ୱାମୀ ନିଖୋଜ ଥିବା ନେଇ ଏତଲା ଦେଇଥିଲେ।

ବୋଫର୍ସର ଦେଶୀ ସଂସ୍କରଣ ଧନୁଷ୍ କମାଣ ନିର୍ମାଣରେ ଚାଇନା ଯନ୍ତ୍ରାଂଶ ବ୍ୟବହାର କରାଯାଉଥିଲା। ଏ ସମ୍ପର୍କରେ ଜାଣିଥିବା ଖଗୁଆ ସିବିଆଇକୁ ତଦନ୍ତରେ ସହଯୋଗ କରୁଥିବାବେଳେ କେତେକ ଦସ୍ତାବିଜ୍ ଉକ୍ତ ତଦନ୍ତକାରୀ ସଂସ୍ଥାକୁ ଦେବାକୁ ଯାଉଥିଲେ। ଗୁମର ଖୋଲିଯିବା ଭୟରେ ତାଙ୍କୁ ଷଡଯନ୍ତ୍ରକାରୀମାନେ ହତ୍ୟା କରିଥିବା ଖଗୁଆଙ୍କ ଭାଇ ରାଜନ ପୋଲିସକୁ କହିଛନ୍ତି। ଖଗୁଆ ତାଙ୍କ ସ୍ତ୍ରୀଙ୍କୁ ସିବିଆଇର ଇମେଲ୍ ଆଇଡି ଏବଂ ପାସୱାର୍ଡ ଫୋନ କରି ମାଗିଥିବାବେଳେ ଫୋନ ସ୍ୱିଚ୍‌ଅଫ୍ ହୋଇଯାଇଥିଲା ବୋଲି ରାଜନ କହିଛନ୍ତି। ଜିସିଏଫ କର୍ମଚାରୀମାନଙ୍କ ଏକ ପ୍ରତିନିଧି ଦଳ ରାଜ୍ୟ ମନ୍ତ୍ରୀ ଲଖନ ଘଙ୍ଗୋରିଆଙ୍କୁ ଭେଟି ଖଗୁଆଙ୍କ ନିଖୋଜ ଏତଲା ଉପରେ ତଦନ୍ତରେ ଅବହେଳା ପାଇଁ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

ବୋଫର୍ସ ତଦନ୍ତ

- ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେଲା

ସିବିଆଇ ଖଗୁଆଙ୍କୁ ଧନୁଷ୍ ନିର୍ମାଣରେ ଚାଇନା ଯନ୍ତ୍ରାଂଶ ବ୍ୟବହାର ସମ୍ପର୍କରେ ଜେରା କରିବାର ସପ୍ତାହେ ପରେ ସେ ନିଖୋଜ ହୋଇଯାଇଥିଲେ। ତେବେ ଗତ ମଙ୍ଗଳବାର ତାଙ୍କ ସୁଟି ମିଳିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ିଥିଲା ଏବଂ ସେମାନେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଖଗୁଆଙ୍କ ମୃତଦେହକୁ ଜବତ କରିଥିଲା। ସେ ଆତ୍ମହତ୍ୟା କରିଥିବା ପ୍ରଥମେ ପୋଲିସ ବିଶ୍ୱାସ କରୁଥିବାବେଳେ ତାଙ୍କ ପରିବାର ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ପରିବାର ପକ୍ଷରୁ କୁହାଯାଇଥିଲା।

ସରକାରଙ୍କ ନୀତି ଅନୁଯାୟୀ ଭାରତୀୟ ପ୍ରତିରକ୍ଷା ସାମଗ୍ରୀରେ ଚାଇନା ଯନ୍ତ୍ରାଂଶ ବ୍ୟବହାର କରାଯାଇପାରିବ ନାହିଁ। ତେବେ ଯୋଗାଣକାରୀ ସଂସ୍ଥା ଜିସିଏଫ୍‌ର ଅଧିକାରୀମାନଙ୍କ ସହ ସଲାସୁତୁରା କରି ୧୫୫ଏମ୍‌ଏମ୍ କମାଣ ନିର୍ମାଣ ଲାଗି ନିମ୍ନମାନର ଚାଇନା ବେରିଂ ଯୋଗାଉଥିଲା ବୋଲି ସିବିଆଇ ଏହାର ଏତଲାରେ ଅଭିଯୋଗ କରିଛି। ଏହି ବେରିଂ ଜର୍ମାନ୍ କମ୍ପାନୀଠାରୁ କିଣାଯାଇଥିବା ଯୋଗାଣକାରୀ ଦିଲ୍ଲୀ କମ୍ପାନୀ ସାର୍ଟିଫିକେଟ ସହ ଦର୍ଶାଇଛି। ଚାଇନା ଯନ୍ତ୍ରାଂଶ ହୋଇଥିଲେ ଏଥିପାଇଁ ଜର୍ମାନ୍ କମ୍ପାନୀ ଦାୟୀ ହେବା ଆବଶ୍ୟକ ବୋଲି ଜିସିଏଫ୍ ଅଧିକାରୀ ଯୁକ୍ତି ଦର୍ଶାଇଛନ୍ତି। ତେବେ ସିବିଆଇର ଅଭିଯୋଗ ହେଲା ଉକ୍ତ ଯନ୍ତ୍ରାଂଶ ଜର୍ମାନ୍ କମ୍ପାନୀ ପ୍ରସ୍ତୁତ କରିନାହିଁ। ଦିଲ୍ଲୀ କମ୍ପାନୀ ଚାଇନାର ହେନାନସ୍ଥିତ ସିନୋ ୟୁନାଇଟେଡ ଇଣ୍ଡଷ୍ଟ୍ରିଜ୍ (ଲୁୟାଙ୍ଗ) ଲିଃରୁ ଏହାକୁ କିଣିଥିଲା। ଦିଲ୍ଲୀ ଓ ଚାଇନା କମ୍ପାନୀ ମଧ୍ୟରେ ହୋଇଥିବା ଇମେଲ୍‌କୁ ମଧ୍ୟ ସିବିଆଇ ସିଜ୍ କରିଛି।

ଆସିକା ଏମ୍‌ପିଙ୍କ ଶେଷକୃତ୍ୟ ସମ୍ପନ୍ନ

ଆସିକା,୬।୨(ଡି.ଏନ୍.ଏ.)



ଲଡୁକିଶୋର ସ୍ୱାଇଁ

ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ଗଞ୍ଜାମ ଜିଲା ଆସିକା ଏମ୍‌ପି ତଥା ବିଜେଡି ନେତା ଲଡୁକିଶୋର ସ୍ୱାଇଁଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ୪୫ ମିନିଟରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ପ୍ରାୟ ବର୍ଷେ ହେବ ସେ କିଡ଼ନୀ ରୋଗରେ ପୀଡ଼ିତ ଥିବାରୁ ନିୟମିତ ଚିକିତ୍ସା କରାଉଥିଲେ। ଚଳିତ ଲୋକ ସଭାର ଶେଷ ଅଧିବେଶନରେ ଯୋଗଦେବା ପାଇଁ ନିଜ ଗ୍ରାମ କବିସୂର୍ଯ୍ୟନଗର ନିକଟସ୍ଥ ପଥରାରୁ ମଙ୍ଗଳବାର ବାହାରିଥିଲେ। ବୁଧବାର ସକାଳେ ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ଯାଇଥାନ୍ତେ। ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେବାରୁ ତୁରନ୍ତ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ହସ୍ପିଟାଲରେ ସ୍ତ୍ରୀ, ୨ ପୁଅ, ବୋହୂ ଏବଂ ନାତୁଣୀ ନାତି ଉପସ୍ଥିତ ଥିଲେ। ବୁଧବାର ସକାଳେ ପାର୍ଥିବ ଶରୀର ପଥରା ବାସଭବନକୁ ନିଆଯାଇଥିଲା। ସେଠାରେ ହଜାର ହଜାର ସମର୍ଥକଙ୍କ ସମେତ ଦଳୀୟ ନେତା, ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିବା ସହ ମାଲ୍ୟାର୍ପଣ କରିଥିଲେ। ପରେ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଗାଡିରେ ଗ୍ରାମରୁ ନିଆଯାଇ କଲେଜ ଛକ, ଆସିକା, କବିସୂର୍ଯ୍ୟନଗର ଆଦି ସହରାଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇଥିଲା । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଶବାଧାରରେ ମାଲ୍ୟାର୍ପଣ ପୂର୍ବକ ଶେଷ ସମ୍ମାନ ଜଣାଯାଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ପଥରା ନିକଟ ନନ୍ଦିଆଗଡ଼ା ଧନେଇ ନଦୀପଠା ଶ୍ମଶାନରେ ଲଡୁକିଶୋରଙ୍କୁ ଗଞ୍ଜାମ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯିବା ସହ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ବୁଧବାର ଲୋକ ସଭାରେ ଶୋକ ପ୍ରସ୍ତାବ ଆଗତ କରାଯିବା ସହ ଲଡୁକିଶୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସମ୍ମାନାର୍ଥେ ଦିନକ ପାଇଁ ଲୋକ ସଭା ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଟୁଇଟ୍ କରି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଲଡୁ କିଶୋରଙ୍କ ବିୟୋଗ ଖବର ତାଙ୍କୁ ମର୍ମାହତ କରିଛି। ସମାଜ ପାଇଁ ଲଡୁକିଶୋରଙ୍କର ଅନେକ ଅବଦାନ ରହିଛି। ତାଙ୍କ ପରିବାରବର୍ଗ, ଲୋକ ସଭା ନିର୍ବାଚନ ମଣ୍ଡଳୀ ବାସିନ୍ଦା ଏବଂ ତାଙ୍କର ସାଥୀମାନଙ୍କୁ ସେ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରି କହିଛନ୍ତି ଯେ, ଲଡୁ କିଶୋର ସ୍ୱାଇଁଙ୍କ ବିୟୋଗ ଅତ୍ୟନ୍ତ ଦୁଃଖ ଦେଇଛି। ସମାଜପ୍ରତି ଥିବା ତାଙ୍କର ସେବା ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ। ଗ୍ରାମାଞ୍ଚଳ ବିକାଶ ପାଇଁ ତାଙ୍କର ଅବଦାନ ପ୍ରଶଂସନୀୟ ଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ପୁତ୍ର ନଚିକେତାଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ନିଜର ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଶୋକ ବାର୍ତ୍ତାରେ କହିଛନ୍ତି, ଲଡୁକିଶୋରଙ୍କ ବିୟୋଗ ତାଙ୍କୁ ମର୍ମାହତ କରିଛି। ସେ ଜଣେ ଉତ୍ତମ ଏମପି ଏବଂ ବିଧାନସଭାର ଜଣେ ଖାତନାମା ବିଧାୟକ ଥିଲେ। ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ନିଜର ସମବେଦନା ଜଣାଇଛନ୍ତି।

ଲଡୁକିଶୋର ଶିକ୍ଷାରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ନୂଆଗଡ଼ ଓ କବିସୂର୍ଯ୍ୟନଗର ହାଇସ୍କୁଲରେ ଶିକ୍ଷକତା କରିଥିଲେ। ୭୦ ଦଶକର ମଧ୍ୟ ଭାଗରେ ସେ ରାଜନୀତିରେ ପ୍ରବେଶ କରିଥିଲେ। ଜଣେ ସରଳ ଓ ମିଷ୍ଟଭାଷୀ ରାଜନୈତିକ ବ୍ୟକ୍ତି ଭାବେ ସେ ଅଞ୍ଚଳବାସୀଙ୍କ ନିକଟରେ ପରିଚିତ ଥିଲେ। ସବୁବେଳେ ଜନସେବାରେ ଲାଗି ରହୁଥିଲେ। ରାଜନୈତିକ ଜୀବନର ପ୍ରଥମ ସୋପାନରେ କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡା ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସହ ଦଳରେ କାର୍ଯ୍ୟ କରିଥିଲେ। ସେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୪ରୁ ୨୦୦୯ ଯାଏ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବିଜେଡି ପକ୍ଷରୁ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ତାଙ୍କ ବିୟୋଗରେ ସମଗ୍ର ନିର୍ବାଚନମଣ୍ଡଳୀରେ ଗଭୀର ଶୋକର ଛାୟା ଖେଳିଯାଇଛି। ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ଦେବରାଜ ମହାନ୍ତି, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଞ୍ଜାମ ଏସପି ବ୍ରିଜେଶ ରୟ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ଲଡୁକିଶୋରଙ୍କ ବାସଭବନରେ ଶେଷଦର୍ଶନ କରିଥିଲେ ।

ଖୋଲିଲା ଭୋଟର ସହାୟତା କେନ୍ଦ୍ର

ଭୁବନେଶ୍ୱର, ୬।୨ (ବ୍ୟୁରୋ): ଆସନ୍ତା ସାଧାରଣ ନିର୍ବାଚନରେ ଅଂଶ ଗ୍ରହଣ କରିବା ଏବଂ ମତଦାତାଙ୍କ ସୁବିଧା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଭୋଟର ସହାୟତା କେନ୍ଦ୍ର ଖୋଲିଛି। ବୁଧବାର ଏହାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଉଦ୍‌ଘାଟନ କରିଛନ୍ତି। ଉକ୍ତ ସହାୟତା କେନ୍ଦ୍ରରେ କମ୍ପ୍ୟୁଟର ସହ କର୍ମଚାରୀମାନେ ଭୋଟରମାନଙ୍କୁ ସହାୟତା ପ୍ରଦାନ କରିବେ । ଏଠାରେ ଭୋଟରମାନେ ସେମାନଙ୍କ ନାମ, କ୍ରମିକ ସଂଖ୍ୟା ଏବଂ କେଉଁ ବୁଥରେ ସେମାନେ ଭୋଟ ଦେବେ ସମସ୍ତ ବିଷୟରେ ଜାଣିପାରିବେ। ସେହିପରି ରାଜ୍ୟର ସବୁ ଜିଲା, ସଦର ମହକୁମା, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ରମାନ ଖୋଲାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କୁମାର କହିଛନ୍ତି। ଏହାର ଫାଇଦା ନେବାକୁ ସେ ନିବେଦନ କରିଛନ୍ତି। ଉଦ୍‌ଘାଟନ ସମୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ଇଲେକ୍ଟ୍ରନ ୱାଚ ମୁଖ୍ୟ ସହଦେବ ସାହୁ, ଭୁବନେଶ୍ୱର ଉପଜିଲାପାଳ ଶୁଭେନ୍ଦୁ ସାହୁ, ସହକାରୀ ମୁଖ୍ୟ ନିର୍ବାଚନ ଅଧିକାରୀ କାଶୀନାଥ ସାହୁ ଉପସ୍ଥିତ ଥିଲେ।

PUBLIC NOTICE

Kaya Blenders and Distillers Limited want to inform Public that employee **Mr Smruti Ranjan Rath** s/o Dr. Pravat Kumar Rath, r/o Plot No. 11, Bapuji Nagar, Bhubaneswar, Odisha has been terminated from the company due to his wrong doings .He claims to be National sales head of the company and same he has uploaded on his social media accounts. Public is hereby informed that he mislead people by saying that he is an Investor and Partner in the company and claims himself as a director on other real estate companies and mislead people. KBDL has no association with him nor he is authorised to talk to any investor on behalf of KBDL . Company is initiating other proceedings also against him. If anyone deals with him then Kaya Blenders and Distillers Limited will not be responsible.

ଲାଞ୍ଚ ନେଇ ଏଏସ୍‌ଆଇ ଗିରଫ

ଫୁଲବାଣୀ ଅଫିସ, ୬।୨: ଏକ ବିବାଦର ସମାଧାନ ପାଇଁ ଲାଞ୍ଚ ନେବାବେଳେ କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ଏଏସ୍‌ଆଇ ମହାଜନ ପ୍ରଧାନ ବୁଧବାର ବ୍ରହ୍ମପୁର ଭିଜିଲାନ୍ସରେ ଧରା ପଡିଛନ୍ତି। ତାଙ୍କଠାରୁ ୫ହଜାର ଟଙ୍କା ଜବତ କରାଯାଇଛି। ବିରିଗୁଡା ଗ୍ରାମ ଘାଟିସାହିର ରାମନାଥ ପ୍ରଧାନଙ୍କ ସହ ଅନ୍ୟ ଜଣଙ୍କର ବିବାଦ ଉପୁଜି ଥିଲା। ଏ ନେଇ ଉଭୟପକ୍ଷ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ କରୁଥିବା ଏଏସ୍‌ଆଇ ପ୍ରଧାନ ସମାଧାନ ପାଇଁ ରାମନାଥଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରାମନାଥ ଏନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

ବିଜେଡିରେ ସାମିଲ ହେଲେ ଯୋଗେଶ

ବିଜେଡିରେ ସାମିଲ ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗେଶ।

- ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ
- ଜିଲାର ୭ ଆସନରେ ବିଜେଡି ଜିତିବ: ଯୋଗେଶ

ଭୁବନେଶ୍ୱର,୬।୨(ବ୍ୟୁରୋ): ପୂର୍ବତନ କଂଗ୍ରେସ ବିଧାୟକ ଯୋଗେଶ ସିଂ ଏବଂ ତାଙ୍କର ଶତାଧିକ ସମର୍ଥକ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ଏଥିପାଇଁ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ମିଶ୍ରଣ ପର୍ବ। ଯୋଗେଶଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ବ୍ଲକ ଉପାଧ୍ୟକ୍ଷ, ଏକାଧିକ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କଂଗ୍ରେସ ସଭାପତି, ପୂର୍ବତନ ସରପଞ୍ଚଙ୍କ ସମେତ ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଯୋଗେଶ ୨୦୧୪ରେ କଂଗ୍ରେସ ପ୍ରାର୍ଥୀଭାବେ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। କିଛିଦିନ ତଳେ ସେ ଦଳ ଓ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗେଶ ଜଣେ ଭଲ ସଂଗଠକ। ସେ ତାଙ୍କୁ ସ୍ୱାଗତ କରୁଛନ୍ତି। ଯୋଗେଶଙ୍କ ସହ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଏହା ଫଳରେ ସୁନ୍ଦରଗଡ଼ ଜିଲାରେ ବିଜେଡି ଆହୁରି ସୁଦୃଢ଼ ହୋଇପାରିବ। ଯୋଗେଶ କହିଥିଲେ ଯେ, ସେ ବିଜେଡିରେ ଯୋଗଦେଇ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବାକୁ ଚାହାନ୍ତି। ସୁନ୍ଦରଗଡ଼ ଜିଲାର ବିକାଶ ତାଙ୍କର ଏକମାତ୍ର କର୍ତ୍ତବ୍ୟ। ଆଗାମୀ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ଜିଲାର ୭ଟିଯାକ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ହିଁ ଜିତିବେ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ମିଶ୍ରଣ ପର୍ବରେ ସୁନ୍ଦରଗଡ଼ ବିଜେଡି ଜିଲା ସଭାପତି ମଙ୍ଗଳା କିଷାନ, ବିଧାୟକ ସୁବ୍ରତ ତରାଇ, ନେତ୍ରୀ କୁସୁମ ଟେଟେ, ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ ସମ୍ପାଦକ ଅସିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯୋଗେଶ ମିଶ୍ରଣ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଥିବା କୁସୁମ ଟେଟେଙ୍କୁ ଥଇଥାନ କରାଯାଇଛି। ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି। ଏନେଇ ରାଜ୍ୟ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଚଳିତ ମାସ ୪ରେ ଏକ ବିଜ୍ଞପ୍



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।
- ବର୍ଣ୍ଣାଡ ଶ

ସଂକ୍ଷେପରେ

ଡିକି ଭାଙ୍ଗି ୪୦ ହଜାର ଲୁଟ୍

ସାଲେପୁର,୬।୨(ଡି.ଏନ.ଏ.): କଟକ-ଚାନ୍ଦବାଲି ରାସ୍ତାର ଶିଶୁଆ ବଜାରଠାରେ ବୁଧବାର ଲୁଟେରା ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକି ଭାଙ୍ଗି ୪୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଶିଶୁଆ ପଞ୍ଚାୟତ ବାହାବଳପୁର ଗ୍ରାମର ସଙ୍କର୍ଷଣ ରାଉତ ପୂର୍ବାହ୍ନରେ ସାଲେପୁର ୟୁକୋ ବ୍ୟାଙ୍କ୍‌ରୁ ୪୦ହଜାର ଟଙ୍କା ଉଠାଇ ସ୍କୁଟିରେ ଘରକୁ ଫେରୁଥିଲେ। ପରେ ସ୍କୁଟିକୁ ରାସ୍ତା ପାର୍ଶ୍ୱରେ ରଖି ଶିଶୁଆ ବଜାରରେ ଥିବା ଏକ ପାନ ଦୋକାନରୁ ଚକଲେଟ୍ କିଣିବା ପାଇଁ ଯାଇଥିଲେ। ଏହି ସମୟରେ ଲୁଟେରା ଅତି ଚତୁରତାର ସହିତ ସ୍କୁଟି ଡିକିକୁ ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ପୋଲିସ ଅଭିଯୋଗ ପାଇବାପରେ ତଦନ୍ତ ଆରମ୍ଭ କରିଛି।

ମହିଳା ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର

ବଡ଼ମ୍ବା,୬।୨(ଡି.ଏନ.ଏ.): ବଡ଼ମ୍ବା ବ୍ଲକ କୋଟପଲ୍ଲା ଗ୍ରାମରେ ମହିଳା ପଞ୍ଚାୟତ ପ୍ରତିନିଧିଙ୍କ ଏକ ୩ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ଲାପ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଅନୁଷ୍ଠିତ ଶିବିରରେ ମାଣିଆବନ୍ଧ, ମହୁଲିଆ, ବଡ଼ବାରସିଂହ ଏବଂ ସାନବାରସିଂହ ପଞ୍ଚାୟତର ପ୍ରାୟ ୨୫ ମହିଳା ୱାର୍ଡ ମେମ୍ବର, ସରପଞ୍ଚ ଏବଂ ସମିତିସଭ୍ୟ ଯୋଗ ଦେଇଥିଲେ। ସେମାନଙ୍କୁ ଦାୟିତ୍ୱ, କର୍ତ୍ତବ୍ୟ ଓ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କିଭଳି କରିବେ ସେ ଉପରେ ୩ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କ୍ଲାପ ସଂଯୋଜକ ଶେଖ୍ କୁରେଶଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧକ୍ଷା ଅନସୂୟା ନାଏକ ମୁଖ୍ୟଅତିଥି, ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ନାରାୟଣ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

ବ୍ଲକସ୍ତରୀୟ କୃମିନାଶକ ସଚେତନତା ଶିବିର

ବଡ଼ମ୍ବା,୬।୨(ଡି.ଏନ.ଏ.): ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବୁଧବାର ଏକ ବ୍ଲକସ୍ତରୀୟ କୃମିନାଶକ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ମୋହନସୁବୁଦ୍ଧି ହାଇସ୍କୁଲରେ ଅନୁଷ୍ଠିତ ଶିବିରରେ ବ୍ଲକ ଶିକ୍ଷାଧିକାରୀ ସୁଜାତାପ୍ରିୟଦର୍ଶିନୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ପ୍ରାୟ ୨୨୦ ସ୍କୁଲର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ଆସନ୍ତା ୮ ତାରିଖରେ ଦେଶବ୍ୟାପୀ ପାଳନ ହେବାକୁଥିବା ଜାତୀୟ କୃମିନାଶକ ଦିବସ ପରିପ୍ରେକ୍ଷୀରେ ଏହି ଶିବିର ଆୟୋଜନ କରାଯାଇଥିଲା। ୧ରୁ୧୯ବର୍ଷ ବୟସର ସମସ୍ତ ପିଲା ସେହିଦିନ କୃମିନାଶକ ଔଷଧ ସେବନ କରିବାର କାର୍ଯ୍ୟକ୍ରମ ରହିଥିବାରୁ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡା. ଉଦୟରଞ୍ଜନ କୃମି ସମ୍ପର୍କରେ ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଶରତଚନ୍ଦ୍ର ଖୁଣ୍ଟିଆଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମଉଗଜସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

ବାଙ୍କୀ ରାଜାଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ,୬।୨(ସ୍ୱ.ପ୍ର.): ବାଙ୍କୀ ରାଜଶାସନର ଦାୟାଦ ତଥା ମା' ଚର୍ଚ୍ଚିକାଙ୍କ ଆଦ୍ୟସେବକ ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ରଙ୍କ ଏକାଦଶାହ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ରାଜବାଟି କମଳାବାଗଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ବାଙ୍କୀ କଲେଜ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରିଥିଲେ। ଯୁକ୍ତ ୨ କଲେଜ ଅଧକ୍ଷ ପ୍ରାଧାପକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଦେବାସହ ରାଜବଂଶର ଇତିହାସକୁ ସ୍ମରଣ କରିଥିଲେ। ପରେ ଏକ ସ୍ମରଣିକା 'ସ୍ମୃତି କୁସୁମାଞ୍ଜଳି'କୁ ଅତିଥି ଉନ୍ମୋଚନ କରିଥିଲେ। ଏହି ସ୍ମରଣିକା କଲେଜ ଅଧକ୍ଷଙ୍କ ପୃଷ୍ଠ ପୋଷକତା ଓ ପ୍ରଧାପକ ମହାପାତ୍ରଙ୍କ ସମ୍ପାଦନାରେ ପ୍ରସ୍ତୁତ ହୋଇଛି। କବି ଶରତ ଚନ୍ଦ୍ର ମହାପାତ୍ର କବିତା ପାଠ କରିଥିଲେ। ସଙ୍ଗୀତ ଗୁରୁ ସୁରେନ୍ଦ୍ର ନାଥ ମହାପାତ୍ର ରାଜାଙ୍କ ଉଦ୍ଦେଶ୍ୟରେ ଭଜନ ଗାନ କରିଥିଲେ। ବାଙ୍କୀ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ନାରାୟଣ ଦାସ ଓ ଅଶୋକ ଗିରି ପ୍ରମୁଖ ଯୋଗଦେଇ ରାଜାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଣୀଶୁକଦେଈ କଳାପରିଷଦ ପକ୍ଷରୁ ନୂତନ ରାଜାସାହେବ ଦୁର୍ଗାମାଧବ ଶ୍ରୀଚନ୍ଦନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଚାଷୀଙ୍କୁ ଅଟକାଇଲା ପୋଲିସ



ଭୁବନେଶ୍ୱର ସମାବେଶକୁ ଯାଉଥିବା ବଡ଼ମ୍ବା ଚାଷୀଙ୍କୁ ପୋଲିସ ଅଟକାଇଛି। ପ୍ରତିବାଦରେ ରାସ୍ତାରୋକୋ କରିଛନ୍ତି।

ନରସିଂହପୁର ଚାଷୀଙ୍କୁ ପୋଲିସ ଅଟକାଇଥିବାରୁ ସେମାନେ ଶୋଭାଯାତ୍ରାରେ ଥାନା ଘେରାଉ କରିବାକୁ ଯାଉଛନ୍ତି।

■ସମାବେଶକୁ ଗଲାବେଳେ ଚାଷୀ-ପୋଲିସ ଧସ୍ତାଧସ୍ତି
■ପ୍ରତିବାଦରେ ଚାଷୀଙ୍କ ଧାରଣା
■ବଡ଼ମ୍ବାରେ ଆଜି ଅର୍ଥନୈତିକ ଅବରୋଧ ଆନ୍ଦୋଳନ

ମାହାଙ୍ଗା/ବଡ଼ମ୍ବା/ନରସିଂହପୁର, ୬।୨(ସ୍ୱ.ପ୍ର./ଡି.ଏନ.ଏ.)

ନବ ନିର୍ମାଣ କୃଷକ ସଙ୍ଗଠନ ଡାକରାରେ ଭୁବନେଶ୍ୱରରେ ଅନୁଷ୍ଠିତ ଚାଷୀ ସମାବେଶକୁ ଯାଉଥିବାବେଳେ ବିଭିନ୍ନ ସ୍ଥାନରେ ଚାଷୀଙ୍କୁ ପୋଲିସ ବୁଧବାର ଅଟକାଇଥିଲା। ଫଳରେ ଚାଷୀ ସମାବେଶସ୍ଥଳରେ ପହଞ୍ଚି ପାରି ନ ଥିଲେ। ଏହାର ପ୍ରତିବାଦରେ ଚାଷୀମାନେ ଥାନା ଆଗରେ ଧାରଣା ଦେଇଥିଲେ। ମାହାଙ୍ଗା ନବ ନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ମାହାଙ୍ଗା ପୋଲିସ ଅଟକ ରଖି ହଇରାଣ କରିବା ଅଭିଯୋଗରେ ଶତାଧିକ ଚାଷୀ କୁମୁଡ଼ା ଜୟପୁର ଫାଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ। ଦିନ ୧୦ଟାରେ ସଙ୍ଗଠନ ରାଜ୍ୟ କମିଟି ସଦସ୍ୟ ଇଂ ଶୁଭେନ୍ଦୁ ସୁଭ୍ରାଂଶୁ ମଲିକଙ୍କ ନେତୃତ୍ୱରେ ଚାଷୀ ସମାବେଶକୁ ଯାଉଥିଲେ। ତାଙ୍କ ଗାଡ଼ିକୁ କୁଆଁପାଳ-ଛତିଆ ପୂର୍ତ୍ତ ରାସ୍ତାର ବଡ ଗେଣ୍ଡୁଟି ପୋଲ ନିକଟରେ ଜଇପୁର ଫାଣ୍ଡି ପୋଲିସ ଅଟକାଇବା ସହ କୃଷକଙ୍କୁ ଛାଡି ନ ଥିଲା। ଚାଷୀଙ୍କୁ ପୋଲିସ ବାଟରେ ଅଟକାଇ ସମ୍ବିଧାନର ଧାରା ୧୯କୁ ଉଲ୍ଲଙ୍ଘନ କରିଥିବାରୁ ଏହାର ପ୍ରତିବାଦରେ ରାଜ୍ୟ କମିଟି ସଦସ୍ୟ ମଲିକଙ୍କ ନେତୃତ୍ୱରେ ଫାଣ୍ଡି ସମ୍ମୁଖରେ ଚାଷୀ ଆମରଣ ଅନଶନରେ ବସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସଭ୍ୟ ଶୁକଦେବ ମଲିକ, ବୀରବର ଖଟୁଆ, ଅଶୋକ ଦାସ ଓ ସୁରେନ୍ଦ୍ର ଶତପଥୀରଙ୍କ ସମେତ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ଏନେଇ ଜଇପୁରଫାଣ୍ଡି ଅଧିକାରୀଙ୍କ ଜରିଆରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇ ଏହାର ତଦନ୍ତ ଦାବି କରାଯାଇଛି।

ସେହିପରି ବଡ଼ମ୍ବା ବ୍ଲକରୁ ହଜାରହଜାର ଚାଷୀ ସମାବେଶରେ ଯୋଗଦେବାକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଚାଷୀ ଏଥିରେ ଉଦ୍ୟକ୍ତ ହୋଇ ବଡ଼ମ୍ବା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ଚାଷୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ହାତଗଣତି ପୋଲିସ ଚାଷୀଙ୍କୁ ଅଟକାଇବାରେ ନିରୁପାୟ ହେବାରୁ କିଛି ସ୍ଥାନୀୟ ନେତାଙ୍କ ଉପସ୍ଥିତି ଏବଂ ସମର୍ଥନରେ ଚାଷୀ ଭୁବନେଶ୍ୱର ଯାତ୍ରା କରିଥିଲେ। ପୋଲିସ ଅଟକ ରଖିବା ପ୍ରତିବାଦରେ ସଙ୍ଗଠନ ପକ୍ଷରୁ ଗୁରୁବାର ବଡ଼ମ୍ବାରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବା ବୋଲି ନିଷ୍ପତ୍ତି ହୋଇଛି। ଏଥିସହିତ ଗଣତନ୍ତ୍ରର କଣ୍ଠରୋଧ ପ୍ରତିବାଦରେ ଥାନା, ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

ସେହିପରି ନରସିଂହପୁର ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଠନର ଚାଷୀଙ୍କୁ ପୋଲିସ ଅଟକ ରଖିଥିଲା। ଏହାକୁ ନେଇ ନରସିଂହପୁର ନବ ନିର୍ମାଣ କୃଷକ ସଙ୍ଗଠନ ସଭାପତି ସୁଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଚାଷୀ ଏକ ଶୋଭାଯାତ୍ରାରେ ନରସିଂହପୁର ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ସେମାନଙ୍କୁ ଥାନାରେ କିଛି ସମୟ ଧରି ଅଟକ ରଖିବା ପରେ ଛାଡି ଦେଇଥିଲା। ଚାଷୀ ବସନ୍ତ ପଟ୍ଟନାୟକ, ଜୁଲମଣି ସାହୁ, ମୋହନ ଦାଶ, ରାଜ କିଶୋର ଦାଶ, ମୁକୁନ୍ଦ ନାୟକ, ବସନ୍ତ କୁମାର ସାହୁ ଓ ରାଜକିଶୋର ଦାଶ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ନରସିଂହପୁରରେ କଳା ପଲସର୍ ଆତଙ୍କ ୨୬ ହଜାର ଟଙ୍କା, ସାମଗ୍ରୀ ଲୁଟ୍

ନରସିଂହପୁର,୬।୨(ଡି.ଏନ.ଏ.)

ନରସିଂହପୁର ଥାନା ଅଞ୍ଚଳରେ କଳା ପଲସର ଆତଙ୍କ ଦେଖାଦେଇଛି। ବୁଧବାର ଥାନା ଅଧୀନ ପଞ୍ଚମୁଖୀ ଛକଠାରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ୨ କର୍ମଚାରୀଙ୍କଠାରୁ ୨୬ ହଜାର ୨୮୦ ଟଙ୍କା ଓ ସାମଗ୍ରୀ ଲୁଟ୍ ହୋଇଛି। କର୍ମଚାରୀ ଅଭିମନ୍ୟୁ ବଳିଆର ସିଂ, ରାକେଶ ରଣସିଂ ଜୟପୁର ଅଞ୍ଚଳକୁ ଅର୍ଥ ଆଦାୟ ପାଇଁ ଯାଉଥିଲେ। ଏହା ପୂର୍ବରୁ ଅଲରା, ବାଘୁପାଳ ପ୍ରମୁଖ ଅଞ୍ଚଳରୁ ୨୬ ହଜାର୨୮୦ଟଙ୍କା ଆଦାୟ କରି ବ୍ୟାଗ୍‌ରେ ରଖିଥିଲେ। ଏହି ସମୟରେ ଏକ କଳା ପଲସରରେ ୨ ଦୁର୍ବୃତ୍ତ ଆସି ସେମାନଙ୍କ ନିକଟରେ ପହଞ୍ଚି ଟଙ୍କା ମାଗିଥିଲେ। ସେମାନେ ଟଙ୍କା ଦେବାକୁ ମନା କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ସେମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସମସ୍ତ ଟଙ୍କା, ଏଟିଏମ୍, ମୋବାଇଲ ଓ ଅନ୍ୟାନ କାଗଜ ପତ୍ର ଲୁଟି ନେଇଥିଲେ। ସମ୍ପୃକ୍ତ କର୍ମଚାରୀଦ୍ୱୟ ବଦାନ୍ୟ ବ୍ୟକ୍ତିଙ୍କ ସହୟତାରେ ଥାନାକୁ ଯୋଗାଯୋଗ କରିଥିଲେ। ପରେ ନରସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ଏ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର ପାଇନାହିଁ।

ଛାଣିପୁରରେ ବିଜେଡିର ୱାର୍ଡ କମିଟି ବୈଠକ

ସାଲେପୁର,୬।୨(ଡି.ଏନ.ଏ.)

ସାଲେପୁର ବିଜେଡି ପକ୍ଷରୁ ଛାଣିପୁର ହାଇସ୍କୁଲ୍ ପଡ଼ିଆରେ ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ଓ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଗ୍ରେସନ ରାଉତ ସାଭପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଜିଲା ବିଜୁ କୃଷକ ସଭାପତି ତଥା ବିଜେଡି ନେତା ପ୍ରଶାନ୍ତ ବେହେରା ଯୋଗଦେଇ ୱାର୍ଡ କମିଟି କର୍ମକର୍ତ୍ତା ଲୋକଙ୍କୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜଣାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜିଲାପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ବିଜେଡି ସଂଖ୍ୟାଲଘୁ ସେଲ୍ ନେତା ମାମୁରୁଲ୍ ଇସ୍‌ଲାମ୍, ସରପଞ୍ଚ ହରପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱଜିତ୍ ସ୍ୱାଇଁ, ଯୁବନେତା ଜୟଦେବ ଷଡ଼ଙ୍ଗୀ, ଗୌରାଙ୍ଗ ବେହେରା, ଗୋବିନ୍ଦ ଚନ୍ଦ୍ର ରାଉତରାୟ, ଗଗନ ବିହାରୀ ମହାରଣା, ମନୋଜ ବେହେରା, କ୍ଷୀରୋଦ ଭୂୟାଁ ଓ ମୁରଲୀଧର ବିଶ୍ୱାଳଙ୍କ ସମେତ ବହୁ ମହିଳା, ଯୁବ, ଛାତ୍ର କର୍ମୀ ଉପସ୍ଥିତ ଥିଲେ।

ଛାଣିପୁର ବିଜେଡି କର୍ମୀ ସମାବେଶରେ ଯୋଗଦେଇଥିବା କର୍ମକର୍ତ୍ତା।

ଜାତୀୟ କୃମିନାଶକ ଦିବସ ଉପରେ ସଚେତନତା

ଆଠଗଡ଼,୬।୨(ସ୍ୱ.ପ୍ର.)

ଆସନ୍ତା ୮ତାରିଖରେ ଜାତୀୟ କୃମିନାଶକ ଦିବସ କରାଯିବ। ଏ ନେଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର ଏ ସମ୍ପର୍କିତ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ର ଅଧକ୍ଷତା କରି କାର୍ଯ୍ୟକ୍ରମକୁ କିପରି ସଫଳ କରାଯିବ ସେ ସମ୍ପର୍କରେ ବୁଝାଇଥିଲେ। ବୈଠକରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ସମସ୍ତ ସରକାରୀ/ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଧାପିକାଅଧାପକଙ୍କ ସମେତ ଅଙ୍ଗନୱାଡି କର୍ମୀ ଯୋଗଦାନ କରିଥିଲେ। ସେମାନଙ୍କୁ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ବଟିକା ଖୁଆଇବା ପାଇଁ ସଚେତନ କରାଯାଇଥିଲା। ଏଥିସହିତ କୃମିନାଶକ ଔଷଧ ବିତରଣ ଓ ଖୁଆଇବା ସମୟରେ କେଉଁ ଭଳି ଶତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବିଜୟାନନ୍ଦ ଯୁବ ପରିଷଦ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

ସଡ଼କ ସୁରକ୍ଷା ସପ୍ତାହ ପାଳିତ

ସାଲେପୁର,୬।୨(ଡି.ଏନ.ଏ.)

ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁର ବିଜୟାନନ୍ଦ ଯୁବ ପରିଷଦ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦ ପକ୍ଷରୁ ପାଗାହାଟ ରୋଡ୍‌ଠାରେ ଏକ ସଚେତନତା ଶୋଭାଯାତ୍ରା ଓ ମାନବଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା। ପରିଷଦ ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଫୋରମ୍ ଫର୍ ପ୍ରିଭେନ୍‌ଶନ୍ ଅଫ୍ ରୋଡ୍ ଆକ୍ସିଡେଣ୍ଟର ସମ୍ପାଦକ ବିକାଶ ମହାପାତ୍ର, ଓମ୍ୟାନ୍ ଆଣ୍ଡ ଚାଉଲ୍ଟ ୱେଲ୍‌ଫେୟାର୍‌ର ସମ୍ପାଦିକା ମିନତୀ ବିଦ୍ୟାଣୀ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପରମାନନ୍ଦ ମୁଦୁଲି, ସୁରେନ୍ଦ୍ର ମହାରଣା, ଦେବେନ୍ଦ୍ରନାଥ ସ୍ୱାଇଁ, ନବକିଶୋର ପତି, ରାମଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଅନୁଷ୍ଠାନର ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ରାସ୍ତାରେ ଗାଡ଼ିଚାଳକଙ୍କୁ ସଚେତନତା ବାର୍ତ୍ତା ପତ୍ର ବଣ୍ଟନ କରିଥିଲେ। ଏଥିସହ ଟ୍ରାଫିକ୍ ନିୟମ, ଦୁର୍ଘଟଣା ରୋକିବା ଆଦି ସମ୍ପର୍କିତ ଏକ ପୁସ୍ତିକା ମଧ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋରଞ୍ଜନ ସାହୁ, ମନୋଜ ସାମଲ, ରାଜକିଶୋର ସାହୁ, ଚକ୍ରଧର କାଣ୍ଡିଙ୍କ ସମେତ ପରିଷଦ କର୍ମକର୍ତ୍ତା ପରିଚାଳନା କରିଥିଲେ।

ମାଧବାନନ୍ଦ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ମୂର୍ତ୍ତି ଚୋରି

ସାଲେପୁର,୬।୨(ଡି.ଏନ.ଏ.)

ସାଲେପୁର ବ୍ଲକ ତଥା ଜଗତ୍‌ପୁର ଥାନା ଅଧୀନ ଗୋପୀନାଥପୁରରେ ଥିବା ମାଧବାନନ୍ଦ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ମୂର୍ତ୍ତି, ସୁନା ଅଳଙ୍କାର ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଥାନାରେ ମାଧବାନନ୍ଦ ମଠ ଅଧିକାରୀ ବିବେକାନନ୍ଦ ଦାସ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ମନ୍ଦିରରୁ ଦେଢ଼ଫୁଟ ଉଚ୍ଚତାର ମୁଗୁନି ପଥରରେ ନିର୍ମିତ ଗୋପାଳ ମୂର୍ତ୍ତି, ୧୪ ଇଞ୍ଚ ପିତ୍ତଳରେ ନିର୍ମିତ ରାଧାଙ୍କ ମୂର୍ତ୍ତି, ୧ଫୁଟ ଉଚ୍ଚତାର ପିତ୍ତଳରେ ନିର୍ମିତ ଦୁର୍ଗାଙ୍କ ମୂର୍ତ୍ତି, ୧୦ଇଞ୍ଚ ଉଚ୍ଚତାର ପିତ୍ତଳରେ ନିର୍ମିତ ଦୁର୍ଗାଙ୍କ ମୂର୍ତ୍ତି ସମେତ ଗୋପାଳ ଠାକୁରଙ୍କ ରୂପାର ମ

ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟ ବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ।
- ଇମରସନ

ସଂକ୍ଷେପରେ

ରାସ୍ତା କାମକୁ ନେଇ ଥାନାରେ ଏତଲା

କଟକ ସଦର, ୬।୨ (ଡି.ଏନ୍.ଏ.): କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାମ ଜାରି ରହିଛି। ମାଟି ପଡିବା ଦ୍ୱାରା ରାସ୍ତା ଉଚ୍ଚ ହୋଇଯାଉଛି। ଫଳରେ ଉକ୍ତ ରାସ୍ତା ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଟ୍ରକ୍, ବସ୍ ସଂସ୍ପର୍ଶରେ ଆସୁଛି। ଜୀବନ ହାନି ଘଟିବା ଆଶଙ୍କାରେ ତୁରନ୍ତ ଉକ୍ତ କାର୍ଯ୍ୟ ବନ୍ଦ କରିବାକୁ ବୁଧବାର କିଶନନଗର ବିଦ୍ୟୁତ୍ ସେକ୍ସନ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ବିଦ୍ୟୁତ୍ ଖୁଣ୍ଟ ଘୁଞ୍ଚାଇବା ପର୍ଯ୍ୟନ୍ତ ରାସ୍ତା କାମ ବନ୍ଦ ରଖିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ପତ୍ର ଲେଖାଯାଇଥିଲେ ମଧ୍ୟ ଫଳ ମିଳି ନ ଥିଲା। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନାମରେ ସେସୁ କର୍ତ୍ତୃପକ୍ଷ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ଅନୁସନ୍ଧାନ କରାଯାଇ ପଦକ୍ଷେପ ନିଆଯିବ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର

ଚୌହ୍ନାର, ୬।୨ (ଡି.ଏନ୍.ଏ.): ଚୌହ୍ନାର ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସ୍ମୃତି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆକାଶବାଣୀ କଟକ କେନ୍ଦ୍ରର ନିର୍ଦ୍ଦେଶକ ତରୁଣକାନ୍ତି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକନାଟକ ଏକ ଅନୁଶୀଳନ ବିଷୟକୁ ନେଇ ଆଲୋଚନା କରିଥିଲେ । ଏଥିରେ ଅନ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ଞାନୀ ଦେବାଶିଷ ମିଶ୍ର, ଖବରଦାତା ରମେଶ ଚନ୍ଦ୍ର ସାମଲ ଯୋଗଦେଇଥିଲେ। ଏଥିରେ ଛାତ୍ରୀ ସରିତା ପରିଡା, କୁମୁଦିନି ସାହୁ ପ୍ରବନ୍ଧ ପାଠ କରିଥିବାବେଳେ ଗୀତିକାର ଗଗନ ରାଉତ ପଲ୍ଲିଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବିଭାଗର ପ୍ରାଚୀରପତ୍ର କୌସ୍ତୁଭର ଗୀତ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ଏମ୍‌ପି ଲଡୁ କିଶୋରଙ୍କ ବିୟୋଗରେ ଶୋକ

କଟକ ଅଫିସ, ୬।୨: ଆସ୍କା ଲୋକ ସଭା ଏମ୍‌ପି ତଥା ବରିଷ୍ଠ ବିଜେଡି ନେତା ଲଡୁ କିଶୋର ସ୍ୱାଇଁଙ୍କ ବିୟୋଗରେ କଟକ ଜିଲା ବିଜେଡି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ପ୍ରମୁଖ ଶୋକ ପ୍ରକାଶ କରିଥିବା କଟକ ଜିଲା ବିଜେଡି ପକ୍ଷରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ସ୍ୱଗତଃ ସ୍ୱାଇଁ ଜଣେ ସରଳ ଓ ନିସ୍ୱାର୍ଥପର ବ୍ୟକ୍ତି ଥିଲେ। ଏହା ଦଳ ପ୍ରତି ଏକ ଅପୂରଣୀୟ କ୍ଷତି ବୋଲି କୁହାଯାଇଛି।

ବସଷ୍ଟାଣ୍ଡରୁ ସ୍କୁଟି ଚୋରି

କଟକ ଅଫିସ, ୬।୨: କଟକ ଲିଙ୍କ୍‌ରୋଡ ବସଷ୍ଟାଣ୍ଡରୁ ବୁଧବାର କିଶୋର ନଗର ଥାନା ଅନ୍ତର୍ଗତ ରଘୁନାଥପୁର ଅଞ୍ଚଳର ଅସିତ୍ ଚକ୍ରବର୍ତ୍ତୀଙ୍କ ଏକ ସ୍କୁଟି(ଓଡି ୦୫ ଏଚ୍ ୭୧୯୫) ଚୋରି ହୋଇଯାଇଛି। ଏ ନେଇ ଅସିତ୍ ମଧୁପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧/୧୯) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଅସିତ୍ ସନ୍ଧ୍ୟାରେ ତାଙ୍କର ଜଣେ ସାଙ୍ଗଙ୍କୁ ଲିଙ୍କ୍‌ରୋଡ ବସଷ୍ଟାଣ୍ଡରେ ଛାଡିବାକୁ ଘରୁ ଆସିଥିଲେ। ବସଷ୍ଟପ୍‌ରେ ଗାଡି ରଖି ଉଭୟ ୨୦ ମିଟର ଦୂରରେ ଥିବା ଏକ ପାନଦୋକାନକୁ ଯାଇଥିଲେ। ୧୫ ମିନିଟ୍ ପରେ ଆସି ଦେଖିବାରୁ ସେଠାରେ ସ୍କୁଟି ନ ଥିଲା। ଆଖପାଖ ଲୋକଙ୍କୁ ପଚରାଉଚରା କରି ନ ପାଇବାରୁ ସେ ଥାନାରେ ଅଭିଯୋଗ କରିଥିଲେ।

ବନ୍ଧୁମିଳନ କାର୍ଯ୍ୟକ୍ରମ

ନିଆଳି, ୬।୨(ଡି.ଏନ୍.ଏ.): ନିଆଳି ବ୍ଲକ ତାମ୍ପଦାସ୍ଥିତ ମା' କୁତାମଚଣ୍ଡୀ ବିଦ୍ୟାପୀଠର ୧୯୮୯ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଲୁଣିଗାଁ ସ୍ଥିତ ଶୁଖୁଆ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗତନାଥ ମଲ୍ଲିକ, ଶିକ୍ଷକ ଶ୍ରୀକାନ୍ତ ରାଉତ, ସୁରେନ୍ଦ୍ର ନାଥ ସ୍ୱାଇଁ, ଶତ୍ରୁଘ୍ନ ନାୟକ ଯୋଗଦେଇଥିଲେ। ଏଠାରେ ବିଦ୍ୟାଳୟର ସମସ୍ୟା ଉପରେ ଆଲୋଚନା ହେବା ସହ ବିଦ୍ୟାଳୟର ଉନ୍ନୟନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ଏଥିରେ ରଥ ମଲ୍ଲିକ, ସଂଗ୍ରାମ ମଲ୍ଲିକ, ନୀହାର ରଞ୍ଜନ ରାଉତ, ଶିବ ପ୍ରସାଦ ନାୟକ, ସଞ୍ଜୟ ଦାସ, ନିରୁପମା ଦାସ, ମିନତି ଦାସଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

■ ବିଦ୍ୟୁତ୍ ଖୁଣ୍ଟରୁ ବାରମ୍ବାର ତାର ଚୋରି

ଉଦ୍‌ଘାଟନ ହୋଇପାରୁନି ସବ୍‌ଷ୍ଟେଶନ

ନିଆଳି, ୬।୨(ଡି.ଏନ୍.ଏ)

- ■ଅସୁବିଧା ଭୋଗୁଛନ୍ତି ଉପଭୋକ୍ତା
- ■ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ

ନିଆଳି ବିଦ୍ୟୁତ୍ ବିଭାଗ ଅଧୀନ କୂଳ କପାସୀଠାରେ ନୂତନ ଭାବେ ନିର୍ମାଣ ହୋଇଛି ଏକ ସବ୍‌ଷ୍ଟେଶନ୍। ହେଲେ ଏଠାକୁ ସଂଯୋଗ ହୋଇଥିବା ୩୩ କେଭି ଲାଇନ୍ ତାର ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହୋଇଛି। ତାର ଚୋରି ଯୋଗୁ ଉକ୍ତ ସବ୍‌ଷ୍ଟେଶନ ଉଦ୍‌ଘାଟନ ହୋଇପାରୁନାହିଁ। ଫଳରେ ୨୨ମୌଜାର ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ଟ୍ରାନ୍ସଫର୍ମରକୁ ସଂଯୋଗ ପାଇଁ ନୂଆ ପୋଲ୍‌ରେ ଲାଗିଥିବା ସିଲିଭର ବିଦ୍ୟୁତ୍ ତାର ବାରମ୍ବାର ଚୋରି ହେଉଛି। ସୋମବାର ବିଳମ୍ବିତ ରାତିରେ ନିଆଳି ଦିନାସିଂହପାଟଣା ନିକଟସ୍ଥ କାଳପଦା ଗହୀରରେ ଥିବା ୨୧ ଖୁଣ୍ଟରୁ ତାର ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଛନ୍ତି। ସେହିପରି ପୂର୍ବରୁ ଟୋଲାଗୋପୀନାଥପୁରଠାରୁ ତାମ୍ପଡା ପର୍ଯ୍ୟନ୍ତ ୩୦ଟି ଖୁଣ୍ଟରୁ ପ୍ରାୟ ୫ଲକ୍ଷ ଟଙ୍କାର ତାର ଚୋରି ହୋଇଥିବା ନେଇ ଗୁପ୍ତା ପାୱାର କମ୍ପାନୀ ପକ୍ଷରୁ ନିଆଳି ଥାନାରେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ନିଆଳି ଥାନା ଆଇଆଇସି ଦାୟିତ୍ୱରେ ଥିବା ଏସ୍‌ଆଇ ଅନାମ ଚରଣ ନାୟକ କୁହନ୍ତି, ଅଭିଯୋଗ ପାଇ ଅନୁସନ୍ଧାନ କରାଯାଉଛି। ଖୁବ୍‌ଶୀଘ୍ର ତାର ଚୋରି କରୁଥିବା ଅଭିଯୁକ୍ତଙ୍କୁ ଧରାଯିବ। ଅନ୍ୟପକ୍ଷରେ ଗୁପ୍ତା ପାୱାର କମ୍ପାନୀର ସାଇଟ୍ ଇଞ୍ଜିନିୟର ରଞ୍ଜିରଞ୍ଜନ ବେହେରା ଓ ପ୍ରକଳ୍ପ ଅଧିକାରୀ ପ୍ରିୟବ୍ରତ ପରିଡା କୁହନ୍ତି, ବାରମ୍ବାର ତାର ଚୋରି ଯୋଗୁ ଉକ୍ତ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ହେଇପାରୁନାହିଁ। କମ୍ପାନୀ ପକ୍ଷରୁ ଖୁବ୍‌ଶୀଘ୍ର ନୂତନ ତାର ଲଗାଯାଇ ଟ୍ରାନ୍ସଫର୍ମରକୁ ଉଦ୍‌ଘାଟନ କରାଯିବ।

କଟକ ସହରର ବିଭିନ୍ନ ଉଦ୍ୟାନରେ ଶୌଚାଳୟ ଓ ପାନୀୟଜଳ ବ୍ୟବସ୍ଥା ଦାବି କରି ବୁଧବାର ଭଗୱା ସେନା ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ଓଡ଼ିଶାକୁ ମଦମୁକ୍ତ ଦାବିରେ ପଦଯାତ୍ରା

ଫୁଲନଖରା, ୬।୨ (ଡି.ଏନ୍.ଏ.)

ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ଏକ ପଦଯାତ୍ରା ଫୁଲନଖରା ଛକରେ ପହଞ୍ଚିଥିଲା। ପରେ ଏହି ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ମହିଳାମାନେ ହାତରେ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା। ସମାଜ ଉପରେ ମଦର କୁପ୍ରଭାବ ପଡୁଛି। ମଦ ପିଇବା ଦ୍ୱାରା ଲୋକେ ଅବାଟକୁ ଚାଲି ଯାଉଛନ୍ତି। ଏପରି କି ନିଶାସକ୍ତଙ୍କ ଯୋଗୁ ନାବାଳିକା, ମହିଳା ଓ ଯୁବତୀମାନେ ରାସ୍ତାରେ ଯିବାଆସିବା କରିବାକୁ ନିରାପଦ ମଣୁନାହାନ୍ତି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ପଦଯାତ୍ରାରେ ଯାଉଥିବା ମହିଳାମାନେ ସ୍ଲୋଗାନ ଦେଇଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ପଟ୍ଟନାୟକ, ଅପର୍ଣ୍ଣା ନାୟକ ଓ ଇନ୍ଦୁମତୀ ସାହୁ ପଦଯାତ୍ରାର ନେତୃତ୍ୱ ନେଇଥିଲେ।

ଚାଳକଙ୍କୁ ସଚେତନ କଲେ ଛାତ୍ରୀଛାତ୍ର



ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରା।

ଟାଙ୍ଗୀ(କଟକ), ୬।୨(ଡି.ଏନ୍.ଏ.)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ବୁଧବାର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ସିଂ ଏବଂ ବି.ଟେକ୍ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ପରିବହନ ବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନର ମୁଖ୍ୟ ଫାଟକ ନିକଟରୁ ସଚେତନତା ଶୋଭାଯାତ୍ରା ବାହାରି ନଂ. ୧୬ ଜାତୀୟ ରାଜପଥରେ ମା' ଦୁର୍ଗା ଫିଲିଂ ଷ୍ଟେଶନ ପର୍ଯ୍ୟନ୍ତ ଯାଇଥିଲା। ବିନା ହେଲ୍‌ମେଟ୍ ଓ ସିଟ୍ ବେଲ୍ଟରେ ଗାଡି ଚଳାଉଥିବା ଲୋକମାନଙ୍କୁ ଛାତ୍ରୀଛାତ୍ରମାନେ ଗୋଲାପ ଫୁଲ ଦେଇ ସଡକ ସୁରକ୍ଷା ନିୟମ ମାନିବାକୁ ସଚେତନ କରାଇଥିଲେ। ଡିଗ୍ରୀ ଇଞ୍ଜିନିୟରିଂ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ କନିଷ୍ଠ ଏମ୍‌ଭିଆଇ ସଲିଳ ସେଠୀ, ପ୍ରାଧ୍ୟାପକ ଲୋକନାଥ ବେହେରା, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ସେଠୀ, ପରିବହନ ବିଭାଗର ଅଧିକାରୀ ଅଜିତ କୁମାର ମିଶ୍ର, ଅଧ୍ୟାପିକା ଶାଶ୍ୱତୀ ଦାଶ, ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ଛାତ୍ରୀ ସୁଶ୍ରୀ ମଧୁସ୍ମିତା ମିଶ୍ର, ମନୀଷା ଦେ, ରୂପାଲୀ ସାହା, ସିପ୍ରା ସାହୁ, ତିଥି ଚଟରାଜ, ରୋଜାଲିନ ଜେନା ଏବଂ ଛାତ୍ର କମଳଲୋଚନ ପଣ୍ଡା ଯୋଗେଦଇ 'ସଡକ ସୁରକ୍ଷା ଜୀବନ ରକ୍ଷା' ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ମୀନକେତନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ: ବନରକ୍ଷୀ ଗିରଫ

କଟକ ଅଫିସ, ୬।୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳକରି ଖୋର୍ଦ୍ଧା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ଗୌଡ଼ପୁଟ ବିଟ୍ ହାଉସର ବନରକ୍ଷୀ ଅର୍ଜୁନ ଦଳବେହେରା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ବନରକ୍ଷୀ ଦଳବେହେରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଦଳବେହେରାଙ୍କ ଭୁବନେଶ୍ୱର ବିଡିଏ କଲୋନୀଠାରେ ଥିବା ତିନି ମହଲା କୋଠା, ଖୋର୍ଦ୍ଧାର ଭାଲିଆବାଡ଼ିଠାରେ ଥିବା ସମ୍ପର୍କୀୟଙ୍କ ଘର ଓ ଗୌଡ଼ପୁଟ ବିଟ୍ ଅଫିସ ଆଦି ସ୍ଥାନ ଗତ ଡିସେମ୍ବର ୧୮ରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ଭିଜିଲାନ୍ସ ମୋଟ୍ ୭୧ ଲକ୍ଷ ୩୨ହଜାର ୫୮୫ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଥିଲା। ସମ୍ପତ୍ତିଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କୋଠା ସମେତ ଖୋର୍ଦ୍ଧାରେ ୪ଟି ପ୍ଲଟ, ନଗଦ ୨ ଲକ୍ଷ ୧୯ହଜାର ୮୦୭ ଟଙ୍କା ଓ ସୁନାଗହଣା ସାମିଲ ଥିଲା। ଠାବ ସମ୍ପତ୍ତିଗୁଡ଼ିକ ସମ୍ପର୍କରେ ଭିଜିଲାନ୍ସ ଯାଞ୍ଚ କରିବାବେଳେ ଦଳବେହେରାଙ୍କ ଆୟବ୍ୟୟର ହିସାବ କରିଥିଲା। ସମସ୍ତ ହିସାବ ପରେ ଠାବ ସମ୍ପତ୍ତିର ୫୦ ଲକ୍ଷ ୫୫ହଜାର ୮୭୬ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬୧/୨୦୧୮) ରୁଜୁ ହୋଇଥିଲା। ବୁଧବାର ଉକ୍ତ ମାମଲାକୁ ଆଧାର କରି ଭିଜିଲାନ୍ସ ଦଳବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

କଟକ ଜିଲା ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘର ବଣଭୋଜି

କଟକ ଅଫିସ, ୬।୨

କଟକ ଜିଲା ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘର ଚଳିତବର୍ଷ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ସତ୍ୟ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ପରିବାର ସହିତ ବାଙ୍କୀର ମା' ଚର୍ଚ୍ଚିକା ମନ୍ଦିର ପରିଦର୍ଶନ କରି ଆଠଗଡ଼ ଅଂଶୁପା ହ୍ରଦ କୂଳରେ ବଣଭୋଜି କରିଥିଲେ। ୬୦ ଜଣ ସଭ୍ୟଙ୍କୁ ନେଇ ମହାନଦୀବିହାର ରାମ ମନ୍ଦିର ନିକଟରୁ ବଣଭୋଜି ଯାତ୍ରା ଆରମ୍ଭ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା କାର୍ତ୍ତିକ ସିଂ, ଉପସଭାପତି କୈଳାସ ପରିଡ଼ା, ସାଧାରଣ ସମ୍ପାଦକ ବିଶ୍ୱମୋହନ ଘଡ଼ାଇ, ସହସମ୍ପାଦକ ଶମ୍ଭୁ ହେମ୍ବ୍ରମ୍, କୋଷାଧ୍ୟକ୍ଷ ରଞ୍ଜନ ବିଶୋଇ, ଅଶୋକ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଂଶୁପା କୂଳରେ ଅଧିକ ପାନୀୟଜଳର ବ୍ୟବସ୍ଥା ଏବଂ ଅଂଶୁପାରୁ ଦଳ ଓ ପଙ୍କ କଢା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅନୁଷ୍ଠାନର ସଭାପତି ମହାନ୍ତିଙ୍କ ସମେତ କର୍ମକର୍ତ୍ତାମାନେ ଦୃଢ ଦାବି କରିଛନ୍ତି।

ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସମ୍ମାନ ପ୍ରଦାନ ଉତ୍ସବ

କଟକ ଅଫିସ, ୬।୨

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସାମାଜିକ ସଙ୍ଗଠନ ଡ୍ରିଧାରା ଆନୁକୂଲ୍ୟରେ ଏକ ସଚେତନତା ସଭା ବୁଧବାର ରେଭେନ୍‌ଶା କଲିଜିଏଟ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରୀୟ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସମ୍ମାନ ପ୍ରଦାନ ଉତ୍ସବ ମଧ୍ୟ ଆୟୋଜିତ ହୋଇଥିଲା। ଡ୍ରିଧାରାର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜଷ୍ଟିସ ବୀର କିଶୋର ମିଶ୍ର ଉଦ୍‌ଘାଟନ କରି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ସଚ୍ଚୋଟତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ପୋଲିସ ଡିଜି ଗୋପାଳ ଚନ୍ଦ୍ର ନନ୍ଦ ଦୁର୍ଘଟଣା ରୋକିବାରେ ଜନସାଧାରଣଙ୍କ ଭୂମିକା, ପୋଲିସର କର୍ତ୍ତବ୍ୟନିଷ୍ଠା ଓ ସରକାରଙ୍କ ଆନ୍ତରିକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଥିଲେ, ଦୁର୍ଘଟଣା ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥିଲାବେଳେ ସମସ୍ତେ ନିୟମ ମାନି ଗାଡ଼ି ଚଲାଇଲେ ଦୁର୍ଘଟଣା ମାତ୍ରା ହ୍ରାସ ହୋଇପାରିବ। କଟକ ଅତିରିକ୍ତ ଶିକ୍ଷାଧିକାରୀ ସୁସ୍ମିତା ସାହୁ, ରାଜକିଶୋର ଦାସ, ରେଭେନ୍‌ଶା କଲିଜିଏଟ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନୁସ୍ମିତା ସ୍ୱାଇଁ, ଡ. ତନ୍ମୟ ମହାନ୍ତି, କୃଷ୍ଣଚନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ପୂର୍ବତନ ଜିଲାପାଳ ସୁଶାନ୍ତ ମହାପାତ୍ର, କମିଶନରେଟ ପୋଲିସର ପୂର୍ବତନ ଟ୍ରାଫିକ ଡିସିପି କୃଷ୍ଣଚନ୍ଦ୍ର ସାମଲ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ତନ୍ମୟ ମହାନ୍ତିଙ୍କୁ ରାଜ୍ୟସ୍ତରୀୟ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ସଡ଼କ ସୁରକ୍ଷା ସମ୍ପର୍କିତ ପୁସ୍ତକକୁଅତିଥିମାନେ ଉନ୍ମୋଚନ କରିଥିଲେ।

ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଜଳଯୋଗାଣ ବନ୍ଦ

କଟକ ଅଫିସ, ୬।୨

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ପକ୍ଷରୁ କେତେକ ଦାବି ନେଇ ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ଜଳ ଯୋଗାଣ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ୱାର୍କଚାର୍ଜ କର୍ମଚାରୀମାନଙ

ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟ ବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ।
- ଇମରସନ

ସଂକ୍ଷେପରେ

ସୁନାକେରା ତେନ୍ତୁଳିଡିହ କେନାଲ ରାସ୍ତା ଶୋଚନୀୟ

ଖୋର୍ଦ୍ଧା ଅଫିସ,୬।୨: ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ସୁନାକେରାଠାରୁ ତେନ୍ତୁଳିଡିହ ପର୍ଯ୍ୟନ୍ତ ଶାଲିଆ ଜଳ ସେଚନ ବିଭାଗର ରାସ୍ତାଟି ଦୀର୍ଘବର୍ଷ ଧରି ଶୋଚନୀୟ ହୋଇପଡିଛି। ରାସ୍ତାର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀଙ୍କ ଦାବିକୁ ଅଣଦେଖା କରାଯାଉଥିବାରୁ ସୁନାକେରା, ବାଲିପଦର, ତେନ୍ତୁଳିଡିହ, ରଙ୍କନାଥପାଟଣା, ନୂଆଗାଁ, ଖଣନ୍ତ, ବିଷ୍ଣୁଡିହ ପରି ୧୦ ଖଣ୍ଡ ଗାଁର ଲୋକ ହଇରାଣ ହୋଇ ଆସୁଛନ୍ତି। ଉପରୋକ୍ତ ଗ୍ରାମର ଶତାଧିକ ଛାତ୍ରୀଛାତ୍ର ପ୍ରତ୍ୟହ ଏହି ରାସ୍ତା ଦେଇ ଗୋଦାବରୀଶ ମହାବିଦ୍ୟାଳୟ, ଗ୍ରାମୀଣ ମହିଳା ମହାବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟକୁ ଯାଆଆସ କରିଥାନ୍ତି। ୧୩ ଶହ ମିଟରର ମାଟି ରାସ୍ତାଟିରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇରହିଛି। ଫଳରେ ବିଭିନ୍ନ ସମୟରେ ଛୋଟ ଛୋଟ ଦୁର୍ଘଟଣାମାନ ଘଟୁଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହେବା ସହ ୨୦୧୮ ମାର୍ଚ୍ଚରେ ସ୍ଥାନୀୟ ଅଞ୍ଚଳର ଜନୈକ ଠିକାଦାର ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ରାସ୍ତା ନିର୍ମାଣ ସମୟରେ ଠିକ୍ ପରିମାଣର ମୋରମ ଓ ମାଟି ବ୍ୟବହାର କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ଠିକାଦାର ରାସ୍ତା କାମ ଅଧାରେ ଛାଡି ଦେଇଥିଲେ। ଏ ମଧ୍ୟରେ ରାସ୍ତା ନିର୍ମାଣର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ କାମ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି।

ଚୈତନ୍ୟଦେବଙ୍କ ମନ୍ଦିର ପ୍ରତିଷ୍ଠା

କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ ମାଲୁଦ ପାଇକସାହିରେ ଶ୍ରୀ ଚୈତନ୍ୟଦେବଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାରଠାରୁ ଶୁଭାରମ୍ଭ ହୋଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଆୟୋଜିତ ହେବ। ପ୍ରତିଷ୍ଠା ଦିବସରେ କଳଶ ଯାତ୍ରାରେ ପବିତ୍ର ଜଳ ଆଣିବା, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହେଉଛି। ପ୍ରତିଷ୍ଠା ପରେ ଶ୍ରୀ ଚୈତନ୍ୟଙ୍କୁ ମନ୍ଦିରସ୍ଥ ସିଂହାସନରେ ଅବସ୍ଥାପିତ କରାଯିବା ସହିତ ପାର୍ଶ୍ୱଦେବତାମାନଙ୍କୁ ମଧ୍ୟ ନିଜ ଆସ୍ଥାନରେ ରଖାଯିବ। ଏହି ମହୋତ୍ସବ ଦେଖିବା ପାଇଁ ବିଭିନ୍ନ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ଼ ଲାଗିରହିଛି।

ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ବୋଲଗଡ଼,୬।୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତ ପାଟବନ୍ଧସ୍ଥିତ ଶ୍ରୀଶ୍ରୀ ପଣ୍ଟିମେଶ୍ୱରଦେବଙ୍କ ପୀଠରେ ୪ଦିନ ଧରି ଆୟୋଜିତ ହୋଇଥିବା ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି ମହାଯଜ୍ଞରେ ସାମାଜିକ କର୍ମୀ ପ୍ରଦୀପ ସାହୁ, କୃଷ୍ଣ ଚନ୍ଦ୍ର ବାରିକ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସଦାଶିବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତି ସନ୍ଧ୍ୟାରେ ବାଦି ଭାଗବତ ଓ ବାଦୀ ସଂକୀର୍ତ୍ତନ, ହନୁମାନଚାଳିଶା ପଠନ ଏବଂ ପୂର୍ଣ୍ଣାହୁତି ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

■ ମାନସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ବଡ଼ଭାଇ ସାଜିଥିଲେ ହତ୍ୟାକାରୀ

ସାନଭାଇର ଖର୍ଚ୍ଚକୁ ନେଇ ଲାଗି ରହୁଥିଲା

ଗିରଫ ଅଭିଯୁକ୍ତ ପାର୍ଥ ଭଜମିଶ୍ର।

ନିରାକାରପୁର,୬।୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ସ୍ଥାନୀୟ କଲେଜ ଛକ ନିକଟ ପୁରୁଣା ଶ୍ମଶାନ ପଛପଟ ଜନବସତି ଅଞ୍ଚଳରୁ ଗତ ଜାନୁୟାରୀ ୨୭ରେ ପୋଲିସ ଏକ ରକ୍ତାକ୍ତ ମୃତଦେହ ଉଦ୍ଧାର କରିଥିଲା। ମୃତକ ଥିଲେ ନିରାକାରପୁର ଥାନା ଅଧୀନ ଡିଆ ପଞ୍ଚାୟତ ଭଜସାହି ଗ୍ରାମର ମାନସ ରଞ୍ଜନ ଭଜମିଶ୍ର। ବୁଧବାର ମଧ୍ୟାହ୍ନ ୧୨ଟାରେ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଉକ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ସାନଭାଇ ଅଧିକ ଖର୍ଚ୍ଚ କରୁଥିବାରୁ ଅସନ୍ତୋଷ ପ୍ରକାଶ କରି ବଡ଼ଭାଇ ଏଭଳି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନାଯୋଗ୍ୟ, ମୃତ ଯୁବକଙ୍କ ବାପା ଭାଗୀରଥିଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୬/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୋଲିସ ପକ୍ଷରୁ ସନ୍ଧାନୀ କୁକୁର ଓ ତଦନ୍ତକାରୀ ଦଳ ୧୧ ଦିନଧରି ତନାଘନା ଜାରି ରହିଥିଲା। ଶେଷରେ ମୃତକଙ୍କ ବଡଭାଇ ପାର୍ଥ ଓରଫ୍ କପିଳ(୨୬)ଙ୍କୁ ଡାକି ପୋଲିସ ପଚରାଉଚରା କରିବା ସମୟରେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ନିକଟରେ ପାର୍ଥ ପ୍ରକାଶ କରିଥିବା ସୂଚନା ଅନୁସାରେ, ମାନସଙ୍କ ଅଯଥା ଖର୍ଚ୍ଚ ନେଇ ସେ ଦୀର୍ଘଦିନ ଧରି ଅସନ୍ତୋଷ ମଧ୍ୟରେ ରହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା। ମାନସଙ୍କୁ ହତ୍ୟା କରାଯିବାର ୨ ଦିନ ପୂର୍ବରୁ ପାର୍ଥ ରଖିଥିବା ୨ ହଜାର ଟଙ୍କା ନେଇ ସେ ଘରୁ ନେଇ ଚାଲି ଯାଇଥିଲେ। ପାର୍ଥ ବହୁ ଖୋଜାଖୋଜି କରିବା ପରେ ଜାନୁୟାରୀ ୨୬ରେ ସ୍ଥାନୀୟ କ୍ଷେତ୍ରବାସୀ ମହାବିଦ୍ୟାଳୟ ପଥରଖଣି ଅଞ୍ଚଳରେ ମାନସଙ୍କୁ ଦେଖିବାକୁ ପାଇଥିଲେ। ତାଙ୍କୁ ଡାକିବାରୁ ସେ ଶୁଣି ନ ଥିଲେ। ତେଣୁ ପାର୍ଥ ଦୌଡ଼ିଯାଇ ମାନସ ଅଣ୍ଟାକୁ ଗୋଇଠା ମାରିବାରୁ ସେ ମଧ୍ୟ ଗୋଇଠା ମାରିଥିଲେ। ପରେ ରାଗରେ ପାର୍ଥ ପରିବା ଟ୍ରେରେ ନେଇଥିବା ଭୁଜାଲିରେ ମାନସଙ୍କ ବେକକୁ ହାଣି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ହତ୍ୟାକାଣ୍ଡ ପୂର୍ବରୁ ସେ ଥରେ ୭୦ ହଜାର ଓ ଆଉ ଥରେ ୩୮ ହଜାର ଟଙ୍କା ନେଇ ଚାଲି ଯାଇଥିବା ଏବଂ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ନେଇ ପାର୍ଥ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ କୃତିବାସ ଜେନା ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି। ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସମ୍ମିଳନୀରେ ଉପସ୍ଥିତ ରହିଥିଲେ। ହତ୍ୟାକାଣ୍ଡର ଅଧିକ ତଥ୍ୟ ହାସଲ ନିମନ୍ତେ ପୋଲିସ ତଦନ୍ତ ଜାରି ରଖିଛି।

■ ଜଟଣୀ ମ୍ୟୁନିସିପାଲିଟିର ଅନେକ ଅଞ୍ଚଳକୁ ପାଇପ୍ ବିଛା ହୋଇନି

ମୁଣ୍ଡଳୀ ଜଳଯୋଗାଣ ପ୍ରକଳ୍ପରୁ ବହୁ ଲୋକ ବଞ୍ଚିତ

ଜଟଣୀ,୬।୨(ଡି.ଏନ.ଏ.)

୮ ନଂ. ୱାର୍ଡର ଅଧିବାସୀ ପାଣି ପାଇଁ ନଳକୂପ ପାଖରେ ଗହଳି ଲଗାଇଛନ୍ତି।

ଜଟଣୀ ମ୍ୟୁନିସିପାଲିଟି ଏକ ଜଳକ୍ଲିଷ୍ଟ ଅଞ୍ଚଳ। ସବୁବର୍ଷ ଗ୍ରୀଷ୍ମଋତୁରେ ମ୍ୟୁନିସିପାଲିଟି ଜନସାଧାରଣ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ରାୟ ଅଧିକାଂଶ କୂଅ, ପୋଖରୀ ଶୁଖିଯାଇଥାଏ। ଜଳସ୍ତର ହ୍ରାସ ଘଟି ନଳକୂପରୁ ପାଣି ବାହାରେ ନାହିଁ। ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଓ ଟ୍ୟାଙ୍କର ମାଧ୍ୟମରେ ହେଉଥିବା ଜଳଯୋଗାଣ ଉପରେ ଖରା ୪ ମାସ ଲୋକେ ନିର୍ଭର କରିଥାନ୍ତି। ଏହା ମଧ୍ୟ ଆବଶ୍ୟକତା ପୂରଣ କରି ପାରି ନ ଥାଏ। ଏହିପରି ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକେ ହଇରାଣ ହୋଇ ଆସୁଥିଲେ।

କଟକ ମୁଣ୍ଡଳୀରୁ ଜଟଣୀ ସହରକୁ ପାଣି ଯୋଗାଣ ପରେ ଏହି ସମସ୍ୟା ଦୂର ହୋଇଯିବ ବୋଲି ଲୋକେ ଭାବିଥିଲେ। ଏହି ପ୍ରକଳ୍ପରୁ ଜଳଯୋଗାଣ ପରେ ମ୍ୟୁନିସିପାଲିଟିର ଯେଉଁ ଅଞ୍ଚଳରେ ପାଇପ୍ ବିଛାଯାଇଛି ସେମାନେ କେବଳ ପାଣି ପାଉଛନ୍ତି। କିନ୍ତୁ ଯେଉଁ ଅଞ୍ଚଳରେ ଏହା ବିଛାଯାଇନି ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ରେଲୱେ ୱାର୍ଡକୁ ଛାଡି ଜଟଣୀ ମ୍ୟୁନିସିପାଲିଟିର ଅନେକ ଅଞ୍ଚଳରେ ପାଇପ୍ ବିଛାଯାଇନାହିଁ। ୮ ନଂ. ୱାର୍ଡ ଅନ୍ତର୍ଗତ ବିଡିଏ କଲୋନୀ ଅଞ୍ଚଳର ବହୁ ସ୍ଥାନରେ ପାଇପ୍ ବିଛା ଯାଇ ନ ଥିବାରୁ ଏଠାରେ ୫୦୦ରୁ ଅଧିକ ଲୋକ ପାଣି ପାଇଁ ଏବେଠାରୁ ସମସ୍ୟାର ସମ୍ମୁଖୀନ ହେଲେଣି। ଏଠାରେ ଥିବା ଦୁଇଟି ନଳକୂପ ଉପରେ ଅଞ୍ଚଳ ବାସିନ୍ଦା ନିର୍ଭର କରୁଛନ୍ତି। କଲୋନୀର ଲକ୍ଷ୍ମୀପ୍ରିୟା ବେହେରା, ମଞ୍ଜୁଲତା ବେହେରା, ବଳରାମ ନାୟକ, ରତ୍ନାକର ସାହୁ ଓ ଅନ୍ୟମାନେ କୁହନ୍ତି, ଖରାଦିନ ଆରମ୍ଭରୁ ରହିଥିବା ନଳକୂପରୁ ପାଣି ବାହାରିବା କମିଲାଣି। ଖରାଦିନେ କିପରି ପରିସ୍ଥିତି ହେବ ଏଥିରୁ ଅନୁମାନ କରାଯାଇପାରେ। ଏହି ଅଞ୍ଚଳରେ ପାଇପ୍ ବିଛାଇବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ବହୁବାର ଅଭିଯୋଗ କରାଯାଇଛି। ହେଲେ କୌଣସି ସୁଫଳ ମିଳି ନ ଥିବା ଲୋକେ କହିଛନ୍ତି। ବିଡିଏ କଲୋନୀ ବ୍ୟତୀତ ମ୍ୟୁନିସିପାଲିଟିର ପ୍ରାୟ ସବୁ ୱାର୍ଡରେ ପାଇପ୍ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏହାଦ୍ୱାରା ମୁଣ୍ଡଳୀରୁ ଯୋଗାଣ ହେଉଥିବା ପାଣି ପାଇବାରୁ ବହୁ ଲୋକ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଜଟଣୀ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଅରୁଣ କୁମାର ସୁବୁଦ୍ଧିଙ୍କୁ ପଚାରିବାରେ ପାଇପ୍ ବିଛା କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଲିଛି। ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ସାଢେ ୧୧ କିମି ପାଇପ୍ ବିଛାଇବା ପାଇଁ ଟେଣ୍ଡର ସରିଛି। ଏହାର କାମ ଶୀଘ୍ର ଆରମ୍ଭ ହୋଇ ଶେଷ କରାଯିବ ବୋଲି ସେ କହିଥିଲେ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ: ବନରକ୍ଷୀ ଗିରଫ

କଟକ ଅଫିସ, ୬।୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳକରି ଖୋର୍ଦ୍ଧା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ଗୌଡ଼ପୁଟ ବିଟ୍ ହାଉସର ବନରକ୍ଷୀ ଅର୍ଜୁନ ଦଳବେହେରା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ବନରକ୍ଷୀ ଦଳବେହେରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଦଳବେହେରାଙ୍କ ଭୁବନେଶ୍ୱର ବିଡିଏ କଲୋନୀଠାରେ ଥିବା ତିନି ମହଲା କୋଠା, ଖୋର୍ଦ୍ଧାର ଭାଲିଆବାଡ଼ିଠାରେ ଥିବା ସମ୍ପର୍କୀୟଙ୍କ ଘର ଓ ଗୌଡ଼ପୁଟ ବିଟ୍ ଅଫିସ ଆଦି ସ୍ଥାନ ଗତ ଡିସେମ୍ବର ୧୮ରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ଭିଜିଲାନ୍ସ ମୋଟ୍ ୭୧ ଲକ୍ଷ ୩୨ହଜାର ୫୮୫ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଥିଲା। ସମ୍ପତ୍ତିଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କୋଠା ସମେତ ଖୋର୍ଦ୍ଧାରେ ୪ଟି ପ୍ଲଟ, ନଗଦ ୨ ଲକ୍ଷ ୧୯ହଜାର ୮୦୭ ଟଙ୍କା ଓ ସୁନାଗହଣା ସାମିଲ ଥିଲା। ଠାବ ସମ୍ପତ୍ତିଗୁଡ଼ିକ ସମ୍ପର୍କରେ ଭିଜିଲାନ୍ସ ଯାଞ୍ଚ କରିବାବେଳେ ଦଳବେହେରାଙ୍କ ଆୟବ୍ୟୟର ହିସାବ କରିଥିଲା। ସମସ୍ତ ହିସାବ ପରେ ଠାବ ସମ୍ପତ୍ତିର ୫୦ ଲକ୍ଷ ୫୫ହଜାର ୮୭୬ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬୧/୨୦୧୮) ରୁଜୁ ହୋଇଥିଲା। ବୁଧବାର ଉକ୍ତ ମାମଲାକୁ ଆଧାର କରି ଭିଜିଲାନ୍ସ ଦଳବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

■ ଗାଡ଼ିକୁ ଅଟକାଇ ଚାଷୀଙ୍କୁ ଭିଡ଼ିନେଲା ପୋଲିସ

ଉପବାସରେ ରଖି ଅପରାହ୍ନରେ ଛାଡ଼ିଲେ, ଜଣେ ଅସୁସ୍ଥ

ଅଟକ ରଖାଯାଇଥିବା ଚାଷୀମାନେ।

ଖୋର୍ଦ୍ଧା ଅଫିସ,୬।୨

ଭୁବନେଶ୍ୱରରେ ବୁଧବାର ହେବାକୁ ଥିବା ରାଜ୍ୟ ନବନିର୍ମାଣ କୃଷକ ସଙ୍ଗଠନର ସମାବେଶ ଶୋଭାଯାତ୍ରାକୁ ଯାଉଥିବା କୃଷକ ସଙ୍ଗଠନର ଗାଡିକୁ ଅଟକାଇ ଚାଷୀଙ୍କୁ ପୋଲିସ ଭିଡ଼ିନେଇଥିଲା। ପାଣି, ଖାଦ୍ୟ ନ ଦେଇ ଅପରାହ୍ନରେ ଛାଡିବା ପରେ ଗଞ୍ଜାମର କାଶୀନାଥ ଗୌଡ ନାମକ ଜଣେ ଚାଷୀ ଅସୁସ୍ଥ ହୋଇ ପଡିଥିଲେ। ଅସୁସ୍ଥ କାଶୀନାଥଙ୍କୁ ପୋଲିସ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ତାଙ୍କୁ ସୁସ୍ଥ ଥିବା ଦର୍ଶାଇ ଛାଡି ଦିଆଯାଇଛି। ଗଞ୍ଜାମ ଜିଲା ଏମ୍ ତିହିଡ଼ି ବାଲିଛାଇ ଗ୍ରାମରୁ ୩ଟି ବସ ଏବଂ ଟାଟା ମ୍ୟାଜିକ୍‌ରେ ଶତାଧିକ ଚାଷୀ ୧୬ ନଂ. ଜାତୀୟ ରାଜପଥରେ ଭୁବନେଶ୍ୱର ଯାଉଥିଲେ। ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଖୋର୍ଦ୍ଧା ଆଦର୍ଶ ଥାନା ଓ ସଦର ଥାନା ପୋଲିସ ସେମାନଙ୍କୁ ଅଟକାଇ ତରଡୁଆସ୍ଥିତ ଗିଜର୍ଭ ଅଫିସକୁ ନେଇ ଯାଇଥିଲା। ସେଠାରେ ବୁଧବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଷୀମାନଙ୍କୁ ଅଟକ ରଖାଯାଇଥିଲା। ପରେ ୧୬ ନଂ. ଜାତୀୟ ରାଜପଥ ତାପଙ୍ଗ ଛକଠାରେ ଛାଡି ଦେଇଥିଲେ। ସେହିପରି ଭୁବନେଶ୍ୱର ଯାଉଥିବା ବାଣପୁରରେ ୫୪ ଚାଷୀଙ୍କୁ ଅଟକ ରଖି ସନ୍ଧ୍ୟାରେ ଛାଡି ଦେଇଛି। ଚାଷୀଙ୍କ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହୁଥିବାବେଳେ ପୋଲିସ ସହାୟତାରେ ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ପ୍ରୟାସ କରାଯାଉଥିବା ସଙ୍ଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଲୋଚନାଚକ୍ର

ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୬।୨(ଡି.ଏନ୍.ଏ.)

ଜଟଣୀ ପ୍ରାଣନାଥ ହାଇସ୍କୁଲ ପରିସରରେ ଖୋର୍ଦ୍ଧାରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା 'ଆମରି ସତ୍ୟ' ପକ୍ଷରୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପତ୍ରିକାର ଉପଦେଷ୍ଟା ତଥା ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ଡା. ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରମାନେ ଦେଶଭକ୍ତ, ମାତାପିତା ତଥା ଗୁରୁଜନଙ୍କୁ ଭକ୍ତି କରିବା, ଆଚରଣ ଓ ଉଚ୍ଚାରଣରେ ଶାଳିନତା ରଖିବା ଦରକାର। ଏଥିସହ କଠୋର ଅଧ୍ୟୟନଶୀଳ ହେବାକୁ ପୁରାଣ ଓ ବେଦ ଉପନିଷଦର ଉଦାହରଣ ଦେଇ ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିମାରାଣୀ ସ୍ୱାଇଁ କାର୍ଯ୍ୟକ୍ରମର ପ୍ରାକ୍ ସୂଚନା, ଅତିଥି ପରିଚୟ ଓ ସଂଯୋଜନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରମାନଙ୍କ ସହ ଅତିଥିଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ସରୋଜିନୀ ଦାସ ଧନ୍ୟବାଦ ଦେଇଥିଲେ।

ଭଲିବଲ୍ ଟୁର୍ନାମେଣ୍ଟ: ସିପିଆ ଦଳ ବିଜୟୀ

କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକ ଖୋଲଗଞ୍ଜ ଗୋପବନ୍ଧୁ ମିନିଷ୍ଟାଡିୟମ୍‌ରେ ବୁଧବାର ୩ୟ ବାର୍ଷିକ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୨୬ରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ୧୬ ଟିମ୍ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ କୃଷ୍ଣପ୍ରସାଦଗଡ଼ ଭଲି କ୍ଲବ୍ ଓ ସିପିଆ ଟିମ୍ ମଧ୍ୟରେ ହୋଇଥିଲା। ସିପିଆ ୪-୧ ସିରିଜ ମ୍ୟାଚ୍‌ରେ ବିଜୟୀ ହୋଇଛି। ବିଜୟୀ ଦଳକୁ ଅତିଥିମାନେ ସିଲ୍, ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଭାରେ ସରପଞ୍ଚ ପ୍ରଶାନ୍ତ କୁମାର ମାନସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥିଙ୍କ ଭାବେ ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ, ଶିକ୍ଷାବିତ୍

ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟ ବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ।
– ଇମରସନ

ସଂକ୍ଷେପରେ

ବାଲୁଙ୍କେଶ୍ୱର ମନ୍ଦିରରୁ ଗଣେଶ ମୂର୍ତ୍ତି ଚୋରି

ସାକ୍ଷୀଗୋପାଳ, ୬।୨ (ସ୍ୱ.ପ୍ର./ଡି.ଏନ.ଏ.): ସତ୍ୟବାଦୀ ଥାନା ବଳପୁର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରୁ ମଙ୍ଗଳବାର ରାତିରେ ଗଣେଶ ଠାକୁରଙ୍କ ମୂର୍ତ୍ତି ଚୋରି ହୋଇଛି। ମନ୍ଦିର ବେଢ଼ା ମଧ୍ୟରେ ଗଣେଶଙ୍କ ଜାଲି କବାଟ ମୁକୁଳା ପଡିଥିବା ବେଳେ ଠାକୁରଙ୍କୁ କେହି ସେଠାରୁ ତାଡି ନେଇଯାଇଥିବା ପୂଜକ ସକାଳୁ ଦେଖିଥିଲେ। ଏହି ଖବର ଜଣାପଡ଼ିବା ପରେ ସେଠାରେ ଗ୍ରାମବାସୀ ଓ ମନ୍ଦିର ପରିଚାଳନା ସଦସ୍ୟ ପହଞ୍ଚିଥିଲେ। ଏ ନେଇ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନୀଳ ଓ କଳା ମିଶ୍ରିତ ରଙ୍ଗ, ଦେଢ଼ଫୁଟ ଉଚ୍ଚ ପ୍ରାଚୀନ କମନୀୟ ବିଗ୍ରହଟି ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ରହିଥିଲେ। ସୂଚନାଯୋଗ୍ୟ, ଗତ ୨୦୧୪ ମସିହାରେ ଉକ୍ତ ମନ୍ଦିର ମଧ୍ୟରୁ ସାଢ଼େ ୪ ଫୁଟ ଉଚ୍ଚର ସୂର୍ଯ୍ୟନାରାୟଣ ମୂର୍ତ୍ତି, ଗତ ମେ ମାସରେ ଠାକୁରଙ୍କ ମୂଲ୍ୟବାନ ରୁପା ଅଳଙ୍କାର ଓ ପୂଜା ବାସନ ଆଦି ଦୁବୃର୍ତ୍ତମାନେ ଲୁଟି ନେଇଥିଲେ ।

ପୁରୀ ହିଂସା: ପୁଣି ୨ ଗିରଫ

ପୁରୀ ଅଫିସ,୬।୨: ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ବୁଧବାର ସିଂହଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା କରିବା ଅଭିଯୋଗରେ ଥାନାରେ ରୁଜୁ କେସ୍ ନଂ.୮୩/୧୮ରେ ମୁଦୁଲି ଜାଗାର ମିଲୁ ମହାପାତ୍ର ଏବଂ ଜଗନ୍ନାଥ ବସ୍ତିର କାହ୍ନା ପ୍ରଧାନଙ୍କୁ ଗିରଫ କରାଯାଇଥିବା ସିଂହଦ୍ୱାର ଆଇଆଇସି ଶ୍ରବଣ ମହାରଣା କହିଛନ୍ତି।

ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଆନ୍ଦୋଳନ

ସାକ୍ଷୀଗୋପାଳ,୬।୨(ଡି.ଏନ.ଏ.): ସତ୍ୟବାଦୀ ବ୍ଲକରେ କାମ କରୁଥିବା ଆଠଜଣ କୃଷି କର୍ମଚାରୀ କଳାବ୍ୟାଜ ପିନ୍ଧି ପ୍ରତିକାରାତ୍ମକ ଆନ୍ଦୋଳନ କରିଛନ୍ତି। ରାଜ୍ୟ ସଂଘ ଡାକରାରେ ମଙ୍ଗଳବାରଠାରୁ ସେମାନେ ଆନ୍ଦୋଳନରେ ସାମିଲ ହୋଇ ପଦବୀର ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରିବା, ସେମାନଙ୍କୁ କ୍ୟାଡରଭୁକ୍ତ, ପଦୋନ୍ନତି କ୍ଷେତ୍ରରେ ଅଗ୍ରାଧିକାର, ଆବଶ୍ୟକ ସଂଖ୍ୟକ ପଦବୀ ପୂରଣ ନେଇ ଦାବି କରାଯାଇଥିବା ସତ୍ୟବାଦୀ ବ୍ଲକ ଶାଖା କୃଷି କର୍ମଚାରୀ ସଂଘର ସଭାପତି ନିବେଦିତା ଦ୍ୱିବେଦୀ କହିଛନ୍ତି। ଏମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କାମ କରିବାକୁ ଦିଆଯାଉଥିଲେ ମଧ୍ୟ ପାରିଶ୍ରମିକ ମିଳୁ ନାହିଁ। ଫଳରେ ଅସନ୍ତୋଷ ପ୍ରକାଶ କରି ବିଷ୍ଣୁଚରଣ ରଥ, ରତିକାନ୍ତ ପ୍ରଧାନ, ସରୋଜ ସେଠୀ, ରୋଜାଲିନ ଖୁଣ୍ଟିଆ, ରତିକାନ୍ତ ମିଶ୍ର, ସୁଜାତା ବିଶ୍ୱାଳ, ରଶ୍ମିତା ପାତ୍ର ପ୍ରମୁଖ କଳାବ୍ୟାଜ ପିନ୍ଧି କାର୍ଯ୍ୟରେ ଯୋଗଦେଇ ଦାବି ପୂରଣ ନ ହେଲେ ସମୂହ ଛୁଟିନେବେ ବୋଲି କହିଛନ୍ତି।

ଶୌଚାଳୟ ନିର୍ମାଣରେ ଦୁର୍ନୀତି ଅଭିଯୋଗ

ତଦନ୍ତ ପରେ ହିତାଧିକାରୀଙ୍କୁ ମିଳିବ ଅର୍ଥ

ଗୋପ,୬।୨(ଡି.ଏନ୍.ଏ)

ଗୋପ ବ୍ଲକରେ ଶୌଚାଳୟ ନିର୍ମାଣରେ ଦୁର୍ନୀତି ଅଭିଯୋଗ ହେଉଥିବା ବେଳେ ବିଡିଓଙ୍କ ଟେବୁଲରେ ୬ଶହରୁ ଊର୍ଦ୍ଧ୍ୱ ଫାଇଲ୍ ପଡ଼ି ରହିଥିବା ଜଣାପଡ଼ିଛି। ଏହି ଶୌଚାଳୟ ନିର୍ମାଣ କରୁଥିବା କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଜଳ ପରିମଳ ବିଭାଗର କେତେଜଣ କର୍ମଚାରୀ ଗୋଟିଏ ଶୌଚାଳୟକୁ ନାମ ପରିବର୍ତ୍ତନ କରି ମିଥ୍ୟା ବିଲ୍ କରୁଥିବା ଅଭିଯୋଗ ହେଉଛି। ଫଳରେ ଏପରିକି ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି। ପ୍ରକାଶ ଯେ, ଗୋପ ପଞ୍ଚାୟତ ସମିତି ଅଧୀନ ୩୧ଟି ପଞ୍ଚାୟତରେ ୪୧ ହଜାର ୫୨୬ଟି ଶୌଚାଳୟ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୪,୦୨୩ଟି ଶୌଚାଳୟ ନିର୍ମାଣ କରାଯାଇ ହିତାଧିକାରୀମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇଛି। ଗୋପ ବ୍ଲକର ଧୂମାଳ ପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଘୋଷଣା କରାଯାଇଛି। ମାତ୍ର କେତେଜଣ କର୍ମଚାରୀ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ କରି କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏଥିସହ କେତେଜଣ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ଶହ ଶହ ବିନିଯୋଗ ପ୍ରମାଣପତ୍ର ବ୍ଲକ କାର୍ଯ୍ୟାଳୟରେ ପଡ଼ିରହିଛି। ଏହି ଯୋଜନା ୨୦୧୪ ରେ ଆରମ୍ଭ ହୋଇଥିବାବେଳେ ୨୦୧୯ ସୁଦ୍ଧା ସମସ୍ତ ଶୌଚାଳୟ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ଗୋପ ବ୍ଲକର ୩୧ଟି ପଞ୍ଚାୟତରେ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ମଛର ଯୋଗୁ ୨୦୧୯ ସୁଦ୍ଧା ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ଦେଖାଦେଇଛି। ତେବେ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଶୌଚାଳୟ ନିର୍ମାଣ ଅଭିଯୋଗ ଆସିବା ପରେ ଓ ବିଡିଓଙ୍କ ଟେବୁଲ ଉପରେ ପଡ଼ିଥିବା ଫାଇଲ୍ ଦସ୍ତଖତ ନ ହେବାରୁ ଜିଲା ପରିମଳ ବିଭାଗର କେତେଜଣ ଅଧିକାରୀ ଏ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ଏ ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଡିଓ ବିଡିଓ ଦୀପ୍ତିରାଣୀ ଦାଶ କୁହନ୍ତି, ତଦନ୍ତ ପରେ ଶୌଚାଳୟ କରିଥିବା ହିତାଧିକାରୀମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଜଳ ପରିମଳ କନିଷ୍ଠ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟ କୁହନ୍ତି, ଏପରି ଦୁର୍ନୀତି ମୋ ନଜରକୁ ଆସି ନ ଥିବାବେଳେ ତଥାପି ତଦନ୍ତ କରିବି ବୋଲି ସେ କହିଥିଲେ।

ଲୋକନାଥ ରୋଡ୍ ହାତୀଶାଳଠାରେ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିମାନଙ୍କ ସହାୟତାରେ ସମୂହ ବ୍ରତୋପନୟନ ।

ସମୂହ ବ୍ରତୋପନୟନ

ପୁରୀ ଅଫିସ,୬।୨

ପୁରୀ ଉପକଣ୍ଠ ଲୋକନାଥ ରୋଡ ହାତୀଶାଳଠାରେ ବୁଧବାର ସ୍ଥାନୀୟ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସହାୟତାରେ ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭାସ୍କର ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଏକାଧିକ ବ୍ରାହ୍ମଣ କୁମାରଙ୍କ ବ୍ରତୋପନୟନ ହୋଇଥିଲା। ଦୀର୍ଘ ୧୨ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଉତ୍ସବରେ ପ୍ରାୟ ଶହେ ଜଣ ବ୍ରାହ୍ମଣ କୁମାରଙ୍କ ବ୍ରତୋପନୟନ କରାଯାଇଥିବା ପଣ୍ଡିତ ଦାଶ କହିଛନ୍ତି।

ମାଘ ସପ୍ତମୀ ବ୍ରତ ନିମନ୍ତେ ଦ୍ୱିତୀୟ ସମନ୍ୱୟ ବୈଠକ

କୋଣାର୍କ,୬।୨(ଡି.ଏନ୍.ଏ)

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ଚନ୍ଦ୍ରଭାଗା ମାଘ ସପ୍ତମୀ ବ୍ରତ ନିମନ୍ତେ ବୁଧବାର ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜିଲାପାଳ ଦାସ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏହି ମେଳାରେ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟସେବା ପାଇଁ ରାମଚଣ୍ଡୀ, ମେଳାପଡିଆ, ହେଲିପ୍ୟାଡ ଓ କୋଣାର୍କ ମେଡିକାଲଠାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯିବ। ଏହା ସହ ୩ଜଣ ଅତିରିକ୍ତ ଡାକ୍ତର ମୁତୟନ ସହ ଆମ୍ବୁଲାନ୍ସ ସେବା ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଯୋଗାଇ ଦିଆଯିବା ସହିତ ଗୋପ, ଚାରିଛକ, ବାଙ୍ଗୁରି ଗାଁ ଓ ବାଲିଦୋକାନ ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ମହଜୁଦ ରଖାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ୧୦୦ଟି ଅସ୍ଥାୟୀ ପାଇଖାନା ଓ ମେଳା ପଡିଆରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ୪୦ଟି ନଳକୂପ ସହ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯିବା ନେଇ ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ହଜିଲା ଖୋଜିଲା ମଞ୍ଚ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପୁରୀ ଏସ୍‌ପିଙ୍କ ନେତୃତ୍ୱରେ ୩୦ପ୍ଲାଟୁନ ଫୋର୍ସ ମୁତୟନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ନିମନ୍ତେ ବ୍ୟବସ୍ଥା ହୋଇଥିବା ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ପ୍ରତାପ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ଶ୍ରଦ୍ଧାଳୁଙ୍କ ପାଇଁ ପୁରୀରୁ ଆସୁଥିବା ଗାଡିଗୁଡିକୁ ରାମଚଣ୍ଡୀ, ଭୁବନେଶ୍ୱରରୁ ଆସୁଥିବା ଗାଡିଗୁଡ଼ିକ ଜୁଣେଇଁ ଓ କୋଣାର୍କ ମ୍ୟୁଜିୟମଠାରେ କାକଟପୁରରୁ ଆସୁଥିବା ଗାଡିଗୁଡିକ କୋଣାର୍କ ବସଷ୍ଟାଣ୍ଡ, ହେଲିପ୍ୟାଡ ପଡିଆ ଓ ଇଣ୍ଡିଆନ ଅଏଲ ପାର୍କିଂ ଠାରେ ରଖାଯିବା ପାଇଁ ସ୍ଥିର ହୋଇଛି। ଚନ୍ଦ୍ରଭାଗା ଜୟଦେବ ବାଟିକା ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖେଚୁଡି ବଣ୍ଟନ କେନ୍ଦ୍ର ଓ ଧର୍ମରେଖା ଫାଉଣ୍ଡେଶନ ପକ୍ଷରୁ ଷ୍ଟଲ କରାଯାଇ ସେବା କାର୍ଯ୍ୟ, ଶ୍ରଦ୍ଧାଳୁଙ୍କ ନିମନ୍ତେ ୨୫୦ଜଣ ସ୍ୱେଚ୍ଛାସେବୀ ମୁତୟନ କରାଯିବ। ଶ୍ରଦ୍ଧାଳୁଙ୍କ ବ୍ରତ ନିମନ୍ତେ ପୁଷ୍କରିଣୀ ଖନନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଚୂନ ପକାଇ ଜଳ ବିଶୋଧନ କରିବା ପାଇଁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି,ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ପ୍ରତାପ ଚନ୍ଦ୍ର ସ୍ୱାଇଁ, କୋଣାର୍କ ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କାକଟପୁର ତହସିଲଦାର ରୋଜିନା ଦାସ, ଗୋପ ତହସିଲଦାର ସୁଧାକର ସାମନ୍ତରାୟଙ୍କ ସମେତ ତିନି ଠାକୁରଙ୍କ ସେବାୟତ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଦ୍ୱିତୀୟ ସମନ୍ୱୟ ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ଅନ୍ୟମାନେ।

କେନାଲ ପାଲଟିଛି ଡଷ୍ଟବିନ୍

କଣାସ,୬।୨(ସ୍ୱ.ପ୍ର.)

କୃଷିର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଚାଷଜମିକୁ ଜଳଯୋଗାଇ ଦେବାପାଇଁ କେନାଲ ନିର୍ମାଣ କରିଛନ୍ତି। ମାତ୍ର ସଚେତନତାର ଅଭାବ ଯୋଗୁ ଲୋକମାନେ ଏବେ କେନାଲକୁ ଡଷ୍ଟବିନ୍ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କଣାସ ବ୍ଲକରେ ମଧ୍ୟ ଚାଷୀଙ୍କ ପାଇଁ କେନାଲ ନିର୍ମାଣ ହୋଇଥିବାବେଳେ ଲୋକମାନେ ତା'ମଧ୍ୟରେ ଘରର ଆର୍ବଜନା, ପ୍ଲାଷ୍ଟିକ୍ ବୋତଲ ଏବଂ ପଲିଥିନ ଫୋପାଡି ଦେଉଛନ୍ତି। ଫଳରେ କେନାଲରେ ସେସବୁ ପୋତି ହୋଇ ଜଳ ଉପରମୁଣ୍ଡରୁ ତଳମୁଣ୍ଡକୁ ଠିକ୍ ଭାବେ ନ ଯାଇପାରିବାରୁ ତଳମୁଣ୍ଡ ଚାଷୀମାନେ ଜଳ ମଡାଇବା ପାଇଁ ହଇରାଣ ହେଉଛନ୍ତି। ଏବଂ କେନାଲ ଜଳ ପ୍ରଦୂଷିତ ହେବା ଦ୍ୱାରା ତଳମୁଣ୍ଡର ଲୋକମାନେ ସେହି ଜଳ ବ୍ୟବହାର କରିପାରୁ ନାହାନ୍ତି। ଜଳସେଚନ ବିଭାଗ ପକ୍ଷରୁ କେନାଲକୁ ଆବର୍ଜନା ଫିଙ୍ଗୁଥିବା ଲୋକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେଭଳି ଆବର୍ଜନା ବଢି ଚାଲିଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହାକାରୀ ଯନ୍ତ୍ରୀ ମକରା ବେହେରା କୁହନ୍ତି, ମୋ ନଜରକୁ କେତେକ ଅଭିଯୋଗ ଆସିଛି, ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଜନସାଧାରଣରେ ଦାବି ହେଉଛି।

ପରିବାର ଲୋକଙ୍କ ସହ ଗୌରମଣି।

ଧାନକୁଟିସାହିରୁ ଉଦ୍ଧାର ବୃଦ୍ଧା ଘରକୁ ଫେରିଲେ

ପୁରୀ ଅଫିସ, ୬।୨

- କୋଲକାତାରୁ ଟ୍ରେନରେ ପୁରୀ ଚାଲି ଆସିଥିଲେ
- ଆଶ୍ରୟ ଦେଇଥିଲା ସିସିଏସ୍

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ରାଣୀପାଟଣାର ଗୌରମଣି ସାହୁ(୭୫) ଘରୁ ରାଗି କଲିକତା ଚାଲି ଯାଇଥିଲେ। ସେଠାରେ କେତେଜଣ ସ୍ଥାନୀୟ ଲୋକ ତାଙ୍କୁ ବୁଝାଶୁଝା କରି ଟ୍ରେନରେ ଛାଡି ଦେଇଥିଲେ। ମଙ୍ଗଳବାର ଗୌରମଣି ନିଜ ଘରକୁ ଫେରିବା ପରିବର୍ତ୍ତେ ପୁରୀ ଚାଲି ଆସିଥିଲେ। ଷ୍ଟେଶନରୁ ଓହ୍ଲାଇ ଚାଲି ଚାଲି ଧାନକୁଟି ସାହିରେ ପହଞ୍ଚିଥିଲେ। ସେଠାରେ ଅସହାୟ ଅବସ୍ଥାରେ ଏକାକୀ ବସିଥିବା ଦେଖି ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ଟାଉନ ଥାନାକୁ ଜଣାଇଥିଲେ। ପୋଲିସ ଗୌରମଣିଙ୍କୁ ନବକଳେବର ରୋଡ ସ୍ଥିତ ବରିଷ୍ଠ ନାଗରିକ ନିବାସରେ ଛାଡିଥିଲା। ବୁଧବାର ସନ୍ଧ୍ୟାରେ ଏହି ବୃଦ୍ଧା ଜଣକ ଦୁଇ ପୁଅ କୃତ୍ତିବାସ, ଲକ୍ଷ୍ମୀଧର ଓ କ୍ୱାଇଁ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସହ ଘରକୁ ଫେରିଛନ୍ତି। ବରିଷ୍ଠ ନାଗରିକ କେନ୍ଦ୍ରର ତତ୍ତ୍ୱାବଧାରକ ଦୁଷ୍ମନ୍ତ ଛୋଟରାୟ ଏବଂ ସହଯୋଗୀ ରାଜକମଲ ମହାନ୍ତି କୁହନ୍ତି, ବୁଧବାର ସକାଳେ ମହିଳାଙ୍କୁ ବହୁବାର ପଚାରିବା ପରେ ସେ ନିଜ ଘର ଠିକଣା ଏବଂ ଫୋନ୍ ନମ୍ବର ଦେଇଥିଲେ। ଫୋନ୍ ଯୋଗେ ତାଙ୍କ ବଡ଼ପୁଅ କୃତ୍ତିବାସଙ୍କ ସହିତ ଆଲୋଚନା କରିଥିଲୁ। ଖବରପାଇ ସେମାନେ ଅପରାହ୍ନରେ ପହଞ୍ଚିଥିଲେ।

ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ

ଜେନାରୀଗଛସ୍ଥିତ ମା' ରାମଚଣ୍ଡୀଙ୍କ ଚନ୍ଦନ ବେଶ ଏବଂ ସୁନ୍ଦରାକାଣ୍ଡ ପାଠ କରାଯାଉଛି।

ପୁରୀଅଫିସ,୬।୨

ପୁରୀ ଜେନାରୀଗଛସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳେ ମା'ଙ୍କ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି, ଅବକାଶ ଓ ବେଶ କରାଯାଇଥିଲା। ବିଧି ଅନୁଯାୟୀ ହୋମଯଜ୍ଞ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ପୁରୋହିତ ବିଭୁପ୍ରସାଦ ଦାଶ ହୋମଯଜ୍ଞ କରିଥିଲେ। ସନ୍ଧ୍ୟାରେ ମା'ଙ୍କୁ ଆକର୍ଷଣୀୟ ବେଶରେ ସଜ୍ଜିତ କରାଯାଇଥିଲା। ମନ୍ଦିର ସମ୍ମୁଖରେ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ରାମଚଣ୍ଡୀ ଠାକୁରାଣୀ କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ରାଜେନ୍ଦ୍ର ପାତ୍ର, ରବୀନ୍ଦ୍ର ପ୍ରତିହାରୀ ପ୍ରମୁଖ ପରିଚାଳନା କରିଥିଲେ।

ନୀଳକଣ୍ଠ, ସୋମନାଥ ଦେବଙ୍କ କଳସଯାତ୍ରା

ସାକ୍ଷୀଗୋପାଳ, ୬।୨(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ନୂଆଗାଁରେ ଶ୍ରୀ ନୀଳକଣ୍ଠ ଓ ସୋମନାଥଦେବଙ୍କ ଲିଙ୍ଗ ପ୍ରତିଷ୍ଠା ନିମନ୍ତେ ଗ୍ରାମର ମହିଳା ଓ ପୁରୁଷମାନେ ବୁଧବାର କଳସଯାତ୍ରାରେ ସାମିଲ ହୋଇଥିଲେ। ଯଜ୍ଞଶାଳାରେ ମଣ୍ଡଳୀକରଣ ପରେ ଘଣ୍ଟ, କାହାଳି, ଢ଼ୋଲ ମହୁରି ସହିତ ଏହି ଆଧ୍ୟାତ୍ମିକ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ବେଦ ମନ୍ତ୍ରପାଠ କରି ପଣ୍ଡିତମାନେ ସୁଗନ୍ଧିତ ଜଳରାଶି ସ୍ଥାପନ କରିଥିଲେ। ପଞ୍ଚ ଉପଚାର ପୂଜା, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ ଓ ଆହୁତି ପ୍ରଦାନ କରାଯାଇଥିଲା। ୫ଦିନ ବ୍ୟାପୀ ଏହି ପ୍ରତିଷ୍ଠା ଯଜ୍ଞ ନିମନ୍ତେ ଗ୍ରାମ ଉତ୍ସବ ମୁଖର ହୋଇଉଠିଛି।

ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ

ପୁରୀ ଅଫିସ, ୬।୨

ଉପକୃତ ହେବେ ୯ ପଞ୍ଚାୟତବାସୀ

ପୁରୀ ସଦର ବ୍ଲକ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାସୁଦେଇପୁରସ୍ଥିତ ୩୩/୧୧ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ ହୋଇଛି। ୩.୩୫ କୋଟି ଟଙ୍କାରେ ନିର୍ମିତ ଏହି ଗ୍ରୀଡ୍ ସବ୍‌ଷ୍ଟେଶନକୁ ବୁଧବାର ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସିଂ କହିଥିଲେ, ଗତ ୬ ମାସ ମଧ୍ୟରେ ୨୫ ଲକ୍ଷ ଘରକୁ ବିଦ୍ୟୁତ୍ ପହଞ୍ଚାଯାଇଛି। ରାଜ୍ୟ ସରକାର ପ୍ରତି ଘରେ ଘରେ କିପରି ବିଜୁଳି ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାର ପ୍ରତି ପରିବାରକୁ ୪

ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।
- ବର୍ଣ୍ଣାଡ ଶ

ସଂକ୍ଷେପରେ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ: ବନରକ୍ଷୀ ଗିରଫ

କଟକ ଅଫିସ, ୬।୨: ଆୟ ବହିର୍ଭୂତ ସମ୍ପତ୍ତି ଠୁଳକରି ଖୋର୍ଦ୍ଧା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ଗୌଡ଼ପୁଟ ବିଟ୍ ହାଉସର ବନରକ୍ଷୀ ଅର୍ଜୁନ ଦଳବେହେରା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ବନରକ୍ଷୀ ଦଳବେହେରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଦଳବେହେରାଙ୍କ ଭୁବନେଶ୍ୱର ବିଡିଏ କଲୋନୀଠାରେ ଥିବା ତିନି ମହଲା କୋଠା, ଖୋର୍ଦ୍ଧାର ଭାଲିଆବାଡ଼ିଠାରେ ଥିବା ସମ୍ପର୍କୀୟଙ୍କ ଘର ଓ ଗୌଡ଼ପୁଟ ବିଟ୍ ଅଫିସ ଆଦି ସ୍ଥାନ ଗତ ଡିସେମ୍ବର ୧୮ରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ଭିଜିଲାନ୍ସ ମୋଟ୍ ୭୧ ଲକ୍ଷ ୩୨ହଜାର ୫୮୫ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଥିଲା। ସମ୍ପତ୍ତିଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କୋଠା ସମେତ ଖୋର୍ଦ୍ଧାରେ ୪ଟି ପ୍ଲଟ, ନଗଦ ୨ ଲକ୍ଷ ୧୯ହଜାର ୮୦୭ ଟଙ୍କା ଓ ସୁନାଗହଣା ସାମିଲ ଥିଲା। ଠାବ ସମ୍ପତ୍ତିଗୁଡ଼ିକ ସମ୍ପର୍କରେ ଭିଜିଲାନ୍ସ ଯାଞ୍ଚ କରିବାବେଳେ ଦଳବେହେରାଙ୍କ ଆୟବ୍ୟୟର ହିସାବ କରିଥିଲା। ସମସ୍ତ ହିସାବ ପରେ ଠାବ ସମ୍ପତ୍ତିର ୫୦ ଲକ୍ଷ ୫୫ହଜାର ୮୭୬ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬୧/୨୦୧୮) ରୁଜୁ ହୋଇଥିଲା। ବୁଧବାର ଉକ୍ତ ମାମଲାକୁ ଆଧାର କରି ଭିଜିଲାନ୍ସ ଦଳବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସମ୍ମିଳନୀ ଇ-କମର୍ସ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବା ଉଚିତ

ଭୁବନେଶ୍ୱର,୬।୨(ବ୍ୟୁରୋ):ସ୍ୱଦେଶୀ ଜାଗରଣ ମଞ୍ଚର ୧୩ଶ ରାଷ୍ଟ୍ରୀୟ ସମ୍ମିଳନୀ ମଦୁରାଇରେ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ୧୦୧୦ ଲୋକ ଏହି ସମ୍ମିଳନୀରେ ଯୋଗଦେଇଥିବା ବେଳେ ଓଡ଼ିଶାରୁ ୧୨୬ଜଣ ଏଥିରେ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଦେଶରେ ଇ-କମର୍ସ ବଢ଼ି ଚାଲିଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଏହା ନ ହେଲେ କୁଟୀର ଶିଳ୍ପ ଲୋପ ପାଇଯିବା ସହ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏହା ଅର୍ଥନୈତିକ କ୍ଷେତ୍ରୀୟ ଆର୍ଥିକ ସହଭାଗିତା(ଆର୍‌ଇସିପି)କୁ ନଷ୍ଟ କରିବା ସମ୍ଭାବନା ଥିବାରୁ ଏହି ଚୁକ୍ତି ନ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ସମନ୍ୱିତ ବିକାଶ ଦ୍ୱାରା ହିଁ ଭାରତ ସୁଦୃଢ଼ ହୋଇପାରିବ ବୋଲି ସମ୍ମିଳନୀରେ ପ୍ରସ୍ତାବ ପାରିତ ହୋଇଥିଲା। ଖୁବ୍‌ଶୀଘ୍ର ଏହି ପ୍ରସ୍ତାବ ସବୁ ସରକାରଙ୍କୁ ଦିଆଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ଓଡ଼ିଶାର ଦୁଇଜଣଙ୍କୁ ନୂତନ ଦାୟିତ୍ୱ ଦିଆଯାଇଥିଲା। ଓଡ଼ିଶା ପ୍ରାନ୍ତ ସହସଂଯୋଜକ ଭାବେ ଆଶୁତୋଷ ମୁଖାର୍ଜୀ ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ପ୍ରାନ୍ତ ସହପ୍ରଚାର ପ୍ରମୁଖ ଭାବେ ମନୋରଞ୍ଜନ ରାଉତରାୟ ଦାୟିତ୍ୱ ତୁଲାଇବେ।

ମୋବାଇଲ ଚୋରି କରି ଧରାପଡ଼ିଲେ ଯୁବକ

ଭୁବନେଶ୍ୱର, ୬।୨(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଘରେ ପଶି ମୋବାଇଲ ଚୋରି କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ବୁଧବାର ଗରିଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଭୋଇସାହି ଅଞ୍ଚଳରରେ ରହୁଥିବା ପ୍ରଶାନ୍ତ ଭୋଇ। ପୋଲସ ସୂଚନା ମୁତବାକ, ନୂଆସାହି ଅଞ୍ଚଳରେ ପ୍ରାଣବନ୍ଧୁ ମୁଦୁଲି ନିଜ ପରିବାର ସହ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିବାବେଳେ ପ୍ରଶାନ୍ତ ଘରୁ ବାହାରୁଥିବା ଦେଖିବାକୁ ପାଇଥିଲେ। ତାଙ୍କ ପରିଚୟ ମାଗିବାରୁ ସେ ଗ୍ୟାସ ସର୍ଭେ ପାଇଁ ଆସିଥିବା କହି ଦୌଡିବାକୁ ଲାଗିଥିଲେ। ଫଳରେ ପ୍ରାଣବନ୍ଧୁଙ୍କ ମନରେ ସନ୍ଦେହ ହେବାରୁ ସେ ପାଟି କରିବାରୁ ସ୍ଥାନୀୟ ଲୋକ ପ୍ରଶାନ୍ତଙ୍କୁ କାବୁ କରିଥିଲେ। ପ୍ରଶାନ୍ତ ପକେଟକୁ ଚେକ କରିବାରେ ଦୁଇଟି ମୋବାଇଲ ବାହାରିଥିଲା। ଏହି ମୋବାଇଲକୁ ସେ ପ୍ରାଣବନ୍ଧୁଙ୍କ ଘରୁ ନେଇଥିବା ଜଣାପଡିଥିଲା। ପରେ ଉପସ୍ଥିତ ଲୋକ ତାଙ୍କୁ ଉତ୍ତମ ମାଧ୍ୟମ ଦେଇ ପୋଲିସ ଜିମାରେ ଦେଇଥିଲେ। ଏ ନେଇ ଥାନାରେ ନଂ. ୬୮/୧୯ରେ ମାମଲା ରୁଜୁ କରି ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ରାତି ଅଧରେ ଧାରଣାସ୍ଥଳରେ ଆକ୍ରମଣ

- ମଞ୍ଚ ଓ ଗାଡ଼ି ଭାଙ୍ଗିଲେ, ବ୍ୟାନର ଚିରିଲେ ୧୦ ମୁଖାଧାରୀ
- ଇଞ୍ଜିନିୟର, ଅଫିସରଙ୍କୁ ଆକ୍ରମଣ କରି ଲୁଟିଲେ
- ଆନ୍ଦୋଳନ ନ କରିବାକୁ ଧମକଦେଲେ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଅଲ୍ ଓଡ଼ିଶା ପାୱାର ଇଞ୍ଜିନିୟର୍ସ ଫେଡେରେଶନ ପକ୍ଷରୁ ଓଡ଼ିଶା ଗ୍ରୀଡ୍‌କୋ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ରିଲେ ସତ୍ୟାଗ୍ରହ ଚାଲିଛି। ଗତ ୪ ତାରିଖରୁ ୧୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟ ଓ କର୍ମଚାରୀମାନେ ଆନ୍ଦୋଳନରେ ବସିଥିବାବେଳେ ମଙ୍ଗଳବାର ରାତିରେ ସେମାନଙ୍କ ଉପରେ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ମଞ୍ଚରେ ବ୍ୟାପକ ଭଙ୍ଗାରୁଜା କରିବା ସହ ଆନ୍ଦୋଳନକାରୀଙ୍କୁ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଫେଡେରେଶନ ମହାସଚିବ ବ୍ରହ୍ମପ୍ରକାଶ ପାଇଟାଲ ଓ ଅନ୍ୟ କେତେଜଣ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ଘଟଣା ସଂକ୍ରାନ୍ତରେ ସହୀଦନଗର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଏହି ଘଟଣାରେ କାହାକୁ ଗିରଫ କରି ନ ଥିବା ଜଣାପଡିଛି।

ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧୧ଟା ୫ରେ ଏକ ନମ୍ବର ବିହୀନ ଗାଡି ହଠାତ୍ ଆନ୍ଦୋଳନସ୍ଥଳ ନିକଟରେ ଅଟକିଥିଲା। ଉକ୍ତ ଗାଡିରୁ ୧୦ରୁ ଊର୍ଦ୍ଧ୍ୱ ମୁଖାଧାରୀ ହାତରେ ବାଉଁଶ ଓ ବହ୍ଲା ଧରି ବାହାରିଥିଲେ। ଆନ୍ଦୋଳକାରୀମାନେ କିଛି ବୁଝିବା ପୂର୍ବରୁ ସେମାନଙ୍କ ଉପରେ ହୋଇଥିଲା ଆକ୍ରମଣ। ମୁଖଧାରୀମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଲାଗିଥିବା ବ୍ୟାନର ଚିରି ଦେଇଥିଲେ। ପରେ ମଞ୍ଚରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ସାଉଣ୍ଡ୍ ବକ୍ସ ଓ ନିକଟରେ ଥିବା ଆନ୍ଦୋଳନକାରୀଙ୍କ ଦୁଇଟି ବାଇକ୍‌କୁ ବାଡେଇ ଭାଙ୍ଗି ଦେଇଥିଲେ। ଏହି ସମୟରେ ବ୍ରହ୍ମପ୍ରକାଶ ପାଇଟାଲ ଓ ଅନ୍ୟକେତେଜଣଙ୍କୁ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଫୋନ୍ ଛଡାଇ ନେଇଥିଲେ। ଯିବାବେଳେ ସେମାନେ ପୁଣି ଧାରଣା ଦେଲେ ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଧମକ ଦେଇଥିଲେ।

ଏହି ଘଟଣାକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହା ଏକ ପ୍ରାୟୋଜିତ ଆକ୍ରମଣ। ଇଞ୍ଜନିୟରଙ୍କ ଗଣତାନ୍ତ୍ରିକ ଅଧିକାରକୁ ଚପାଇ ଦେବା ପାଇଁ ଗୁଣ୍ଡା ଲଗାଇ ଏପରି ହୀନ ପ୍ରୟାସ କରାଯାଉଥିବା ସଂଘ ପକ୍ଷରୁ କୁହାଯାଇଛି। ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହ ଆଗାମୀ ଦିନରେ ପୂରା ବିଦ୍ୟୁତ୍ ସେବାକୁ ଅଚଳ କରିଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଏ ବିଷୟରେ ମୁ ଅବଗତ ନାହିଁ। କ'ଣ ହୋଇଛି ନିଶ୍ଚୟ ବୁଝିବି। ଏଠାରେ ପ୍ରଶ୍ନ ଉଠୁଛି ରାଜଧାନୀର କେନ୍ଦ୍ରସ୍ଥଳରେ ଘଟିଥିବା ଏହି ଘଟଣା ନେଇ ଥାନାରେ ଅଭିଯୋଗ ସତ୍ତ୍ୱେ ଖୋଦ୍ ଡିସିପି କିପରି ସୂଚନା ପାଇଲେ ନାହିଁ। ଏଥିରୁ ଆନ୍ଦୋଳନକାରଙ୍କୁ ସୁରକ୍ଷା ଦେବାରେ ପୋଲିସର ଅବହେଳା ସ୍ପଷ୍ଟ ବାରି ହୋଇ ପଡୁଛି।

ବାଇଦେଇ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ବାଇଦେଇ ମହୋତ୍ସବ ଉଦ୍‌ଯାପିତ

ନିମାପଡ଼ା,୬।୨(ଡି.ଏନ୍.ଏ): ନିମାପଡ଼ା ବ୍ଲକ ଅନ୍ତର୍ଗତ ଗଡ଼ଅମରପ୍ରସାଦ ଆଲୁଦଣ୍ଡାପାଟଣାଠାରେ ଅନୁଷ୍ଠିତ ବାଇଦେଇ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ପ୍ରଥମ ଥର ପାଇଁ ବାଇଦେଇ ମହୋତ୍ସବ କମିଟି ଓ ଇଣ୍ଡିଆନ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚର ପକ୍ଷରୁ ୩ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଆକାଶ ଦାସ ନାୟକ, ବିଧାୟକ ସମୀର ରଞ୍ଜନ ଦାଶ, ବିଧାୟକ ସୁରେନ୍ଦ୍ର ସେଠୀ, ପଣ୍ଡିତ ତ୍ରିଲୋଚନ ମିଶ୍ର, ଶିକ୍ଷକ ନେତା ତ୍ରିଲୋଚନ କର, ଯୁବ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଭାସ୍କର୍ଯ୍ୟକୁ ବଜାୟ ରଖିବା ଏହି ମହୋତ୍ସବ ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସାଂସ୍କୃତିକ ମହୋତ୍ସବରେ ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ ନୃତ୍ୟ ଆଦି ପରିବେଷିତ ହୋଇଥିଲା। ଭୁବନେଶ୍ୱରର ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ଓଡ଼ିଶୀନୃତ୍ୟ ଦର୍ଶକମାନଙ୍କ ମନକୁ ବେଶ୍ ବିମୋହିତ କରିଥିଲା। ଏହି ଅବସରରେ ମହୋତ୍ସବ ନିକଟରେ ଏକ ନୂତନ ସାଇ ମନ୍ଦିର ପ୍ରତିଷ୍ଠା ହୋଇଥିଲା।

ମା'ମଙ୍ଗଳା ଭଲିବଲ୍ ଟୁର୍ନାମେଣ୍ଟ: ସିପିଆ ଦଳ ବିଜୟୀ

କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଖୋଲଗଞ୍ଜ ଗୋପବନ୍ଧୁ ମିନି ଷ୍ଟାଡିୟମ୍‌ରେ ବୁଧବାର ୩ୟ ବାର୍ଷିକ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୨୬ରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ଏହି ପ୍ରତିଯୋଗିତାରେ ୧୬ ଟିମ୍ ଭାଗ ନେଇଥିଲେ । ଫାଇନାଲ୍ ମ୍ୟାଚ୍ କୃଷ୍ଣପ୍ରସାଦଗଡ଼ ଭଲି କ୍ଲବ୍ ଓ ସିପିଆ ଟିମ୍ ମଧ୍ୟରେ ହୋଇଥିଲା । ସିପିଆ ୪-୧ ସିରିଜ ମ୍ୟାଚ୍‌ରେ ବିଜୟୀ ହୋଇଛି । ବିଜୟୀ ଦଳକୁ ଅତିଥି ସିଲ୍, ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବୁଦ୍ଧିବର ସରପଞ୍ଚ ପ୍ରଶାନ୍ତ କୁମାର ମାନସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, କ୍ରୀଡ଼ା ଶିକ୍ଷକ ପଦ୍ମ ଚରଣ ଜେନା ଓ ସନାତନ ଜେନା, ସୁରେନ୍ଦ୍ର ସେଠୀ, ବିଭୁଦେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମା' ମଙ୍ଗଳା ୟୁଥ୍ କ୍ଲବ୍ ସଭାପତି ଅମିୟ କୁମାର ପଲେଇ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ସଭ୍ୟମାନେ ଖେଳ ପରିଚାଳନା କରିଥିଲେ ।

ଚୈତନ୍ୟଦେବଙ୍କ ମନ୍ଦିର ପ୍ରତିଷ୍ଠା

କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ ମାଲୁଦ ପାଇକସାହିରେ ଶ୍ରୀ ଚୈତନ୍ୟଦେବଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାରଠାରୁ ଶୁଭାରମ୍ଭ ହୋଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଆୟୋଜିତ ହେବ। ପ୍ରତିଷ୍ଠା ଦିବସରେ କଳଶ ଯାତ୍ରାରେ ପବିତ୍ର ଜଳ ଆଣିବା, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହେଉଛି। ପ୍ରତିଷ୍ଠା ପରେ ଶ୍ରୀ ଚୈତନ୍ୟଙ୍କୁ ମନ୍ଦିରସ୍ଥ ସିଂହାସନରେ ଅବସ୍ଥାପିତ କରାଯିବା ସହିତ ପାର୍ଶ୍ୱଦେବତାମାନଙ୍କୁ ମଧ୍ୟ ନିଜ ଆସ୍ଥାନରେ ରଖାଯିବ । ଏହି ମହୋତ୍ସବ ଦେଖିବା ପାଇଁ ବିଭିନ୍ନ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ଼ ଲାଗିରହିଛି।

ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ପିପିଲି,୬।୨(ଡି.ଏନ୍.ଏ): ପିପିଲିସ୍ଥିତ ମା' ମଙ୍ଗଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୭ତମ ବାର୍ଷିକ ଉତ୍ସବ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବୈଜ୍ଞାନିକ ପି.ଏସ୍. ବ୍ରହ୍ମାନନ୍ଦ ନନ୍ଦ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଆତ୍ମବିଶ୍ୱାସର ସହ ଅଧ୍ୟୟନ କଲେ ଆଗାମୀ ଦିନରେ ଦେଶରେ ଜଣେ ସୁନାଗରିକ ହୋଇପାରିବେ। ଅତିଥିଭାବେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ମହାପାତ୍ର, ଇଂ. ରମେଶ ଚନ୍ଦ୍ର ଶତପଥୀ, ବିଦ୍ୟାଳୟର ସମ୍ପାଦକ ଗୋଲଖ ବିହାରୀ ସାହୁ, ରାଧେଶ୍ୟାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁକାନ୍ତ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ ଏସ୍. କେ. ସଲିମ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ନିଶାମୁକ୍ତ ପାଇଁ ପଦଯାତ୍ରା

ମିଳିତ ନିଶାନିବାରଣ ଅଭିଯାନ ପକ୍ଷରୁ ବାହାରିଥିବା ପଦଯାତ୍ରା ।

କଣାସ,୬।୨(ଡି.ଏନ.ଏ) ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଦାବି ସହ ନିଶା ଓ ହିଂସା ବିରୋଧରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ବେରବୋଇ ଗାନ୍ଧୀସ୍ମୃତି ପୀଠରୁ ଏକ ଦଳ ଭୁବନେଶ୍ୱର ନବୀନ ନିବାସ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସର୍ବୋଦୟ ନେତା ଆଦିତ୍ୟ ପଟ୍ଟନାୟକ, ଗାନ୍ଧୀ ତତ୍ତ୍ୱ ପ୍ରାବନ୍ଧିକ ପ୍ରଫୁଲ୍ଲ ନାୟକ, ସ୍ତମ୍ଭକାର ଗୌରାଙ୍ଗଚରଣ ପରିଡା, ଗାନ୍ଧୀ ସ୍ମାରକୀ ସମିତିର ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ଅଶୋକ ପ୍ରଧାନ ଓ କିଶାନ ପଟ୍ଟନାୟକ, କସ୍ତୁରବା ଟ୍ରଷ୍ଟ ଅଧ୍ୟକ୍ଷା ଶିକ୍ଷାବିତ କୁନ୍ତଳା ବିଶ୍ୱାଳ, ସଂଯୋଜିକା କବିତାରାଣୀ ପରିଡା ଓ ସାମାଜିକ କର୍ମୀ ସତ୍ୟବତ୍ର ପୃଷ୍ଟି ପ୍ରମୁଖ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ରାଜସ୍ୱ ବୃଦ୍ଧି ଆଳ ନେଇ ରାଜ୍ୟ ସରକାର ମଦ ବେପାର କରିବା ସହ ବର୍ଷକୁ ବର୍ଷ ଏହାର ଅଭିବୃଦ୍ଧି କରାଇବା ଦୁର୍ଭାଗ୍ୟଜନକ ବୋଲି ସର୍ବୋଦୟ ନେତା ପଟ୍ଟନାୟକ ଆରୋପ କରିଥିଲେ । 'ମଦ ହଟାଅ, ଦେଶ ବଞ୍ଚାଅ' ଭଳି ପ୍ଲାକାର୍ଡ ସହ ବିଭିନ୍ନ ମଦ ବିରୋଧୀ ସ୍ଲୋଗାନ ଦେଇ ପଦଯାତ୍ରା ଆରମ୍ଭ କରିଥିଲେ । ଏହି ପଦଯାତ୍ରା ପିପିଲିଠାରେ ଏକ ସଭା କରିବା ପରେ ଗୁରୁବାର ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି ସଂଯୋଜିକା କବିତାରାଣୀ ପରିଡା ସୂଚନା ଦେଇଛନ୍ତି ।

ମେଘାଳୟରୁ ଉଦ୍ଧାରସାରି ଫେରିଲା ଅଗ୍ନିଶମ ଟିମ୍

ଭୁବନେଶ୍ୱର,୬।୨ (ବ୍ୟୁରୋ) ମେଘାଳୟ କୋଇଲା ଖଣିରେ ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଯାଇଥିବା ଓଡିଶା ଅଗ୍ନିଶମ ବାହିନୀର ସ୍ୱତନ୍ତ୍ର ଟିମ୍ ଅଭିଯାନ ସାରି ଫେରି ଆସିଛି। ଟିମ୍‌ର ୨୦ଜଣ କର୍ମଚାରୀ ବୁଧବାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅଗ୍ନିଶମ ଡିଜି ବି.କେ ଶର୍ମା ଟୁଇଟ୍ ମାଧ୍ୟମରେ ଏ ସମ୍ପର୍କରେ ଜଣାଇବା ସହ କହିଛନ୍ତି, ଉଦ୍ଧାର କାର୍ଯ୍ୟରେ ଆମ ଟିମ୍ ଭଲ ପ୍ରଦର୍ଶନ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି। ସୂଚନା ଅନୁଯାୟୀ, ମେଘାଳୟ ପୂର୍ବ ଜୟନ୍ତିଆ ପାର୍ବତ୍ୟାଞ୍ଚଳରେ ଥିବା ୩୭୦ଫୁଟ ଗଭୀର ଏକ କୋଇଲା ଖଣିରେ ଖନନ ପାଇଁ ଡିସେମ୍ବର ୧୩ରେ ୨୦ଜଣ ଶ୍ରମିକ ଭିତରକୁ ପ୍ରବେଶ କରିଥିଲେ। ହେଲେ ହଠାତ୍ ନିକଟରେ ଥିବା ନଦୀ ପାଣି ଉକ୍ତ ଘଣି ଭିତରକୁ ପଶିଯାଇଥିଲା। ୫ଜଣ ଶ୍ରମିକ ଖସି ପଳାଇ ଆସିଥିଲେ ମଧ୍ୟ ୧୫ଜଣ ଭିତରେ ଫସି ରହିଥିଲେ। କେରଳ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ସଫଳ ହୋଇ ନ ପାରିବାରୁ ଓଡିଶାରୁ ୨୦ ଜଣିଆ ଟିମ୍ ସେଠାକୁ ଯାଇଥିଲା। ମାତ୍ର ଘଟଣାକୁ ନେଇ ସେଠାରେ ଆନ୍ଦୋଳନ ଚାଲିଥିବାରୁ ଅଗ୍ନିଶମ